# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୫/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, March 5/2025 | Page 14 | ₹ 7.00

୫୧ଶ ଭାଗ ୧୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 101 | ମୂଲ୍ୟ ₹୭/-




## ଜର୍ଜ ଲିଣ୍ଡେଙ୍କୁ ଡକରା

ନ୍ୟୁଜିଲାଣ୍ଡ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ମ୍ୟାଚ ପାଇଁ ଦକ୍ଷିଣ ଆଫ୍ରିକା ଆଘାତପ୍ରାପ୍ତ ଏଡେନ୍ ମାରକ୍ରାମଙ୍କ ବିକଳ୍ପ ଭାବେ ଅଲରାଉଣ୍ଡର ଜର୍ଜ ଲିଣ୍ଡେଙ୍କୁ ଡକାଇଛି।

୧୪

୦୨

## ହ୍ରିତିକ, ଜୁନିୟର ଏନ୍‌ଟିଆର୍‌ଙ୍କ ଡ୍ୟାନ୍ସ ମୁକାବିଲା

‘ୱାର ୨’ ଫିଲ୍ମର ଏକ ଗୀତରେ ଅଭିନେତା ହ୍ରିତିକ ରୋଶନ ଏବଂ ଜୁନିୟର ଏନ୍‌ଟିଆରଙ୍କ ମଧ୍ୟରେ ଡ୍ୟାନ୍ସ ମୁକାବିଲା ହେବ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି।





# ଫାଇନାଲରେ ଭାରତ

## ଆଇସିସି ଚାମ୍ପିୟନ୍ସ ଟ୍ରଫି

## କୋହଲି ପ୍ଲେୟର୍ ଅଫ୍ ଦି ମ୍ୟାଚ୍

**ଦୁବାଇ, ୪।୩**

ଆଇସିସି ଚାମ୍ପିୟନ୍ସ ଟ୍ରଫିର ଫାଇନାଲରେ ପ୍ରବେଶ କରିଛି ଟିମ୍ ଇଣ୍ଡିଆ। ମହମ୍ମଦ ଶାମି ଓ ସ୍ପିନରଙ୍କ ଚମତ୍କାର ବୋଲିଂ ଏବଂ ବିରାଟ କୋହଲିଙ୍କ ଦୃଢ଼ ବ୍ୟାଟିଂ ବଳରେ ଭାରତ ମଙ୍ଗଳବାର ଅନୁଷ୍ଠିତ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ୪ ୱିକେଟରେ ପରାସ୍ତ କରିଛି। ଅଷ୍ଟ୍ରେଲିଆ ୪୯.୩ ଓଭରରେ ୨୬୪ ରନକରି ଅଲଆଉଟ ହୋଇଯାଇଥିଲା। ୨୬୫ ରନର ବିଜୟ ଲକ୍ଷ୍ୟର ପିଛା କରି ଭାରତ ୪୮.୧ ଓଭରରେ ୬ ୱିକେଟ ହରାଇ ୨୬୭ ରନ ସଂଗ୍ରହ କରିନେଇଥିଲା। ପାକିସ୍ତାନ ବିପକ୍ଷରେ ଶତକ ହାସଲ କରି ଭାରତକୁ ବିଜୟ ସ୍ୱାଦ ଚଖାଇଥିବା କିଙ୍ଗ୍ କୋହଲି ଏଠାରେ ପୁଣି ମ୍ୟାଚ ବିଜେତା ସାବ୍ୟସ୍ତ ହୋଇଥିଲେ। ଭାରତ ୨୦୦୨ ଓ ୨୦୧୩ରେ ଚାମ୍ପିୟନ ହୋଇଥିବାବେଳେ ୨୦୦୦ ଓ ୨୦୧୭ରେ ରନରଅପ୍‌ରେ ସନ୍ତୁଷ୍ଟ ରହିଥିଲା ଏବଂ ୧୯୯୮ ପ୍ରଥମ ସଂସ୍କରଣରେ ସେମିଫାଇନାଲରୁ ବିଦାୟ ନେଇଥିଲା। ଗତ ସଂସ୍କରଣର ଫାଇନାଲରେ ପାକିସ୍ତାନଠାରୁ ହାରିଯାଇଥିଲା। ଏଥର କିନ୍ତୁ ଚମତ୍କାର ପ୍ରଦର୍ଶନ ଜାରି ରଖି ୫ମ ଥର ପାଇଁ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପ୍ରବେଶ କରିଛି ଟିମ୍ ଇଣ୍ଡିଆ। ଅନ୍ୟପକ୍ଷରେ ୨୦୦୬ ଓ ୨୦୦୯ରେ ଚାମ୍ପିୟନ ଅଷ୍ଟ୍ରେଲିଆର ଅଭିଯାନ ଏଥର ସେମିଫାଇନାଲରୁ ଶେଷ ହୋଇଛି। କୋହଲିଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି।

୨୬୫ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତ ଭଲ ଆରମ୍ଭ କରିଥିଲା। ତେବେ ଓପନିଂ ଯୋଡ଼ିରେ ୩୦ ରନ ଯୋଗହେବାପରେ ଶୁବମନ ଗିଲ୍ ମାତ୍ର ୮ ରନକରି ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ରୋହିତ ଶର୍ମା ସୁଯୋଗର ଭରପୂର ଫାଇଦା ଉଠାଇପାରି ନ ଥିଲେ। ଅଷ୍ଟ୍ରେଲିଆ ଖେଳାଳିଙ୍କ ଖରାପ ଫିଲ୍ଡିଂ ଯୋଗୁ ୨ ଥର ଜୀବନଦାନ ପାଇଥିଲେ ହେଁ ସେ ବଡ଼ ସ୍କୋର କରିନପାରି ୨୮ (୩ ଚୌକା, ୧ ଛକା) ରନରେ ଆଉଟ ହୋଇଥିଲେ। ରୋହିତଙ୍କୁ ଆଉଟ କରି ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ କ୍ୟାରିୟରରେ ପ୍ରଥମ ସଫଳତା ପାଇଥିଲେ ସ୍ପିନର କୁପର କୋନୋଲି। ବିରାଟ କୋହଲି ଏଠାରେ ଖେଳିଥିଲେ କ୍ୟାରିୟରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଇନିଂସ। ସେ ଓ ଶ୍ରେୟସ ଆୟର ତୃତୀୟ ୱିକେଟରେ ୯୧ ରନର ମୂଲ୍ୟବାନ ଭାଗୀଦାରି ଗଢ଼ିଥିଲେ। ଆତ୍ମବିଶ୍ୱାସର ସହ ଖେଳିଥିବା ଆୟର ୪୫ ରନକରି ତାରକା ସ୍ପିନର ଆଡାମ ଜାମ୍ପାଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଯିବାରୁ ଯୋଡ଼ି ଭାଙ୍ଗିଥିଲା। ଭାରତର ବ୍ୟାଟିଂ ମେରୁଦଣ୍ଡ ସାଜିଥିବା କୋହଲି ୪ର୍ଥ ୱିକେଟରେ ଅକ୍ଷର ପଟେଲଙ୍କ ସହ ୪୪ ଓ ୫ମ ୱିକେଟରେ ଲୋକେଶ ରାହୁଲଙ୍କ ସହ ୪୭ ରନର ପାର୍ଟନରଶିପ୍ ଗଢ଼ି ଦଳକୁ ଲକ୍ଷ୍ୟପଥରେ ଆଗେଇ ନେଇଥିଲେ। ତେବେ ସେ ବ୍ୟକ୍ତିଗତ ୮୪ ରନ କରିଥିବାବେଳେ ଆଡାମ ଜାମ୍ପାଙ୍କ ବଲ୍‌ରେ ବେନ୍ ଡ୍ୱାରଶୁଇସଙ୍କୁ କ୍ୟାଚଦେଇ ପ୍ୟାଭିଲିୟନ ଫେରିଥିଲେ। ଅକ୍ଷର ୨୭ ରନ କରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୨୪ ବଲ୍‌ରୁ ୨୮ (୧ ଚୌକା, ୩ ଛକା) ରନକରି ଆଉଟ ହୋଇଥିବାବେଳେ ଛକା ମାରି ଭାରତକୁ ବିଜୟୀ କରିଥିବା ଲୋକେଶ ରାହୁଲ ୪୨ (୩୪ ବଲ, ୨ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆଡାମ ଜାମ୍ପା ଓ ନାଥାନ ଏଲିସ ୨ଟି ଲେଖାଏ ଏବଂ ବେନ୍ ଡ୍ୱାରଶୁଇସ ଓ କୁପର କୋନୋଲି ଗୋଟିଏ ଲେଖାଏ ୱିକେଟ ନେଇଥିଲେ। ଟସ୍ ଜିତି ☞ପୃଷ୍ଠା–୪

# ୟୁକ୍ରେନ୍‌କୁ ସାମରିକ ସହାୟତା ବନ୍ଦକଲେ ଟ୍ରମ୍ପ୍

## ଆତ୍ମସମର୍ପଣ ପାଇଁ ବାଧ କରୁଛି ଆମେରିକା: କିଭ୍

**ୱାଶିଂଟନ/କିଭ୍, ୪।୩**

ହ୍ୱାଇଟ୍ ହାଉସ୍‌ର ଓଭାଲ ଅଫିସ୍‌ରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ମୁହାଁମୁହିଁ ସ୍ଥିତି ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଉକ୍ତ ଦେଶକୁ ସମସ୍ତ ସାମରିକ ସହାୟତା ବନ୍ଦ କରିଦେଇଛନ୍ତି। ଟ୍ରମ୍ପ୍‌ଙ୍କ ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ ହେବା ସହ ୟୁକ୍ରେନ୍‌କୁ ୧ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ଅସ୍ତ୍ରଶସ୍ତ୍ର ଯୋଗାଣ ଯୋଜନା ପ୍ରଭାବିତ ହୋଇଛି। ଟ୍ରମ୍ପ୍‌ଙ୍କ ଏଭଳି ନିଷ୍ପତ୍ତିକୁ ୟୁକ୍ରେନ୍ ସରକାର କଡ଼ା ନିନ୍ଦା କରିଛନ୍ତି। ସାମରିକ ସହାୟତା ଯୋଗାଣ ବନ୍ଦ କରି ରୁଷିଆ ନିକଟରେ ଆତ୍ମସମର୍ପଣ ପାଇଁ ଟ୍ରମ୍ପ୍ ବାଧ କରୁଥିବା କିଭ୍ ପକ୍ଷରୁ କୁହାଯାଇଛି। ୟୁକ୍ରେନ୍‌ର ସହଯୋଗୀ ଦେଶଗୁଡ଼ିକ ମଧ୍ୟ ସାମରିକ ସହାୟତା ବନ୍ଦ ନିଷ୍ପତ୍ତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।

ହ୍ୱାଇଟ୍ ହାଉସ୍‌ରେ ଆମେରିକୀୟ ନେତା ଓ ବରିଷ୍ଠ ଜାତୀୟ ସୁରକ୍ଷା ସହଯୋଗୀମାନଙ୍କ ସହ ଟ୍ରମ୍ପ୍‌ଙ୍କର ଏକାଧିକ ବୈଠକ ପରେ ୟୁକ୍ରେନ୍‌କୁ ସମସ୍ତ ସାମରିକ ସହଯୋଗ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ୟୁକ୍ରେନ୍ ସୁରକ୍ଷା ସହାୟତା ଉପକ୍ରମ ଜରିଆରେ ଆମେରିକା କିଭ୍‌କୁ ବହୁ ବିଲିୟନ ଡଲାର ଯୋଗାଇ ଆସୁଥିଲା। କିଭ୍ ଏହି ଅର୍ଥକୁ ଆମେରିକୀୟ ପ୍ରତିରକ୍ଷା କମ୍ପାନୀଗୁଡ଼ିକଠାରୁ ନୂଆ ସାମରିକ ହାର୍ଡୱେର କିଣିବାରେ ବିନିଯୋଗ କରିପାରୁଥିଲା। ଆମେରିକା ପରରାଷ୍ଟ୍ର ବିଭାଗ ତଥ୍ୟ ଅନୁଯାୟୀ, ୨୦୨୨ ଫେବୃଆରୀ ୨୪ରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ଦିନରୁ ବର୍ତ୍ତମାନ ସୁଦ୍ଧା ୱାଶିଂଟନ କିଭ୍‌କୁ ୬୫.୯ ବିଲିୟନ ଡଲାର ମୂଲ୍ୟର ସାମରିକ ସହାୟତା ଯୋଗାଇ ଦେଇଛି। ଏହା ପୂର୍ବରୁ ମଧ୍ୟ ସାମରିକ ସହାୟତା ବାବଦରେ ଆମେରିକା ୬୯.୨ ବିଲିୟନ ଡଲାର ଯୋଗାଇ ଦେଇଥିଲା। ତେବେ ଗତ ଶୁକ୍ରବାର ହ୍ୱାଇଟ୍ ହାଉସ୍‌ରେ ଖଣିଜ ଚୁକ୍ତିନାମା ସ୍ୱାକ୍ଷର ☞ପୃଷ୍ଠା–୪

# ଆଜି ଖୋଲାରହିବ ସ୍କୁଲ, କଲେଜ

**ଭୁବନେଶ୍ୱର, ୪।୩ (ସୁଚିସ୍ମିତା ସାହୁ)**

ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଚଳିତବର୍ଷ ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ ହେବ। ପୂର୍ବରୁ ମାର୍ଚ୍ଚ ୫ରେ ସମସ୍ତ ସ୍କୁଲ ଓ କଲେଜ ଛୁଟି ରହୁଥିଲା। ତେବେ ଏବର୍ଷ ମାର୍ଚ୍ଚ ୫ ବୁଧବାର ଦିନ ସବୁ ସ୍କୁଲ ଓ କଲେଜ ଖୋଲା ରହିବ। ଏ ନେଇ ମଙ୍ଗଳବାର ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପୃଥକ୍ ନିର୍ଦ୍ଦେଶନାମା ଜାରି କରାଯାଇଛି। ମାର୍ଚ୍ଚ ୫ରେ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଘରୋଇ ସ୍କୁଲ ସ୍ୱାଭାବିକ ଭାବେ କାର୍ଯ୍ୟ କରିବ ବୋଲି ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ସଚିବ ନିର୍ଦ୍ଦେଶନାମା ଜାରି କରିଛନ୍ତି। ☞ପୃଷ୍ଠା–୪

# ତାତି ବଢୁଛି

## ଝାରସୁଗୁଡ଼ାରେ ୩୯ ଡିଗ୍ରୀ

**ଭୁବନେଶ୍ୱର, ୪।୩ (ଅନୁରାଧା ମହାରଣା)**

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଚଳିତ ବର୍ଷ ପ୍ରଥମଥର ପାଇଁ ତାପମାତ୍ରା ୩୯ଡିଗ୍ରୀ ସେଲସିୟସ ଛୁଇଁଛି। ଦିନ ତାପମାତ୍ରା ମଙ୍ଗଳବାର ଝାରସୁଗୁଡ଼ାରେ ସର୍ବାଧିକ ୩୯°, ବୌଦ୍ଧ ୩୮.୫°, ମାଲକାନଗିରି ୩୮.୪°, ଅନୁଗୋଳ ୩୭.୯°, ସମ୍ବଲପୁର ୩୭.୮°, ପାରଳାଖେମୁଣ୍ଡି ୩୭.୮°, ବଲାଙ୍ଗୀର ୩୭.୫°, ହୀରାକୁଦ ୩୭.୧°, ଟିଟିଲାଗଡ଼ ୩୭°, କଟକ ୩୪.୬° ଏବଂ ଭୁବନେଶ୍ୱରରେ ୩୬.୪° ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ମଙ୍ଗଳବାର ଗୋଟିଏ ଦୁଇଟି ସ୍ଥାନରେ ତାପମାତ୍ରା ୨ରୁ ୩ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇଥିବାବେଳେ ଅନ୍ୟାନ୍ୟ ଅଞ୍ଚଳରେ ୨ରୁ ☞ପୃଷ୍ଠା–୪


**ଆଜିର ସମ୍ପାଦକୀୟ**

ମାଦକ ଦ୍ରବ୍ୟ ବ୍ୟବସାୟ


# ମା’ବାପା, ଭଉଣୀଙ୍କୁ ହତ୍ୟା

## ଅନ୍‌ଲାଇନ ଗେମ୍‌କୁ ବିରୋଧ କରିବାରୁ



ସୂର୍ଯ୍ୟକାନ୍ତ ସେଠୀ

**ଜଗତ୍‌ସିଂହପୁର ଜିଲା ଜୟବଢ଼ ଗ୍ରାମ ଧୋବାସାହିର ୨୨ ବର୍ଷୀୟ ସୂର୍ଯ୍ୟକାନ୍ତ ସେଠୀ ମୋବାଇଲ ଫୋନ୍‌ରେ ଅନ୍‌ଲାଇନ୍ ଗେମ୍ ଖେଳୁଥିଲେ। ଗେମ୍ ଖେଳ ପ୍ରତି ଏତେ ଆସକ୍ତ ହୋଇଯାଇଥିଲେ ଯେ ନିଜର ସବୁ ଦାୟିତ୍ୱ ଭୁଲିଯାଇଥିଲେ। ଘର ଲୋକେ ଏଥିରେ ଅତିଷ୍ଠ ହୋଇ ଗେମ୍‌କୁ ବିରୋଧ କରୁଥିଲେ। କିଛି ଦିନ ତଳେ ସୂର୍ଯ୍ୟକାନ୍ତଙ୍କୁ ଏଥିରୁ ନିବୃତ୍ତ ରଖିବା ପାଇଁ ସେମାନେ ତାଙ୍କ ମୋବାଇଲକୁ ଲୁଚାଇ ଦେଇଥିଲେ। ବହୁ ଖୋଜାଖୋଜି ପରେ ମୋବାଇଲ ନ ପାଇବାରୁ ସେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ମଙ୍ଗଳବାର ଭୋର ସମୟରେ ଘରେ ସମସ୍ତେ ଶୋଇଥିବାବେଳେ ସୂର୍ଯ୍ୟକାନ୍ତ ନିଜ ମା’, ବାପା ଓ ଭଉଣୀଙ୍କୁ ପଥର ଓ ହେମଦସ୍ତାରେ ଛେଚି ହତ୍ୟା କରିଛନ୍ତି। ଅନ୍‌ଲାଇନ୍ ଗେମ୍‌ର ସକାରାତ୍ମକ ଦିଗ ଥିଲେ ମଧ୍ୟ ଏହାର ଅତ୍ୟଧିକ ଆସକ୍ତି ଯୁବପିଢ଼ିଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇ ସେମାନଙ୍କୁ କିପରି ଅପରାଧପ୍ରବଣ କରାଉଛି, ସଦ୍ୟ ଘଟଣାକୁ ତା’ର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ମନେକରାଯାଉଛି।**

**ଜଗତ୍‌ସିଂହପୁର, ୪।୩ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ସହର ଅନ୍ତର୍ଗତ ଜୟବଢ଼ ଚାଟରା ଧୋବା ସାହିରେ ସୋମବାର ବିଳମ୍ବିତ ରାତିରେ ମା’ କନକଲତା ଓରଫ ସଞ୍ଜୁନା ସେଠୀ, ବାପା ପ୍ରଶାନ୍ତ ସେଠୀ ଓରଫ କାଳିଆ ଓ ସାନ ଭଉଣୀ ରୋଜାଲିନ ଓରଫ ମାମାଲି ସେଠୀଙ୍କୁ ନୃଶଂସ ଭାବେ ସାନପୁଅ ସୂର୍ଯ୍ୟକାନ୍ତ ସେଠୀ ଓରଫ ବଣ୍ଟି ହତ୍ୟା କରିଛନ୍ତି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇପାରି ନ ଥିବାବେଳେ ମୋବାଇଲ ଗେମ୍(ଜୁଆ) ଖେଳକୁ ବିରୋଧ କରିବାରୁ ବଣ୍ଟି ମାନସିକ ସ୍ଥିତି ହରାଇ ଏଭଳି କାଣ୍ଡ ଘଟାଇଥିବା କୁହାଯାଉଛି। ଅନ୍ୟପଟେ ବଣ୍ଟିଙ୍କୁ ପୋଲିସ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ ଗଳିରୁ ଧରିବା ସହ ☞ପୃଷ୍ଠା–୪

# ପିଲାଙ୍କୁ ସାମାଜିକ ସଂସ୍କାର ଜରୁରୀ: ମନସ୍ତତ୍ତ୍ୱବିତ୍

**ଭୁବନେଶ୍ୱର, ୪।୩ (ବନ୍ଦନା ସେଠୀ)**

ଛୋଟଛୋଟ କଥାରେ ପିଲାମାନେ ହିଂସ୍ର ହୋଇ ଉଠୁଛନ୍ତି, ଯାହାକି ଏବେ ସମାଜ ସମ୍ମୁଖରେ ଏକ ବଡ଼ ଆହ୍ୱାନ ରୂପେ ଉଭା ହୋଇଛି। ପିଲାମାନେ ନିଜକୁ ଏବଂ ଅନ୍ୟକୁ ସମ୍ମାନ ଦେବା ଶିଖିବା ସହିତ ସେମାନଙ୍କ ଭିତରେ ସହନଶୀଳତା ଏବଂ ଗ୍ରହଣ କରିବାର କ୍ଷମତା ରହିବା ଦରକାର। କିଛି ପିଲା ଇଚ୍ଛାକୁ ପୂରଣ କରିବା ପାଇଁ ନିଜର କିମ୍ବା ଅନ୍ୟର କ୍ଷତି କରିବାକୁ ପଛାଉନାହାନ୍ତି। ଫଳରେ ସେମାନଙ୍କ ଜୀବନ, କ୍ୟାରିୟର ନଷ୍ଟ ହେବା ସହିତ ସମାଜରେ ଅସ୍ଥିରତା ସୃଷ୍ଟି ହେଉଛି। ଏବେ ଆଉ ଯୌଥ ପରିବାର ଦେଖାଯାଉ ନାହିଁ। ଛୋଟ ପରିବାର ପାଇଁ ପିଲାବେଳୁ ଶେୟାରିଂ, ଆଡ୍‌ଜଷ୍ଟମେଣ୍ଟ, ମିଳିମିଶି ଚଳିବା ଭଳି କୌଣସି ଗୁଣ ରହୁନାହିଁ। ପିଲାମାନେ ଏକାଏକା ବଢୁଛନ୍ତି। ମା’ ବାପାମାନେ ସେମାନଙ୍କୁ ଖୁସି କରିବା ପାଇଁ ବିଭିନ୍ନ ଦାମୀ ଗିଫ୍ଟଠାରୁ ଆରମ୍ଭ କରି ଲୋଭ ଦେଖାଉଛନ୍ତି। ସେହିପରି ବର୍ତ୍ତମାନ ଅଧିକାଂଶ ପରିବାରରେ ଉଭୟ ସ୍ତ୍ରୀସ୍ୱାମୀ କର୍ମଜୀବୀ ହୋଇଥିବାରୁ ପିଲାମାନଙ୍କୁ ଉପଯୁକ୍ତ ସମୟ ଦେଇପାରୁନାହାନ୍ତି। ଏହାବାଦ୍ ସୋସିଆଲ୍ ମିଡିଆର ବହୁଳ ବ୍ୟବହାର ପିଲାମାନଙ୍କ ମନ ଉପରେ କୁପ୍ରଭାବ ପକାଉଛି। ତେଣୁ ଏଭଳି କାଣ୍ଡରୁ ଦୂରେଇ ରଖିବା ପାଇଁ ପିଲାମାନଙ୍କୁ ଛୋଟବେଳୁ ସାମାଜିକ ସଂସ୍କାର, ନୈତିକତା, ପରସ୍ପରର ମହତ୍ତ୍ୱ ବିଷୟରେ ଶିଖାଇବା ଦରକାର। ବଡ଼ ମଣିଷ ହେବା ଅପେକ୍ଷା ପିଲା କିଭଳି ଭଲ ଓ ବିବେକୀ ମଣିଷ ହେବ ତାହା ଉପରେ ଧ୍ୟାନ ଦେବା ଦରକାର। ଏଥିସହ ଯେକୌଣସି ପରିସ୍ଥିତିରେ କିଭଳି ସୁଖୀ ରହିହେବ, ସେନେଇ ଶିକ୍ଷା ଦିଆଯିବା ମଧ୍ୟ ଆବଶ୍ୟକ ବୋଲି କ୍ୟାପିଟାଲ ହସ୍ପିଟାଲର ମନ ଚିକିତ୍ସା ବିଭାଗ ମୁଖ୍ୟ ଡାକ୍ତର ଉମା ପ୍ରସାଦ ବିଶ୍ୱାଳ କହିଛନ୍ତି।

# ମାଣିକପାଟଣା: ଓଡ଼ିଶା, ଆନ୍ଧ୍ରର ପୃଥକ୍ ଅଙ୍ଗନୱାଡି କେନ୍ଦ୍ର




ଓଡ଼ିଶାର ଅଙ୍ଗନୱାଡି କେନ୍ଦ୍ର



ଆନ୍ଧ୍ରପ୍ରଦେଶର ଅଙ୍ଗନୱାଡି କେନ୍ଦ୍ର

**ପାରଳାଖେମୁଣ୍ଡି, ୪।୩ (ଗିରିଧାରୀ ପରିଛା)**

ଗଜପତି ଜିଲା ରାୟଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତର ମାଣିକପାଟଣା। ଗୋଟିଏ ଗାଁ, ହେଲେ ରହିଛି ୨ଟି ଅଙ୍ଗନୱାଡି କେନ୍ଦ୍ର। ଗୋଟିଏ ଓଡ଼ିଶା ଓ ଅନ୍ୟଟି ଆନ୍ଧ୍ରପ୍ରଦେଶର। ପୂର୍ବରୁ ସୀମା ବିବାଦକୁ ନେଇ ଚର୍ଚ୍ଚାରେ ରହିଥିବା ଏହି ପଞ୍ଚାୟତରେ ଆନ୍ଧ୍ର ଜାରି ରଖିଛି ଏକଚାଟିଆ କାରବାର। କେବେ ପାଣି ପାଇଁ ତ କେବେ ଜମିକୁ ନେଇ ବିବାଦ। ଓଡ଼ିଶାବାସୀଙ୍କୁ ନିଜଆଡ଼କୁ ଆକୃଷ୍ଟ କରିବାକୁ ଯୋଜନା କରି ଆନ୍ଧ୍ର ପକ୍ଷରୁ ଚାଲିଛି ପ୍ରୟାସ। ପୂର୍ବରୁ ପ୍ରଶାସନିକ ଦୁର୍ବଳତାର ଫାଇଦା ନେଇ ଆନ୍ଧ୍ରର ଶ୍ରୀକାକୁଳମ ପ୍ରଶାସନ ସହଯୋଗରେ ମାଣିକପାଟଣାର ଜଣେ ବ୍ୟକ୍ତିଙ୍କ ଘରେ କେତେଜଣଙ୍କୁ ଲୋଭ ଦେଖାଇ ଅଙ୍ଗନୱାଡି କେନ୍ଦ୍ର ଚଳାଉଥିଲା। ପରେ ଓଡ଼ିଶା ଜମିରେ ☞ପୃଷ୍ଠା–୪


## SIKSHA ‘O’ ANUSANDHAN

# SAAT-2025

Empowering students for a brighter future

CORE B.TECH PROGRAMMES IN COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


# ବିଧାୟକଙ୍କ ପାନଛେପ ସଫାକଲେ ବାଚସ୍ପତି

**ଲକ୍ଷ୍ନୌ, ୪।୩**





ବାଚସ୍ପତି ସତୀଶ ମହାନା

ଉତ୍ତରପ୍ରଦେଶ ବିଧାନସଭାର ବଜେଟ ଅଧିବେଶନ ଜାରି ରହିଛି। ଅଧିବେଶନର ନବମ ଦିନ ଜଣେ ବିଧାୟକ ବିଧାନସଭା ହଲ୍‌ରେ ପାନ ମସାଲା ଖାଇ ଛେପ ପକାଇଥିବାର ଘଟଣା ସାମନାକୁ ଆସିଛି, ଯାହା ପୂରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବିଧାନସଭା ଗୃହର ଗରିମା ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ଏହି ଘଟଣା ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ଉତ୍ତରପ୍ରଦେଶ ବିଧାନସଭାର ବାଚସ୍ପତି ସତୀଶ ମହାନା କହିଛନ୍ତି। ଘଟଣାକୁ ନେଇ ବାଚସ୍ପତି ମହାନା ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଏହାକୁ ଅନୁଶାସନ ବିରୋଧୀ କାର୍ଯ୍ୟ ବୋଲି କହିଥିଲେ। ମଙ୍ଗଳବାର ଉତ୍ତରପ୍ରଦେଶ ବିଧାନସଭାର ଗୃହକାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବାଚସ୍ପତି ସତୀଶ ମହାନା ସମସ୍ତ ବିଧାୟକଙ୍କୁ ସମ୍ବୋଧନ କରି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ସେ କହିଛନ୍ତି, ଉତ୍ତରପ୍ରଦେଶ ବିଧାନସଭା ହଲ୍ ମଧ୍ୟରେ ଜଣେ ମାନନୀୟ ବିଧାୟକ ପାନ ମସଲା ଖାଇ ଛେପ ପକାଇଥିବା ନେଇ ତାଙ୍କୁ ମଙ୍ଗଳବାର ସକାଳେ ସୂଚନା ମିଳିଥିଲା। ଏହି ଖବର ପାଇ ସେ ସମୟ ପୂର୍ବରୁ ବିଧାନସଭାରେ ପହଞ୍ଚିଥିଲେ ଓ ବିଧାନସଭା କର୍ମଚାରୀଙ୍କ ସହ ☞ପୃଷ୍ଠା–୪

# ତେଜିଲା ବାଣିଜ୍ୟ ଯୁଦ୍ଧ

**ବେଜିଂ/ଓଟାୱା/ମେକ୍ସିକୋ ସିଟି,୪।୩**

ଆମେରିକାକୁ କାନାଡା ଏବଂ ମେକ୍ସିକୋରୁ ରପ୍ତାନି ହେଉଥିବା ସାମଗ୍ରୀ ଉପରେ ୨୫ ପ୍ରତିଶତ ସୀମା ଶୁଳ୍କ ଏବଂ ଚାଇନା ଉପରେ ନୂଆ ଶୁଳ୍କ ମଙ୍ଗଳବାରରୁ ଲାଗୁ କରାଗଲା ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିବା ପରେ ବାଣିଜ୍ୟ ଯୁଦ୍ଧ ତେଜିଛି। ଆମେରିକୀୟ ସାମଗ୍ରୀ ଉପରେ କାନାଡା ଓ ଚାଇନା ଜବାବୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ଆମେରିକା ଚାଇନାରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ୧୦% ଟାରିଫ୍ ଲଗାଇଥିବାବେଳେ ଏହାର ଜବାବରେ ବେଜିଂ ଆମେରିକାରୁ ଆମଦାନି ସାମଗ୍ରୀ ଉପରେ ୧୫% ଶୁଳ୍କ ଲାଗୁ କରିଛି। ଏଥିସହିତ ୱାଶିଂଟନ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଚାଇନା ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)ର ଦ୍ୱାରସ୍ଥ ହୋଇଛି।

ଆମେରିକାରୁ ଆମଦାନି ହେଉଥିବା କେତେକ ସାମଗ୍ରୀ ଉପରେ ଚାଇନା ମାର୍ଚ୍ଚ ୧୦ରୁ ଅତିରିକ୍ତ ଟାରିଫ୍ ଲଗାଇବାକୁ ଯାଉଥିବା ଏହାର କଷ୍ଟମ୍ସ ଟାରିଫ୍ କମିଶନ ମଙ୍ଗଳବାର କହିଛି। ଆମଦାନି ହେଉଥିବା ଚିକେନ୍, ଗହମ, ମକା ଏବଂ ତୁଳା ଉପରେ ଅତିରିକ୍ତ ୧୫ ପ୍ରତିଶତ ଟାରିଫ୍ ଲାଗୁ ହେବ। ସେହିପରି ସରଗମ୍, ସୋୟାବିନ୍, ଗୋମାଂସ, ଘୁଷୁରି ମାଂସ, ପନିପରିବା, ଫଳ ଓ ଦୁଗ୍ଧଜାତ ଦ୍ରବ୍ୟ, ଜଳଜ ସାମଗ୍ରୀ ଉପରେ ଅତିରିକ୍ତ ୧୦ ପ୍ରତିଶତ ଶୁଳ୍କ ଲାଗୁ କରାଯିବ। କେବଳ ସେତିକି ନୁହେଁ, ଚାଇନା ଏହାର ଅବିଶ୍ୱସ୍ତ ଶିଳ୍ପ ତାଲିକାରେ ଆମେରିକାର ୧୦ଟି ଶିଳ୍ପସଂସ୍ଥାକୁ ସାମିଲ କରି ସେଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ନେଇଛି।

ସେହିପରି କାନାଡା ମଧ୍ୟ ତୁରନ୍ତ ୩୦ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଉପରେ ଟାରିଫ୍ ଲଗାଇବାକୁ ଯାଉଛି। ଅବଶିଷ୍ଟ ୧୨୫ ବିଲିୟନ ଡଲାର ଆମେରିକୀୟ ସାମଗ୍ରୀ ଉପରେ ୨୧ ଦିନ ମଧ୍ୟରେ ଟାରିଫ୍ ଲଗାଇବ ବୋଲି କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ କହିଛନ୍ତି। ଆମେରିକା ଏହାର ଟାରିଫ୍ ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ଆମ ଟାରିଫ୍ ବଳବତ୍ତର ରହିବ ବୋଲି ସେ କହିଛନ୍ତି।

ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେଇନ୍‌ବମ୍ ମଧ୍ୟ ଅନୁରୂପ ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ତାଙ୍କ ଧମକ ପରେ ଟ୍ରମ୍ପ କ'ଣ ପଦକ୍ଷେପ ନେଉଛନ୍ତି, ତାକୁ ଅପେକ୍ଷା କରାଯିବ ବୋଲି ଶେଇନ୍‌ବମ୍ କହିଛନ୍ତି। ଆମେରିକା ୨୫ ପ୍ରତିଶତ ଟାରିଫ୍ ଲାଗୁ କଲେ ଆମ ପାଖରେ ପ୍ଲାନ୍ ବି, ସି ଏବଂ ଡି ରହିଛି ବୋଲି ସୋମବାର ମେକ୍ସିକୋ ରାଷ୍ଟ୍ରପତି କହିଥିଲେ। ତେବେ ସେ ଯୋଜନା ସମ୍ପର୍କରେ ସବିଶେଷ ସୂଚନା ଦେଇନାହାନ୍ତି। ୱାଶିଂଟନର ଯେକୌଣସି ବାଣିଜ୍ୟ କାର୍ଯ୍ୟାନୁଷଠାନକୁ ମୁକାବିଲା କରିବା ପାଇଁ ତାଙ୍କ ଦେଶ ପ୍ରସ୍ତୁତ ଥିବା ସେ ଦୋହରାଇଥିଲେ।

ମଙ୍ଗଳବାରଠାରୁ ଚାଇନା, କାନାଡା ଏବଂ ମେକ୍ସିକୋ ଉପରେ ଟାରିଫ୍ ଲାଗୁ ହେବା ନେଇ ଟ୍ରମ୍ପ ସୋମବାର ସ୍ପଷ୍ଟ କରିବା ପରେ ଆମେରିକୀୟ ଉପଭୋକ୍ତାଙ୍କ ପାଇଁ ଦରଦାମ୍ ବଢ଼ି ଏବଂ ମୁଦ୍ରାସ୍ଫୀତି ବଢ଼ିବା ଓ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହେବା ଆଶଙ୍କାରେ ଶେୟାର ବଜାର କାରବାର ଖସିଥିଲା। ଆମେରିକା ବିଦେଶୀ ସାମଗ୍ରୀ ଉପରେ ଟାରିଫ୍ ଲଗାଇଲେ ସେଠାକାର ଜନସାଧାରଣ ତେଜରାତି ସାମଗ୍ରୀ, ଗ୍ୟାସ୍, କାର୍ କିଣିବାରେ ଅଧିକ ବ୍ୟୟ କରିବେ। ଏଥିସହିତ ଅନେକ ହଜାର କର୍ମଚାରୀ ଛଟେଇ ହେବା ସମ୍ଭାବନା ରହିଛି। ଟାରିଫ ଲାଗୁ ଯୋଗୁ ବିଶ୍ୱସନୀୟ ସଫଳ ବାଣିଜ୍ୟ ସମ୍ପର୍କ ବାଧାପ୍ରାପ୍ତ ହେବ ବୋଲି କୁହାଯାଉଛି।


ଡୋନାଲ୍ଡ ଟ୍ରମ୍ପ


ସି ଜିଙ୍ଗପିନ୍


ଜଷ୍ଟିନ୍ ଟ୍ରୁଡୋ


କ୍ଲାଉଡିଆ ଶେଇନ୍‌ବମ୍

**ଆମେରିକା ସାମଗ୍ରୀ ଉପରେ ଅତିରିକ୍ତ ଶୁଳ୍କ ଲଗାଇଲା ଚାଇନା**

**କାନାଡା, ମେକ୍ସିକୋର ଜବାବୀ ଟାରିଫ୍**

## ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ: ୯ ମୃତ

**୬ ଆତଙ୍କବାଦୀ ନିହତ**

**ପେଶାୱର,୪।୩**

ପାକିସ୍ତାନର ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶର ବନ୍ନୁ କ୍ୟାଣ୍ଟନମେଣ୍ଟ ପୋଷ୍ଟକୁ ଟାର୍ଗେଟ କରି ମଙ୍ଗଳବାର ସନ୍ଧ୍ୟାରେ ଆତଙ୍କବାଦୀମାନେ ୨ଟି ଆତ୍ମଘାତୀ ବିସ୍ଫୋରଣ ଘଟାଇଛନ୍ତି। ଏଥିରେ ୩ ଛୋଟ ପିଲାଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦ ଜଣ ଆହତ ହୋଇଛନ୍ତି। ବିସ୍ଫୋରଣ ପରେ ୧୨ ଜଣ ଆତଙ୍କବାଦୀ ସେନା କ୍ୟାଣ୍ଟନମେଣ୍ଟ ପରିସରରେ ପ୍ରବେଶ ଉଦ୍ୟମ କରିଥିଲେ। ସୁରକ୍ଷା କର୍ମୀଙ୍କ ସହ ସେମାନଙ୍କର ଗୁଳି ବିନିମୟ ହୋଇଥିଲା। ଯବାନଙ୍କ ଗୁଳିରେ ୬ ଆତଙ୍କବାଦୀ ନିହତ ହୋଇଛନ୍ତି। ଆକ୍ରମଣ ପାଇଁ ହଫିଜ୍ ଗୁଲ୍ ବାହାଦୁର ସଶସ୍ତ୍ର ସଂଗଠନ ନିଜକୁ ଦାୟୀ କରିଛି। ଆତଙ୍କବାଦୀମାନେ ବିସ୍ଫୋରକ ଭର୍ତ୍ତି ୨ଟି କାର୍‌କୁ ସେନା କ୍ୟାଣ୍ଟନ୍‌ମେଣ୍ଟ ଫାଟକରେ ଧକ୍କା କରାଇବାରୁ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ସ୍ଥଳରେ ୪ ଫୁଟ୍ ଗଭୀର ଗାତ ସୃଷ୍ଟି ହୋଇଛି।

## ସର୍ବିଆ ପାର୍ଲାମେଣ୍ଟରେ ସ୍ମୋକ୍ ବମ୍, ୩ ଆହତ



**ବେଲ୍‌ଗ୍ରେଡ୍, ୪।୩**

ୟୁରୋପୀୟ ଦେଶ ସର୍ବିଆର ପାର୍ଲାମେଣ୍ଟରେ ମଙ୍ଗଳବାର ବିଶୃଙ୍ଖଳା ଦେଖାଦେଇଛି। ସଂସଦ ଚାଲିଥିବା ବେଳେ ବିରୋଧୀ ସଦସ୍ୟମାନେ ସରକାରଙ୍କ କିଛି ନୀତିକୁ ବିରୋଧ କରି ଗୃହ ମଧ୍ୟରେ ହଙ୍ଗାମା କରିବା ସହ ପାର୍ଲାମେଣ୍ଟ ମଧ୍ୟରେ ସ୍ମୋକ୍ ବମ୍ ଏବଂ ଲୁହବୁହା ଗ୍ୟାସ୍ ପକାଇଥିଲେ। ଫଳରେ ପାର୍ଲାମେଣ୍ଟ ମଧ୍ୟରେ ଧୂଆଁ ବ୍ୟାପିଯାଇଥିଲା। ଘଟଣାରେ ସର୍ବିଆର ୩ ଏମ୍‌ପି ଆହତ ହୋଇଛନ୍ତି।

## ୟୁରୋପକୁ ଶକ୍ତିଶାଳୀ କରିବାକୁ ୮୦୦ ବିଲିୟନ ୟୁରୋର ଯୋଜନା

**ବ୍ରସେଲ୍ସ,୪।୩**

ଆମେରିକାଠାରୁ ଦୂରେଇଯିବାର ସମ୍ଭାବ୍ୟ ପ୍ରଭାବକୁ ହ୍ରାସ କରିବା ଏବଂ ରୁଷିଆ ସହ ବୁଝାମଣା ପାଇଁ ୟୁକ୍ରେନ୍‌କୁ ସାମରିକ ସହାୟତା ଯୋଗାଇଦେବା ଲକ୍ଷ୍ୟରେ ୟୁରୋପୀୟ ରାଷ୍ଟ୍ର ସଂଘ ଏହାର ସାମରିକ ଶକ୍ତି ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୟୁରୋପୀୟ ସଂଘର କାର୍ଯ୍ୟକାରୀ ମୁଖ୍ୟ ମଙ୍ଗଳବାର ୮୦୦ ବିଲିୟନ ୟୁରୋ (୮୪୧ ବିଲିୟନ ଡଲାର)ର ଯୋଜନା ପ୍ରସ୍ତାବ ରଖିଛନ୍ତି। ଏହି ବିଶାଳ 'ରିଆର୍ମ ୟୁରୋପ୍' ପ୍ୟାକେଜ୍ ସମ୍ପର୍କରେ ୟୁରୋପୀୟ ୟୁନିୟନ (ଇୟୁ)ର ୨୭ ସଦସ୍ୟ ରାଷ୍ଟ୍ରଙ୍କୁ ଅବଗତ କରାଯିବ ବୋଲି ୟୁରୋପୀୟ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନ କହିଛନ୍ତି। ଆମେରିକା ସହ ରାଜନୈତିକ ଅନିଶ୍ଚିତତା ବଢୁଥିବାବେଳେ ୨୭ ଇୟୁ ନେତାଙ୍କ ସହ ଏସମ୍ପର୍କରେ ଆଲୋଚନା ପାଇଁ ବ୍ରସେଲ୍ସରେ ଗୁରୁବାର ଜରୁରୀ ବୈଠକ ଡକାଯାଇଛି। ୟୁକ୍ରେନ୍‌କୁ ଆମେରିକା ସାମରିକ ସହାୟତା ବନ୍ଦ କରିବା ଲାଗି ଏହାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ନିଷ୍ପତ୍ତି ନେବା ପୂର୍ବରୁ ଉର୍ସୁଲା ତାଙ୍କ ଯୋଜନା ଉପରେ କାର୍ଯ୍ୟ ଆରମ୍ଭ କରିଥିବା କହିଛନ୍ତି। ୮୦୦ ବିଲିୟନ ୟୁରୋ ଯୋଜନା ୟୁରୋପକୁ ସୁରକ୍ଷିତ ତଥା ସାମରିକ ଦୃଷ୍ଟିରୁ ଶକ୍ତିଶାଳୀ କରାଇବ। ନାଟୋରେ ଆମେ ଆମ ସହଯୋଗୀମାନଙ୍କ ସହ ଏକାଠି କାର୍ଯ୍ୟ ଜାରି ରଖିବୁ ବୋଲି ଉର୍ସୁଲା କହିଛନ୍ତି। ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ୟୁକ୍ରେନ୍‌କୁ ତୁରନ୍ତ ମିଶାଇଲ୍ ଡିଫେନ୍ସ ସିଷ୍ଟମ୍, କମାଣ, କ୍ଷେପଣାସ୍ତ୍ର, ଡ୍ରୋନ୍ ଆଦି ସାମରିକ ଉପକରଣ ପଠାଇପାରିବେ। ସୁରକ୍ଷା ପ୍ରତି ବିପଦ ବଢୁଥିବାରୁ ଇୟୁ ଏବେ ବିପଦର ସମ୍ମୁଖୀନ ହୋଇଛି। ଏଥିସହ ୱାଶିଂଟନ ୟୁକ୍ରେନ୍‌କୁ ସହାୟତା ବନ୍ଦ କରିବା ପରେ ଏହି ଦେଶକୁ ସହାୟତା ମିଳିବା ନେଇ ଅନିଶ୍ଚିତତା ଦେଖାଦେଇଛି। ସେଥିପାଇଁ ୟୁରୋପୀୟ ସଂଘକୁ କଠୋର ପଦକ୍ଷେପ ନେବାକୁ ହେବ ବୋଲି ଉର୍ସୁଲା କହିଛନ୍ତି।


ଉର୍ସୁଲା ଭନ୍ ଡେର୍ ଲେୟେନ

## ଇସ୍ତଫା ଦେଲେ ମହାରାଷ୍ଟ୍ର ମନ୍ତ୍ରୀ ଧନଞ୍ଜୟ ମୁଣ୍ଡେ

**ବିଡ୍ ସରପଞ୍ଚ ହତ୍ୟା ମାମଲାରେ ସମ୍ପୃକ୍ତି ଅଭିଯୋଗ**

**ମୁମ୍ବାଇ, ୪।୩**

ମହାରାଷ୍ଟ୍ର ସରକାରଙ୍କ ଖାଦ୍ୟ ଯୋଗାଣ ମନ୍ତ୍ରୀ ତଥା ଏନ୍‌ସିପିର ବରିଷ୍ଠ ନେତା ଧନଞ୍ଜୟ ମୁଣ୍ଡେ ମଙ୍ଗଳବାର ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ସୂଚନା ଦେଇଛନ୍ତି। ଧନଞ୍ଜୟଙ୍କ ପିଏ ପ୍ରଶାନ୍ତ ଜୋଶୀ ମୁଖ୍ୟମନ୍ତ୍ରୀ ଫଡ୍‌ନବିସ୍‌ଙ୍କ ବାସଭବନକୁ ଆସି ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ବିଡ୍ ଜିଲା ମାସାଜୋଗ ଗ୍ରାମର ସରପଞ୍ଚ ସନ୍ତୋଷ ଦେଶମୁଖଙ୍କୁ ଅପହରଣ ଏବଂ ହତ୍ୟା ମାମଲାରେ ଧନଞ୍ଜୟ ବିବାଦ ଘେରକୁ ଆସିଥିଲେ। ଏହି ହତ୍ୟା ମାମଲାର ତଦନ୍ତ ପାଇଁ ଗଠିତ ଏସ୍‌ଆଇଟି ମାମଲାରେ ଧନଞ୍ଜୟଙ୍କ ଘନିଷ୍ଠ ସହଯୋଗୀ ବାଲ୍ମୀକି କରାଡ୍‌ଙ୍କୁ ମାଷ୍ଟରମାଇଣ୍ଡ ଘୋଷଣା କରିଥିଲା। ଫଳରେ ବିଭିନ୍ନ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ଧନଞ୍ଜୟ ଇସ୍ତଫା ଦେଇଛନ୍ତି।


ଧନଞ୍ଜୟ ମୁଣ୍ଡେ

## 'ପାକିସ୍ତାନୀ' ଡାକିବା ଧର୍ମୀୟ ଭାବନାକୁ ଆଘାତ ଦେଉଥିବା ଅପରାଧ ନୁହେଁ

**ସୁପ୍ରିମକୋର୍ଟଙ୍କ ଟିପ୍ପଣୀ**

**ନୂଆଦିଲ୍ଲୀ,୪।୩**

କାହା ପ୍ରତି 'ମିୟାନ-ଟିୟାନ' ଏବଂ 'ପାକିସ୍ତାନୀ' ଶବ୍ଦ ବ୍ୟବହାର କରିବା ଖରାପ ଲାଗୁଥିଲେ ମଧ୍ୟ ଧର୍ମୀୟ ଭାବାବେଗକୁ ଆଘାତ ଦେଉଥିବା ଅପରାଧ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ଏଭଳି ଏକ ଆପରାଧିକ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ମୁକ୍ତ କରିଦେଇଛନ୍ତି। ଝାଡ଼ଖଣ୍ଡର ଚାସ୍‌ସ୍ଥିତ ସବ୍‌ଡିଭିଜନାଲ ଅଫିସ୍‌ରେ ସୂଚନା ଅଧିକାର ଆଇନ ବିଭାଗରେ କାର୍ଯ୍ୟରତ କିରାଣୀ ତଥା ଉର୍ଦ୍ଦୁ ଅନୁବାଦକ ଏହି ମାମଲା ଦାଏର କରିଥିଲେ। ପ୍ରତିପକ୍ଷ ହରିନନ୍ଦନ ସିଂ ଆର୍‌ଟିଆଇ ଆଇନରେ ତଥ୍ୟ ମାଗିଥିବାବେଳେ ତାଙ୍କ ପାଖକୁ ଆସିଥିବା ଦସ୍ତାବିଜ୍‌ରେ ଜାଲିଆତି ହୋଇଥିବା ଅଭିଯୋଗ କରିଥିଲେ। ଆପିଲେଟ୍ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ କିରାଣୀ ଜଣକ ତଥ୍ୟ ସମ୍ବଳିତ କାଗଜପତ୍ର ବ୍ୟକ୍ତିଗତ ଭାବେ ଦେବା ପାଇଁ ହରିନନ୍ଦନଙ୍କ ଘରକୁ ଯାଇଥିଲେ। ଏହି ସମୟରେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା ଓ ଅଭିଯୁକ୍ତ ତାଙ୍କୁ ମିୟାନ-ଟିୟାନ ଏବଂ ପାକିସ୍ତାନୀ ଡାକିଥିବାରୁ ଏହା ତାଙ୍କ ଧର୍ମୀୟ ଭାବନାକୁ ଆଘାତ ଦେଇଥିବା କିରାଣୀ ଅଭିଯୋଗ କରିଥିଲେ। ଏଭଳି ଶବ୍ଦ ଖରାପ ଲାଗିଲେ ମଧ୍ୟ ଏହା ଅପରାଧ ନୁହେଁ ବୋଲି ଖଣ୍ଡପୀଠ କହିବା ସହ ଆଇପିସିର ଧାରା ୨୯୮ ଅନୁଯାୟୀ ଅଭିଯୁକ୍ତ ହରିନନ୍ଦନଙ୍କୁ ଦୋଷମୁକ୍ତ କରିଦେବାକୁ କହିଛନ୍ତି।

## ମଣିପୁରରେ ମୁକ୍ତ ଯାତାୟାତକୁ ଅନୁମତି ଦିଆଯିବ ନାହିଁ: କୁକି-ଜୋ ସଙ୍ଗଠନ

**ଗୁଆହାଟୀ,୪।୩**

ମଣିପୁରର କୁକି-ଜୋ ଅଞ୍ଚଳରେ ମୁକ୍ତ ଯାତାୟାତକୁ ଅନୁମତି ଦିଆଯିବ ନାହିଁ ବୋଲି କୁକି-ଜୋ ଆଦିବାସୀ ଏକତା ସଂଗଠନ କମିଟି (ସିଓଟିୟୁ) କହିଛି। ଏହି ସମ୍ପ୍ରଦାୟର ଦାବିକୁ ସମ୍ମାନ ଦିଆ ନ ଯିବା ଯାଏ, ଅବାଧ ଗମନାଗମନକୁ ଅନୁମତି ଦେବୁ ନାହିଁ ବୋଲି କମିଟି କହିଛି। ସୋମବାର କମିଟି ବୈଠକରେ ନିଆଯାଇଥିବା ୮ ସୂତ୍ରୀ ପ୍ରସ୍ତାବ ମଧ୍ୟରୁ ଏହା ଅନ୍ୟତମ। ମାର୍ଚ୍ଚ ୮ରୁ ମଣିପୁରର ସମସ୍ତ ସଡ଼କ ପଥରେ ମୁକ୍ତ ଗମନାଗମନ ସୁନିଶ୍ଚିତ କରିବା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ନିର୍ଦ୍ଦେଶ ଦେବା ପରେ ଏଭଳି ପ୍ରସ୍ତାବ ଗ୍ରହଣ କରାଯାଇଛି। ଗତ ୧ ତାରିଖରେ ନୂଆଦିଲ୍ଲୀରେ ମଣିପୁର ଆଇନ ଶୃଙ୍ଖଳା ସ୍ଥିତିର ସମୀକ୍ଷା କରି ଶାହା ଉପରୋକ୍ତ ନିର୍ଦ୍ଦେଶ ଦେଇଥିଲେ।



ଉତ୍ତରାଖଣ୍ଡର ଚାମୋଲି ଜିଲାରେ ହିମସ୍ଖଳନ ପରବର୍ତ୍ତୀ ସଫଳ ରେସ୍କ୍ୟୁ ଅପରେଶନ ପରେ ଉଦ୍ଧାରକାରୀ ଦଳ ଏକ ଗ୍ରୁପ୍ ଫଟୋରେ ପୋଜ୍ ଦେଉଛନ୍ତି।

## ଗୁଜରାଟରେ ପ୍ରତି ୪ ସେକେଣ୍ଡରେ ଗୋଟିଏ ମଦ ବୋତଲ ଜବତ

**ଅହମଦାବାଦ,୪।୩**

ମଦମୁକ୍ତ ଘୋଷିତ ହୋଇଥିବା ଗୁଜରାଟରେ ୨୦୨୪ରେ ପ୍ରତି ୪ ସେକେଣ୍ଡରେ ଗୋଟିଏ ଭାରତ ପ୍ରସ୍ତୁତ ବିଦେଶୀ ମଦ(ଆଇଏମ୍‌ଏଫ୍‌ଏଲ୍) ବୋତଲ ଜବତ ହୋଇଥିଲା। ସେହିବର୍ଷ ରାଜ୍ୟରେ ମୋଟ ୮୨ ଲକ୍ଷ ମଦ ବୋତଲ ଜବତ ହୋଇଛି, ଯାହାର ମୂଲ୍ୟ ୧୪୪ କୋଟି ଟଙ୍କା ବୋଲି ପୋଲିସ ତଥ୍ୟରୁ ଜଣାପଡ଼ିଛି। କେବଳ ଅହମଦାବାଦ ସହର, ଅହମଦାବାଦ ଗ୍ରାମାଞ୍ଚଳ, ୱେଷ୍ଟର୍ନ ରେଲ୍‌ୱେର ଅହମଦାବାଦ ଜଙ୍କ୍‌ଶନରୁ ୪,୩୮,୦୪୭ ବୋତଲ ମଦ ଜବତ ହୋଇଛି। ସେଥିରୁ ଅହମଦାବାଦ ସହରରେ କେବଳ ୩.୦୬ ଲକ୍ଷ ବୋତଲ ଆଇଏମ୍‌ଏଲଫ୍‌ଏଲ୍‌କୁ ନେଇ ୨,୧୩୯ ମାମଲା ରୁଜୁ ହୋଇଛି। ସେହିପରି ୧.୫୮ ଲକ୍ଷ ଲିଟର ଦେଶୀମଦ ଜବତ ଘଟଣାରେ ୭,୭୯୬ଟି ମାମଲା ହୋଇଛି। ତେବେ ପୋଲିସ ରିପୋର୍ଟ ବାସ୍ତବ ସଂଖ୍ୟାଠାରୁ ଯଥେଷ୍ଟ କମ୍ ବୋଲି କୁହାଯାଉଛି। ବଡୋଦରା ଗ୍ରାମାଞ୍ଚଳରେ ଚଢ଼ାଉ ବେଳେ କର୍ତ୍ତୃପକ୍ଷ ୯.୮ କୋଟି ଟଙ୍କା ମୂଲ୍ୟର ଅଇଏମ୍‌ଏଫ୍‌ଏଲ୍ ବୋତଲ ଜବତ କରିଥିଲେ। ସେଗୁଡ଼ିକ ଟ୍ରକ୍ ଏବଂ ଗୋଦାମର ଗୁପ୍ତ କୋଠରିରେ ଲୁଚାଯାଇଥିଲା। ସେହିପରି ସୁରଟ ଗ୍ରାମାଞ୍ଚଳରୁ ୮.୯ କୋଟି ଟଙ୍କା ମୂଲ୍ୟର ବିଦେଶୀ ମଦ ଜବତ ହୋଇଥିଲା। ଆନ୍ତଃରାଜ୍ୟ ପରିବହନ ର୍‍ୟାକେଟ୍ ଏହି ମଦ ବୋତଲଗୁଡ଼ିକ ଘରକରଣା ସାମଗ୍ରୀ ମଧ୍ୟରେ ଲୁଚାଇଥିଲେ। ନଭସାରିରେ ୬.୨୩ ଲକ୍ଷ ମଦ ବୋତଲ ଜବତ ହୋଇଥିବାବେଳେ ଗୋଧ୍ରାରୁ ୮.୮ କୋଟି ଟଙ୍କା ମୂଲ୍ୟର ବିଦେଶୀ ମଦ ଧରାପଡ଼ିଥିଲା। ସେହିପରି ଭାବନଗରରୁ ୮.୭ କୋଟି ଟଙ୍କା ମୂଲ୍ୟର ବିଦେଶୀ ଓ ଦେଶୀମଦ ଜବତ ହୋଇଥିଲା।



**ଫୁର୍‌ସତ**


ହ୍ରିତିକ ରୋଶନ

## ହ୍ରିତିକ, ଜୁନିୟର ଏନ୍‌ଟିଆର୍‌ଙ୍କ ମଧ୍ୟରେ ଡ୍ୟାନ୍ସ ମୁକାବିଲା

**ମୁମ୍ବାଇ:** ଆସନ୍ତା ଅଗଷ୍ଟ ୧୪ରେ ଅଭିନେତା ହ୍ରିତିକ ରୋଶନ ଏବଂ ଜୁନିୟର ଏନ୍‌ଟିଆରଙ୍କ ଅଭିନୀତ ଆକ୍ସନ ଥ୍ରୀଲର ଫିଲ୍ମ 'ୱାର ୨' ରିଲିଜ୍ ହେବାକୁ ଯାଉଛି। ତେବେ ବିଭିନ୍ନ ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏହି ଫିଲ୍ମ ସମ୍ପର୍କିତ ଏକ ଅପ୍‌ଡେଟ୍ ସାମ୍ନାକୁ ଆସିଛି। 'ୱାର ୨' ଫିଲ୍ମର ଏକ ଗୀତର ଶୁଟିଂ ମୁମ୍ବାଇର ଅନ୍ଧେରୀସ୍ଥିତ ଯଶରାଜ୍ ଷ୍ଟୁଡିଓରେ ଆରମ୍ଭ ହୋଇସାରିଛି। ଫିଲ୍ମର କାହାଣୀ ଅନୁଯାୟୀ, ଉକ୍ତ ଗୀତରେ ହ୍ରିତିକ ଏବଂ ଜୁନିୟର ଏନ୍‌ଟିଆରଙ୍କ ମଧ୍ୟରେ କଡ଼ା ଡ୍ୟାନ୍ସ ମୁକାବିଲା ଦେଖିବାକୁ ମିଳିବ ବୋଲି ରିପୋର୍ଟରେ କୁହାଯାଇଛି। ତେବେ ଏହି ଗୀତରେ ଉଭୟ ହ୍ରିତିକ ଏବଂ ଜୁନିୟର ଏନ୍‌ଟିଆରଙ୍କ ସହ ଅଭିନେତ୍ରୀ କିଆରା ଆଡ଼ଭାନୀ ଏବଂ ୫୦୦ରୁ ଅଧିକ ଡ୍ୟାନ୍ସରଙ୍କୁ ମଧ୍ୟ ଦେଖିବାକୁ ମିଳିବ। କୋରିଓଗ୍ରାଫର ବୋସ୍କୋ ମାର୍ଟିସ୍ ଏହି ଗୀତର କୋରିଓଗ୍ରାଫି ଦେଇଛନ୍ତି। ଏହି ଗୀତର ଶୁଟିଂ ପାଇଁ ୨ ସପ୍ତାହ ଧରି ରିହର୍ସାଲ କରାଯାଇଥିଲା। ଫିଲ୍ମ ନିର୍ମାତାଙ୍କ ସୂତ୍ର ଅନୁଯାୟୀ, ଆସନ୍ତା ୧୦ ତାରିଖଯାଏ ଏହି ଗୀତର ଶୁଟିଂ ଜାରି ରହିଛି। 'ୱାର ୨' ଫିଲ୍ମରେ ଜୁନିୟର ଏନ୍‌ଟିଆର୍‌ଙ୍କୁ ଜଣେ ସାଉଥ୍ ଇଣ୍ଡିଆନ୍ ଏଜେଣ୍ଟଙ୍କ ଭୂମିକାରେ ଦେଖିବାକୁ ମିଳିବ। ଏହି ଭୂମିକାରେ ଜୁନିୟର ଏନ୍‌ଟିଆର୍‌ଙ୍କ ଅନେକ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ବିବାହ ବାର୍ଷିକୀରେ ଲକ୍ଷେ ଅତିଥି

**ପାଟନା:** ସାଧାରଣତଃ ଅନେକ ଲୋକ ନିଜ ବିବାହ ବାର୍ଷିକୀକୁ ଶତାଧିକ ଅତିଥିଙ୍କ ଗହଣରେ ଧୁମ୍‌ଧାମ୍‌ରେ ପାଳନ କରିବାକୁ ପସନ୍ଦ କରିଥାନ୍ତି। ତେବେ ନିକଟରେ ବିହାରର ଔରଙ୍ଗାବାଦ ସହରରେ ଏକ ବିବାହ ବାର୍ଷିକୀ ସମାରୋହରେ ଯୋଗଦେବା ପାଇଁ ଲକ୍ଷାଧିକ ଲୋକଙ୍କୁ ନିମନ୍ତ୍ରଣ ଦିଆଯାଇଥିଲା, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଔରଙ୍ଗାବାଦର ପୂର୍ବତନ ଭାଜପା ଏମ୍‌ଏଲ୍‌ସି ରାଜନ କୁମାର ସିଂ ତାଙ୍କର ୨୫ତମ ବିବାହ ବାର୍ଷିକୀକୁ ଐତିହାସିକ କରିବା ପାଇଁ ଲକ୍ଷାଧିକ ଲୋକଙ୍କୁ ନିମନ୍ତ୍ରଣ କରିଥିଲେ। ସମାରୋହକୁ ସଫଳତାର ସହ ଆୟୋଜନ କରିବା ପାଇଁ ୧୫ ଦିନ ଧରି ପ୍ରସ୍ତୁତି ଚାଲିଥିଲା। ଏଥିପାଇଁ ଔରଙ୍ଗାବାଦରୁ ବାରାଣସୀ ପର୍ଯ୍ୟନ୍ତ ୫୦୦ରୁ ଅଧିକ କୁଶଳୀ ରୋଷେୟାଙ୍କୁ ଡକାଯାଇଥିଲା, ଯେଉଁମାନେ ପ୍ରାୟ ୧ ଲକ୍ଷ ଲୋକଙ୍କ ପାଇଁ ଗୁଲାବ ଜାମୁନ୍, ପୁଲାଓ, ଫ୍ରାଇ ତଡ଼କା ଡାଲ୍, ମିକ୍ସଡ୍ ଭେଜ୍ ପନିପରିବା, କଚୌରୀ ଏବଂ ବୁନ୍ଦି ଆଦି ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ଔରଙ୍ଗାବାଦସ୍ଥିତ ଗେଟ୍ ସ୍କୁଲ୍ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ଭୋଜପୁରୀ ତାରକାଙ୍କ ସମାଗମ ଘଟିଥିଲା। ଭୋଜପୁରୀ ଅଭିନେତ୍ରୀ ଅକ୍ଷରା ସିଂ, ଅନୁପମା ଯାଦବ, ଅଭିନେତା ଗୋଲୁ ରାଜା ଏବଂ ହାସ୍ୟ ଅଭିନେତା ଆନନ୍ଦ ମୋହନଙ୍କ ପରି କଳାକାରମାନେ ମଞ୍ଚରେ ଉପସ୍ଥିତ ରହି ଅତିଥିଙ୍କ ମନୋରଞ୍ଜନ କରାଇଥିଲେ। ତେବେ ବିଭିନ୍ନ ରାଜନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ, ରାଜନ କେବଳ ନିଜ ୨୫ତମ ବିବାହ ବାର୍ଷିକୀ ପାଇଁ ଏହି ଭବ୍ୟ ଆୟୋଜନ କରି ନାହାନ୍ତି ବରଂ ନଭେମ୍ବରରେ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ସେ ଏହି ଆୟୋଜନ କରିଛନ୍ତି।

## ସବୁଠୁ ଛୋଟ ପାର୍କ





**ଟୋକିଓ:** ଜାପାନ ପୁଣି ଥରେ ନିଜର ଏକ ଅନନ୍ୟ ଆବିଷ୍କାର ସହ ସାରା ବିଶ୍ୱକୁ ଚକିତ କରିଛି। ସମ୍ପ୍ରତି ଏକ ଛୋଟ ପାର୍କ ପାଇଁ ଜାପାନ ଚର୍ଚ୍ଚାରେ ରହିଛି, ଯାହାକୁ ବିଶ୍ୱର ସବୁଠାରୁ ଛୋଟ ପାର୍କ ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡ (ଜିଡବ୍ଲ୍ୟୁଆର୍)ରେ ସ୍ଥାନ ମିଳିଛି। ଏନେଇ ଜିଡବ୍ଲ୍ୟୁଆର୍ ପକ୍ଷରୁ ଏହାର ଅଫିସିଆଲ ୟୁଟ୍ୟୁବ୍ ଚ୍ୟାନେଲରେ ଏକ ଭିଡିଓ ପୋଷ୍ଟ କରାଯାଇ କୁହାଯାଇଛି, ମାତ୍ର ୦.୨୪ ବର୍ଗ ମିଟର ବିଶିଷ୍ଟ ସବୁଠାରୁ ଛୋଟ ପାର୍କ ଜାପାନର ରାଜଧାନୀ ଟୋକିଓ ସହରରେ ଅବସ୍ଥିତ। ତେବେ ମାତ୍ର କିଛି ସେଣ୍ଟିମିଟର ଆକାରର ହୋଇଥିଲେ ମଧ୍ୟ ଏହି ପାର୍କ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ରହିଛି। ଦୂର ଦୂରାନ୍ତରରୁ ଲୋକେ ଏହି ନିଆରା ଛୋଟ ପାର୍କକୁ ଦେଖିବା ପାଇଁ ଆସୁଛନ୍ତି। ଜିଡବ୍ଲ୍ୟୁଆର୍ ଟିମ୍ ଏହି ପାର୍କକୁ ନିରୀକ୍ଷଣ କରିବା ପରେ ଏହାକୁ ବିଶ୍ୱର ସବୁଠାରୁ ଛୋଟ ପାର୍କ ଭାବେ ଘୋଷଣା କରାଯାଇଛି। ଏହି ପାର୍କର କ୍ଷେତ୍ରଫଳ ଏତେ ଛୋଟ ଯେ, ଏଥିରେ କେବଳ ଏକ ଛୋଟ ତାରା ଗଛ ଏବଂ କିଛି ଘାସ ରହିପାରିବ ବୋଲି ଜିଡବ୍ଲ୍ୟୁଆର୍ ପକ୍ଷରୁ କୁହାଯାଇଛି। ଏହାପୂର୍ବରୁ ବିଶ୍ୱର ସବୁଠାରୁ ଛୋଟ ପାର୍କର ରେକର୍ଡ ଆମେରିକାର ଓରେଗନରେ ଥିବା ମିଲ୍ ଏଣ୍ଡ୍‌ସ ପାର୍କ ନାମରେ ରହିଥିଲା। ଏହାର କ୍ଷେତ୍ରଫଳ ମାତ୍ର ୦.୨୯୨ ବର୍ଗ ମିଟର ରହିଥିଲା ଉକ୍ତ ରେକର୍ଡ ଏବେ ଭଙ୍ଗ ହୋଇଛି।




# ବନପାଳ, ବନରକ୍ଷୀ ନିଯୁକ୍ତି ପରୀକ୍ଷା: ୨ ଜଣଙ୍କ ମୃତ୍ୟୁ

## ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ ସୁନ୍ଦରଗଡ଼(ଜୟନାରାୟଣ ମେଣ୍ଡୁଲି), ୪/୩

ଓଡ଼ିଶା ଷ୍ଟାଫ୍ ସିଲେକସନ କମିଶନ (ଓଏସ୍ଏସ୍ସି) ପକ୍ଷରୁ ବନ ବିଭାଗ ପାଇଁ ବନପାଳ ଓ ବନରକ୍ଷୀ ନିଯୁକ୍ତି ପ୍ରକ୍ରିୟାର ଶାରୀରିକ ପରୀକ୍ଷା ବେଳେ ୨ ଜଣଙ୍କ ମୃତ୍ୟୁ ଘଟିଛି। ପରୀକ୍ଷା ପାଇଁ ଦୌଡ଼ିବେଳେ ସୋମବାର କେନ୍ଦୁଝରଠାରେ ବ୍ୟୋମକେଶ ନାଏକ ଏବଂ ମଙ୍ଗଳବାର ସୁନ୍ଦରଗଡ଼ରେ ପ୍ରବୀଣ କୁମାର ପଣ୍ଡାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ବ୍ୟୋମକେଶଙ୍କ ଘର କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ଓସ୍ତପଙ୍ଗା ଏବଂ ପ୍ରବୀଣ ରାଉରକେଲା ଟାଙ୍ଗରପାଲି ଥାନା ସେକ୍ଟର ୨୨ସ୍ମାର୍ଟ ନଗରରେ ରହୁଥିବାବେଳେ ତାଙ୍କ ମୂଳ ଘର ଗଞ୍ଜାମ ଜିଲା ଭଞ୍ଜନଗର ଥାନା ମନ୍ଧାର ବୋଲି ପୋଲିସ କହିଛି। । ଉଭୟ ପରୀକ୍ଷା ପାଇଁ ଦୌଡୁଥିବାବେଳେ ରାସ୍ତାରେ ଅଚେତ ହୋଇ ପଡ଼ିଥିଲେ। ଫଳରେ ସେମାନଙ୍କୁ ମେଡ଼ିକାଲ ନିଆଯାଇଥିଲା। ବ୍ୟୋମକେଶଙ୍କୁ ପ୍ରଥମେ କେନ୍ଦୁଝର ଜିଲା ମୁଖ୍ୟାଳୟ ଡାକ୍ତରଖାନା ଓ ପରେ କଟକକୁ ସ୍ଥାନାନ୍ତରିତ କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଡିଏଫ୍ଓ ଧନ୍‌ରାଜ ଏଚ୍‌ଡି ସୂଚନା ଦେଇଛନ୍ତି। ସେହିପରି ଅସୁସ୍ଥ ପ୍ରବୀଣଙ୍କୁ ସୁନ୍ଦରଗଡ଼ ସରକାରୀ ମେଡ଼ିକାଲ କଲେଜ ଓ ହସ୍‌ପିଟାଲକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରିବା ସହ ଉଭୟଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ମଙ୍ଗଳବାର କେନ୍ଦୁଝରଠାରେ ଅନ୍ୟ ଜଣେ ପ୍ରତିଯୋଗୀ ଅଭିଷେକ ମହାକୁଡ ଗୁରୁତର ହୋଇ ଜିଲା ମୁଖ୍ୟାଳୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

# ଖଇନି ଖାଇବାକୁ ୧୦ ଟଙ୍କା ନ ଦେବାରୁ ବାପାଙ୍କ ମୁଣ୍ଡ କାଟିଦେଲେ

## କଟାମୁଣ୍ଡ ଧରି ଥାନାରେ ଆତ୍ମସମର୍ପଣ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/କୁଳିଅଣା (ଗୋପୀନାଥ ବେହେରା),୪।୩

ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଧୀନ ଠାକୁଆସାହି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହକୁ କେନ୍ଦ୍ରକରି ବାପାଙ୍କ ମୁଣ୍ଡକାଟି ଧରି ପୁଅ ଥାନାରେ ଆତ୍ମସମର୍ପଣ କରିବା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ ବାଇଧର ସିଂ(୭୦)। ପୋଲିସ ଅଭିଯୁକ୍ତ ପୁଅ ଶମ୍ଭୁନାଥ ସିଂ(୪୦)ଙ୍କୁ ଗିରଫକରି ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୯/୨୫) ରୁଜୁ ହୋଇଛି।

ସୂଚନାଯୋଗ୍ୟ, ସୋମବାର ରାତିରେ ଖଇନି କିଣିବା ପାଇଁ ଶମ୍ଭୁନାଥ ତାଙ୍କ ସ୍ତ୍ରୀଙ୍କୁ ଟଙ୍କା ମାଗିଥିଲେ। ସ୍ତ୍ରୀ ଟଙ୍କା ନ ଦେବାରୁ ରାଗ ତମତମ ହୋଇ ବାପା ବାଇଧରଙ୍କୁ ୧୦ଟଙ୍କା ମାଗିଥିଲେ। ବାଇଧର ମଧ୍ୟ ଟଙ୍କା ନ ଦେବାରୁ ବାପ-ପୁଅ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଶମ୍ଭୁ ଏକ ଟାଙ୍ଗିଆରେ ବାଇଧରଙ୍କ ବେକକୁ ହାଣି ଗଣ୍ଡିରୁ ମୁଣ୍ଡ ଅଲଗା କରିଦେଇଥିଲେ। ଏହା ଦେଖି ମାଆ ପାଟି କରିବାରୁ ଶମ୍ଭୁ ତାଙ୍କୁ ମଧ୍ୟ ମାରିବାକୁ ଗୋଡ଼ାଇଥିଲେ। ପରେ ବାପାଙ୍କ କଟାମୁଣ୍ଡକୁ ଧରି ଶମ୍ଭୁ ରାତିରେ ଚାଲିଚାଲି ଥାନାରେ ଆତ୍ମସମର୍ପଣ କରିଥିଲେ। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରିବା ସହ ବ୍ୟବହୃତ ଟାଙ୍ଗିଆ ଜବତ କରିଥିବା ସୂଚନା ମିଳିଛି।




DADLS - 103



ବିଜୁ ପଟ୍ଟନାୟକ
୫ ମାର୍ଚ୍ଚ ୧୯୧୬ - ୧୭ ଅପ୍ରେଲ ୧୯୯୭

ମହାନ ଜନନାୟକ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ
ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ
ଜୟନ୍ତୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

୫ ମାର୍ଚ୍ଚ ୨୦୨୫

OIPR-15001/13/0440/2425

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସହରସ୍ତରୀୟ ସୁଭଦ୍ରା ସଚେତନତା ରାଲି, ସ୍ଥାନ: ଖଣ୍ଡଗିରି ଛକ, ସମୟ: ସକାଳ ୭ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ପାର୍କ, ସମୟ: ସକାଳ ୯ଟା।
- ଓଡ଼ିଶାର ବରପୁତ୍ର ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ ପାଳ, ସ୍ଥାନ: ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ନହରକଣ୍ଟା, ସମୟ: ପୂର୍ବାହ୍ନ ୧୦ଟା।
- ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ୩୮ତମ ସମାବର୍ତ୍ତନ ଉତ୍ସବ, ସ୍ଥାନ: ଏମ୍‌କେସିଜି ଅଡିଟୋରିୟମ, ଉତ୍କଳ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ୫ମ ଏଫ୍‌ଏଲ୍‌ଓ ଉତ୍କଳ ଆୱାର୍ଡ, ସ୍ଥାନ: ଦି କ୍ରାଉନ ହୋଟେଲ, ସମୟ: ଅପରାହ୍ନ ୪ଟା ୩୦।
- ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ, ସ୍ଥାନ: ରେଡକ୍ରସ୍ ଭବନ, ସମୟ: ଅପରାହ୍ନ ୫ଟା ୩୦।
- ଆରୋହଣର ୩୩ତମ ନିଖିଳ ଉତ୍କଳ ନାଟ୍ୟୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ୨୦ତମ ଓଡ଼ିଶୀ ସଙ୍ଗୀତ ଓ ଲଘୁ ସଙ୍ଗୀତ ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ଓଡ଼ିଶା ଭେଟେରାନ ସ୍ପୋର୍ଟ୍ସପର୍ସନସ୍ ଆସୋସିଏଶନ୍ ପକ୍ଷରୁ ମିନି ମାରାଥନ୍, ସ୍ଥାନ: ଆନନ୍ଦଭବନ ନିକଟ, ତୁଳସୀପୁର, ସମୟ: ସକାଳ ୭ଟା।
- ବିଜୁ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ ଓ ରକ୍ତଦାନ ଶିବିର, ସ୍ଥାନ: ସିଏମ୍‌ସି ମେୟରଙ୍କ ଆବାସିକ କାର୍ଯ୍ୟାଳୟ, ବାରବାଟୀ ଦୁର୍ଗ ପରିସର, ସମୟ: ସକାଳ ୯ଟା ୩୦।
- ବାରବାଟି–କଟକ ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଆଲୋଚନାଚକ୍ର, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ଦୋଳମୁଣ୍ଡାଇ, ସମୟ: ସକାଳ ୯ଟା ୩୦।

## ପୁରୀ
- ବ୍ଲକସ୍ତରୀୟ ସୁଭଦ୍ରା ରାଲି, ସ୍ଥାନ: ପେଣ୍ଠପଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସାକ୍ଷୀଗୋପାଳ, ସମୟ: ସକାଳ ୮ଟା।
- ବିଜୁ ବାବୁଙ୍କ ଜୟନ୍ତୀ ଅବସରରେ ସିଂହଦ୍ୱାର ସମ୍ମୁଖରେ ଦୀପଦାନ, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ସମୟ: ସକାଳ ୮ଟା ୩୦।
- ବିଜୁ ବାବୁଙ୍କ ଉଦ୍ଦେଶ୍ୟରେ ଦୀପଦାନ, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ମେଡିକାଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜୁବାବୁଙ୍କ ଜୟନ୍ତୀ ଅବସରରେ ସାଧାରଣ ସଭା, ସ୍ଥାନ: ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା
- ଜଟଣୀ ନଗର ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ: ମା' ଉତ୍ତରାୟଣୀ ପ୍ରେକ୍ଷାଳୟ, ଜଟଣୀ, ସମୟ: ସକାଳ ୯ଟା।
- ବରିଷ୍ଠ ନାଗରିକ ସେବା ସଂଘ ଏବଂ ପ୍ରାଣନାଥ ଫାଉଣ୍ଡେଶନ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ: ସେବା ସଂଘ କାର୍ଯ୍ୟାଳୟ ପରିସର, ରାମଚନ୍ଦ୍ରପୁର ବଜାର, ଜଟଣୀ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜନ୍ମ ଦିବସ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଫାଣ୍ଡି ଛକ, ବାଲେଶ୍ୱର, ସମୟ: ସକାଳ ୯ଟା।
- ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଡିଆଇସି ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସାଧାରଣ ସଭା, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବାଲେଶ୍ୱର ଓକିଲ ସଂଘ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ପ୍ରଥମ ଦିବସ, ସ୍ଥାନ: ବାର ହଲ୍ ନଂ. ୧, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ନ ୪ଟା।

## ଭଦ୍ରକ
- ବିଜୁ ଜୟନ୍ତୀ ପାଳନ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀଙ୍କ ଜନଶୁଣାଣି, ସ୍ଥାନ: ଗୋବିନ୍ଦପୁର ସରସ୍ୱତୀ ବଙ୍ଗଳା, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁଭଦ୍ରା ସଚେତନତା ରାଲି, ସ୍ଥାନ: ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ବିଜୟା ଦଶମୀ ବୈଠକ, ସ୍ଥାନ: ମେଡିକାଲ ପଡ଼ିଆ, ଧାମନଗର, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜନ୍ମ ଜୟନ୍ତୀ, ସ୍ଥାନ: ଚମ୍ପୁଆ ପ୍ରେସ କ୍ଲବ୍, ସମୟ: ସକାଳ ୯ଟା।

## ମୟୂରଭଞ୍ଜ
- ବିଜେଡି ପକ୍ଷରୁ ବିଜୁବାବୁଙ୍କ ଜୟନ୍ତୀ ପାଳନ, ସ୍ଥାନ: ସ୍ନେହା ତୁଳସୀ କଲ୍ୟାଣ ମଣ୍ଡପ, ଉଦଳା,ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାମାଜିକ ସୁରକ୍ଷା ମନ୍ତ୍ରୀଙ୍କ ଦ୍ୱାରା ଅଗ୍ରଣୀ ପୁନର୍ବାସ କେନ୍ଦ୍ରର ଶୁଭ ଉଦ୍‌ଘାଟନ, ସ୍ଥାନ: ପୁନର୍ବାସ କେନ୍ଦ୍ର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି ପକ୍ଷରୁ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବିଜୁ ଜନତା ଦଳ ଭବନ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ବାବା କଖାରୁଆ ବୈଦ୍ୟନାଥ ମନ୍ଦିର, ମାଣତ୍ରୀ, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।

## ବ୍ରହ୍ମପୁର
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବ, ସ୍ଥାନ: ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ଗଞ୍ଜାମ
- ବ୍ରାହ୍ମଣଦେଇ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବରମୁଣ୍ଡଳୀ ଗ୍ରାମ,ସମୟ: ସକାଳ ୬ଟାରୁ ଆରମ୍ଭ।
- ଜିଲ୍ଲାସ୍ତରୀୟ ବିଜୁ ପଟ୍ଟନାୟକ ଜୟନ୍ତୀ, ସ୍ଥାନ: ଛତ୍ରପୁର ଲୋୟର ବସଷ୍ଟାଣ୍ଡ, ସମୟ : ସକାଳ ୮ଟା ୩୦।

## କନ୍ଧମାଳ
- ସୁଭଦ୍ରା ଯୋଜନା ସମ୍ପର୍କିତ ସଚେତନତା, ସ୍ଥାନ: ଦାରିଙ୍ଗବାଡି ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ: ୭ଟା ୩୦।

## ଢେଙ୍କାନାଳ
- ଓଁ ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଇଛାପୁର(ବୋଲୁଅ ସାହି), କାକୁଡିଭାଗ, ଢେଙ୍କାନାଳ, ସମୟ: ସକାଳ ୬ଟା।
- ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ: ଖମାରସାହି, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଜଗତ୍‌ସିଂହପୁର
- ବିଜୁ ଜୟନ୍ତୀ ଉପଲକ୍ଷେ ବିଜେଡିର ସାଧାରଣ ସଭା, ସ୍ଥାନ: ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ସ୍ଥଳ, ଅଠରବାଙ୍କୀ, ପାରାଦୀପ ସମୟ: ସକାଳ ୮ଟା।
- ଜାତୀୟ ସୁରକ୍ଷା ସପ୍ତାହ ଉପଲକ୍ଷେ ବନ୍ଦର ନିଷିଦ୍ଧାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ ବନ୍ଦର, ସମୟ: ପୂର୍ବହ୍ନ ୧୦ଟା।
- ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ସାଧାରଣ ସଭା, ସ୍ଥାନ: ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ଜଗତଗୁରୁ ଠାକୁର ଶ୍ରୀଅଭିରାମ ପରମହଂସ ଦେବଙ୍କ ରାଜ୍ୟସ୍ତରୀୟ ସନାତନ ଧର୍ମ ସମ୍ମିଳନୀ, ସ୍ଥାନ: ଗନ୍ଧଶିଖର, ଡେରା, ରାଜନଗର, ସମୟ: ସକାଳ ୯ଟା।
- ସମୃଦ୍ଧ ଓଡ଼ିଶା ଗଠନରେ ବିଜୁବାବୁଙ୍କ ଅବଦାନ ସମ୍ପର୍କରେ ଆଲୋଚନାଚକ୍ର, ସ୍ଥାନ: ଦଣ୍ଡାପଡିଆ, ମଙ୍ଗଳପୁର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ: ଅପରାହ୍ନ ୩ଟା।

## ନୟାଗଡ଼
- ମହିମା ଧର୍ମର ବ୍ରାହ୍ମ ମୁହୂର୍ତ୍ତରେ ପୂର୍ଣ୍ଣାହୁତି, ବାଲ୍ୟଲୀଳା ଓ ସାଧୁଭିକ୍ଷା, ସ୍ଥାନ:ଓଡ଼ଗାଁ ବ୍ଲକର ଭାଡିକିଲା, ସମୟ:ପ୍ରାତଃ ୫ଟା।
- ବିଜୁ ଜୟନ୍ତୀ, ସ୍ଥାନ: ନୟାଗଡ଼ ବିଜେଡି କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।

## ରାୟଗଡ଼ା
- ସୁଭଦ୍ରା ପଦଯାତ୍ରା, ସ୍ଥାନ: ପ୍ରତି ପଞ୍ଚାୟତ ସଦର ମହକୁମା, ରାୟଗଡା, ସମୟ: ସକାଳ ୭ଟା।
- ସୁଭଦ୍ରା ପଦଯାତ୍ରା, ସ୍ଥାନ: ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କୋଲନରା,ସମୟ:ସକାଳ ୭ଟା ୩୦।
- ବିଜୁ ଜୟନ୍ତୀ ପାଳନ ଓ ସ୍ମୃତିଚାରଣ କାର୍ଯ୍ୟକ୍ରମ, ସ୍ଥାନ: ବସ୍‌ଷ୍ଟାଣ୍ଡ, ରାୟଗଡା, ସମୟ: ସକାଳ ୯ଟା।
- ହାକୁଶ ପଙ୍ଗୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ହାକୁଶ ପଙ୍ଗୀ ଆଶ୍ରମ ବିଦ୍ୟାଳୟ ପରିସର, ଚନ୍ଦ୍ରପୁର, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର
- ହିନ୍ଦୁ ନବବର୍ଷ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଉମରକୋଟ, ସମୟ: ଅପରାହ୍ନ ୫ଟା।

## କୋରାପୁଟ
- ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ: ନାଲକୋ ଟାଉନଶିପ, ଦାମନଯୋଡି, ସମୟ: ସକାଳ ୯ଟା।
- ସୁଭଦ୍ରା ରଥ ଉଦ୍‌ଘାଟନ, ସ୍ଥାନ: ପଟ୍ଟାଙ୍ଗି ବ୍ଲକ୍‌ର ୧୪ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଜିଲା ବିଜୁ ଜନତା ଦଳ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ରେମେଡ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥଳ, ସମୟ: ସକାଳ ୮ଟା।
- ଚବିଶ ପ୍ରହର ନାମଯଜ୍ଞ ସକାଶେ ଅଧିବାସ, ସ୍ଥାନ : କେନଘାଟି ଶ୍ରୀରାମ ବାଟିକା, ସମୟ : ସକାଳ ୮ଟା।
- ଦିବ୍ୟଜ୍ୟୋତି ଜାଗୃତି ସଂସ୍ଥା ସମ୍ବଲପୁର ଶାଖା ଆୟୋଜିତ ଶ୍ରୀହରି କଥା, ସ୍ଥାନ: ହାଟପଡା ହନୁମାନ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।
- ଜିଲାପ୍ରଶାସନ ଆୟୋଜନରେ ସୁଭଦ୍ରା ଶକ୍ତି ମେଳା, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।
- ରାଷ୍ଟ୍ରୀୟ ନବବର୍ଷ ମହୋତ୍ସବ ପାଳନ ସମିତିର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ଲୋଇସିଂହା ବ୍ଲକ ବଞ୍ଜିପାଲି ଆମ୍ବେଡକର ମଣ୍ଡପ ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବଞ୍ଜିପାଲି, ସମୟ: ଅପରାହ୍ନ ୪ଟା।

## ରାଉରକେଲା
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଜୁ ଜୟନ୍ତୀ, ସ୍ଥାନ: ଉଦିତନଗର, ସମୟ: ସକାଳ ୭ଟା ୩୦।
- ହାଇଟେକ୍ ମେଡିକାଲ କଲେଜ ପକ୍ଷରୁ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ପରାମର୍ଶ ଶିବିର, ସ୍ଥାନ: ଝିରପାଣି ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଝିରପାଣି ଜଗନ୍ନାଥ ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼
- ଜାତୀୟ ହୁଇଲଚେୟାର କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଭବାନୀଭବନ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ବରଗଡ଼
- ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀଙ୍କ ବାଲିଯୋରୀ ହାଟ୍ ପରିଦର୍ଶନ,ସ୍ଥାନ: ବାଲିଯୋରୀ, ବେହେରା, ବରଗଡ଼, ସମୟ: ସକାଳ ୯ଟା ୧୦।
- ଆର.ଏମ୍.ସି କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ଆର୍.ଏମ୍.ସି ପରିସର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୪୫।

## କଳାହାଣ୍ଡି
- ଚଳିତ ବଜେଟ୍ ଉପରେ ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ପଟ୍ଟନାୟକ ଜୟନ୍ତୀ ଉପଲକ୍ଷେ ଆଲୋଚନାଚକ୍ର, ସ୍ଥାନ: ଜୁନାଗଡ଼ ରେଣ୍ଡୋ ମାଝୀ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ଷୋହଳତମ ଅଲ ଇଣ୍ଡିଆ ଡିଏସ୍ କପ୍ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ବୌଦ୍ଧ ଜିଲା ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼
- ବିଜୁ ଜୟନ୍ତୀ ପାଳନ ଅବସରରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ପ୍ରଧାନପାଟସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି, ସମୟ: ସକାଳ ୯ଟା।
- ଜିଲା ଠିକାଦାରଙ୍କ ପକ୍ଷରୁ ବିଭାଗୀୟ କାର୍ଯ୍ୟାଳୟରେ ତାଲାବନ୍ଦ ଆନ୍ଦୋଳନ ଓ ଧାରଣା ତୃତୀୟ ଦିବସ, ସ୍ଥାନ: ଆର୍‌ଏଣ୍ଡବି କାର୍ଯ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର
- ଛପନ ପ୍ରହର ନମଯଜ୍ଞର ତୃତୀୟ ଦିବସ, ସ୍ଥାନ: ଟିକିରାପଡା,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ରାମାୟଣ ପାରାୟଣର ତୃତୀୟ ଦିବସ ସ୍ଥାନ: ଟିକିରାପଡା, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।

## ନୂଆପଡ଼ା
- ୫୧କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଓ ସଂସ୍କାର ମହୋତ୍ସବ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ଖଡିଆଳ ବ୍ଲକ ତୁକଲା ଗାଁ, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା
- ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ: ବିଜୁ ପଟ୍ଟନାୟକ ଛକ, ବଡ଼ମାଲ, ସମୟ: ସକାଳ ୮ଟା।
- ବିଜୁବାବୁଙ୍କ ଜୟନ୍ତୀ, ସ୍ଥାନ: ଜିଲା ବିଜେଡି କାର୍ଯ୍ୟାଳୟ, ବେହେରାମାଲ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ସହକର୍ମୀଙ୍କ ବିରୁଦ୍ଧାଚରଣ ଯୋଗୁ ଯୋଜନା ଭଣ୍ଡୁର ହୋଇପାରେ। ଭୁଲ୍ ବୁଝାମଣା ଯୋଗୁ ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିବାରୁ ମନ ଉଦାସ ରହିବ। ଅଶ୍ୱିନୀ ନକ୍ଷତ୍ର ପରିବାରର ବରାଦ ଅନୁଯାୟୀ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କୌଶଳ ଖଟାଇ କାମଟିକୁ ସୁବିଧାରେ କରିପାରିବାରେ ସଫଳ ହେବେ।

**ବୃଷ**
ସ୍ଥଗିତ ରହିଯାଇଥିବା ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ବନ୍ଧୁଙ୍କ ସହାୟତାରେ ପୂର୍ଣ୍ଣାଙ୍ଗ କରିବେ। ସାମାଜିକ ସ୍ତରରେ ପ୍ରତ୍ୟେକ କାର୍ଯ୍ୟରେ ବିରୁଦ୍ଧତା ଓ ବିଫଳତା ଲାଗି ରହିବ। ଆକସ୍ମିକ ଆଗତ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ରୋହିଣୀ ନକ୍ଷତ୍ର କଳା, ସାହିତ୍ୟ, ସଙ୍ଗୀତ ସାଧନାରେ ମନୋନିବେଶ କରିବେ।

**ମିଥୁନ**
ଚେଷ୍ଟାକଲେ ମଧ୍ୟ କର୍ମଚାରୀଙ୍କ ଅସହଯୋଗ କାରଣରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆଶାନୁରୂପ ଫଳ ପାଇବେ। ମୃଗଶିରା ନକ୍ଷତ୍ର ରଚନାତ୍ମକ କାର୍ଯ୍ୟରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ସାମାଜିକ ସ୍ତରରେ ସେବା ଓ ପରୋପକାର ମନୋବୃତ୍ତିରୁ ପ୍ରଶଂସିତ ହେବେ।

**କର୍କଟ**
ଉପର ଅଧିକାରୀଙ୍କ ଅନୁକମ୍ପାରୁ ଆପଣଙ୍କର କାମକୁ ପସନ୍ଦ କରିବେ। ପାଖ ପଡ଼ୋଶୀ ସହଯୋଗର ହାତ ବଢ଼ାଇବେ ଏବଂ ଲୋକ ଚିହ୍ନିବାରେ ମଉକା ପାଇବେ। କର୍ମକ୍ଷେତ୍ରରେ ଗୁରୁ ଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ପୁଷ୍ୟା ନକ୍ଷତ୍ରର ସଚେତନତା ଅଭାବରୁ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ।

**ସିଂହ**
ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର କର୍ମ କ୍ଷେତ୍ରରେ କଠିନ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ। ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ବୃଦ୍ଧି ପାଉଥିବାରୁ ମନ ଉଦ୍‌ବେଗଯୁକ୍ତ ହୋଇପାରେ।

**କନ୍ୟା**
ପୂର୍ବ ନିର୍ଦ୍ଧାରିତ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ହସ୍ତା ନକ୍ଷତ୍ର ସନ୍ଦେହ କାରଣରୁ ପତ୍ନୀଙ୍କ ସହ ସାମୟିକ ମତାନ୍ତର ସୃଷ୍ଟି ହୋଇପାରେ। ଆତ୍ମପ୍ରଶଂସା ପ୍ରିୟତା କାରଣରୁ ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିବେ। ଆର୍ଥିକ ସ୍ଥିତି ପୂର୍ବପରି ରହିବା ହେତୁ ନୂଆ ନୂଆ ଯୋଜନାର ରୂପରେଖ ପ୍ରସ୍ତୁତ କରିବେ।

**ତୁଳା**
କାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ସ୍ୱାତୀ ନକ୍ଷତ୍ର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ, ମାତ୍ର ନିଜର ଅବହେଳାରୁ ଅନ୍ୟ ବାଟରେ ବ୍ୟୟ ହେବ। ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବାର ସାମୟିକ ଖୁସି ଅନୁଭବ କରିବେ।

**ବିଛା**
ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡ଼ିବ। ଯାତ୍ରା, ପ୍ରଶାସନ, ଆଇନ, କଳା ଓ ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଅନୁରାଧା ନକ୍ଷତ୍ରର ଆଜିର ପ୍ରତ୍ୟୁଷ ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବ କରିବ। ବହୁତ ଦିନରୁ ରହିଥିବା ବକେୟା ଟଙ୍କା ବନ୍ଧୁଙ୍କ ସହାୟତାରୁ ଆଜି ପାଇବେ।

**ଧନୁ**
ପୂର୍ବାଷାଢ଼ା ନକ୍ଷତ୍ର ଚିନ୍ତା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ। ଭୁଲ୍ ବଶତଃ ନିର୍ଦ୍ଦିଷ୍ଟ ସ୍ଥାନରେ ନ ରଖି ଅନ୍ୟସ୍ଥାନରେ ରଖିଥିବା ଜିନିଷଟି ଆଜି ହଠାତ୍ ପାଇଯିବେ। ବହୁତ ଦିନରୁ ସ୍ଥଗିତ ରହିଥିବା କାମକୁ ଆଜି ଦୃଢ଼ ପଦକ୍ଷେପ ନେଇ ସମ୍ପନ୍ନ କରିବେ। ପରିବାରରେ ଦାୟିତ୍ୱ କ୍ରମଶଃ ବୃଦ୍ଧି ପାଇବାରୁ ସାମୟିକ ଟେନ୍‌ସନ ବୃଦ୍ଧି ପାଇବ।

**ମକର**
ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବ। ପରିବାରରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବାର ସୂଚନା ରହିଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ନିଜଲୋକଙ୍କଠାରୁ ଆସ୍ଥାହରାଇ ବସିବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା ସାଙ୍ଗକୁ ଚାକିରକ୍ଷେତ୍ରରେ ପଦୋନ୍ନତି ଘଟିବ।

**କୁମ୍ଭ**
ବନ୍ଧୁଙ୍କ ସହାୟତାରେ ଯୋଜନା ମୁତାବକ ସବୁକାମ ଠିକ୍ ଠିକ୍ ହୋଇଯିବ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବାରୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇବ। ଶତଭିଷା ନକ୍ଷତ୍ରର କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ପରିବାରର ସହମତି ପ୍ରକାରେ ଇଚ୍ଛାମୁତାବକ କାମକରିବାରେ ସଫଳ ହେବେ।

**ମୀନ**
ବନ୍ଧୁଗହଣରେ ସଂଯମତା ରକ୍ଷା ନ କଲେ କର୍ମକ୍ଷେତ୍ରର ପରିସ୍ଥିତି ବିବାଦଗ୍ରସ୍ତ ହେବ। ଆଲୋଚନା ପରିସରରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରିବା ଠିକ୍ ହେବନାହିଁ। ସମସ୍ୟା ରହିଥିଲେ ମଧ୍ୟ ଆଜି ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ରେବତୀ ନକ୍ଷତ୍ର ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସଙ୍ଗକୁ ପୁରାତନ ରୋଗପୀଡ଼ାରୁ କଷ୍ଟ ପାଇବେ।

ଆଜି ମାର୍ଚ୍ଚ ୫ ତାରିଖ, ବିଜୁ ପଟ୍ଟନାୟକ ଜୟନ୍ତୀ, ଫାଲ୍‌ଗୁନ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ ବୁଧବାର। ରାଶିନକ୍ଷତ୍ର–କୃତ୍ତିକା/ମେଷ, ଦିବା ଘ.୦୮.୧୩ମି. ଗତେ, ବୃଷ ଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଏବଂ ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୦୬.୦୬ମି. ଗତେ ଘ.୦୭.୪୦ମି. ମଧ୍ୟେ, ଘ.୧୦.୩୦ମି. ଗତେ ଘ.୧୧.୩୪ମି. ମଧ୍ୟେ ଶୁଦ୍ଧ ବେଳା। ଦିବା ଘ.୧୧.୩୫ମି. ଗତେ ଘ.୦୧.୨୬ମି. ମଧ୍ୟେ ରାହୁ କାଳ।

**ପ୍ରଥମ ପୃଷ୍ଠାରୁ...**

## ଫାଇନାଲରେ ଭାରତ...

ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଅଷ୍ଟ୍ରେଲିଆ ଅଧିନାୟକ ଷ୍ଟିଭ୍ ସ୍ମିଥ। ମହମ୍ମଦ ଶାମି ପ୍ରଥମ ବଲ୍‌କୁ ୱାଇଡ୍ ପକାଇଥିବାବେଳେ ପରବର୍ତ୍ତୀ ବଲ୍‌ରେ ଜୀବନଦାନ ପାଇଥିଲେ ଟ୍ରାଭିସ ହେଡ୍। ଶାମି କଟ୍ ଆଣ୍ଡ ବୋଲ୍ଡ ସୁଯୋଗ ହାତଛଡ଼ା କରିଥିଲେ। ତେବେ ଶାମି ନିଜ ଦ୍ୱିତୀୟ ଓଭରର ଅନ୍ତିମ ବଲ୍‌ରେ କୁପର କୋନୋଲି(୦)ଙ୍କୁ ଆଉଟ କରି ଅଷ୍ଟ୍ରେଲିଆକୁ ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ। ତେବେ ହେଡ୍ ଓ ସ୍ମିଥ୍ ସତର୍କତାର ସହ ବ୍ୟାଟିଂ କରି ଇନିଂସକୁ ସମ୍ଭାଳି ନେଇଥିଲେ। ହେଡ୍ ସ୍ୱାଭାବିକଭାବେ ଆକ୍ରମଣାତ୍ମକ ବ୍ୟାଟିଂ କରିଥିବାବେଳେ ସ୍ମିଥ୍ ଜଗିରଖି ଖେଳିଥିଲେ। ତେବେ ଦ୍ୱିତୀୟ ଉଇକେଟରେ ୩୨ ବଲ୍‌ରୁ ୫୦ ରନର ଭାଗୀଦାରି ହେବାପରେ ହେଡ୍‌ଙ୍କୁ ଆଉଟ କରି ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ ସ୍ପିନର ବରୁଣ ଚକ୍ରବର୍ତ୍ତୀ। ୩୩ ବଲ୍‌ର ସମ୍ମୁଖୀନ ହୋଇଥିବା ହେଡ୍ ୫ ଚୌକା ଓ ୨ ଛକା ସହାୟତାରେ ୩୯ ରନ କରିଥିଲେ। ଧୀମା ବ୍ୟାଟିଂ କରିଥିଲେ ହେଁ ସ୍ମିଥ୍ ତୃତୀୟ ଉଇକେଟରେ ମାର୍ନସ ଲାବୁସେନଙ୍କ ସହ ୫୬, ୪ର୍ଥ ଉଇକେଟରେ ଜୋସ ଇଙ୍ଗଲିଶଙ୍କ ସହ ୩୪ ଓ ୫ମ ଉଇକେଟରେ ଆଲେକ୍ସ କାରେଙ୍କ ସହିତ ୫୪ ରନର ପାର୍ଟନରଶିପ୍ ଗଢ଼ି ଅଷ୍ଟ୍ରେଲିଆକୁ ଚ୍ୟାଲେଞ୍ଜିଂ ସ୍କୋର ଦିଗରେ ଅଗ୍ରସର କରାଇଥିଲେ। ଲାବୁସେନ ୨୯ ଓ ଇଙ୍ଗଲିସ ୧୧ ରନ କରିଥିଲେ। ସ୍ମିଥ ଓ କାରେ ବ୍ୟାଟିଂ କରୁଥିବାବେଳେ ଅଷ୍ଟ୍ରେଲିଆ ୩୦୦ରୁ ଊର୍ଦ୍ଧ୍ୱ ସ୍କୋର କରିବ ବୋଲି ଅନୁମାନ କରାଯାଉଥିଲା। ମାତ୍ର ୩୭ତମ ଓଭରରେ ଶାମିଙ୍କ ବଲ୍‌ରେ ସ୍ମିଥ୍ ବୋଲ୍ଡ ହୋଇଯିବାରୁ ମ୍ୟାଚର ମୋଡ଼ ବୁଲିଥିଲା। ୯୬ଟି ବଲ୍‌ର ସମ୍ମୁଖୀନ ହୋଇଥିବା ସ୍ମିଥ୍ ୪ ଚୌକା ଓ ୧ ଛକା ସହାୟତାରେ ୭୩ ରନ କରିଥିଲେ। ବିସ୍ଫୋରକ ବ୍ୟାଟର ଗ୍ଲେନ ମ୍ୟାକ୍ସୱେଲ ମାତ୍ର ୭ ରନ କରି ପ୍ୟାଭିଲିୟନ ଫେରିବାରୁ ଅଷ୍ଟ୍ରେଲିଆର ବଡ଼ ସ୍କୋର ଆଶା ମଉଳିଥିଲା। କାରେ ୪୭ ଓଭର ପର୍ଯ୍ୟନ୍ତ ଲଢ଼େଇ କରି ୬୧ (୫୭ ବଲ, ୮ ଚୌକା, ୧ ଛକା) ରନ କରିଥିଲେ ମଧ୍ୟ ଲୋୟର ଅର୍ଡର ବ୍ୟାଟରଙ୍କ ବିଫଳତା ଯୋଗୁ ଅଷ୍ଟ୍ରେଲିଆ ପୁରା ୫୦ ଓଭର ଖେଳି ନ ପାରି ୩ଟି ବଲ୍ ବାକିଥାଇ ୨୬୪ ରନରେ ଅଲଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ ମହମ୍ମଦ ଶାମି ୩ଟି, ବରୁଣ ଚକ୍ରବର୍ତ୍ତୀ ଓ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ୟୁକ୍ରେନ୍‌କୁ ସାମରିକ...

ପାଇଁ ଆଲୋଚନା ଅବସରରେ ଟ୍ରମ୍ପ–ଜେଲେନ୍‌ସ୍କି ବିବାଦ ପରେ ସହାୟତା ବନ୍ଦ କିଭଳି ବଡ଼ ଧକ୍କା ହୋଇଛି। ସହାୟତା ବନ୍ଦ କରିଦିଆଯିବା ବାସ୍ତବରେ ବହୁତ ଖରାପ କଥା। ଯାହା ଜଣାପଡ଼ୁଛି, ୟୁକ୍ରେନ୍‌କୁ ଆତ୍ମସମର୍ପଣ ପାଇଁ ବାଧ୍ୟ କରାଯାଉଛି ବୋଲି ୟୁକ୍ରେନ୍ ସଂସଦୀୟ ବହିର୍ବ୍ୟାପାର କମିଟି ଅଧ୍ୟକ୍ଷ କହିଛନ୍ତି। ରୁଷିଆ ସହ ଶାନ୍ତି ବୁଝାମଣା ପାଇଁ ଟ୍ରମ୍ପ ଜେଲେନ୍‌ସ୍କିଙ୍କ ଉପରେ ଚାପ ପକାଇଥିଲେ। ହଠାତ୍ ସହାୟତା ବନ୍ଦ ସମଗ୍ର ୟୁକ୍ରେନ୍ ଏବଂ ୟୁରୋପୀୟ ସହଯୋଗୀମାନଙ୍କୁ ଅଡୁଆରେ ପକାଇଛି। ରୁଷିଆ ଆକ୍ରମଣକୁ ପ୍ରତିହତ କରିବା ଲାଗି ୟୁକ୍ରେନ୍‌ର ସାମର୍ଥ୍ୟକୁ ନେଇ ସେମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଟ୍ରମ୍ପ ଶାନ୍ତିକୁ ଗୁରୁତ୍ୱ ଦେଉଥିବା କହିଆସୁଛନ୍ତି। ଆମ ସହଯୋଗୀମାନେ ଏହି ଲକ୍ଷ୍ୟ ପ୍ରତି ପ୍ରତିଶ୍ରୁତିବଦ୍ଧ ହେବା ଆମେ ଚାହୁଁ ବୋଲି ହ୍ୱାଇଟ୍ ହାଉସ୍‌ର ଜଣେ ଅଧିକାରୀ କହିଛନ୍ତି। ୟୁକ୍ରେନ୍‌କୁ ସହାୟତା ବନ୍ଦ ଲାଗି ଆମେରିକା ପ୍ରଶାସନର ନିଷ୍ପତ୍ତିକୁ ରୁଷିଆ ସ୍ୱାଗତ କରିଛି। ଶାନ୍ତି ଫେରାଇ ଆଣିବା ଦିଗରେ ଏହା ସବୁଠୁ ବଡ଼ ଅବଦାନ ହେବ ବୋଲି କ୍ରେମ୍‌ଲିନ କହିଛି। ତେବେ ଟ୍ରମ୍ପଙ୍କ ସବିଶେଷ ନିଷ୍ପତ୍ତି ସମ୍ପର୍କରେ ରୁଷିଆ ସ୍ପଷ୍ଟ ହେବା ଆବଶ୍ୟକ। ଏହା ସତ୍ୟ ଯେ, ବର୍ତ୍ତମାନ ସୁଦ୍ଧା ଆମେରିକା ୟୁକ୍ରେନ୍‌କୁ ମୁଖ୍ୟ ସାମରିକ ଯୋଗାଣକାରୀ ରହିଆସିଥିଲା। ଏହା ବନ୍ଦ ହୋଇଗଲେ ଶାନ୍ତି ପାଇଁ ସମ୍ଭବତଃ ସବୁଠୁ ବଡ଼ ଅବଦାନ ହେବ ବୋଲି କ୍ରେମ୍‌ଲିନ୍ ମୁଖପାତ୍ର ଡ଼ିମିଟ୍ରି ପେସ୍‌କୋଭ୍ କହିଛନ୍ତି।

## ମାଣିକପାଟଣା: ଓଡ଼ିଶା,...

ଜୋର୍ ଜବରଦସ୍ତ ଆନ୍ଧ୍ର ଅଙ୍ଗନଓ୍ୱାଡ଼ି କେନ୍ଦ୍ର ନିର୍ମାଣ କରି ପରିଚାଳନା କରୁଛି। ପୂର୍ବରୁ ଓଡ଼ିଶାରେ ଅନଧିକାର ପ୍ରବେଶକରି ପଡ଼ୋଶୀ ରାଜ୍ୟ ରାସ୍ତା, ସରକାରୀ କୋଠା ନିର୍ମାଣ ସହ କେତେକ ଯୋଜନା କାର୍ଯ୍ୟକାରୀ କରିବା ସହିତ ନିର୍ବାଚନ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସେଥିରେ ବିଫଳ ହୋଇଥିଲା। ପରେ ଓଡ଼ିଶାର ଗାଁ ମଧ୍ୟରେ ପରିଚାଳିତ ହେଉଥିବା ଅଙ୍ଗନଓ୍ୱାଡ଼ି କେନ୍ଦ୍ର ବନ୍ଦ କରିବା ଓ ଓଡ଼ିଶା ଅଧିକାରୀଙ୍କୁ ଗିରଫ କରିବା ପାଇଁ ଆନ୍ଧ୍ର ଧମକ ଦେଇଥିଲା। ସେହି ସ୍ଥାନରେ ରହିଥିବା ଓଡ଼ିଶା ସରକାରଙ୍କ ସମସ୍ତ କୋଠାକୁ କ୍ଷଣକେ ଧ୍ୱଂସ କରିଦେବାର ଧମକ ମଧ୍ୟ ଏକଦା ଦେଇଥିଲେ ଆନ୍ଧ୍ରର ପୂର୍ବ ମନ୍ତ୍ରୀ। ଏବେ ବି ସେଠି ଆନ୍ଧ୍ର ସରକାରଙ୍କ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ଚାଲିଛି। ମାଣିକପାଟଣା ଓ ଗୁଡୁଗୁଡ଼ି ଗ୍ରାମରେ ଆନ୍ଧ୍ର ଅନେକ ଉନ୍ନୟନମୂଳକ କାର୍ଯ୍ୟ ମଧ୍ୟ ଜାରି ରଖିଛି। ହେଲେ ଏବେ ଆଉ ଏକପାଦ ଆଗକୁ ଯାଇ ସରକାରୀ ସ୍ଥାୟୀ ଜମିପଟ୍ଟା ଯୋଗାଇଦେବାକୁ ଲୋକଙ୍କଠାରୁ ଆବେଦନ ଗ୍ରହଣ କରିବା ସହ ଆବାସ ଯୋଜନାରେ ସାମିଲ କରାଇବା ପାଇଁ ମସୁଧା କରୁଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ସରପଞ୍ଚ ହରିବନ୍ଧୁ କାର୍ଜି।

ଅଙ୍ଗନଓ୍ୱାଡ଼ିରେ ନିୟମିତ ଖାଦ୍ୟ, କ୍ଷୀର, ଅଣ୍ଡା ଦେଇ ଲୋକଙ୍କୁ ଆକୃଷ୍ଟକରି ରଖିଥିବା ସହ ଯୋଜନାବଦ୍ଧ ଭାବେ ଅଞ୍ଚଳକୁ ଅକ୍ତିଆର କରିବାକୁ ଉଦ୍ୟମ ଜାରି ରଖିଛି ଆନ୍ଧ୍ର। ସରପଞ୍ଚ କାର୍ଜି କହନ୍ତି, ଏଠାରେ ଉଭୟ ସରକାରଙ୍କ ଯୋଜନା କାର୍ଯ୍ୟକାରୀ ହେଉଛି ଏବଂ ଲୋକମାନେ ଉଭୟପଟୁ ଲାଭ ପାଉଛନ୍ତି। ପିଲାମାନେ ଆନ୍ଧ୍ର ଅଙ୍ଗନଓ୍ୱାଡ଼ିରେ ଓଡ଼ିଶା ତୁଳନାରେ ଉନ୍ନତମାନର ଖାଦ୍ୟ ଏବଂ ପ୍ରତିଦିନ ଅଣ୍ଡା ଆଉ କ୍ଷୀର ପାଉଛନ୍ତି। ହଷ୍ଟେଲ ଅଭାବରୁ କେତେଜଣ ଛାତ୍ର ଆନ୍ଧ୍ରରେ ରହି ପାଠ ପଢ଼ୁଛନ୍ତି ବୋଲି ସେ କହିଛନ୍ତି। ୧୪ ବର୍ଷ ହେଲା ଆନ୍ଧ୍ର ଏଠାରେ ଅଙ୍ଗନଓ୍ୱାଡ଼ି କେନ୍ଦ୍ରକରି ପିଲାଙ୍କୁ ପଢ଼ାଇବା ସହ ସବୁ ସୁବିଧା କରୁଛି। ତେଣୁ ଏଠାକାର ବାସିନ୍ଦା ଆନ୍ଧ୍ରମୁହାଁ ହେଉଛନ୍ତି ବୋଲି କାର୍ଜି କହିଛନ୍ତି। ଏବେ ରାଜ୍ୟ ଓ କେନ୍ଦ୍ରରେ ଭାଜପା ସରକାର ରହିଛି। ପଡ଼ୋଶୀ ଆନ୍ଧ୍ରରେ ମଧ୍ୟ ଭାଜପାର ମିଳିତ ସରକାର ଚାଲିଛି। ଏହି ବିବାଦର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମା'ବାପା, ଭଉଣୀଙ୍କୁ...

ହତ୍ୟାକାଣ୍ଡର ତଦନ୍ତ ଆରମ୍ଭ କରିଛି। ବର୍ଷିଙ୍କ ବଡ଼ଭାଇ ରମାକାନ୍ତ ସେଠୀଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ଥାନାରେ ଏକ ହତ୍ୟା ମାମଲା (ନଂ.୧୪୨/୨୫) ରୁଜୁ ହୋଇଛି। ସାଇଣ୍ଟିଫିକ୍ ଟିମ୍ ପକ୍ଷରୁ ଅନୁଧାନ ପରେ ପଞ୍ଚନାମା ଓ ଶବ ବ୍ୟବଚ୍ଛେଦ କରାଯାଇଛି।

ଚାଟରା ଧୋବା ସାହିର କେତେକ ଲୋକଙ୍କ କହିବା କଥା ହେଲା ବର୍ଷି ସ୍ଥାନୀୟ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩(କଳା) ଶିକ୍ଷାଲାଭ କରିଛନ୍ତି। ଅନେକ ସମୟରେ ସେ ମୋବାଇଲ ଗେମ୍ ଖେଳନ୍ତି। ଏପରି କି କେତେଜଣ ସାଙ୍ଗଙ୍କ ସହ ମିଶି ଭୂତ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଛାଡ଼ନ୍ତି। ସୋମବାର ବିଳମ୍ବିତ ରାତିରେ ମୋବାଇଲ ଗେମ୍ ଖେଳୁଥିବାବେଳେ ପରିବାର ଲୋକେ ବାରଣ କରିବା କାରଣରୁ ବର୍ଷି ମାନସିକ ଭାରସାମ୍ୟ ହରାଇ ଏଭଳି ଘଟାଇ ଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି। ପାଖାପାଖି ୬ ଦିନ ହେବ କାଳିଆଙ୍କ ମଝିଆ ପୁଅ ଉମାକାନ୍ତ କୌଣସି କାରଣରୁ ବର୍ଷିଙ୍କ ମୋବାଇଲ ନେଇଯିବା ସହ ଘରକୁ ଆସି ସାନଭାଇକୁ ବୁଝାଶୁଝା କରୁଥିଲେ। ଏହାସତ୍ତ୍ୱେ ବର୍ଷି ୬ ଦିନ ହେବ ରାତିରେ ଶୋଇପାରି ନ ଥିବା କୁହାଯାଉଛି। ତେବେ ଅଧିକ ତଦନ୍ତ ପରେ ସ୍ପଷ୍ଟ ଚିତ୍ର ପଦାକୁ ଆସିବ। ବଡ଼ଭାଇ ରମାକାନ୍ତଙ୍କ ଅଭିଯୋଗ ଅନୁଯାୟୀ ବର୍ଷି ମାନସିକ ବିକୃତ ଥିବାରୁ ସେ ମା', ବାପା ଓ ସାନ ଭଉଣୀଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ଅପରପକ୍ଷରେ ଧୋବା ସାହିର ମୃତ କାଳିଆଙ୍କ ସମ୍ପର୍କୀୟ ପୁତୁରା କହିଛନ୍ତି, ରାତିପ୍ରାୟ ୨ଟା ବେଳେ ବର୍ଷି ସେମାନଙ୍କ ଘର ପାଖରେ ପହଞ୍ଚି ବାପା, ବୋଉ ଓ ଭଉଣୀକୁ ମାରି ଦେଇଥିବା ନେଇ କହିଥିଲେ। ଏହି କଥାକୁ ସାହି ଲୋକେ ପ୍ରଥମେ ବିଶ୍ୱାସ କରିପାରି ନ ଥିଲେ। ପରେ ବର୍ଷିଙ୍କ ଘର ନିକଟକୁ ଯାଇ ବାରଣ୍ଡାରେ ରକ୍ତ ଏବଂ ଘରଭିତରେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଜଗତ୍‌ସିଂହପୁର ଥାନା ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରୁ ବର୍ଷିଙ୍କୁ ଧରିଥିଲା। ପରେ ଘଟଣାସ୍ଥଳରେ ଜଗତ୍‌ସିଂହପୁର ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା ପହଞ୍ଚି ହତ୍ୟାକାଣ୍ଡ ସମ୍ପର୍କରେ ଅନୁଧ୍ୟାନ କରିବା ସହ ବର୍ଷିଙ୍କ ମାନସିକ ସ୍ଥିତି ଭଲ ନ ଥିବା ଅନୁମାନ କରାଯାଉଥିବା କହିଥିଲେ। ସେ କହିଥିଲେ ଅଭିଯୁକ୍ତ ତାଙ୍କ ମା, ବାପା ଓ ଭଉଣୀଙ୍କ ମୁଣ୍ଡରେ ପଥର କିମ୍ବା କିଛି ଲୁହା ଆଦି ଓଜନିଆ ସାମଗ୍ରୀରେ ଛେଚି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡୁଛି। ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ। ଏସମ୍ପର୍କରେ ଜଗତ୍‌ସିଂହପୁର ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି, ରାତି ୩ରୁ ୩.୩୦ ମିନିଟ୍ ଭିତରେ ୧୧୨କୁ ଜୟବଢ଼ ଗ୍ରାମର ପ୍ରସନ୍ନ ସେଠୀ ନାମକ ବ୍ୟକ୍ତି ଫୋନ କରି ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଇଥିଲେ। ପୋଲିସ ସେଠାରେ ତତ୍କାଳ ପହଞ୍ଚିଥିଲା। ତା ପରେ ଅଭିଯୁକ୍ତଙ୍କୁ କୌଶଳକ୍ରମେ ଧରି ଅଟକ ରଖିଛି। ତେବେ ତଦନ୍ତ ସମୟରେ ରକ୍ତ ଜୁଡୁବୁଡୁ ମୃତଦେହ ଘର ଭିତରେ ଗୋଟିଏ ସ୍ଥାନରେ ପଡ଼ି ରହିଥିଲା। ମୃତକମାନଙ୍କ ମୁଣ୍ଡରେ ଗଭୀର କ୍ଷତ ଦେଖିବାକୁ ମିଳିଥିଲା। ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ବର୍ଷିଙ୍କୁ ଗିରଫ କରିଛୁ। ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି କହିଛନ୍ତି।

ସୂଚନାଯୋଗ୍ୟ ଯେ, ମୃତ କାଳିଆ ଜୟବଢ଼ ଛକରେ ଲଣ୍ଡ୍ରି କରି ପରିବାର ପ୍ରତିପୋଷଣ କରନ୍ତି। ତାଙ୍କ ବଡ ପୁଅ ରମାକାନ୍ତ କେନ୍ଦୁଝର ଜିଲା ବଡ଼ବିଲ୍ ଅଞ୍ଚଳରେ ପୋଲିସ ବିଭାଗରେ କାର୍ଯ୍ୟରତ ଓ ସେ ତାଙ୍କ ପରିବାର ସହ ସେଠାରେ ରହୁଛନ୍ତି। ମଝିଆ ପୁଅ ଉମାକାନ୍ତ ଖଣି ବିଭାଗରେ କାର୍ଯ୍ୟରତ ଓ ସେ ଜଗତ୍‌ସିଂହପୁର ଦୁର୍ଗା ବଜାର ଅଞ୍ଚଳରେ ସପରିବାରେ ରହୁଛନ୍ତି। ଘରେ କେବଳ ତାଙ୍କ ସ୍ତ୍ରୀ, ସାନପୁଅ ତଥା ଅଭିଯୁକ୍ତ ବର୍ଷି ଓ ସାନ ଝିଅ ରହୁଥିଲେ। ଝିଅ ସ୍ଥାନୀୟ ଏସ୍‌ଭିଏମ୍ କଲେଜରେ ଯୁକ୍ତ ୨ରେ ଶିକ୍ଷାଲାଭ କରୁଥିଲେ। ପ୍ରାୟ ୧ ମାସ ପରେ ରୋଜାଲିନଙ୍କ ବାହାଘର ହେବ ବୋଲି ସ୍ଥିର ହୋଇଥିବା ଆଲୋଚନା ହେଉଛି।

## ଆଜି ଖୋଲାରହିବ...

ସେହିପରି ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଘରୋଇ କଲେଜ ଖୋଲାରହିବ ବୋଲି ବିଭାଗୀୟ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଏନେଇ ଯୁଗ୍ମସଚିବଙ୍କ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର, ପିଜି କାଉନସିଲ୍ ଚେୟାରମ୍ୟାନ ଏବଂ ପ୍ରିନ୍ସିପାଲମାନଙ୍କୁ ଚିଠି କରାଯାଇଛି।

## ତାତି ବଢ଼ୁଛି...

୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପରିଲକ୍ଷିତ ହୋଇଛି। ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲାରେ ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ସେଲସିୟସ୍ ଅଧିକ ତାପମାତ୍ରା ରେକର୍ଡ ହୋଇଛି। ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନ ସମେତ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସ୍ୱାଭାବିକଠାରୁ ୨ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ଅଧିକ ତାପମାତ୍ରା ରହିଥିଲା। ତେବେ ଆସନ୍ତା ୪ରୁ ୫ ଦିନ ଏଭଳି ତାପମାତ୍ରା ଅନୁଭୂତ ହେବାକୁ ଥିବାରୁ ଖରା ଓ ଗରମ ରାଜ୍ୟବାସୀଙ୍କୁ କଲବଲ କରିବ। ସୂଚନାଥାଉକି, ମଙ୍ଗଳବାର ସକାଳୁ ଗଞ୍ଜାମ ଜିଲାରେ ଘନ କୁହୁଡ଼ି ଏବଂ ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖିବାକୁ ମିଳିଥିଲା।

## ବିଧାୟକଙ୍କ ପାନଛେପ...

ମିଶି ହଲ୍ ମଧ୍ୟରୁ ଉକ୍ତ ପାନ ମସଲା ଛେପକୁ ସଫା କରାଇଥିଲେ ବୋଲି ବାଚସ୍ପତି ମହାନା କହିଛନ୍ତି। ବିଧାନସଭାର ଜଣେ ସଦସ୍ୟଙ୍କର ଏପରି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ ଅତ୍ୟନ୍ତ ଗମ୍ଭୀର ସ୍ୱରରେ କହିଥିଲେ। ଗୃହରେ ଲାଗିଥିବା ସିସିଟିଭି ଫୁଟେଜରୁ ଛେପ ପକାଇଥିବା ବିଧାୟକଙ୍କର ପରିଚୟ ସ୍ପଷ୍ଟ ଭାବେ ମିଳିଛି। ତେବେ ସେ ପାନ ଛେପ ପକାଇଥିବା ବିଧାୟକଙ୍କୁ ସର୍ବ ସମ୍ମୁଖରେ ଅପମାନିତ କରିବାକୁ ଚାହୁଁନାହାନ୍ତି ବୋଲି ମହାନା କହିଛନ୍ତି। ଛେପ ପକାଇଥିବା ବିଧାୟକଙ୍କୁ ଚେତାବନୀ ଦେଇ ସେ କହିଛନ୍ତି, ଯେଉଁ ବିଧାୟକ ଏହି କାର୍ଯ୍ୟ କରିଛନ୍ତି ତାଙ୍କର ପରିଚୟ ମିଳିସାରିଛି। ସେ ସ୍ୱୟଂ ନିଜଆଡୁ ଆସି ତାଙ୍କ ନିକଟରେ ଭୁଲ୍ ସ୍ୱୀକାର କରନ୍ତୁ। ଅନ୍ୟଥା ଏହି ନିନ୍ଦନୀୟ କାର୍ଯ୍ୟ ପାଇଁ ତାଙ୍କୁ ସମନ କରାଯିବ। ଏହି ଅବସରରେ ବିଧାନସଭାର ଅନ୍ୟ ସଦସ୍ୟଙ୍କୁ ଅପିଲ କରି ମହାନା କହିଛନ୍ତି, ଉତ୍ତରପ୍ରଦେଶ ବିଧାନସଭା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କର ନୁହେଁ। ଏହା ୪୦୩ ବିଧାୟକ ଓ ଉତ୍ତରପ୍ରଦେଶର ୨୫ କୋଟି ଜନସାଧାରଣଙ୍କର ବିଧାନସଭା। ତେଣୁ ଗୃହର ଗରିମାକୁ ବଜାୟ ରଖିବା ସହ ଏହାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ହେଉଛି ସମସ୍ତ ବିଧାୟକଙ୍କର ଦାୟିତ୍ୱ। ଯଦି ବିଧାନସଭା ପରିସର ମଧ୍ୟରେ କୌଣସି ବିଧାୟକ ସେମାନଙ୍କ ସାଥୀ ବିଧାୟକଙ୍କୁ ପାନ ମସାଲା ଖାଇ ଛେପ ପକାଉଥିବାର ଦେଖୁଛନ୍ତି, ତେବେ ସେମାନେ ତୁରନ୍ତ ନିଜ ସାଥୀ ବିଧାୟକଙ୍କୁ ଏପରି ନିନ୍ଦନୀୟ କାର୍ଯ୍ୟରୁ ନିବୃତ୍ତ ରହିବାକୁ ତାଗିଦ କରନ୍ତୁ।

# ପ୍ରସ୍ତାବିତ ଜଳ ସମ୍ପଦ ପ୍ରକଳ୍ପର ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୪।୩(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନରେ ଜଳ ସମ୍ପଦ ବିଭାଗର ବିଭିନ୍ନ ଡ୍ୟାମ୍ ଓ ବୃହତ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଉପରେ ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ୫ଟି ବୃହତ୍ ଜଳସେଚନ ପ୍ରକଳ୍ପ କାମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସୁନ୍ଦରଗଡ଼ ଜିଲାରେ ଇବ୍ ଜଳସେଚନ ପ୍ରକଳ୍ପ, ବରଗଡ଼ ଜିଲାରେ ଅଙ୍ଗ ଜଳସେଚନ ପ୍ରକଳ୍ପ, କେନ୍ଦୁଝରେ ଜିଲାରେ ଭୀମକୁଣ୍ଡ ବ୍ୟାରେଜ ପ୍ରକଳ୍ପ, ଝାରପଡ଼ା ଜଳସେଚନ ପ୍ରକଳ୍ପ ଓ କାନୁପୁର ଜଳସେଚନ ପ୍ରକଳ୍ପର ବର୍ତ୍ତମାନର ସ୍ଥିତି ଏବଂ ଆଗାମୀ ଦିନରେ ଏହି ପ୍ରକଳ୍ପଗୁଡ଼ିକ କିପରି ତ୍ୱରାନ୍ୱିତ ହେବ ସେ ବିଷୟରେ ଆଲୋଚନା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଜଳସେଚନ ପ୍ରକଳ୍ପ ଦୀର୍ଘଦିନ ଧରି ପ୍ରସ୍ତାବିତ ହେବା ସତ୍ତ୍ୱେ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ତେଣୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ



ଲୋକସେବା ଭବନରେ ମଙ୍ଗଳବାର ଜଳ ସମ୍ପଦ ବିଭାଗ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

- **୫ ବୃହତ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ**
- **୨,୧୫,୧୯୨ ହେକ୍ଟର ଜମିରେ ଜଳସେଚନ ସୁବିଧା**

ଦେଇଛନ୍ତି। ଏହି ସମସ୍ତ ଅଞ୍ଚଳରେ ଚାଷୀମାନଙ୍କ ଜଳସେଚନ ସମସ୍ୟା ଦୂର କରିବା ପାଇଁ ବ୍ୟାରେଜ ଏବଂ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ କାର୍ଯ୍ୟକାରୀ ହେବା ଆବଶ୍ୟକ। ଉଭୟ ଖରିଫ୍ ଏବଂ ରବିଋତୁରେ ଏହି ପ୍ରକଳ୍ପ ମାଧ୍ୟମରେ ଚାଷୀ ଭଉଣୀଭାଇମାନେ ଉପକୃତ ହେବା ଦରକାର। ଏଥିସହ ଉକ୍ତ ଅଞ୍ଚଳରେ ଏହି ପ୍ରକଳ୍ପ ମାଧ୍ୟମରେ ପାନୀୟ ଜଳ ଯୋଗାଣକୁ ମଧ୍ୟ ବ୍ୟବସ୍ଥିତ କରାଯାଇପାରିବ ବୋଲି ସେ କହିଛନ୍ତି। ବୈଠକର ଆଲୋଚନାରୁ ଜଣାଯାଇଛି, ଇବ୍ ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରାୟ ୧,୦୬,୨୭୯ ହେକ୍ଟର ଜମି ଜଳସେଚିତ ହୋଇପାରିବ। ସେହିପରି ଅଙ୍ଗ ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରାୟ ୩୦,୦୦୦ ହେକ୍ଟର, ଭୀମକୁଣ୍ଡ ବ୍ୟାରେଜ ପ୍ରକଳ୍ପ ଦ୍ୱାରା ୩୧,୮୩୫ ହେକ୍ଟର, କେନ୍ଦୁଝରର ଝାରପଡ଼ା ଜଳସେଚନ ପ୍ରକଳ୍ପ ଦ୍ୱାରା ୧୭,୫୦୦ ହେକ୍ଟର ଓ କାନୁପୁର ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରାୟ ୨୯,୫୭୮ ହେକ୍ଟର ଚାଷଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆଯାଇପାରିବ। ଏହି ୫ଟି ପ୍ରକଳ୍ପ ଦ୍ୱାରା ସମୁଦାୟ ୨,୧୫, ୧୯୨ ହେକ୍ଟର ଜମିରେ ଜଳସେଚନ ସୁବିଧା ମିଳିପାରିବ। ଏଥିପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ତୁରନ୍ତ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନିର୍ମାଣାଧୀନ ମେଡିକାଲର ରଙ୍ଗ ପରିବର୍ତ୍ତନ ନିର୍ଦ୍ଦେଶ

## ଏସ୍‌ସିବି ଓ କ୍ୟାପିଟାଲ ହସ୍ପିଟାଲର ପରିବର୍ଦ୍ଧିତ କାର୍ଯ୍ୟ ତୁରନ୍ତ ଶେଷକର: ମନ୍ତ୍ରୀ ହରିଚନ୍ଦନ

ଭୁବନେଶ୍ୱର, ୪।୩(ସୁନିତ୍ ମିଶ୍ର)

ପୂର୍ତ୍ତ ବିଭାଗ ଅଧୀନରେ ଥିବା ୧୦୦ କୋଟିରୁ ଅଧିକ ଟଙ୍କାର ରାସ୍ତାଘାଟ, ସେତୁ ତଥା କୋଠାବାଡ଼ି ଆଦି ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର, ଯାଜପୁର, ଜୟପୁର ବାଇପାସ୍ ରାସ୍ତା ସମେତ ବିଭିନ୍ନ ପ୍ରମୁଖ ରାସ୍ତା, କୋରାପୁଟ ହସ୍ପିଟାଲ, ଜୟପୁର ହସ୍ପିଟାଲ, ଯାଜପୁର ହସ୍ପିଟାଲ ଏବଂ କ୍ୟାପିଟାଲ ହସ୍ପିଟାଲର ଭିତ୍ତିଭୂମି ଉନ୍ନତୀକରଣ କାର୍ଯ୍ୟ ସମେତ ବିଭିନ୍ନ କୋଠାବାଡ଼ି ପ୍ରକଳ୍ପର ଅଗ୍ରଗତି ନେଇ ବୈଠକରେ ଆଲୋଚନା ହୋଇଛି। ନିର୍ମାଣାଧୀନ ମେଡିକାଲ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ କୁହାଯାଇଛି। ବିଶେଷଭାବେ ଏସ୍‌ସିବି, କ୍ୟାପିଟାଲ ହସ୍ପିଟାଲର ପରିବର୍ଦ୍ଧିତ କାମ ଶେଷ କରିବା ସହ ନିର୍ମାଣାଧୀନ ମେଡିକାଲର ରଙ୍ଗ ବଦଳାଇବାକୁ ମଧ୍ୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ସରକାର ରାଜ୍ୟବାସୀଙ୍କୁ ଉନ୍ନତ ଭିତ୍ତିଭୂମି ଯୋଗାଇଦେବା ପାଇଁ ପ୍ରତିଶ୍ରୁତିବଦ୍ଧ। ତେଣୁ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ କିମ୍ବା ଗୁଣବତ୍ତା ନେଇ ସାଲିସ କରାଯିବ ନାହିଁ। ଏଥିପାଇଁ ବିଭାଗୀୟ ଅଧିକାରୀ, ମୁଖ୍ୟଯନ୍ତ୍ରୀ, ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ନିୟମିତ କାର୍ଯ୍ୟର ତଦାରଖକରିବା ସହ ପ୍ରତି ମାସରେ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିବେ ବୋଲି ସେ କହିଛନ୍ତି। ଠିକା ସଂସ୍ଥାଗୁଡ଼ିକର ସମସ୍ୟାର ସମାଧାନ ସହ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀ ଉଦ୍ୟମ ଜାରି ରଖିବେ। ସେହିଭଳି କାର୍ଯ୍ୟଭାର ନେଇଥିବା ଏଜେନ୍ସି ଅବା ଠିକାସଂସ୍ଥା ନିଜର ମାନବ ସମ୍ବଳ ଓ ଜ୍ଞାନକୌଶଳକୁ ଉପଯୋଗକରି ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବେ। ତେବେ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ କିମ୍ବା ଗୁଣବତ୍ତା ନେଇ କୌଣସି ସଂସ୍ଥା ବିରୋଧରେ ଅଭିଯୋଗ ଆସିଲେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେବେ ବି ପଛଘୁଞ୍ଚା ଦେବେ ନାହିଁ ବୋଲି ମନ୍ତ୍ରୀ ହରିଚନ୍ଦନ ପ୍ରକାଶ କରିଛନ୍ତି। ସେହିଭଳି ଆଗାମୀ ଦିନରେ ପ୍ରକଳ୍ପ କାର୍ଯ୍ୟାଦେଶ ପ୍ରଦାନ ସମୟରେ ପୂର୍ବ ପ୍ରଦର୍ଶନକୁ ଗୁରୁତ୍ୱ ଦିଆଯିବ। ଜଗତ୍‌ସିଂହପୁର, ଯାଜପୁର, ଜୟପୁର ବାଇପାସ୍ ରାସ୍ତା ସମେତ ବିଭିନ୍ନ ପ୍ରମୁଖ ରାସ୍ତା, କୋରାପୁଟ ହସ୍ପିଟାଲ, ଜୟପୁର ହସ୍ପିଟାଲ, ଯାଜପୁର ହସ୍ପିଟାଲ ଏବଂ କ୍ୟାପିଟାଲ ହସ୍ପିଟାଲର ଭିତ୍ତିଭୂମି ଉନ୍ନତୀକରଣ କାର୍ଯ୍ୟ ସମେତ ବିଭିନ୍ନ କୋଠାବାଡ଼ି ପ୍ରକଳ୍ପର ଅଗ୍ରଗତି ନେଇ ବୈଠକରେ ଆଲୋଚନା ହୋଇଛି। ରାଜ୍ୟରେ ବିଭିନ୍ନ ନଦୀ ଉପରେ ଥିବା ହାଇଲେଭଲ ସେତୁର ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ମଧ୍ୟ ବିଭାଗୀୟ ଅଧିକାରୀ, ଇଞ୍ଜିନିୟର ଓ ଠିକା ସଂସ୍ଥାଙ୍କଠାରୁ ମନ୍ତ୍ରୀ ପଚାରି ବୁଝିଛନ୍ତି।

DADLS-102



ମହାନ ଜନନାୟକ
ବିଜୁ ପଟ୍ଟନାୟକଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୦୫ ମାର୍ଚ୍ଚ, ୨୦୨୫
ଜୟଦେବ ଭବନ, ଭୁବନେଶ୍ୱର

ସନ୍ଧ୍ୟା ୬ ଘଟିକା
ବିଜୁବାବୁଙ୍କ ଜୀବନୀ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ

ସନ୍ଧ୍ୟା ୭.୦୦ ଘଟିକା — ସାଧାରଣ ସଭା

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ, ଓଡ଼ିଶା
ବିଶିଷ୍ଟ ଅତିଥି – ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ବିରୋଧି ଦଳ ନେତା
ସମ୍ମାନନୀୟ ଅତିଥି – ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ
– ଶ୍ରୀମତୀ ପ୍ରଭାତୀ ପରିଡ଼ା, ଉପ ମୁଖ୍ୟମନ୍ତ୍ରୀ
– ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ସାଂସଦ, ଭୁବନେଶ୍ୱର
– ଶ୍ରୀଯୁକ୍ତ ବାବୁ ସିଂ, ବିଧାୟକ, ଏକାମ୍ର-ଭୁବନେଶ୍ୱର
– ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ବିଧାୟକ, ଭୁବନେଶ୍ୱର (ମଧ୍ୟ)
– ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ବିଧାୟକ, ଭୁବନେଶ୍ୱର (ଉତ୍ତର)
– ଶ୍ରୀମତୀ ସୁଲୋଚନା ଦାସ, ମେୟର, ଭୁବନେଶ୍ୱର ମହାନଗର ନିଗମ
ମୁଖ୍ୟବକ୍ତା – ଶ୍ରୀଯୁକ୍ତ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପୂର୍ବତନ ମନ୍ତ୍ରୀ

ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ

ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/13/0439/2425

# ବାଣ ପ୍ରସ୍ତୁତି ବେଳେ ବିସ୍ଫୋରଣ, ଦମ୍ପତି ଗୁରୁତର

ବେଗୁନିଆ,୪।୩
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଦେଉଳି ଗ୍ରାମରେ ମଙ୍ଗଳବାର ବାଣ ପ୍ରସ୍ତୁତି ବେଳେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ବାଣ ବେପାରୀ ଅଶୋକ ମଲ୍ଲିକ ଏବଂ ତାଙ୍କ ସ୍ତ୍ରୀ ସୁକାନ୍ତି ଗୁରୁତର ଆହତ ହୋଇଛନ୍ତି। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ଅଶୋକଙ୍କ ଦୁଇ ବଖରା ଘରର ଆଜ୍‌ବେଷ୍ଟସ ଉଡ଼ିଯାଇଛି। ଗ୍ରାମରେ ଭୟର ବାତାବରଣ ଖେଳିଯାଇଥିଲା। ଖବରପାଇ ବେଗୁନିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଅଶୋକ ୨୦୨୨ ମସିହାରେ ବେଆଇନ ବାଣ କାରବାରରେ ଗିରଫ ହୋଇ ଜେଲ ଯାଇଥିଲେ। ହେଲେ ଜେଲରୁ ଫେରି ପୁଣି କିପରି ବାଣ ପ୍ରସ୍ତୁତି କରିଥିଲେ ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ମୁତାବକ, ମଙ୍ଗଳବାର ପୂର୍ବାହ୍ନରେ ଦେଉଳି ଗ୍ରାମରେ ହଠାତ୍ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ସ୍ଥାନୀୟ ଲୋକେ ଦେଖିବା ବେଳକୁ ଅଶୋକଙ୍କ ଘରେ ଚିତ୍କାର ଶୁଭୁଥିଲା। ବିସ୍ଫୋରଣ ଯୋଗୁ ଅଶୋକ ଏବଂ ତାଙ୍କ ସ୍ତ୍ରୀ ସୁକାନ୍ତି ଆହତ ହୋଇଥିଲେ। ଏହା ପରେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସରେ ବେଗୁନିଆ ମେଡିକାଲ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ସେଠାରୁ ଖୋର୍ଦ୍ଧା ଏବଂ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ବାଣ ପ୍ରସ୍ତୁତି ବେଳେ ବିସ୍ଫୋରଣ ଯୋଗୁ ଏହି ଅଘଟଣ ଘଟିଛି ବୋଲି ପୋଲିସ ଜାଣିବାକୁ ପାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୬୯/୨୫) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସୂଚନାଥାଉ କି, ୨୦୨୨ ମସିହାରେ ଅଶୋକ ବେଆଇନ ବାଣ କାରବାରରେ ଗିରଫ ହୋଇ ଜେଲ ଯାଇଥିଲେ। ସେହିପରି ଗତ ଅକ୍ଟୋବର ୨୭ରେ ଅଶୋକଙ୍କ ପରିବାର ଲୋକଙ୍କ ନାମରେ ବେଆଇନ ବାଣ ପ୍ରସ୍ତୁତି ଅଭିଯୋଗ ରହିଥିଲା। ଏ ସମ୍ପର୍କରେ ପୋଲିସ ଉକ୍ତ ସମୟରେ ଏକ ମାମଲା (ନଂ.୩୦୨/୨୪) ରୁଜୁକରି ଅଶୋକଙ୍କ ଭାଇ କବିଚନ୍ଦ୍ର ମଲ୍ଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଦୀର୍ଘବର୍ଷ ହେବ ଏହି ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ବେଆଇନ ବାଣ ପ୍ରସ୍ତୁତ କରାଯାଉଥିବା ନଜିର ରହିଛି। ତେବେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବାରୁ ଅଘଟଣ ଘଟୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।



ବାଣ ବିସ୍ଫୋରଣରେ ଆଜ୍‌ବେଷ୍ଟସ ଭାଙ୍ଗିରୁଜି ତଳେ ପଡ଼ିଛି।

- **ଉଡ଼ିଗଲା ଘର ଆଜ୍‌ବେଷ୍ଟସ**
- **ଜେଲରୁ ଫେରି ପୁଣି ବେପାର ଚଳାଇଥିଲେ**

# ଆଜି ୫ ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ

ପୁରୀ,୪।୩(ଅଜିତ୍ କୁମାର ମହାନ୍ତି)

ଫାଲ୍‌ଗୁନ ଶୁକ୍ଳପକ୍ଷ ଷଷ୍ଠୀତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ଅନୁଷ୍ଠିତ ହେବ। ଶ୍ରୀବିଗ୍ରହମାନଙ୍କ ବିଭିନ୍ନ ଗୁପ୍ତନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ଦତ୍ତ ମହାପାତ୍ର ସେବକମାନେ ବନକ ଲାଗି ନୀତି ସମ୍ପାଦନ କରିଥାନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଏହି ନୀତି ଅନୁଷ୍ଠିତ ହୁଏ। ଦତ୍ତ ମହାପାତ୍ର ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରମାନଙ୍କ ଶ୍ରୀମୁଖ ଶୃଙ୍ଗାର କରିଥାନ୍ତି। ଏହା ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥାଏ। ଦତ୍ତମହାପାତ୍ର ସେବକମାନେ ନୀତି ଶେଷକରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯିବା ପରେ ଅନ୍ୟାନ୍ୟ ନୀତି ବଢ଼ିବା ସହ ଦର୍ଶନ ପୁନର୍ବାର ଆରମ୍ଭ ହେବ। ବୁଧବାର ଅପରାହ୍ନ ୫ଟାଠାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ନୀତି ଅନୁଷ୍ଠିତ ହେବାକୁଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ବନକ ଲାଗି ନୀତି ନିମନ୍ତେ ୫ ଓ ୬ ତାରିଖ ଦୁଇଦିନ ପାଇଁ ରତ୍ନଭଣ୍ଡାର ସଂରକ୍ଷଣ ଓ ମରାମତି କାର୍ଯ୍ୟ ବନ୍ଦ ରହିବ।

**ବନକଲାଗି ନୀତି ହେବ**

# ଜବାବ ରଖିଲା ସିବିଆଇ, ସମୟ ନେଲେ ବିଷ୍ଣୁପଦ

କଟକ,୪।୩(କାର୍ତ୍ତିକ ସାହୁ)

ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍ ଲାଞ୍ଚ ଘଟଣାରେ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ ମାମଲାରେ ହାଇକୋର୍ଟ ଦେଇଥିବା ଅନ୍ତରୀଣ ସୁରକ୍ଷାକୁ ବଳବତ୍ତର ରଖିଛନ୍ତି। ପୂର୍ବ ଶୁଣାଣିର ଆଦେଶ ମୁତାବକ ସିବିଆଇ ପକ୍ଷରୁ ହାଇକୋର୍ଟରେ ଜବାବ ଦାଖଲ ହୋଇଛି। ଅନ୍ୟପକ୍ଷରେ ବିଷ୍ଣୁପଦ ତାଙ୍କ ପକ୍ଷ ରଖିବା ପାଇଁ ଅଦାଲତରୁ ସମୟ ନେଇଛନ୍ତି। ହାଇକୋର୍ଟ ବିଚାରପତି ଏସ୍. କେ. ପାଣିଗ୍ରାହୀ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବିଷ୍ଣୁପଦଙ୍କ ବିରୋଧରେ ସିବିଆଇ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ ବୋଲି ଦେଇଥିବା ଅନ୍ତରୀଣ ରହିତାଦେଶର ସମୟସୀମା ବୃଦ୍ଧି କରିଛନ୍ତି। ଆସନ୍ତା ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନା ଅନୁଯାୟୀ, ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର ଚଞ୍ଚଲ ମୁଖାର୍ଜୀ, କଣ୍ଟ୍ରାକ୍ଟର ସନ୍ତୋଷ ମହାରଣା ଏବଂ ଅନ୍ୟମାନଙ୍କ ନାମରେ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ହୋଇଥିବା ନେଇ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଉକ୍ତ ମାମଲାର ଏତଲାରେ ବିଷ୍ଣୁପଦଙ୍କ ନାମ ନ ଥିଲେ ମଧ୍ୟ ସିବିଆଇ ପକ୍ଷରୁ କିଛିଦିନ ପୂର୍ବେ ତାଙ୍କ ଘରେ ଚଢ଼ଉ କରାଯାଇ ରେକର୍ଡପତ୍ର ଯାଞ୍ଚ କରାଯାଇଥିଲା। ସିବିଆଇର ଏପରି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଷ୍ଣୁପଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ ମାମଲା**

- **ଅନ୍ତରୀଣ ସୁରକ୍ଷା ବଳବତ୍ତର**



ବିଷ୍ଣୁପଦ ସେଠୀ

# ସରକାରୀ ଛୁଟି ତାଲିକାରୁ ହଟିଲା ପଞ୍ଚାୟତିରାଜ ଦିବସ

ଭୁବନେଶ୍ୱର, ୪।୩ (ବନ୍ଦନା ସେଠୀ)

ସରକାରୀ ଛୁଟି ତାଲିକାରୁ ପଞ୍ଚାୟତିରାଜ ଦିବସ ପ୍ରତ୍ୟାହାର କରାଯାଇଛି। ଏନେଇ ମଙ୍ଗଳବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପଞ୍ଚାୟତିରାଜ ଦିବସ ପାଳନ ନେଇ ଜାତୀୟ ଓ ରାଜ୍ୟସ୍ତରରେ ଅସଂହତି ଦୂର କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଜ୍ଞପ୍ତି ସଂଖ୍ୟା ୩୯୦୫୭, ୩୯୦୭୭, ୨୦୨୪ ନଭେମ୍ବର ୧୨ର ସଂଲଗ୍ନ କ-ର କ୍ର. ସଂଖ୍ୟା-୪ରେ ପ୍ରକାଶିତ ପଞ୍ଚାୟତିରାଜ ଦିବସକୁ ଉକ୍ତ ଛୁଟି ତାଲିକାରୁ ପ୍ରତ୍ୟାହାର କରାଯାଇଥିବା ସୂଚନା ଦିଆଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
ଭୁବନେଶ୍ୱର IRC Village (ନୟାପଲ୍ଲୀ) ସ୍ଥିତ ଶିକ୍ଷାନୁଷ୍ଠାନ ନିମନ୍ତେ PRO, Front Office Clerk, DEO, ଡ୍ରାଇଭର (Bus/Car), ହାଉସ କିପିଂ Staff ଆବଶ୍ୟକ। ରହିବା ବ୍ୟବସ୍ଥା ଅଛି।
Plot No.1480, IRC Village
Contact:9040009727,8456845313

ବିବାହ ମଣ୍ଡପ ରେ କାମ କରିବା ପାଇଁ କର୍ମଚାରୀ ଆବଶ୍ୟକ। ରହିବା ଖାଇବା ମାଗଣା। ବେତନ-6000/-
9861061013,
9114299462.

WALK IN INTERVIEW : 09.03.2025
Campus Supervisor : Qualification : +2, Desirable Experience: 01 year in any Housing Society, Salary : Rs. 25,000/pm
Free accommodation for self
Life Guard for Swimming Pool : Desirable Qualification: Certificate from Competant Authority, Salary: Rs. 15,000/pm,
Note : Salary is negotiable
Please forward your Resume: jvtbbsr@gmail.com / 7656016371
Society: Jalvayu Tower, Niladri Vihar, Bhubaneswar-751021

एफएसएसएआई fssai
भारतीय खाद्य सुरक्षा एवं मानक प्राधिकरण
Food Safety and Standards Authority of India
स्वास्थ्य एवं परिवार कल्याण मंत्रालय
MINISTRY OF HEALTH AND FAMILY WELFARE

ଖାଦ୍ୟପଦାର୍ଥ ବିକୁଥିବା ଫେରିବାଲାଙ୍କ ପାଇଁ
ଶୁଭ ଖବର!
ଏଫ୍‌ଏସ୍‌ଏସ୍‌ଏଆଇ ପଞ୍ଜୀକରଣ ଦେୟ ସମ୍ପୂର୍ଣ୍ଣ ଛାଡ଼ କରିଦିଆଯାଇଛି
୨୮ ସେପ୍ଟେମ୍ବର ୨୦୨୪ଠାରୁ ପ୍ରଭାବୀ
କେଉଁମାନେ ଯୋଗ୍ୟ
ସାଧାରଣତଃ ଚାଲି ଚାଲି କିମ୍ବା ଠେଲାଗାଡ଼ିରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବୁଲି ବୁଲି ପ୍ୟାକେଜ୍‌ଡ କିମ୍ବା ସଦ୍ୟ ପ୍ରସ୍ତୁତ ଖାଦ୍ୟସାମଗ୍ରୀ ବିକୁଥିବା ଯେକୌଣସି ଫେରିବାଲା।
ପ୍ରମୁଖ ଲାଭ:
• ନୂଆ ଆବେଦନ କିମ୍ବା ନବୀକରଣ ପାଇଁ କୌଣସି ପଞ୍ଜୀକରଣ ଦେୟ ନାହିଁ।
• ଉପରୋକ୍ତ ପଞ୍ଜୀକରଣ ୫ ବର୍ଷ ପାଇଁ ବୈଧ ରହିବ।
କେମିତି ଆବେଦନ କରିବେ
■ ଏଫ୍‌ଓଏସ୍‌ସିଓଏସ୍ ପୋର୍ଟାଲ ପରିଦର୍ଶନ କରନ୍ତୁ [https://foscos.fssai.gov.in]
■ ଫେରିବାଲା (ହକର୍) ବର୍ଗ ଅଧୀନରେ ଅନ୍‌ଲାଇନ ଆବେଦନ କରନ୍ତୁ (ୟୁଜର ମାନୁଆଲ: https://foscos.fssai.gov.in/user-manual)



ଅଧିକ ସୂଚନା ପାଇଁ:
ତା୩୦।୦୯।୨୦୨୪ରିଖର ଏଫ୍‌ଏସ୍‌ଏସ୍‌ଏଆଇ ଆଦେଶ ଦେଖନ୍ତୁ
ସହାୟତା ନମ୍ବରରେ ଯୋଗାଯୋଗ କରନ୍ତୁ:
୧୮୦୦୧୧୨୧୦୦, helpdesk-foscos@fssai.gov.in
ଆଉ ଅପେକ୍ଷା କରନ୍ତୁ ନାହିଁ
ଆଜି ହିଁ ବିନା ଦେୟରେ ଏଫ୍‌ଏସ୍‌ଏସ୍‌ଏଆଇ ନିକଟରେ ପଞ୍ଜୀକରଣ କରନ୍ତୁ
fssaiindia fssai fssai_safefood fssaiindia fssai_india
CBC 17163/11/0014/2425

ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହଁ– ତା'ହେଲେ ଏହାକୁ ନିଜ ଭିତରେ କୋଉଠି ନା କୋଉଠି ନିଷ୍ଠାର ଅଭାବ ଥିବାର ସଂକେତ ବୋଲି ଜାଣିବ।...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷା କବଚ ଅଟେ। –ଶ୍ରୀମା

# ମାଦକ ଦ୍ରବ୍ୟ ବ୍ୟବସାୟ

ଏହା ସାଧାରଣରେ ଜଣା ଯେ ଗୁଜରାଟ ଏକ ଡ୍ରାଏ ରାଜ୍ୟ ଅର୍ଥାତ୍ ସେଠାରେ ସରକାରୀସ୍ତରରେ ମଦ ବିକ୍ରି ହୁଏନାହିଁ। କିନ୍ତୁ ଏହି ରାଜ୍ୟ ବର୍ତ୍ତମାନ ମାଦକ ଦ୍ରବ୍ୟ କାରବାରର ପେଣ୍ଠ ପାଲଟିଗଲାଣି। ୪ ମାର୍ଚ୍ଚ ୨୦୨୫ରେ ପ୍ରକାଶିତ ଗୁଜରାଟ ପୋଲିସର ତଥ୍ୟ ଏହାକୁ ସ୍ପଷ୍ଟ ପ୍ରମାଣ କରୁଛି। ତଥ୍ୟରେ ଦର୍ଶାଯାଇଛି ଯେ, ୨୦୨୪ରେ ଗୁଜରାଟରୁ ମୋଟ୍ ୮୨ ଲକ୍ଷରୁ ଊର୍ଦ୍ଧ୍ୱ ଭାରତ ତିଆରି ବିଦେଶୀ ମଦ(ଆଇଏମ୍ଏଫ୍ଏଲ୍) ବୋତଲ ଅର୍ଥାତ୍ ପ୍ରତି ୪ ସେକେଣ୍ଡରେ ଗୋଟିଏ ଜବତ ହୋଇଛି। ଏ କ୍ଷେତ୍ରରେ ଅହମଦାବାଦ ସବୁଠୁ ଆଗରେ ରହିଛି। ମୋଟ୍ ୪,୩୮,୦୪୭ ମଦବୋତଲ ଅହମଦାବାଦ ସହର ଓ ଏହାର ଗ୍ରାମାଞ୍ଚଳରୁ ଜବତ କରାଯାଇଥିବାବେଳେ ଏହାପଛକୁ ସୁରଟ, ଭଦଦୋରା, ନବସାରି ଓ ଗୋଧ୍ରା ରହିଛନ୍ତି। ଗୋଟିଏ ଡ୍ରାଏ ଷ୍ଟେଟ୍‌ରେ ବିପୁଳ ପରିମାଣର ବେଆଇନ ବା ଚୋରାମଦ ଜବତହେବା ବାସ୍ତବରେ ଚିନ୍ତାର ବିଷୟ। ୨୦୨୪ର ଘଟଣାଗୁଡ଼ିକୁ ଯଦି ଦେଖାଯାଏ କେବଳ ମଦ ନୁହେଁ, ଅନ୍ୟସବୁ ମାଦକ ଦ୍ରବ୍ୟ ଯଥା ହେରୋଇନ, କୋକେନ, ଇ ସିଗାରେଟ୍ ଜବତରେ ଗୁଜରାଟ ଭାରତର ଅନ୍ୟସବୁ ରାଜ୍ୟ ତୁଳନାରେ ସବୁଠୁ ଆଗରେ ଅଛି। ୨୦୨୪ ସାଧାରଣ ନିର୍ବାଚନ ସମୟରେ ପ୍ରକାଶିତ ଭାରତର ନିର୍ବାଚନ କମିଶନ(ଇସିଆଇ)ଙ୍କ ତଥ୍ୟରୁ ମଧ୍ୟ ଏହାର ପ୍ରମାଣ ମିଳିଥିଲା। ଇସିଆଇ ସୂଚିତ କରିଥିଲା ଯେ, ଭାରତରେ ନିର୍ବାଚନ ସମୟରେ ଜବତ ହୋଇଥିବା ମୋଟ୍ ପରିମାଣର ଡ୍ରଗ୍ସର ଏକ ତୃତୀୟାଂଶ କେବଳ ଗୁଜରାଟରୁ ହିଁ ମିଳିଥିଲା। ଏହା ବ୍ୟତୀତ ୨୦୨୪ ଏପ୍ରିଲରେ ଗୁଜରାଟ ପୋରବନ୍ଦର ଉପକୂଳରେ ତଟ ସୁରକ୍ଷା ବାହିନୀ, ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ୍(ଏଟିଏସ୍) ଏବଂ ନାର୍କୋଟିକ୍ସ କଣ୍ଟ୍ରୋଲ ବୋର୍ଡ(ଏନ୍‌ସିବି)ର ମିଳିତ ଅଭିଯାନରେ ପାଖାପାଖି ୬୦୦ କୋଟି ଟଙ୍କା ମୂଲ୍ୟର ୮୬ କେ.ଜି. ଡ୍ରଗ୍ସ ବା ନିଶାଦ୍ରବ୍ୟ ଜବତ ହେବା ସହ ପାକିସ୍ତାନୀ ନାଗରିକ କୁହାଯାଉଥିବା ୧୪ ଜଣଙ୍କୁ ଗିରଫ କରାଯାଇଥିଲା। ସେହି ମାସରେ ପୁନର୍ବାର ଏକ ଭାରତୀୟ ମାଛଧରା ଡଙ୍ଗାରୁ ୧୭୩ କେଜି ଡ୍ରଗ୍ସ ଜବତ କରାଯାଇଥିଲା। ଏହା ପୂର୍ବମାସ ଅର୍ଥାତ୍ ମାର୍ଚ୍ଚ ୨୦୨୪ରେ ମଧ୍ୟ ପୋରବନ୍ଦର ଉପକୂଳରୁ ୪୦୦ କୋଟି ଟଙ୍କା ମୂଲ୍ୟର ମେଫେଡ୍ରୋନ୍(ଏକପ୍ରକାର ଅତି ଉତ୍ତେଜକ ନିଶାଦ୍ରବ୍ୟ) ଜବତ ହେବା ସହ ତଥାକଥିତ ପାକିସ୍ତାନୀ ବୋଲି କୁହାଯାଉଥିବା ୬ ଜଣ ନାବିକଙ୍କୁ ଗିରଫ କରାଯାଇଥିଲା। ଏଭଳି ନିଶାଦ୍ରବ୍ୟ ଗୁଜରାଟ ଉପକୂଳରୁ ବାରମ୍ବାର ଜବତ କରାଯାଉଛି। ଉଲ୍ଲେଖନୀୟ, ସେପ୍ଟେମ୍ବର ୨୦୨୧ରେ ଗୌତମ ଆଦାନୀଙ୍କ କମ୍ପାନୀ ହାତରେ ଥିବା ଗୁଜରାଟର ମୁନ୍ଦ୍ରା ବନ୍ଦରରୁ ୨୧,୦୦୦ କୋଟି ଟଙ୍କାର ୩,୦୦୦ କେଜି ହେରୋଇନ୍ ଜବତ କରାଯିବା ଏକ ସର୍ବକାଳୀନ ରେକର୍ଡ।

> ଏହା ଜଣାଶୁଣା ଯେ, ପୋଲିସ ଏବଂ ତାହାର ଗୋଇନ୍ଦା ସଂସ୍ଥାର ସକ୍ରିୟ ସହଯୋଗ ବିନା ଏତେବଡ଼ ଆକାରର ମାଦକ ଦ୍ରବ୍ୟ ଚୋରା କାରବାର କରିବା କୌଣସି ଗ୍ୟାଙ୍ଗ୍ ବା ଗୋଷ୍ଠୀ ପାଇଁ ସମ୍ଭବପର ହୁଏନାହିଁ। ଏଥିସହିତ ସମ୍ପୃକ୍ତ ପୋଲିସଙ୍କ ନିଯୁକ୍ତି ଓ ବଦଳି କରାଇବାରେ ରାଜନୈତିକ ବ୍ୟକ୍ତି ଏବଂ ସେଠାରେ ଶାସକ ଦଳ ଲାଭର ଏକ ବଡ଼ଅଂଶ ପାଇଥାନ୍ତି।

କେବଳ ମୁନ୍ଦ୍ରା ବନ୍ଦର ନୁହେଁ, ସମୟାନ୍ତରରେ ଗୁଜରାଟ ଉପକୂଳରୁ ବିପୁଳ ପରିମାଣର ନିଶାଦ୍ରବ୍ୟ ବାରମ୍ବାର ଜବତ ହୋଇଆସୁଛି। ଏହା ସହ ୨୦୨୪ର ମଦ ବୋତଲ ଜବତ ତଥ୍ୟ ସେଠାକାର ନିଶାଦ୍ରବ୍ୟ କାରବାରର ଗମ୍ଭୀରତାକୁ ସାମ୍ନାକୁ ଆଣିଛି। ଅର୍ଥାତ୍ ଗୁଜରାଟରେ ଯାହାକୁ ଯେତେ ମଦ ମିଳିବାର ବାଟ ରହିଛି। ଏଣୁ ଗୁଜରାଟ ଡ୍ରାଏ ଷ୍ଟେଟ୍ ନୁହେଁ। ଏହା ସ୍ପଷ୍ଟ ଯେ, ଯେତିକି ପରିମାଣର ମଦ ବୋତଲ କିମ୍ବା ଡ୍ରଗ୍ସ ଧରାପଡୁଛି ତାହାଠାରୁ କାହିଁ କେତେ ଅଧିକ ଗୁଜରାଟ ବାଟ ଦେଇ ଅନ୍ୟ ରାଜ୍ୟକୁ ଆସୁଛି। ସେଥିରୁ କମ୍ ଧରାପଡୁଛନ୍ତି ଓ ଅଧିକ ଖସିଯାଉଛନ୍ତି। ଫଳରେ ଭାରତରେ ନିଶାଦ୍ରବ୍ୟ ସେବନକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଥିରୁ ସ୍ପଷ୍ଟ ବୁଝାପଡ଼େ ଯେ, ରାଜ୍ୟ ସରକାର ଓ ସେଠାକାର ପୋଲିସ ଏହି ବ୍ୟବସାୟରେ ସମ୍ପୂର୍ଣ୍ଣ ଭାବେ ଜଡ଼ିତ ଅଛନ୍ତି। କାରଣ ଯେଉଁ ବିପୁଳ ଅର୍ଥ ସେଥିରୁ ବାହାରୁଛି ତାହା ଅନ୍ୟ କୌଣସି ସୂତ୍ରରୁ ପାଇବା କଷ୍ଟକର। ଏହା ଜଣାଶୁଣା ଯେ, ପୋଲିସ ଏବଂ ତାହାର ଗୋଇନ୍ଦା ସଂସ୍ଥାର ସକ୍ରିୟ ସହଯୋଗ ବିନା ଏତେବଡ଼ ଆକାରର ମାଦକ ଦ୍ରବ୍ୟ ଚୋରା କାରବାର କରିବା କୌଣସି ଗ୍ୟାଙ୍ଗ୍ ବା ଗୋଷ୍ଠୀ ପାଇଁ ସମ୍ଭବପର ହୁଏନାହିଁ। ଏଥିସହିତ ସମ୍ପୃକ୍ତ ପୋଲିସଙ୍କ ନିଯୁକ୍ତି ଓ ବଦଳି କରାଇବାରେ ରାଜନୈତିକ ବ୍ୟକ୍ତି ଏବଂ ସେଠାରେ ଶାସକ ଦଳ ଲାଭର ଏକ ବଡ଼ଅଂଶ ପାଇଥାନ୍ତି। ଡଗ ଅଛି, ରକ୍ଷକ ଯେତେବେଳେ ଭକ୍ଷକ ହୁଏ ସେତେବେଳେ ସାଧାରଣ ନାଗରିକ ପାଇଁ କୌଣସି ସୁରକ୍ଷା ମିଳେ ନାହିଁ। ଗୁଜରାଟ କ୍ୟାଡରର ଆଇପିଏସ୍ ଅଧିକାରୀ ସଞ୍ଜୀବ ଭଟ୍ଟଙ୍କୁ ଦୀର୍ଘବର୍ଷ ଧରି ଜେଲରେ ରଖାଯିବାର କାରଣ ଭାବେ ତାଙ୍କର ଏକ ଆଫିଡାଭିଟ୍‌କୁ ଦର୍ଶାଯାଉଥିଲେ ମଧ୍ୟ ଅନ୍ୟପଟେ କୁହାଯାଏ ଯେ, ତାଙ୍କ ଡ୍ରଗ୍ସ ଚୋରା କାରବାର କରୁଥିବା ଶକ୍ତିଶାଳୀ ଲୋକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉଛି ମୁଖ୍ୟ କାରଣ। ଦେଶ ଏକ ଦଶନ୍ଧି ପୂର୍ବରୁ 'ଗୁଜରାଟ ମଡେଲ' କଥା ଶୁଣି ପ୍ରଭାବିତ ହେଉଥିଲା। ଏବେ ସେହି ମଡେଲ ବାସ୍ତବରେ କିଭଳି କାର୍ଯ୍ୟ କରେ ତାହା ଦେଶବାସୀ ଦେଖୁଛନ୍ତି।

# ବିନାଶର ଅବଗଣନା



ହରିଶଙ୍କର ମିଶ୍ର

ଓଡ଼ିଶାକୁ ଏକ ବିକଶିତ ରାଜ୍ୟ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। କିନ୍ତୁ ବିକାଶର ସଂଜ୍ଞା ଯଦି ବାଚନିକ ବା ଦାପ୍ତରିକ କଳ୍ପିତ ତଥ୍ୟଭିତ୍ତିକ ହୁଏ ତେବେ ବାଡ଼ି ବାଇଗଣ ପୋଥି ବାଇଗଣ ମଧ୍ୟରେ ଥିବା ବୈଷମ୍ୟ ରାଜ୍ୟର ପ୍ରଗତି ବା ବିକାଶରେ ପରିଦୃଷ୍ଟ ହେବା ସ୍ୱାଭାବିକ। ଘରର ସ୍ଥାୟିତ୍ୱ ଦୀର୍ଘ ହେବା ପାଇଁ ମଜଭୁତ ମୂଳଦୁଆ ନିର୍ମାଣର ଆବଶ୍ୟକତା ପରି ସୁସ୍ଥ ଦୃଢ଼ ଓ ବିକଶିତ ସମାଜ ଗଠନରେ ଶିକ୍ଷାର ଗୁରୁତ୍ୱ ରହିଛି। ଶିକ୍ଷାର ବିକାଶରେ ଶୈକ୍ଷିକ ପରିବେଶ ସହ ଦକ୍ଷ ଶିକ୍ଷକଙ୍କର ଭୂମିକା ଥାଏ। କିନ୍ତୁ ବିଧାନସଭାରେ ସରକାର ଆସର (ଆନୁଆଲ ଷ୍ଟାଟସ ଅଫ୍ ଏଜୁକେସନ ରିପୋର୍ଟ) ଅନୁଯାୟୀ ସ୍ୱୀକାର କରିଛନ୍ତି ଯେ ୨୦୧୪ ମସିହାରେ ଅଷ୍ଟମ ଶ୍ରେଣୀରେ ୬୩.୪ ଶତାଂଶ ଛାତ୍ରୀଛାତ୍ରଙ୍କୁ ଫେଡାଣ ଆସୁ ନ ଥିଲା ବେଳେ ୩୭.୯ ଶତାଂଶ ଛାତ୍ରୀଛାତ୍ର ହରଣ ଜାଣି ନ ଥିଲେ। ଏବେ ତାହା ଯଥାକ୍ରମେ ୬୯.୫ ଓ ୪୮.୮ ଶତାଂଶ ହୋଇଯାଇଛି। ସେହି ରିପୋର୍ଟ ଅନୁଯାୟୀ ମାତ୍ର ୬ ଓ ୧୧ ଶତାଂଶ ଛାତ୍ରୀଛାତ୍ର ଯଥାକ୍ରମେ ଫେଡାଣ ଓ ହରଣ ସମାଧାନ କରିପାରୁଛନ୍ତି। ଏହି ଅବକ୍ଷୟମୁଖୀ ପରିସଂଖ୍ୟାନ ଦୁଇଟି ସାଂଘାତିକ ସତ୍ୟ ସ୍ପଷ୍ଟ କରୁଛି। ୨୦୧୪ରୁ କ୍ରମାଗତ ଭାବରେ ୯୦ ଶତାଂଶରୁ ଅଧିକ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାବେଳେ ୨୦୧୪ ରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଏଭଳି ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅନେକେ ସ୍ନାତକ ବା ସ୍ନାତକୋତ୍ତର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇସାରିଛନ୍ତି। ତନ୍ମଧ୍ୟରୁ କେତେଜଣ ମଧ୍ୟ ନିକଟ ଅତୀତରେ ନିଯୁକ୍ତି ପାଇଥିବା ପଚିଶ ହଜାରରୁ ଅଧିକ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟାନ୍ୟ ସରକାରୀ ପଦବୀରେ ନିଶ୍ଚିତ ନିଯୁକ୍ତି ପାଇଥିବେ। ସେମାନଙ୍କ ଦ୍ୱାରା ଶିକ୍ଷା ବିଭାଗ ଓ ସରକାରୀ ସେବା କେତେ ସୁଦୃଢ଼ ହେଉଛି ବା ହେବ ତାହା ବେଶ୍ ଅନୁମେୟ। ଛାତ୍ରୀଛାତ୍ରମାନଙ୍କ ପାଇଁ ଖାଦ୍ୟ ପୋଷାକ ପୁସ୍ତକ ଆଦିର ମାଗଣା ଯୋଜନା ସତ୍ତ୍ୱେ ଶିକ୍ଷା ବିଭାଗ ନିଜ ଲକ୍ଷ୍ୟ ପୂରଣରେ ସମ୍ପୂର୍ଣ୍ଣ ବ୍ୟର୍ଥ ହୋଇଛି। ୨୦୧୪ରୁ ଏଯାବତ୍ ବିଦ୍ୟାଳୟ ଗୃହ ଓ ଶ୍ରେଣୀକକ୍ଷ ନବକଳେବରରେ ଅନେକ ହଜାର କୋଟି ଟଙ୍କା ବ୍ୟୟ ହୋଇଛି। ସ୍ମାର୍ଟ ସ୍କୁଲର ଡିଣ୍ଡିମ ବାଜିଛି। କିନ୍ତୁ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରୁ ଅନେକଙ୍କର ନିଶ୍ଚିତ ଦକ୍ଷତା ଅଭାବରୁ ସଫଳତା ଭୟଙ୍କର ଭାବରେ ନିମ୍ନଗାମୀ ହୋଇଛି। ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଏବଂ ଦେୟମୁକ୍ତ ଦୂରଭାଷ ସଂଖ୍ୟା ଜାରି ମଧ୍ୟ ଏହି ଅସଫଳତା ପାଇଁ କେତେକାଂଶରେ ଦାୟୀ। ଏବେବି ୧୨୪୮୪ ପ୍ରଧାନ ଶିକ୍ଷକ ପଦବୀ ସହ ୧୬୦୦୦ରୁ ଅଧିକ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକ ପଦବୀ ଖାଲିପଡ଼ିଛି। ପ୍ରତ୍ୟେକ ମାଧ୍ୟମିକ ଓ ନୋଡାଲ ସ୍କୁଲରେ ହଜାର ସଂଖ୍ୟକ କମ୍ପ୍ୟୁଟର ଥିଲେ ମଧ୍ୟ ଶିକ୍ଷକ



ଅଭାବରୁ ତାହା ଉପଯୋଗୀ ହୋଇ ନ ପାରି ନଷ୍ଟ ହେଉଛି। ଏହାର ସମାଧାନ ପରିବର୍ତ୍ତେ ମଧ୍ୟାହ୍ନ ଭୋଜନରେ ନବମ ଓ ଦଶମ ଶ୍ରେଣୀକୁ ସାମିଲ ପାଇଁ ସରକାର ଘୋଷଣା କରିଛନ୍ତି ଏବଂ ସମସ୍ତ ୭୬୯୪ ପଞ୍ଚାୟତରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଖୋଲାଯିବା ପାଇଁ ନିଷ୍ପତ୍ତି ହୋଇଛି।

ମାଟ୍ରିକ ଓ ଯୁକ୍ତ୨ରେ ପାସ୍ ହାର ବୃଦ୍ଧି ଯୋଗୁ ପ୍ରତ୍ୟେକ ସରକାରୀ ଯୁକ୍ତ୨ ଓ ଯୁକ୍ତ ୩ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢ଼ାଇବା ସହ ଯୁକ୍ତ ୨ ଓ ଯୁକ୍ତ ୩କୁ ପୃଥକ କରାଯାଇଛି। ମାତ୍ର ତଦନୁଯାୟୀ ଅଧ୍ୟାପକ ନ ଥିବାରୁ ଉତ୍ତରଦାୟିତ୍ୱ ନ ଥିବା ଅତିଥି ଅଧ୍ୟାପକରେ ଶିକ୍ଷାଦାନ ଏବଂ ଯଥେଷ୍ଟ ବିଜ୍ଞାନାଗାର ନ ଥିବା ସତ୍ତ୍ୱେ ପରୀକ୍ଷାରେ ସଫଳତା ଧର୍ମକୁ ଆଖିଠାରର ତଥ୍ୟ ନିଶ୍ଚିତ ସରକାର ଜାଣିଛନ୍ତି। ୨୦୦୦ ପରେ ସରକାର ୨୨ଟି ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ଦେଇ ସେଠାରେ ସ୍ନାତକ, ସ୍ନାତକୋତ୍ତର ଓ ବୈଷୟିକ ପାଠ୍ୟକ୍ରମ ଚଳାଇଛନ୍ତି। ଆବଶ୍ୟକ ଅଧ୍ୟାପକ ନ ଥିବାବେଳେ ସେହି ମହାବିଦ୍ୟାଳୟର ୯୫ ଶତାଂଶରୁ ଅଧିକ ଛାତ୍ରୀଛାତ୍ର କିନ୍ତୁ ଉତ୍ତୀର୍ଣ୍ଣ ହୋଇ ଚାଲିଛନ୍ତି। ପୂର୍ବରୁ ସେହି ମହାବିଦ୍ୟାଳୟର ପରୀକ୍ଷା ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହେଉଥିଲା ବେଳେ ସର୍ବାଧିକ ୭୦ ଶତାଂଶ ପରୀକ୍ଷାର୍ଥୀ କୃତିତ୍ୱ ହାସଲ କରୁଥିଲେ।

୨୦୦୦ରେ ରାଜ୍ୟରେ ଥିବା ୬ଟି ବିଶ୍ୱବିଦ୍ୟାଳୟରୁ ୩ଟି ଶିକ୍ଷା ବିଶ୍ୱବିଦ୍ୟାଳୟ ଥିଲା। ଏବେ ତା'ର ସଂଖ୍ୟା ୧୭ ହୋଇଛି। ମାତ୍ର ସେଠାରେ ମଞ୍ଜୁରିପ୍ରାପ୍ତ ୨୦୦୩ ଅଧ୍ୟାପକ ପଦବୀରୁ ୧୩୦୭ ଅର୍ଥାତ୍ ୬୫ ଶତାଂଶ ଏଂ ମଞ୍ଜୁରିପ୍ରାପ୍ତ ୨୬୯୨ ଅଣଶିକ୍ଷକ ପଦବୀରୁ ୧୯୧୦ ଅର୍ଥାତ୍ ୭୧ ଶତାଂଶ ପଦବୀ ଖାଲିପଡ଼ିଛି। ଅବସ୍ଥା ଏପରି ହୋଇଛି ଯେ ଖଲ୍ଲିକୋଟ ଏକକ, ଧରଣୀଧର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ପଦବୀ ସହ ପାଞ୍ଚଟି କୁଳପତି ପଦବୀ ମଧ୍ୟ ଖାଲିପଡ଼ିଛି। ଏହାକୁ ମଧ୍ୟ ସରକାର ସ୍ୱୀକାର କରିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅବସ୍ଥା ମଧ୍ୟ ତତୋଧିକ। ଏତଦ୍‌ବ୍ୟତୀତ ୭ଟି ବୈଷୟିକ ବିଶ୍ୱବିଦ୍ୟାଳୟର ମଧ୍ୟ ସେହି ଅବସ୍ଥା। ତଥାପି ପରୀକ୍ଷାରେ ଉତ୍ତୀର୍ଣ୍ଣ ହାର ୯୦ ଶତାଂଶରୁ ଅଧିକ ହେଉଥିବାରୁ ସେମାନଙ୍କର ଦକ୍ଷତା କେବଳ ପ୍ରମାଣପତ୍ରରେ ସୀମିତ ରହୁଛି। ଫଳତଃ ରାଜ୍ୟରେ ଡିଗ୍ରୀଧାରୀ ମୂର୍ଖ ହିଁ ସୃଷ୍ଟି ହେଉଛନ୍ତି।

ରାଜ୍ୟରେ ୨୦୦୦ ମସିହାରେ ୩ଟି ଭେଷଜ ମହାବିଦ୍ୟାଳୟ ଥିଲା। ଏବେ ଏମ୍ସ ବ୍ୟତୀତ ୯ଟି ସରକାରୀ ଭେଷଜ ମହାବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଥିବା ବେଳେ ତାଳଚେର ଓ ଫୁଲବାଣୀରେ ନୂତନ ଭେଷଜ ମହାବିଦ୍ୟାଳୟ ଚଳିତ ଶିକ୍ଷାବର୍ଷରୁ କାର୍ଯ୍ୟକ୍ଷମ ହେବ ବୋଲି ସରକାରୀ ସୂଚନା ରହିଛି। ଏତଦ୍‌ବ୍ୟତୀତ ୮୫୦ ଛାତ୍ରୀଛାତ୍ରଙ୍କ ପାଇଁ ସୁଯୋଗ ଥିବା ୫ଟି ବେସରକାରୀ ଭେଷଜ ମହାବିଦ୍ୟାଳୟ ମଧ୍ୟ କାର୍ଯ୍ୟକ୍ଷମ ଅଛି। କିନ୍ତୁ ସମସ୍ତ ନୂତନ ଭେଷଜ ମହାବିଦ୍ୟାଳୟ କେବଳ କୋଠା ନିର୍ମାଣରେ ସୀମିତ ରହିଛି। ଶିକ୍ଷାଦାନ ପାଇଁ ଆବଶ୍ୟକ ଅଧ୍ୟାପକ ନିଯୁକ୍ତି ହୋଇ ନ ଥିବାବେଳେ ନିଜସ୍ୱ ଚିକିତ୍ସାଳୟ ମଧ୍ୟ କାର୍ଯ୍ୟକ୍ଷମ ହୋଇନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟକୁ ମହାବିଦ୍ୟାଳୟ ସହ ସଂଲଗ୍ନ କରାଯାଇଛି। କିନ୍ତୁ ରୋଗୀ ଚିକିତ୍ସାରେ ଆବଶ୍ୟକ ସରଞ୍ଜାମ ଓ ଆନୁଷଙ୍ଗିକ ଯନ୍ତ୍ରପାତି କିଣା ହୋଇଥିଲେ ବି ତାହା ଗୋଦାମରେ ପଡିରହିଛି। ତାକୁ ଜଗିବା ପାଇଁ ଏବଂ ଛାତ୍ରୀଛାତ୍ରଙ୍କୁ ଜିଲା ଚିକିତ୍ସାଳୟକୁ ନେବାପାଇଁ ପରିବହନଜନିତ ଅନେକ ଅର୍ଥ ବ୍ୟୟ ହୋଇଚାଲିଛି। ବେସରକାରୀ ଭେଷଜ ମହାବିଦ୍ୟାଳୟର ନିଜସ୍ୱ ଚିକିତ୍ସାଳୟ ଥିଲେ ମଧ୍ୟ ଆବଶ୍ୟକ ଅଧ୍ୟାପକ ଅଛନ୍ତି କି ନାହାନ୍ତି ତା'ର ତର୍ଜମା କରାଯାଉନାହିଁ। ଏହା ସତ୍ୟ ଯେ ସେମାନେ ଚିକିତ୍ସାଳୟ ମାଧ୍ୟମରେ ରାଜ୍ୟ ସରକାରଙ୍କଠାରୁ ଶହଶହ କୋଟି ଅର୍ଥ ସ୍ୱାସ୍ଥ୍ୟକାର୍ଡ ମାଧ୍ୟମରେ ନେଉଥିବା ବେଳେ ଛାତ୍ରୀଛାତ୍ରଙ୍କଠାରୁ ଶତାଧିକ କୋଟି ଟଙ୍କା ନେଉଛନ୍ତି। କେବଳ କୋଠାବାଡ଼ି ନିର୍ମାଣ କରି ସରକାର ଭେଷଜ ମହାବିଦ୍ୟାଳୟ ଖୋଲିବା ପୂର୍ବରୁ ରାଜ୍ୟରେ ଶିକ୍ଷାଦାନ ପାଇଁ ଉପଯୁକ୍ତ ଅଧ୍ୟାପକ ଅଛନ୍ତି କି ନାହାନ୍ତି ଜାଣିବା ଦରକାର ଥିଲା। ଏଇ ବ୍ୟବସ୍ଥା ଲାଗିରହିଲେ ଏପରି ମହାବିଦ୍ୟାଳୟର ଡାକ୍ତରୀ ଡିଗ୍ରୀ ମୂଲ୍ୟହୀନ ଓ ଚିକିତ୍ସା ଅଭିଶାପ ହୋଇଯିବ।

ଶିକ୍ଷା ଓ ସ୍ୱାସ୍ଥ୍ୟସେବା ହେଉଛି ନାଗରିକର ମୌଳିକ ଆବଶ୍ୟକତା। ତାହାକୁ ଅଣଦେଖା କଲେ ଫଳ ବିଷମୟ ହେବା ନିଶ୍ଚିତ। ତେଣୁ ପ୍ରଥମେ ଏହି ଦୁଇଟି ସମସ୍ୟାର ସମାଧାନ କରାଯାଉ। ଅଯୋଗ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଚାକିରିରୁ ବହିଷ୍କୃତ କରାଯାଇ ବିଭାଗୀୟ ଅଧିକାରୀଙ୍କୁ ଉତ୍ତରଦାୟୀ କରାଯାଉ। ଯୁଦ୍ଧକାଳୀନ ଭିତ୍ତିରେ ଏବଂ ଆବଶ୍ୟକସ୍ଥଳେ ଭେଷଜ ମହାବିଦ୍ୟାଳୟର ଅଧ୍ୟାପକ ରାଜ୍ୟ ବାହାରୁ ନିଯୁକ୍ତି କରାଯାଇ ଚିକିତ୍ସାଳୟକୁ କାର୍ଯ୍ୟକ୍ଷମ କରାଯାଉ। ନଚେତ୍ ରାଜ୍ୟ ବିକାଶର ପାହାଚ ଅତିକ୍ରମ ପରିବର୍ତ୍ତେ ବିନାଶ ଅବଗଣନାର ସମ୍ମୁଖୀନ ହେବା ନିଶ୍ଚିତ।

୧୧୩– ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୭୫୪୭୮

# ପ୍ରବାଦପୁରୁଷ ବିଜୁବାବୁ



ଚିତ୍ତରଞ୍ଜନ ପୃଷ୍ଟି

ବୀର ପ୍ରସବିନୀ ଉତ୍କଳମାଟି ଜନ୍ମ ଦେଇଛି ଅନେକ ବରପୁତ୍ରଙ୍କୁ। ସେହି ଯୋଗଜନ୍ମା ଯୋଗ୍ୟ ସୁତଙ୍କୁ ନେଇ ଉତ୍କଳମାଟି ଆଜି ଗର୍ବିତ। ଯେଉଁମାନଙ୍କର କୀର୍ତ୍ତି ଆଜି ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି ତନ୍ମଧ୍ୟରୁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଅନ୍ୟତମ। ୧୯୧୬ ମାର୍ଚ୍ଚ ୫ ତାରିଖରେ ପିତା ଲକ୍ଷ୍ମୀନାରାୟଣ ଓ ମାତା ଆଶାଲତାଙ୍କ କୋଳମଣ୍ଡନ କରିଥିଲେ ସେ। ବାଲ୍ୟ ଜୀବନରୁ ସେ ଥିଲେ ସ୍ୱାଧୀନ ଚେତା, ଅସୀମ ସାହସୀ ଓ ଦେଶପ୍ରେମୀ। ତେବେ ଆଧୁନିକ ଓଡ଼ିଶାର ସେ ଥିଲେ ବିଶ୍ୱକର୍ମା। ପ୍ରଗତିଶୀଳ ଓଡ଼ିଶାର ସେ ଥିଲେ ନିର୍ମାତା। ଲୋକପ୍ରିୟ ଜନନାୟକ, ସମାଜସେବକ, ଦୀନ ଦୁଃଖୀର ଆଶା ଓ ଭରସା ଥିଲେ ବିଜୁବାବୁ। ନାରୀ ସଶକ୍ତୀକରଣ, ଆଦିବାସୀଙ୍କ ପାଇଁ ନିରଳସ କାମ କରିବା ଥିଲା ତାଙ୍କ ନେତୃତ୍ୱର ଅନ୍ୟ ଏକ ପରିଚୟ। ଅର୍ଥନୀତିରେ ଉନ୍ନତି ଆଣିବା ଥିଲା ତାଙ୍କ ଲକ୍ଷ୍ୟ। ଗର୍ବ, ଗରିମା ଓ ସ୍ୱାଭିମାନର ସ୍ୱାକ୍ଷର ଆଙ୍କିଥିଲେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ। ତାଙ୍କର ପ୍ରତିଟି ମୁହୂର୍ତ୍ତ ଥିଲା କର୍ମମୟ। ଦୁର୍ଦ୍ଧର୍ଷ ପାଇଲଟ, ସଫଳ ଶିଳ୍ପପତି, ବିଚକ୍ଷଣ ରାଜନୀତିଜ୍ଞ, ଦୂରଦ୍ରଷ୍ଟା, ସ୍ୱାଭିମାନୀ, ସ୍ପଷ୍ଟବାଦୀ, ନିର୍ଭୀକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଏହି ସର୍ବମାନ୍ୟ ନେତା।

ଆଜି ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ। ଟଲ୍ ମ୍ୟାନ୍‌ଙ୍କ ସ୍ମୃତିକୁ ମନେପକାଉଛି ସାରା ଓଡ଼ିଶା। ସାଲିସବିହୀନ ରାଷ୍ଟ୍ରନୀତିଜ୍ଞ, ଚିନ୍ତାନାୟକ ଓ ସ୍ୱାଭିମାନର ପ୍ରତୀକ, କଳିଙ୍ଗ ବୀର ଓ ପ୍ରବାଦପୁରୁଷ ଭାବରେ ଘରେ ଘରେ ପରିଚିତ ବିଜୁ ପଟ୍ଟନାୟକ। କେବଳ ଓଡ଼ିଶା ନୁହେଁ, ଭାରତର ରାଜନୀତିରେ ଯେଉଁ କେତେଜଣ ଉଚ୍ଚରୁ ଉଚ୍ଚତର ସୋପାନରେ ପହଞ୍ଚିପାରିଥିଲେ ସେମାନଙ୍କ ମଧ୍ୟରେ ବିଜୁ ପଟ୍ଟନାୟକ ଅନ୍ୟତମ। ବାଲ୍ୟକାଳରୁ ଥିଲେ ସାହସୀ ଓ ସ୍ୱାଭିମାନୀ। କଟକ ମିଶନ ସ୍କୁଲ, ରେଭେନ୍‌ଶା କଲେଜରୁ ଆଇସିଏସ୍ ପରେ ପାଇଲଟ ଭାବେ ପ୍ରଶିକ୍ଷଣ ନେଇଥିଲେ। ନିଜକୁ ଜଣେ ଦକ୍ଷ ପାଇଲଟ ଭାବେ ପ୍ରତିଷ୍ଠା କରି କଳିଙ୍ଗ ବୀର ଭାବେ ଅଭିହିତ ହୋଇଥିଲେ। ଇଣ୍ଡୋନେସିଆ ମୁକ୍ତି ଆନ୍ଦୋଳନରେ ଡଚ୍‌ମାନଙ୍କ କବଳରୁ ସୁଲତାନ ସାଜହରିରଙ୍କୁ ମୁକ୍ତ କରି ସମସ୍ତଙ୍କୁ ବିସ୍ମିତ କରିଥିଲେ। ସେଥିପାଇଁ ବିଜୁବାବୁଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭୂମିପୁତ୍ର' ପ୍ରଦାନ କରାଯାଇଥିଲା। ଓଡ଼ିଶା ରାଜନୀତିରେ ଅର୍ଦ୍ଧଶତାବ୍ଦୀ ଧରି ସେ ଜଡ଼ିତ ଥିଲେ।

୧୯୯୦ରୁ ୧୯୯୫ ବିଜୁ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବା ସହ ସେ ହିଁ ବାସ୍ତବ କ୍ଷେତ୍ରରେ

**ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ**



ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଆରମ୍ଭ କଲେ। ପଞ୍ଚାୟତିରାଜ ବ୍ୟବସ୍ଥା, ଅନୁସୂଚିତ ଜାତି ଓ ଜନଜାତିର ଲୋକଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ସାଙ୍ଗକୁ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ରହିଲା। ନିର୍ବାଚନରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣ କରାଯିବା ଫଳରେ ୨୭ ହଜାର ମହିଳା ନିର୍ବାଚିତ ହୋଇପାରିଥିଲେ। ଏପରି କି ପଞ୍ଚାୟତର ସରପଞ୍ଚ ପୁରୁଷ ଥିଲେ। ମହିଳା ନାଏବ ସରପଞ୍ଚ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀରେ ପୁରୁଷ ଥିଲେ। ଉପାଧ୍ୟକ୍ଷ ପାଇଁ ମହିଳା ରହିବେ ବୋଲି ଆଇନ ପ୍ରଣୟନ କରାଗଲା। ମୋଟାମୋଟି ଭାବେ ବିଜୁବାବୁଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ପଞ୍ଚାୟତିରାଜ ପ୍ରତିଷ୍ଠାନଗୁଡ଼ିକ ବେଶ୍ ସୁଦୃଢ଼ ହୋଇପାରିଥିଲା। ଖାଲି ସେତିକି ନୁହେଁ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମେତ ଅନ୍ୟ ପ୍ରମୁଖ କାର୍ଯ୍ୟକ୍ରମରେ ମହିଳାଙ୍କ ପ୍ରତିନିଧିତ୍ୱକୁ ଗୁରୁତ୍ୱ ଦେବାକୁ ବିଜୁବାବୁ ପ୍ରୟାସ କରିଥିଲେ। ଗ୍ରାମାଞ୍ଚଳର ବିକାଶ ଲାଗି ନିରନ୍ତର ଉଦ୍ୟମ ରହିଥିଲା ବିଜୁବାବୁଙ୍କର। ବିଧାନସଭାରେ ଏସମ୍ପର୍କିତ ବିଲ୍ ପାସ୍ କରି ସେ ଏ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ। ଏପରି କି ସାରା ଦେଶରେ ଏନେଇ ଓଡ଼ିଶା ଥିଲା ପ୍ରଥମ ରାଜ୍ୟ।

ବିଜୁବାବୁ ଦୁଇ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରରେ ମନ୍ତ୍ରୀ ଥିଲେ। ସେ ଥିଲେ ଜଣେ ବିସ୍ମୟକର ରାଜନେତା ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ପାରାଦୀପ ବନ୍ଦର, ଡୁବୁରୀରୁ ପାରାଦୀପ ଏକ୍ସପ୍ରେସ ୱେ, ଚୌଦ୍ୱାରରେ ଓଟିଏମ୍ ଓ କଳିଙ୍ଗ ଟ୍ୟୁବ୍ସ କାରଖାନା, ଭୁବନେଶ୍ୱରରେ ସୈନିକ ସ୍କୁଲ ଆଦି ପ୍ରତିଷ୍ଠା କରିଥିଲେ। ପ୍ରଶାସନକୁ ଲୋକଙ୍କ ପାଖରେ ସହଜରେ ପହଞ୍ଚାଇବାକୁ ୧୩ଟି ଜିଲାକୁ ୩୦ଟି ଜିଲାରେ ପରିଣତ କରିଥିଲେ। ସେ କେବଳ ଜଣେ ଦୁଃସାହସିକ, ଅଦମନୀୟ, ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ନ ଥିଲେ, ଥିଲେ ଜଣେ ଦରଦୀ ମଣିଷ। ସେ ଥିଲେ ଖାଣ୍ଟି ଓଡ଼ିଆ। ସେ ଦିନେ କହିଥିଲେ, 'ମୁଁ ଖାରବେଳଙ୍କ ବଂଶଧର। ମୋର ସଂସ୍କୃତି ଜଗନ୍ନାଥ ସଂସ୍କୃତି। ଆଉ ମୋର ରାଜ୍ୟ କଳିଙ୍ଗ। ବୀର ପ୍ରସବିନୀ ଉତ୍କଳ ମାଟିର ବରପୁତ୍ର, ଜନପ୍ରତିନିଧି ଓ ଆଧୁନିକ ଓଡ଼ିଶାର ସୂକ୍ଷ୍ମ କାରିଗର ଥିଲେ ବିଜୁବାବୁ।

୧୭ ଏପ୍ରିଲ ୧୯୯୭ରେ ଏହି ମହାନ୍ ଜନନେତାଙ୍କର ମହାପ୍ରୟାଣ ଘଟିଥିଲା। ଉତ୍କଳ ମାତାର ଯୋଗ୍ୟତମ ସୁତ ନିର୍ଭୀକ ଜନନାୟକ ବିଜୁବାବୁ ସମସ୍ତଙ୍କୁ ଶୋକସାଗରରେ ଭସାଇଦେଇ ଇହଧାମ ତ୍ୟାଗ କଲେ। ଉତ୍କଳଜନନୀ ତା'ର ବରପୁତ୍ରକୁ ହରାଇଲା। ବିଜୁବାବୁଙ୍କ ଅବଦାନ କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶରେ ମଧ୍ୟ ଅତୁଳନୀୟ। ତାଙ୍କର ବୁଦ୍ଧି, ଦକ୍ଷତା ଓ ଦୂରଦୃଷ୍ଟି ବଳରେ ବିଜୟାନନ୍ଦ ପଟ୍ଟନାୟକରୁ ସେ ପାଲଟି ଯାଇଥିଲେ ଶତାବ୍ଦୀ ପୁରୁଷ। ତେବେ ତାଙ୍କର ଜୀବନକାଳ ଭିତରେ ସେ ଯେଉଁ କର୍ମ କରିଯାଇଛନ୍ତି, ତାହା ତାଙ୍କୁ ଚିରଦିନ ପାଇଁ ଅମର କରି ରଖିବ।

ନିମାପଡା, ପୁରୀ
ମୋ: ୯୭୭୮୧୭୭୫୦୧

## ଏଇ ଭାରତରେ

କେରଳର ଆର୍. ବିଶ୍ୱନ ମହୁଚାଷ କରି ବର୍ଷକୁ ୨୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ତାଙ୍କ ଫାର୍ମରେ ୬,୦୦୦ ମହୁ ବାକ୍ସ ଅଛି ଓ ସେଥିରୁ ବର୍ଷକୁ ୯୦–୧୧୦ ଟନ୍ ମହୁ ସଂଗ୍ରହ ହେଉଛି। ବିଶ୍ୱନଙ୍କ ଜନ୍ମ ଥିରୁଭାନନ୍ତପୁରମ୍ ଜିଲା ନେୟାଟିନ୍‌କାରା ଗାଁରେ। ଗାଁ ଲୋକ ଭାରି ଅନ୍ଧବିଶ୍ୱାସୀ। ସେ ପରିବାର ପାଇଁ ଅମଙ୍ଗଳ ବୋଲି କେତେଜଣ ଜ୍ୟୋତିଷ ତାଙ୍କ ମାତାପିତାଙ୍କୁ କହିବା ପରେ ବିଶ୍ୱନଙ୍କ ଜୀବନ ଅନ୍ଧକାର ହୋଇଯାଇଥିଲା। ତାଙ୍କୁ ପିଲାଙ୍କ ସହ ଖେଳିବାକୁ ଦିଆଯାଉ ନ ଥିଲା। ଏମିତି କି ତାଙ୍କ ପିତାଙ୍କ ବ୍ୟବସାୟରେ କ୍ଷତି ହେବାରୁ ପରିବାର ମାଳପୁରମ ଜିଲାର ନୀଳାମ୍ବୁରକୁ ଚାଲିଯାଇଥିଲେ। ହେଲେ ବିଶ୍ୱନଙ୍କୁ ରାସ୍ତାରେ ମାତ୍ର ୭ ବର୍ଷ ବୟସରେ ଛାଡ଼ି ଚାଲିଯାଇଥିଲେ। ବିଶ୍ୱନ ଦିନରେ ରାସ୍ତାକଡ଼ରେ ଓ ରାତିରେ ଫସଲ ଜଗିବା ଲାଗି ତିଆରି ହୋଇଥିବା ଟ୍ରି ହାଉସରେ ରହୁଥିଲେ। ଏପରି କି ତାଙ୍କୁ ଖାଦ୍ୟ ଚୋରି କରିବାକୁ ପଡ଼ିଥିଲା ଓ ଧରାପଡ଼ିବା ପରେ ଦୋକାନ ମାଲିକ ବିଶ୍ୱନଙ୍କୁ ଗାଈଚରା କାମରେ ଲଗାଇଥିଲେ। ଏହା ଥିଲା ୧୯୭୦ ଦଶକର ଘଟଣା। ଗାଈ ଜଗିବା ସମୟରେ ସେ ମହୁମାଛିଙ୍କୁ ଦେଖିବା ପରେ ଚାଷ କରିବାକୁ ମନ ବଳାଇଥିଲେ। ପରେ ସେ ଗାଈଜଗା କାମ ଛାଡ଼ି ପ୍ରଥମେ ବଜାରରୁ ଗୋଟିଏ ମହୁବାକ୍ସ କିଣି ମହୁମାଛି ପାଳନ କରିଥିଲେ। ସେ ସମୟରେ ତାଙ୍କ ବୟସ ଥିଲା ୧୩ବର୍ଷ।

## ୫୦ ବର୍ଷ ତଳର ଧରିତ୍ରୀ

୫ ମାର୍ଚ୍ଚ ୧୯୭୬

- ବିଦ୍ୟୁତ୍ କଣ୍ଡକ୍ଟର ଉତ୍ପାଦନ କରୁଥିବା କ୍ଷୁଦ୍ର ଶିଳ୍ପ ସଂସ୍ଥାକୁ ସିଧାସଳଖ ଆଲୁମିନିୟମ ଯୋଗାଇ ଦେବାଲାଗି କେନ୍ଦ୍ର ଯୋଗାଣ ଓ ସମବାୟ ବିଭାଗ ନିଷ୍ପତ୍ତି ନେଇଛନ୍ତି।
- କେନ୍ଦ୍ର ଶିଳ୍ପ ମନ୍ତ୍ରୀ କେ. ସି. ପନ୍ଥ ଆନ୍ଧ୍ରପ୍ରଦେଶର ତଳସିଲେରୁ ଜଳ ବିଦ୍ୟୁତ୍ ଯୋଜନା ପ୍ରଥମ ବିଦ୍ୟୁତ୍ ଷ୍ଟେସନ ଚାଲୁ କରିଛନ୍ତି।

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | | | 2 | | 9 |
| 3 | 7 | | | | | | 1 | |
| | | | | 5 | 1 | | | |
| | | | | 8 | | 4 | | 6 |
| | | 8 | | 6 | 7 | | | 5 |
| 9 | 1 | | | | 4 | | | |
| | | | | | | | 5 | 3 |
| | | | 9 | 4 | | | | |
| | | | | | | 8 | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 4 | 9 | 2 | 3 | 8 | 1 | 7 |
| 9 | 7 | 2 | 8 | 4 | 1 | 6 | 5 | 3 |
| 8 | 1 | 3 | 5 | 7 | 6 | 2 | 4 | 9 |
| 3 | 8 | 1 | 6 | 5 | 7 | 4 | 9 | 2 |
| 5 | 6 | 7 | 4 | 9 | 2 | 1 | 3 | 8 |
| 4 | 2 | 9 | 1 | 3 | 8 | 7 | 6 | 5 |
| 7 | 4 | 8 | 3 | 6 | 9 | 5 | 2 | 1 |
| 2 | 3 | 6 | 7 | 1 | 5 | 9 | 8 | 4 |
| 1 | 9 | 5 | 2 | 8 | 4 | 3 | 7 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଚାପ ଯୋଗୁ ଆତ୍ମହତ୍ୟା ବଢ଼ୁଛି

ମହାଶୟ,

ରାଜସ୍ଥାନର କୋଟା ସହରର କୋଚିଂ ସେଣ୍ଟରଗୁଡ଼ିକୁ ଅନେକ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବାକୁ ଆସୁଛନ୍ତି। ସେଠାରେ ସ୍ଥାନୀୟ ଲୋକମାନେ ମଧ୍ୟ ବାହାରୁ ଆସୁଥିବା ଛାତ୍ରୀଛାତ୍ରମାନଙ୍କୁ ସୁଲଭ ମୂଲ୍ୟରେ ରହିବା ପାଇଁ ଘର ଯୋଗାଇ ଦେଉଛନ୍ତି। ଏସବୁ ଭିତରେ ଏବେ ଦିନକୁ ଦିନ ସେହି କୋଚିଂ ସେଣ୍ଟର୍‌ଗୁଡ଼ିକରେ ରହୁଥିବା ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ସଂଖ୍ୟା ବଢ଼ିବାରେ ଲାଗିଛି। ଏହାର ମୁଖ୍ୟ କାରଣ ହେଉଛି ସେମାନେ ଚାପଗ୍ରସ୍ତ ହୋଇଯାଉଛନ୍ତି। ଏହାର ଆଉ ଗୋଟିଏ ମୁଖ୍ୟ କାରଣ ହେଉଛି, ଅଭିଭାବକମାନେ ନିଜ ସନ୍ତାନମାନଙ୍କଠାରୁ ଯଥେଷ୍ଟ ପରିମାଣରେ ଉଚ୍ଚ ଆଶା କରୁଛନ୍ତି। ଫଳ ସ୍ୱରୂପ ପିଲାମାନେ ମାନସିକ ସନ୍ତୁଳନ ହରାଇ ଏପରି ଅବସ୍ଥାରେ ପହଞ୍ଚି ଯାଉଛନ୍ତି। ପିଲାଙ୍କୁ ଅଭିଭାବକମାନେ କୋଟାକୁ ତାଙ୍କ ଜୀବନର ଲକ୍ଷ୍ୟ ପୂରଣ କରିବା ପାଇଁ ଜୋରଜବରଦସ୍ତ ପଠାଉଛନ୍ତି। ସେଠାରେ ଯଦି ସେମାନେ ପାଠପଢ଼ାରେ ଅଧିକ ଚାପଗ୍ରସ୍ତ ହୋଇ ଜୀବନ ତ୍ୟାଗ କରୁଛନ୍ତି ତେବେ କୋଚିଂରେ କି ଲାଭ! ବର୍ତ୍ତମାନ କେନ୍ଦ୍ର ସରକାର ଏହା ଉପରେ ଅତ୍ୟନ୍ତ କଠୋର ପଦକ୍ଷେପ ନେବା ଉଚିତ। ଦରକାର ହେଲେ କୋଟାର କୋଚିଂ ସେଣ୍ଟରଗୁଡ଼ିକୁ ନିଷିଦ୍ଧ କରାଇବା ଆବଶ୍ୟକ। ଯଦି ଖୋଲି ରଖିବା ପାଇଁ ଅନୁମତି ଦିଆଯାଇଥାଏ, ତେବେ ସେଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ଆଇନ ପ୍ରସ୍ତୁତ କରାଇବା ଦରକାର; ଯାହା ଫଳରେ ଆତ୍ମହତ୍ୟା ସଂଖ୍ୟା ହ୍ରାସ ପାଇବ।

–ପ୍ରଦୀପ୍ତ କୁମାର କର, ପ୍ଲଟ ନଂ.୨୫, ସୂର୍ଯ୍ୟନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନୟନ ତାରା ଭ୍ରମର ସମ
ପଦ୍ମାନନେ ହେ ପ୍ରିୟତମ,
ଖେଳଇ ଚାରୁ ଭୁରୁର ତଳେ ସଞ୍ଚରି
ଜୁଡ଼ାରେ ତବ କୃଷ୍ଣଚୂଡ଼ା ମଞ୍ଜରୀ।
–(ବର୍ଷା ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଗଞ୍ଜେଇ ଚାଲାଣ ମାମଲାରେ ଅଭିଯୁକ୍ତ ଗିରଫ**

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ): ଗଞ୍ଜେଇ ଚାଲାଣ ମାମଲାରେ ଭରତପୁର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ବାଲେଶ୍ୱର ଜିଲା ସଦର ଥାନା ଅନ୍ତର୍ଗତ କାଞ୍ଚନିବାଗ ଗ୍ରାମର ଚନ୍ଦନ ମାଝୀ (୨୫)। ତାଙ୍କଠାରୁ ୫.୧ କେଜି ଗଞ୍ଜେଇ ଜବତ କରାଯାଇଛି। ବରମୁଣ୍ଡା ପୁରୁଣା ବସ୍‌ଷ୍ଟାଣ୍ଡ ପଛ ପାଖରେ ଥିବା ଓୟୁଏଟି ଫାର୍ମ ରାସ୍ତାରେ ସୋମବାର ପୋଲିସ ଟିମ୍ ଚଢ଼ାଉ କରି ଚନ୍ଦନଙ୍କଠାରୁ ଗଞ୍ଜେଇ ଜବତ କରିଥିଲା। ଚନ୍ଦନ ଦୀର୍ଘଦିନ ହେବ ଗଞ୍ଜେଇ ବ୍ୟବସାୟ କରୁଥିଲେ। ବାଲେଶ୍ୱରରୁ ସେ ବସ୍‌ରେ ଗଞ୍ଜେଇ ଆଣି ଭୁବନେଶ୍ୱରର କେତେଜଣ ବେପାରୀଙ୍କୁ ଦେଉଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି।

# ସମ୍ପତ୍ତି ପାଇଁ ମା'ଙ୍କୁ ହତ୍ୟା ଅଭିଯୋଗ

ଆଳି, ୪।୩ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ କୁଣ୍ଡିଲୋ ଗ୍ରାମରୁ ସମ୍ପତ୍ତି ପାଇଁ ମା'ଙ୍କୁ ହତ୍ୟା କରାଯାଇଥିବା ଭଳି ଏକ ସଙ୍ଗୀନ ଅଭିଯୋଗ ହୋଇଛି। ଗ୍ରାମର ଜଣେ ୮୫ ବର୍ଷୀୟା ବୃଦ୍ଧାଙ୍କୁ ସମ୍ପତ୍ତି ନିମନ୍ତେ ତାଙ୍କ ପୁଅ ଓ ନାତି ମାରିଦେଇଥିବା ନେଇ ଆଳି ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ଥାନାରେ ମୃତା ବୈଦେହୀ ରାଉତ(୮୫)ଙ୍କ ବିବାହିତ ଝିଅ ସରସ୍ୱତୀ ବାରିକ ଅଭିଯୋଗ କରିଛନ୍ତି। ଏନେଇ ନଂ. ୧୧୦/୨୫ରେ ମାମଲା ରୁଜୁ ହୋଇଛି।

ପୋଲିସ ସୂଚନା ମୁତାବକ, ଶୁକଦେବ ରାଉତ ଓ ବୈଦେହୀଙ୍କ ୩ ପୁଅ ଏବଂ ୨ ଝିଅ ଥିଲେ। ଶୁକଦେବଙ୍କ ପରଲୋକ ଘଟିଥିବାବେଳେ ବୈଦେହୀ ଶାରୀରିକ ଭାବେ ଅସୁସ୍ଥ ଥିଲେ। ସମସ୍ତ ପୁଅ ଓ ଝିଅ ବିବାହକରି ନିଜ ନିଜ ପରିବାରକୁ ନେଇ ଅଲଗା ରହୁଛନ୍ତି। ବଡ଼ପୁଅ ଗଣେଶ୍ୱର ବାପାଙ୍କ ମୃତ୍ୟୁ ପରେ ଉତ୍ତରାଧିକାରୀ ପ୍ରମାଣପତ୍ରରେ ୨ ଭଉଣୀଙ୍କ ନାମକୁ କାଟି ୩ ଭାଇ ଓ ମା'ଙ୍କ ନାମ ରଖିଥିଲେ। ମା'ଙ୍କୁ ଭୟଭୀତ କରି ଗଣେଶ୍ୱର ତାଙ୍କୁ ଅକ୍ତିଆର କରି ରଖିଥିଲେ। ଏପରିକି ସେ ମା'ଙ୍କ ଅଂଶର କିଛି



ମୃତା ବୈଦେହୀ ରାଉତ।

ସମ୍ପତ୍ତିକୁ ବିକ୍ରିକରି ଦେଇଥିଲେ। ଏହା ଜଣାପଡ଼ିବା ପରେ ଅନ୍ୟ ଭାଇମାନେ ପୁନର୍ବାର ଠିକ୍ ଉତ୍ତରାଧିକାରୀ ପ୍ରମାଣପତ୍ର ବାହାର କରି କେସ୍ କରିଛନ୍ତି। ମା'ଙ୍କୁ ପାଖରେ ରଖି ବଡ଼ଭାଇ ଗଣେଶ୍ୱର ଓ ତାଙ୍କ ପୁଅ ମାନସ ଅନେକ ନିର୍ଯାତନା ଦେଉଥିବା ସେମାନେ ଅଭିଯୋଗ କରିଛନ୍ତି। ମା'ଙ୍କୁ ଠିକ୍‌ଭାବେ ଖାଇବାକୁ ଦେଉ ନ ଥିଲେ। ଘର ଭିତରେ ପୂରାଇ ତାଲାମାରି ରଖୁଥିଲେ। ମା'ଙ୍କୁ ଅବହେଳା କରାଯାଉଥିବା ଖବର ପାଇବା ସରସ୍ୱତୀ ଓ ତାଙ୍କ ଭଉଣୀ ବାପଘରକୁ ଆସିଥିଲେ। ସେମାନେ ମା'ଙ୍କୁ ନେବାକୁ କହିବାରୁ ଗଣେଶ୍ୱର ଓ ତାଙ୍କ ପୁଅ ମାନସ ସେମାନଙ୍କୁ ମନା କରିବା ସହ ଗାଳିଗୁଲଜ କରିଥିଲେ। ସୋମବାର ରାତିରେ ଗଣେଶ୍ୱର ଓ ପୁଅ ମାନସ ମା'ଙ୍କ ତଣ୍ଟି ଚିପି ମାରି ଦେବା ପରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ ବୋଲି ସରସ୍ୱତୀ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ବୈଦେହୀଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସରସ୍ୱତୀ ତାଙ୍କ ବଡ଼ଭାଇ ଓ ପୁତୁରାଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ଗଣେଶ୍ୱର ଖଣ୍ଡନ କରିଛନ୍ତି। ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ପକ୍ଷରୁ ମୃତଦେହକୁ ଜବତ କରାଯିବା ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ମଙ୍ଗଳବାର ହସ୍ତାନ୍ତର କରାଯାଇଛି। ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

# ଫେରାର ୨ ଆନ୍ତଃରାଜ୍ୟ ଅଭିଯୁକ୍ତ ଗିରଫ

**ଏଟିଏମ୍ ତାଡ଼ି ଲୁଟ୍ ଘଟଣା**

ଭୁବନେଶ୍ୱର,୪।୩(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଲିଙ୍ଗରାଜ ଥାନା ଅନ୍ତର୍ଗତ ଶ୍ରୀରାମନଗର ଅଞ୍ଚଳରେ ଏଟିଏମ୍ ତାଡ଼ି ଟଙ୍କା ଲୁଟ ମାମଲାରେ ପୋଲିସ ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ ଗାଜିଆବାଦ ଅଞ୍ଚଳର ଏ. ରୁସ୍ତମ୍ (୩୬) ଓ ପଶ୍ଚିମବଙ୍ଗ ଚବିଶପ୍ରଗଣା ଜିଲା ବାସନ୍ତୀ ଥାନା ଅଞ୍ଚଳର ରାଜୁ ଓରଫ ସେକ୍ ମିଜାନୁର ରେହେମାନ ମୁଲ୍ଲା (୪୫)। ଉଭୟଙ୍କଠାରୁ ୩୮ ହଜାର ଟଙ୍କା ଓ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଏହି ଆନ୍ତଃରାଜ୍ୟ ଅଭିଯୁକ୍ତଦ୍ୱୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ୩ ଦିନ ତଳେ ପୋଲିସ ଟିମ୍ ଲିଙ୍ଗରାଜ ଥାନା ଅଞ୍ଚଳର ଭିକି ଦେବୀପ୍ରସାଦ ମଲ୍ଲିଆ, ଆକାଶ ମହାପାତ୍ର, ଏୟାରଫିଲ୍ଡ ଥାନା ଅଞ୍ଚଳର ସାଗର ସାମଲ, ବୀରେନ ରାଉତ, ଜଟଣୀର



ଗିରଫ ଦୁଇ ଅଭିଯୁକ୍ତ

ରମାକାନ୍ତ ସାହୁ ଓରଫ କାହ୍ନା ଏବଂ ରାଉରକେଲାର ବୁବାଇ ଓରଫ ଆକାଶ ମୁଖାର୍ଜୀଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ଗତ ଜାନୁଆରୀ ୨୪ ତାରିଖ ଭୋର ସମୟରେ ଅଭିଯୁକ୍ତମାନେ ଏଟିଏମ୍ ତାଡ଼ି ୨୧ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଅଭିଯୁକ୍ତମାନେ ଏହି କାଣ୍ଡ ଭିଆଇବାକୁ ମାସେ ପୂର୍ବରୁ ଯୋଜନା କରିଥିଲେ। ଚୋରି ଟଙ୍କାକୁ ସେମାନେ ପରସ୍ପର ମଧ୍ୟରେ ବାଣ୍ଟି ନେଇଥିଲେ। ଏକ ହତ୍ୟା ମାମଲାରେ ଭିକି ଓ ସାଇବର ମାମଲାରେ ଆକାଶ ଗିରଫ ହୋଇ ଝାରପଡ଼ା ଜେଲ ଯାଇଥିଲେ। ଧଉଳି ଏଟିଏମ୍ ଲୁଟ ମାମଲାରେ ରାଜୁ ମଧ୍ୟ ଜେଲରେ ରହିଥିଲେ। ସେଠାରେ ପରସ୍ପର ପରିଚିତ ହୋଇ ଆଉ ଏକ ଲୁଟ୍ କରିବା ପାଇଁ ଯୋଜନା କରିଥିଲେ। ରାଜୁ ୨୦୨୨ରେ ଜାମିନରେ ଜେଲରୁ ବାହାରିଥିଲେ। ପରେ ୨୦୨୪ ଡିସେମ୍ବରରେ ଭିକି ଜାମିନରେ ଆସିଥିଲେ। ଏହାପରେ ଅଭିଯୁକ୍ତମାନେ ଗ୍ୟାଙ୍ଗ ଗଢ଼ି ଲୁଟ୍ କରିଥିଲେ। ଏନେଇ ଏସ୍‌ବିଆଇ ଓଲ୍ଡଟାଉନ ବ୍ରାଞ୍ଚ ଚିଫ୍ ମ୍ୟାନେଜର ପ୍ରଦୀପ ରଞ୍ଜନ ମହାପାତ୍ରଙ୍କ ଏତଲା ଆଧାରରେ ଲିଙ୍ଗରାଜ ଥାନା ପକ୍ଷରୁ ଏକ ମାମଲା (ନଂ.୨୬/୨୦୨୫) ରୁଜୁକରାଯାଇ ତଦନ୍ତ ଜାରିରହିଥିଲା।

**୫୦ କୋଟି ହେରଫେର ମାମଲା**

# ରାଜା ଚକ୍ରଙ୍କ ଘରେ ଇଓଡବ୍ଲ୍ୟୁ ଚଢ଼ାଉ

କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ)/ଭୁବନେଶ୍ୱର, ୪।୩(ସତ୍ୟଜିତ୍ ରାଉତ)

ଓଡ଼ିଶା ଖଣି ନିଗମ ସହ ସହବନ୍ଧିତ ଥିବା କେନ୍ଦୁଝର ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ପ୍ରାୟ ୫୦କୋଟି ଟଙ୍କା ହେର୍‌ଫେର୍ ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ ତଦନ୍ତ ଜାରି ରହିଛି। ଏହି ଲିଙ୍କ୍‌ରେ କେନ୍ଦୁଝରର ବିଜେଡି ନେତା ସୌମ୍ୟ ଓରଫ ରାଜା ଚକ୍ରଙ୍କୁ ମଙ୍ଗଳବାର ଇଓଡବ୍ଲ୍ୟୁ ପକ୍ଷରୁ ପଚରାଉଚରା କରାଯାଇଥିବାବେଳେ ମଙ୍ଗଳବାର ଚଢ଼ାଉ ପ୍ରକ୍ରିୟା ଆରମ୍ଭ ହୋଇଛି। ଇଓଡବ୍ଲ୍ୟୁ ଓ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ) ପକ୍ଷରୁ କେନ୍ଦୁଝର ସମେତ ସୁନ୍ଦରଗଡ଼, ସମ୍ବଲପୁର



କେନ୍ଦୁଝର ରୋଡ଼ସ୍ଥିତ ରାଜା ଚକ୍ରଙ୍କ ଘରେ ଇଓଡବ୍ଲ୍ୟୁ ଅଧିକାରୀ ଚଢ଼ାଉ କରିବାକୁ ଯାଉଛନ୍ତି।

ଆଦି ଜିଲାର ରାଜାଙ୍କ ପ୍ରାୟ ୮ ଟି ସ୍ଥାନରେ ଚଢ଼ାଉ ହୋଇଛି। ଏଥିମଧ୍ୟରେ କେନ୍ଦୁଝର ଜିଲା ଶୁଆକାଟିସ୍ଥିତ ରାଜାଙ୍କ ଲୋଡିଂ ଏଜେନ୍ସି ଅଫିସ, କେନ୍ଦୁଝର ସହରରେ ଥିବା ବାସଗୃହ, ଘଟଗାଁ ବ୍ଲକ୍ ଗୋପାଳପୁରସ୍ଥିତ ଫାର୍ମ ହାଉସ ଏବଂ ଶିଳ୍ପାଞ୍ଚଳ କରିଡର ଚେକ୍ ପଏଣ୍ଟ ଆଦି ରହିଛି। ଚଢ଼ାଉ ବେଳେ ରାଜାଙ୍କ ୨୦ ଗାଡ଼ି, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଆଦି ଜବତ କରାଯାଇଥିବା ଜଣାପଡିଛି। ଏପରିକି ଫାର୍ମ ହାଉସ୍‌କୁ ମଧ୍ୟ ସିଲ୍ କରାଯାଇଥିବା ସୂଚନା ମିଳିଛି। ରାଜାଙ୍କ ନାମରେ ୩ଟି କମ୍ପାନୀ ରହିଥିବା ବେଳେ ବିଭିନ୍ନ ବ୍ୟାଙ୍କରେ ତାଙ୍କର ଆକାଉଣ୍ଟ ଠାବ ହୋଇଛି। ଉକ୍ତ ଆକାଉଣ୍ଟରୁ କାହା ପାଖକୁ ଟଙ୍କା ଯାଇଛି ଏବଂ ଆସିଛି ଟିମ୍ ପକ୍ଷରୁ ଛାନ୍‌ଭିନ୍ ଜାରି ରହିଛି। ସୋମବାର ରାଜାଙ୍କୁ ଇଓଡବ୍ଲ୍ୟୁ ପ୍ରାୟ ୧୨ ଘଣ୍ଟା ଧରି ଜେରା କରି ବହୁ ତଥ୍ୟ ହାସଲ କରିଥିଲା। ଉଲ୍ଲେଖଯୋଗ୍ୟ, ଏହି ମାମଲାରେ ଇଓଡବ୍ଲ୍ୟୁ ଗତ ଫେବୃଆରୀ ୮ରେ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋଅପରେଟିଭ୍ ଲିମିଟେଡ୍‌ର ପୂର୍ବତନ ସଭାପତି ମାନସ ରଞ୍ଜନ ବାରିକ ଓ ସମ୍ପାଦକ ଉତ୍କଳ ଦାଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ତଦନ୍ତ ସମୟରେ ଏହି ଠକେଇ ଲିଙ୍କ୍‌ରେ ଅନେକ ପ୍ରଭାବଶାଳୀ ଲୋକଙ୍କ ସମ୍ପୃକ୍ତି ଥିବା ଇଓଡବ୍ଲ୍ୟୁ ଜାଣିବାକୁ ପାଇ ଅଧିକ ଛାନ୍‌ଭିନ୍ ଚଳାଇଛି।

# ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର

ଭୁବନେଶ୍ୱର,୪।୩(ସତ୍ୟଜିତ୍ ରାଉତ)

ବିବାହର ମିଛ ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ଯୁବକଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରିବିହାରରେ ରହୁଥିବା ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଅଞ୍ଚଳର ସୌରଭ ସୁମନ ବେହେରା(୨୪)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମାମଲା ଅନୁଯାୟୀ, ଅଭିଯୋଗକାରିଣୀ ଯୁବତୀ ଜଣକ ଲିଙ୍ଗରାଜ ଥାନା ଅଞ୍ଚଳରେ ରୁହନ୍ତି। ଦେଢ଼ବର୍ଷ ତଳେ ଅଭିଯୁକ୍ତ ସୌରଭଙ୍କ ସହ ତାଙ୍କର କ୍ୟାପିଟାଲ ହସ୍ପିଟାଲ ପରିସରରେ ଦେଖା ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇଥିଲା। ପରେ ବିବାହର ମିଛ ପ୍ରତିଶ୍ରୁତି ଦେଇ ପୀଡ଼ିତାଙ୍କୁ ସୌରଭ ତାଙ୍କ ଭଡ଼ାଘର ଏବଂ ଅନ୍ୟାନ୍ୟ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଏହା ବ୍ୟତୀତ ସୌରଭ ବିବାହ କରିବା ଆଳରେ ଫୋନ-ପେ' ଜରିଆରେ ଯୁବତୀଙ୍କ ଆକାଉଣ୍ଟରୁ ୪୦ହଜାର ଟଙ୍କା ମଧ୍ୟ ନେଇଯାଇଥିଲେ। ପରେ ସେ ପୀଡ଼ିତାଙ୍କୁ ବିବାହ କରିବାକୁ ଅରାଜି ହେବା ସହ ଫେରାର

**ଜେଲ ଗଲେ ଅଭିଯୁକ୍ତ**

ହୋଇଯାଇଥିଲେ। ପୀଡ଼ିତା ଉପାୟ ଶୂନ୍ୟ ହୋଇ ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଥିଲା। ସୋମବାର ଥାନା ପକ୍ଷରୁ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୬୯ (ପ୍ରତାରଣାକାରୀ ଉପାୟ ଆଦି ବ୍ୟବହାର କରି ଯୌନ ସମ୍ପର୍କ ସ୍ଥାପନ)ରେ ଏକ ମାମଲା (ନଂ.୯୩/୨୦୨୫) ରୁଜୁକରି ସୌରଭଙ୍କୁ ଗିରଫ କରିଥିଲା।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ/ଟିଆରଡି/ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ଲାଗି ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ: କ୍ର.ସଂ.; ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଇଏମ୍‌ଡି: (୧); ଟିଆରଡି-କେଜିପି-ଡବ୍ଲ୍ୟୁ-୨୦୨୪-୨୫-୨୮; ଦ.ପୂ. ରେଳପଥର ଏଡିଇଇ/ଟିଆରଡି/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ୦୨ ବର୍ଷ ପାଇଁ ବିବିଧ ଟିଆରଡି କାର୍ଯ୍ୟ; ₹୪୯,୦୦,୦୭୦.୦୦; ₹୯୮,୦୦୦.୦୦; (୨); ଟିଆରଡି-କେଜିପି-ଡବ୍ଲ୍ୟୁ-୨୦୨୪-୨୫-୨୭; ଦ.ପୂ. ରେଳପଥର ଏଡିଇଇ/ଟିଆରଡି/ବିଏଲ୍‌ଏସ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ୦୨ ବର୍ଷ ପାଇଁ ବିବିଧ ଟିଆରଡି କାର୍ଯ୍ୟ; ₹୪୭,୬୯,୪୮୫.୦୦; ₹୯୫,୪୦୦.୦୦; ଟେଣ୍ଡର କାଗଜପତ୍ର ମୂଲ୍ୟ: ଶୂନ୍ୟ (କ୍ର.ସଂ. ୧ ଓ ୨ ପାଇଁ); ଖୋଲାଯିବା ତାରିଖ: ତା୨୭।୦୩।୨୦୨୫ରିଖ (କ୍ର.ସଂ. ୧ ଓ ୨ ପାଇଁ); ସମାପ୍ତି ଅବଧି: ୨୪ ମାସ (କ୍ର.ସଂ. ୧ ଓ ୨ ପାଇଁ); ଦାଖଲର ତାରିଖ: ତା୨୭।୦୩।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ଓ ୨ ପାଇଁ)। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ଏବଂ ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-1201)

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/24-25/ E-Tender/113, ତା.28.02.2025ରିଖ

ଟେଣ୍ଡର ସଂ. etenderhqkur-331-2024 ତା.20.02.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର/P.WAY/ଖୋର୍ଦ୍ଧା ରୋଡ଼ ପରିସୀମା ଅଧିନସ୍ଥ ଖୋର୍ଦ୍ଧା ରୋଡ଼ ୟାର୍ଡ ଏବଂ ପ୍ରବେଶ ମାର୍ଗରେ ଟ୍ରାକ୍, ପଏଣ୍ଟ ଏବଂ କ୍ରସିଙ୍ଗଗୁଡ଼ିକର ଡିପ୍ ସ୍କ୍ରିନିଙ୍ଗ୍ ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟସମୂହ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 263.63 ଲକ୍ଷ, EMD : ₹ 2,81,800/-, ଶେଷ ହେବା ଅବଧି : 10 (ଦଶ) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.17.03.2025ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ଖୋର୍ଦ୍ଧା ରୋଡ଼

PR-1039/P/24-25


## ୫ ବର୍ଷର ଶିଶୁକୁ ନବମ ଶ୍ରେଣୀ ଛାତ୍ରଙ୍କ ଅସଦାଚରଣ

ପାଟକୁରା, ୪।୩ (ରବୀନ୍ଦ୍ର ନାଥ ବାରିକ)

କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ କୁଦାନଗରୀ ଥାନା ଅଧୀନ ଏକ ଗ୍ରାମରେ ଜନୈକା ୫ ବର୍ଷର ଶିଶୁକୁ ପାଖ ଗ୍ରାମର ଜଣେ ନବମଶ୍ରେଣୀ ଛାତ୍ର ଅସଦାଚରଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୬୯/୨୫ରେ ମାମଲା ରୁଜୁକରି ସମ୍ପୃକ୍ତ ନାବାଳକଙ୍କୁ ଧରି ମଙ୍ଗଳବାର କେନ୍ଦ୍ରାପଡ଼ା ଜୁଭେନାଇଲ କୋର୍ଟ ଚାଲାଣ କରିଛି। ପରେ ତାଙ୍କୁ ଅନୁଗୋଳ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି।

# 'ଅତ୍ୟାଚାର ସହି ପାରିଲିନି, ମାରିଦେଲି'

କୁଚିଣ୍ଡା,୪।୩(ବିରଞ୍ଚି ଦର୍ଶୀ)

**ସତ ମାନିଲେ ସ୍ତ୍ରୀ**

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଶିରିଡ ପଞ୍ଚାୟତ କୁଇଲାରୀଯୋର ଗ୍ରାମର ଗଜେନ୍ଦ୍ର କିଷାନ(୩୫)ଙ୍କୁ ତାଙ୍କ ସ୍ତ୍ରୀ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ପୋଲିସ ଅଭିଯୁକ୍ତ ସ୍ତ୍ରୀ ଯଶୋଦା କିଷାନ(୩୦)ଙ୍କୁ ଗିରଫ କରି ମଙ୍ଗଳବାର କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସ୍ୱାମୀ ନିଶାସେବନ କରି ତାଙ୍କୁ ମାରପିଟ କରିଆସୁଥିଲେ। ଏଭଳି ଅତ୍ୟାଚାର ଅସହ୍ୟ ହେବାରୁ ସ୍ୱାମୀଙ୍କୁ ହତ୍ୟା କରିଥିବା ପୋଲିସ ପଚରା ଉଚରାବେଳେ ଯଶୋଦା କହିଛନ୍ତି। ଏ ନେଇ କୁଚିଣ୍ଡା ଥାନାରେ ଦଫା ୧୦୩ ବିଏନଏସରେ ଏକ ମାମଲା (ନଂ.୬୩/୨୫) ରୁଜୁ ହୋଇଛି।

ମୃତ ଗଜେନ୍ଦ୍ର ନିକଟସ୍ଥ ଗୁଦୁରାପଡା ଗ୍ରାମର ଯଶୋଦାଙ୍କୁ ବିବାହ କରିଥିଲେ। ପରିବାର ପ୍ରତିପୋଷଣ ପାଇଁ ସେ ତାମିଲନାଡୁରେ ଶ୍ରମିକଭାବେ କାମ କରୁଥିଲେ। ତାଙ୍କର ଏକମାତ୍ର ୧୨ବର୍ଷର ଝିଅ ଗୁଦୁରାପଡା ମିଶନ ସ୍କୁଲର ହଷ୍ଟେଲରେ ରହି ପଢ଼ୁଥିବା ବେଳେ ଯଶୋଦା ଘରେ ଏକୁଟିଆ ରହୁଥିଲେ। ଗଜେନ୍ଦ୍ର ଗ୍ରାମର ଏକ ବିବାହ ଉତ୍ସବରେ ଯୋଗଦେବାକୁ ରବିବାର ତାମିଲନାଡୁରୁ ଘରକୁ ଆସିଥିଲେ। ନିଶାସେବନ କରି ଗଜେନ୍ଦ୍ର ଯଶୋଦାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ପରେ ସେ ବାହାଘରରେ ଯୋଗଦେଇ ରାତିରେ ଘରକୁ ଫେରି ଶୋଇଥିଲେ। ମାଡ଼ ଭୟରେ ଯଶୋଦା ମଧ୍ୟ ଘରୁ ବାହାଘରକୁ ଚାଲିଯାଇଥିଲେ। ସ୍ୱାମୀ ଘରକୁ ଫେରିବାର କିଛି ସମୟ ପରେ ଯଶୋଦା ଆସିଥିଲେ। ଗଜେନ୍ଦ୍ର ପଲଙ୍କ ଉପରେ ଶୋଇଥିବା ବେଳେ ଯଶୋଦା ଏକ ଟାଙ୍ଗିଆରେ ବେକ ଓ ଶରୀରର ବିଭିନ୍ନ ସ୍ଥାନରେ ଚୋଟ ମାରି ହତ୍ୟା କରିଥିଲେ। ହତ୍ୟାକାଣ୍ଡ ଘଟାଇ ଘରପାଖ ବୁଦାମୂଳରେ ଟାଙ୍ଗିଆ ଲୁଚାଇ ସେ ଶୋଇଯାଇଥିଲେ। ସୋମବାର ସକାଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ଗଜେନ୍ଦ୍ର ନ ଉଠିବାରୁ ତାଙ୍କ ବଡ଼ଭାଇ ରାଜେନ୍ଦ୍ର କିଷାନଙ୍କର ସନ୍ଦେହ ହୋଇଥିଲା। ଯଶୋଦାଙ୍କ କଥାବାର୍ତ୍ତାକୁ ସନ୍ଦେହ କରି ସେ ଘର ଭିତରକୁ ଯାଇ ଗଜେନ୍ଦ୍ରଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବିଛଣାରେ ପଡିଥିବା ଦେଖିଥିଲେ। ତାଙ୍କଠାରୁ କୁଚିଣ୍ଡା ପୋଲିସକୁ ଖବର ମିଳିଥିବା କୁଚିଣ୍ଡା ଆଇଆଇସି ବାମଦେବ ଶଙ୍ଖୁଆଳ କହିଛନ୍ତି।

# ସମ୍ବଲପୁରରେ ଏନ୍‌କାଉଣ୍ଟର



ଜିଲା ପୋଲିସ ମୁଖ୍ୟାଳୟରେ ଆରକ୍ଷୀ ଅଧୀକ୍ଷକ ସୂଚନା ଦେଉଛନ୍ତି। ପାର୍ଶ୍ୱରେ ଅଭିଯୁକ୍ତଙ୍କ ନିକଟରୁ ଜବତ ଟଙ୍କା ଓ ବନ୍ଧୁକ।

- ପୋଲିସ ଗୁଳିରେ ଦୁର୍ଦ୍ଧାନ୍ତ ଅପରାଧୀ ଗୁରୁତର
- ଅଭିଯୁକ୍ତଙ୍କ ବିରୋଧରେ ରହିଛି ୨୫ ମାମଲା



ଘଟଣାସ୍ଥଳରୁ ଜବତ ଅପରାଧୀଙ୍କ ପିସ୍ତଲ।

ସମ୍ବଲପୁର, ୪।୩(ପ୍ରମୋଦ ବହିଦାର)

ସମ୍ବଲପୁର ସହରରେ ମଙ୍ଗଳବାର ସକାଳେ ଏନ୍‌କାଉଣ୍ଟର ହୋଇଛି। ପୋଲିସ ସହିତ ଗୁଳି ବିନିମୟରେ ଜଣେ ଦୁର୍ଦ୍ଧାନ୍ତ ଅପରାଧୀ ବରଗଡ଼ ଟାଉନ ଥାନା ଗୋଲପଡ଼ାର ମହେଶ କୁମାର ଶର୍ମା ଓରଫ ଗୁଡୁ(୩୫)ଗୁରୁତର ହୋଇଛନ୍ତି। ତାଙ୍କୁ ଭୀମ୍‌ସାରରେ ଭର୍ତ୍ତିକରାଯାଇଛି। ତାଙ୍କ ନିକଟରୁ ଏକ ଦେଶୀ ପିସ୍ତଲ, ଗୋଟିଏ ବାଇକ୍ ଓ ୪୦ ହଜାର ଟଙ୍କା ଜବତ ହୋଇଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ମିଶ୍ର କହିଛନ୍ତି।

ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିଶ୍ର କହିଛନ୍ତି, ସୋମବାର ଅପରାହ୍ନରେ ଅକ୍ଷୟ କୁମ୍ଭାରଙ୍କଠାରୁ ଅଇଁଠାପାଲି ନିକଟରେ ଜଣେ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୪୫ ହଜାର ଟଙ୍କା ଲୁଟି ନେଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୬୪/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ଘଟଣାରେ ଅଭିଯୁକ୍ତ ମହେଶ ଶର୍ମାଙ୍କ ସମ୍ପୃକ୍ତି ଥିବା ପୋଲିସ ତଦନ୍ତରୁ ସୂଚନା ପାଇଥିଲା। ତାଙ୍କୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନକରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ମଙ୍ଗଳବାର ଭୋରରୁ ଅଇଁଠାପାଲି ଜମାଦାରପାଲି ବିମାନ ଅବତରଣ କେନ୍ଦ୍ର ରାସ୍ତାରେ ମହେଶ ଏକ ବାଇକ୍‌ରେ ବୁଲାବୁଲି କରୁଥିବା ବେଳେ ପ୍ରାତଃ ଭ୍ରମଣରେ ବାହାରିଥିବା ଜଣେ ମହିଳାଙ୍କ ସୁନାଚେନ୍ ଲୁଟ୍ ଉଦ୍ୟମ କରିଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସକୁ ଦେଖି ମହେଶ ନିଜ ବାଇକ୍‌ରେ ଫେରାରହେବାକୁ ଉଦ୍ୟମ କରିବାରୁ ପୋଲିସ ତାଙ୍କୁ ପିଛା କରିଥିଲେ। ଏହା ଦେଖି ମହେଶ ତାଙ୍କ ପିସ୍ତଲରୁ ପୋଲିସ ଉପରକୁ ୨ ରାଉଣ୍ଡ ଗୁଳି ଚାଳନା କରିଥିଲେ। ଆତ୍ମରକ୍ଷା ପାଇଁ ପୋଲିସ ପାଲଟା ଗୁଳି ଚଳାଇଥିଲା। ଏହି ରାସ୍ତାର ନିଲଡୁଙ୍ଗୁରି ମନ୍ଦିର ନିକଟରେ ସକାଳ ପ୍ରାୟ ୫ଟା୪୫ରେ ଉଭୟ ପକ୍ଷରୁ ଗୁଳି ବିନିମୟରେ ମହେଶଙ୍କ ବାମ ଗୋଡ଼ରେ ଗୁଳି ବାଜିଥିଲା। ସେ ଗୁରୁତର ଆହତ ହୋଇ ବାଇକ୍‌ରୁ ପଡ଼ିଯାଇଥିଲେ। ଏହି ସମୟରେ ପୋଲିସ ତାଙ୍କୁ କାବୁକରି ପ୍ରଥମେ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୀମ୍‌ସାରରେ ଭର୍ତ୍ତି କରିଥିଲା। ସମ୍ବଲପୁରରେ ଏହି ଟଙ୍କା ଲୁଟ୍ ମାମଲାକୁ ମିଶାଇ ମହେଶଙ୍କ ନାମରେ ସମ୍ବଲପୁର ସହିତ ବରଗଡ଼, ବଲାଙ୍ଗୀର ଆଦି ଜିଲାର ବିଭିନ୍ନ ଥାନାରେ ପ୍ରାୟ ୨୫ଟି ଆପରାଧିକ ମାମଲା ରହିଥିବା ଜଣାପଡ଼ିଛି।


**PUBLIC NOTICE**

BRM Trust, through its authorized representatives, intends to sell the property located at plot no 1744 & 1746 Mz. Pubasasan – 53, Kaushalyaganga, Bhubaneswar. Any individual or entity with a claim, lien, objection, or right regarding the aforementioned property must submit their claims within 15 days from the date of this notice to the following email address. Failure to do so will result in the transaction proceeding without further notice, and no claims will be considered thereafter.

For any objection, please write to: privatepropertyhunt@gmail.com

**GOVERNMENT OF CHHATTISGARH, WATER RESOURCES DEPARTMENT**
OFFICE OF THE EXECUTIVE ENGINEER, KHARUNG WATER RESOURCES DIVISION, BILASPUR, DISTT.: BILASPUR (C.G.)
**e-PROCUREMENT TENDER NOTICE**
eProcurement Portal: https://eproc.cgstate.gov.in

NIT No.: 24, 25 & 26/SAC/2024-25 Dated: 28.02.2025

Online tenders are invited for the following works

| NIT No. | Tender System No. | Name of Work | Probable Amount |
|---|---|---|---|
| 24/SAC/24-25 Dt.28.02.25 | 164752 (Second Call) | Construction of Scape at RD 2310 M., RD 3960 M., RD 5730 M. & RD 8340 M. and Silt Clearance form RD 2400 M. to 12000 M. of Main Canal of Bharari Diversion Scheme | 101.05 Lakhs |
| 25/SAC/24-25 Dt.28.02.25 | 164755 First Call | Renovation work of Baniyadih Tank with repair of Bund, Construction of Spill Channel, Shut Fall, Canal Repair and Lining work under Block Masturi, Distt.: Bilaspur | 224.37 Lakhs |
| 26/SAC/24-25 Dt.28.02.25 | 164758 First Call | Improvement work of Panbhariya Tank at Village: Seepat Block Masturi, Distt.: Bilaspur | 267.01 Lakhs |

(Portable Amount of Contract based on SOR 22.08.2022)
The details can be viewed and downloaded online directly from the Government of Chhattisgarh integrated e-Procurement Portal (https://eproc.cgstate.gov.in) from Date:07.03.2025 at 17.31 hours (IST) onwards.
NOTE: 1. All eligible/interested contractors/bidders are mandated to get enrolled on the Integrated e-procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.
2. It is mandatory for the tenderer to use the certificate issued for Pre Bid Qualification (Valid upto 30.09.2025) in the year 2024 in this tender.

G-242505677/2

Sd./- Executive Engineer
Kharung W.R. Division, Bilaspur (C.G.)

**छत्तीशगढ़ शासन, जल संसाधन विभाग**
कार्यालय कार्यपालन अभियंता, जल प्रबंध संभाग क्र. 02 बलौदाबाजार (छ.ग.)
**ई-प्रोक्यूरमेंट निविदा सूचना**
Main Portal: http://cgeprocurement.gov.in
WRD Portal: http://wrd.cgeprocurement.gov.in
**निरस्तीकरण सूचना**

इस कार्यालय द्वारा आमंत्रित सिस्टम क्रमांक 162740 (प्रथम आंमत्रण) निविदा सूचना क्रमांक 07/व.ले.लि./ई-प्रोक्युरमेंट/2024-25 दिनांक 13.12.2024, जिसका जी नंबर 242504594/2 दिनांक 17.12.2024 में जी शेड्यूल में आवश्यक सुधार होने के कारण निविदा निरस्त की जाती है।

स्वा./- कार्यपालन अभियंता
जल प्रबंध संभाग क्र 02, बलौदाबाजार
कृते मुख्य अभियंता महानदी परियोजना
जल संसाधन विभाग, रायपुर, छ.ग.

G-242505645/4

**Directorate of Tourism**
**Govt. of Jharkhand**
**Department of Tourism, Art Culture, Sports and Youth Affairs (Tourism Division)**
MDI Building, 2nd Floor, Dhurwa, Ranchi-834004
Phone:(0651)2400493, email:dirjharkhandtourism@gmail.com,
Web:https://tourism.jharkhand.gov.in

RFP No:- 284 / Dated:-04/03/2025

**Short Notice Inviting Tender**
for
**Selection of an Agency for Design, Supply, Installation, Operation and Maintenance, Support for Interactive Digital Touch Screen Smart Kiosk At Designated Locations For Jharkhand Tourism Branding & Promotion (Call-3)**

The Directorate of Tourism (DoT), Govt. of Jharkhand intends to Selection of An Agency for Design, Supply, Installation, Operation And Maintenance, Support For Interactive Digital Touch Screen Smart Kiosk At Designated Locations For Jharkhand Tourism Branding & Promotion therefore, invites interested agencies to submit their Bids.

Interested agencies may download the document from **04.03.2025, 17:00 Hours** onwards from the Department of Tourism website:–www.tourism.jharkhand. gov.in/ and submit their Applications. The Bid Due Date is **20.03.2025 at 11:00 hours**. A Bid opening Conference will be held on **20.03.2025 at 11:30 hours** at the office of Directorate of Tourism, MDI Building, 2nd floor, HEC Campus, Dhurwa, Ranchi–04, Tel Phone: 0651-2400493, e-mail: dirjharkhandtourism@gmail.com.

All subsequent notifications, changes and amendments will be posted only on the website www.tourism.jharkhand.gov.in

DoT reserves the right to cancel this invitation and/or invite fresh Bid with or without amendments to this invitation, without liability or any obligation for such invitation and without assigning any reason.

Sd/-
Director,
Tourism

PR 347787 Tourism, Art Culture Sports And Youth Affairs (24-25).D

**कार्यपालक अभियंता का कार्यालय,**
**लघु सिंचाई प्रमंडल, गोड्डा।**
**शुद्धि–पत्र**

एतद द्वारा सूचित किया जाता है कि इस कार्यालय द्वारा आमंत्रित **e-Tender Reference No.-DMFT/MID/GODDA/ F2-17 2nd Call/2024-25 Gr. No.-03** जिसका **PR No.-346140** में प्रकाशित, वेवसाइट में ई–निविदा प्रकाशन की तिथि–14.02.2025 के स्थान पर 08.03.2025, ई–निविदा प्राप्ति की तिथि एवं समय–25.02.2025 के स्थान 22.03.2025 अपराह्न 05:00 बजे तक एवं ई–निविदा खोलने की तिथि 27.02.2025 के स्थान पर 24.03.2025 को अपराह्न 05:00 बजे तक पढ़ा जाय। निविदा की अन्य शर्तें पूर्ववत रहेगी।

कार्यपालक अभियंता,
लघु सिंचाई प्रमंडल, गोड्डा।

PR 347792 Minor Irrigation(24-25)D

## ଭାରସାମ୍ୟ ହରାଇ ବସ୍ ଦୁର୍ଘଟଣାଗ୍ରସ୍ତ

ପୁରୀ,୪।୩(ଅଜିତ୍ କୁମାର ମହାନ୍ତି)- ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ବାଟମଙ୍ଗଳା ମନ୍ଦିର ନିକଟସ୍ଥ ବଡ଼େଇବାଙ୍କ ଠାରେ ମଙ୍ଗଳବାର ଗଣେଷ ନାମକ ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ଟି ଭୁବନେଶ୍ୱରରୁ ପୁରୀ ଆସୁଥିବା ବେଳେ ବଡ଼େଇବାଙ୍କଠାରେ ଭାରସାମ୍ୟ ହରାଇ ଡିଭାଇଡର୍ ଉପରେ ଚଢ଼ି ଯାଇଥିଲା। ତେବେ ଦୁର୍ଘଟଣାରେ କୌଣସି ଯାତ୍ରୀଙ୍କ କ୍ଷୟକ୍ଷତି ହୋଇ ନ ଥିବା ବେଳେ ବସ୍‌ର କ୍ଷତି ଘଟିଛି। ମଙ୍ଗଳବାର ଅପରାହ୍ନ ୨ଟା ୩୦ ମିନିଟ୍ ସମୟରେ ଏଭଳି ଘଟଣା ଘଟିଥିବା ସୂଚନା ମିଳିଛି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ କରିଥିବା ବେଳେ ବସ୍‌କୁ ଡିଭାଡର୍ ଉପରୁ ରାସ୍ତାକୁ କଢ଼ାଯାଇଥିବା ଜଣାପଡ଼ିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୪।୩।୨୦୨୫

| | |
|---|---|
| ୪,୮୧,୦୧୧ ଟଙ୍କା | |
| ସୁନା | ୧.୬୫୦ ଗ୍ରାମ୍ |
| ରୁପା | ୫୩.୫୦୦ ଗ୍ରାମ୍ |

# ପ୍ରସ୍ତାବିତ କୋଷ୍ଟାଲ ହାଇୱେକୁ ବିରୋଧ

**ଜିଲାପାଳ ଅଫିସ ଘେରିଲା କୃଷି କୃଷକ ଉପକୂଳ ବଞ୍ଚାଅ ସଂଘର୍ଷ ସମିତି**

ପୁରୀ,୪।୩(ଅଜିତ୍ କୁମାର ମହାନ୍ତି)

ପ୍ରସ୍ତାବିତ କୋଷ୍ଟାଲ ହାଇୱେକୁ ବିରୋଧକରି କୃଷି କୃଷକ ଉପକୂଳ ବଞ୍ଚାଅ ସଂଘର୍ଷ ସମିତି ପକ୍ଷରୁ ମଙ୍ଗଳବାର ଜିଲାପାଳ ଅଫିସ ଘେରାଉ କରିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ସମିତି ପକ୍ଷରୁ ଅଭିଯୋଗ କରାଯାଇଛି କି, ଦୀର୍ଘଦିନ ତଳୁ ପ୍ରସ୍ତାବିତ ଗୋପାଳପୁର-ଦୀଘା ଉପକୂଳ ରାଜପଥ ମୁଷ୍ଟିମେୟଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ଗତିପଥ ପରିବର୍ତ୍ତନ କରି ଖୋର୍ଦ୍ଧା ଜିଲା ବଡ଼ପୋଖରିଆଠାରୁ ଦୀଘା ପର୍ଯ୍ୟନ୍ତ ଉପକୂଳ ଛାଡ଼ି ୪୦୦ କି.ମି. ଦୈର୍ଘ୍ୟ ୬ ଲେନ୍‌ବିଶିଷ୍ଟ ଗ୍ରୀନ୍‌ଫିଲ୍ଡ ଜାତୀୟ ରାଜପଥ ନିର୍ମାଣ କରିବାକୁ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ବିଭାଗ ତରବରିଆ ଭାବେ ଟେଣ୍ଡର ଆହ୍ୱାନ କରିଥିଲା। ଏଥିନିମନ୍ତେ ଜନସାଧାରଣଙ୍କୁ ଭଲଭାବରେ ଅବଗତ କରାଯାଇନାହିଁ। ସମୁଦ୍ର ଉପକୂଳଠାରୁ ୧୦ରୁ ୧୫ କି.ମି. ଦୂରରେ ସମ୍ପୂର୍ଣ୍ଣ ଚାଷଜମି ଭିତରେ ନାମ ବଦଳାଇ ଗ୍ରୀନ୍‌ଫିଲ୍ଡ ରାଜପଥ ନିର୍ମାଣ କରିବାକୁ ଯୋଜନା କରାଯାଇଛି। ଏହା କରାଗଲେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକର ଚାଷ ସମ୍ପୂର୍ଣ୍ଣ ଉଜୁଡ଼ିଯିବ। ଚାଷୀଙ୍କ ପାଖରେ ରହିଯାଇଥିବା ଜମି ବର୍ଷାଦିନେ ଜଳାର୍ଣ୍ଣବ ହେବ ବୋଲି ଅଭିଯୋଗ କରିଛନ୍ତି। ବିକ୍ଷୋଭ ପ୍ରଦର୍ଶନରେ ଚିଲିକା କୃଷ୍ଣପ୍ରସାଦଠାରୁ ଆରମ୍ଭକରି ପୁରୀ ସଦର, ଗୋପ, କାକଟପୁର, ଅସ୍ତରଙ୍ଗ ଇତ୍ୟାଦି ବ୍ଲକର ଶତାଧିକ କ୍ଷତିଗ୍ରସ୍ତ ଚାଷୀ ଉପସ୍ଥିତ ଥିଲେ।

ଆବାହକ ମାନବିକ ଅଧିକାର କର୍ମୀ ପ୍ରଦୀପ୍ତ ନାୟକଙ୍କ ନେତୃତ୍ୱରେ ଅଧ୍ୟାପକ ସୁରେନ୍ଦ୍ର ଜେନା, ଆଡ୍‌ଭୋକେଟ ଶରତ ରାୟଗୁରୁ, ସିପିଏମ୍ ନେତା ଜଗନ୍ନାଥ ଦେଓ, କୃଷକ ନେତା ଭୀମସେନ ସ୍ୱାଇଁ, ଯୁବ କଂଗ୍ରେସ ନେତା ସୁବାସ ନାୟକ ଏବଂ ଯୁବନେତା ମାନସ ମହାପାତ୍ର ପ୍ରମୁଖ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନକରି ପ୍ରସ୍ତାବିତ ଗ୍ରୀନ୍‌ଫିଲ୍ଡ ରାଜପଥକୁ ପରିବର୍ତ୍ତନ କରି ପୂର୍ବ ନିର୍ଦ୍ଧାରିତ ଉପକୂଳ ରାଜପଥ ନିର୍ମାଣ କରାଯିବାକୁ ଦାବି କରିଥିଲେ। ଏହା ପୂର୍ବରୁ ଉପକୂଳବର୍ତ୍ତୀ ଜିଲାଗୁଡ଼ିକର ପ୍ରତି ପଞ୍ଚାୟତରେ ସମସ୍ତ ଚାଷୀଙ୍କୁ ଡେଙ୍ଗୁରା ମାଧ୍ୟମରେ ଜଣାଇ ଗ୍ରାମସଭା କରି ଚାଷୀଙ୍କ ମତାମତ ନେବାକୁ ଦାବି କରିଛନ୍ତି।



ଜିଲାପାଳଙ୍କ ଅଫିସ ଘେରାଉ ସମୟରେ ଉପସ୍ଥିତ ସମିତିର ସଦସ୍ୟମାନେ ।

## ୩୧,୬୬୧ ଚାଷୀଙ୍କୁ ମିଳିଲାଣି ଇନ୍‌ପୁଟ ସବ୍‌ସିଡି

ପୁରୀ, ୪।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାର ୩୧ହଜାର ୬୬୧ ଜଣ ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି କୁଇଣ୍ଟାଲ ପିଛା ୮୦୦ ଟଙ୍କା ହିସାବରେ ୧୦୮କୋଟି ୧୩ ଲକ୍ଷ ୧୯ ହଜାର ୫୪୪ ଟଙ୍କା ମିଳିଲାଣି ବୋଲି ଜିଲା ଯୋଗାଣ ଅଧିକାରୀ ସୁବୋଧ ହୋତା ସୂଚନା ଦେଇଛନ୍ତି। ପୁରୀ ଜିଲାର ସମସ୍ତ ୧୧ଟି ବ୍ଲକରେ ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରାଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଜିଲାର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ବ୍ଲକ ଦାୟିତ୍ୱରେ ରହି ଧାନ ସଂଗ୍ରହକୁ ଶୃଙ୍ଖଳିତ ପରିଚାଳନା ପାଇଁ ତଦାରଖ କରୁଛନ୍ତି। ଯୋଗାଣ ଅଧିକାରୀ, ସମବାୟ ସମିତିର କର୍ମକର୍ତ୍ତା ଓ ଆର୍‌ଏମ୍‌ସି ପକ୍ଷରୁ କୃଷକମାନଙ୍କୁ ସମସ୍ତ ସହଯୋଗ ଯୋଗାଇଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଜିଲାର କୃଷକମାନେ ଧାନବିକ୍ରିରେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ସଜାଗ ରହି ପଦକ୍ଷେପ ନେବାକୁ ଜିଲାପାଳ ସ୍ୱାଇଁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଖରିଫ ଋତୁରେ ପଞ୍ଜୀକୃତ ୪୮ହଜାର ୯୬୪ କୃଷକଙ୍କଠାରୁ ୨୦ ଲକ୍ଷ ୪୨ ହଜାର ୬୦୦ କୁଇଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ରହିଛି। ପ୍ରଥମ ପର୍ଯ୍ୟାୟରେ ୧୧ଲକ୍ଷ ୬୮ହଜାର ୬୦୦ କୁଇଣ୍ଟାଲ ଓ ଦ୍ୱିତୀୟ ପର୍ଯ୍ୟାୟରେ ୮ଲକ୍ଷ ୭୪ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରହିଛି। ଚଳିତ ମାସ ୪ ତାରିଖ ସୁଦ୍ଧା ଖୋଲାଯାଇଥିବା ୧୮୭ଟି ମଣ୍ଡିରେ ୩୪ ହଜାର ୧୪୯ କୃଷକଙ୍କଠାରୁ ୧୪୦୨୧୫୨.୮୩ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ୧୪ହଜାର ୮୧୫ ଚାଷୀ ଧାନ ବିକ୍ରି ପାଇଁ ରହିଛନ୍ତି। ୩୩ହଜାର ୨୦୧ କୃଷକଙ୍କୁ ୩୦୬ କୋଟି ୬୬ ଲକ୍ଷ ୯୪ ହଜାର ୮୮୦ ଟଙ୍କା ବ୍ୟାଙ୍କ ପକ୍ଷରୁ ପ୍ରେରଣ କରାଯାଇଥିବା ବେଳେ ୩୧ ହଜାର ୬୬୧ କୃଷକ ୨୯୩ କୋଟି ୧୧ ଲକ୍ଷ ୭୯ ହଜାର ୫୭୦ ଟଙ୍କା ପାଇଛନ୍ତି। ପର୍ଯ୍ୟାୟକ୍ରମେ ପ୍ରତ୍ୟେକ କୃଷକ ସେମାନଙ୍କ ପ୍ରାପ୍ୟ ପାଇବେ ବୋଲି ଜିଲା ଯୋଗାଣ ଅଧିକାରୀ ହୋତା ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ୮ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ପୁରୀ,୪।୩(ଅଜିତ୍ କୁମାର ମହାନ୍ତି)

ଚଳିତ ମାସ ୮ ତାରିଖରେ ପୁରୀ ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତ ସହ ସମସ୍ତ ଅଦାଲତ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଜିଲା ଆଇନସେବା ପ୍ରାଧିକରଣର ସଚିବ ସୂଚନା ଦେଇଛନ୍ତି। ଏହି ଲୋକ ଅଦାଲତରେ ଫୌଜଦାରି(ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ। ଏହି ମାମଲାଗୁଡ଼ିକର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ। ତେଣୁ ଏହାର ସୁଯୋଗ ନେଇ ମାମଲାର ସମାଧାନ ପାଇଁ ଆଗ୍ରହୀ ବ୍ୟକ୍ତିବିଶେଷ ଚଳିତ ମାସ ୮ରେ ଅଦାଲତର ସହଯୋଗ ନେବାକୁ ସଚିବ ଅନୁରୋଧ କରିଛନ୍ତି।

### ପ୍ରଲୋଭନ ଦେଖାଇ କଲେଜ ଛାତ୍ରୀଙ୍କୁ ଅପହରଣ

ନିମାପଡ଼ା,୪।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳର ଜଣେ ଯୁକ୍ତ ୩ କଲେଜ ଛାତ୍ରୀଙ୍କୁ ପିପିଲି ଥାନା ଅଞ୍ଚଳର ଜଣେ ଯୁବକ ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିବା ନାବାଳିକାଙ୍କ ବାପା ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଅପହରଣକାରୀ ଯୁବକ ଜଗନ୍ନାଥପୁର ଗ୍ରାମର ସ୍ୱାଧୀନ ସ୍ୱାଇଁଙ୍କ ବିରୋଧରେ ଏକ ମାମଲା (ନଂ. ୬୧/୨୫) ରୁଜୁ କରି ତଦନ୍ତ ଚଳାଇଛି। ଯୁବକ ଜଣଙ୍କ ଏକତରଫା ପ୍ରେମ କରି ବିଭିନ୍ନ ମିଥ୍ୟା ପ୍ରଲୋଭନ ଦେଖାଇ ୧୭ ବର୍ଷୀୟା ଛାତ୍ରୀଙ୍କୁ ଗତ ୨୮ ତାରିଖରୁ କେଉଁଆଡ଼େ ଅପହରଣ କରିନେଇଛନ୍ତି। ଅପହରଣ ସମ୍ପର୍କରେ ନାବାଳିକାଙ୍କ ବାପା ସ୍ୱାଧୀନଙ୍କ ଘରକୁ ଯାଇ ତାଙ୍କ ମା'ବାପାଙ୍କୁ ଏ ସମ୍ପର୍କରେ ପଚାରିଥିଲେ। ହେଲେ ସେମାନେ କ୍ରୋଧାନ୍ୱିତ ହୋଇ ନାବାଳିକାଙ୍କ ବାପାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ବିଭିନ୍ନ ଧମକ ଚମକ ଦେଇଥିବା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଛାତ୍ରୀ ଜଣଙ୍କ ୨୮ ତାରିଖରେ ନିମାପଡ଼ା ଅଞ୍ଚଳର ଏକ କଲେଜକୁ ପରୀକ୍ଷା ଦେବାକୁ ଆସି ରାତି ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକେ ଅନେକ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ପିପିଲି ଥାନା ଅଞ୍ଚଳର ସ୍ୱାଧୀନ ତାଙ୍କ ଝିଅଙ୍କୁ ନେଇଯାଇଥିବା ଜାଣିପାରି ନାବାଳିକାଙ୍କ ବାପା ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।

## ୭ରେ ଜିଲାସ୍ତରୀୟ ନିଯୁକ୍ତି ମେଳା

ପୁରୀ,୪।୩(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ଓ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ୭ରେ ପୁରୀ ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ପରାମର୍ଶକ୍ରମେ ଏହି ନିଯୁକ୍ତି ମେଳା ୭ ତାରିଖରେ ତାଳବଣିଆ ଆଇଟିଆଇ ଖେଳପଡ଼ିଆଠାରେ ପୂର୍ବାହ୍ନ ୯ ଘଟିକାରେ ଅନୁଷ୍ଠିତ ହେବ ବୋଲି ଜିଲା ନିୟୋଜନ ଅଧିକାରୀ ସୁବାସ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ପ୍ରତିଷ୍ଠିତ ୫୦ରୁ ଅଧିକ ନିଯୁକ୍ତିଦାତା ଯୋଗଦାନ କରି ଆଶାୟୀ କୁଶଳୀ ଓ ଅଣକୁଶଳୀ ପ୍ରାର୍ଥୀମାନଙ୍କୁ ଚୟନ କରିବେ। ଓଡ଼ିଶା ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଥିବା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥାଗୁଡ଼ିକ ମଧ୍ୟ ଯୋଗଦେବେ। ଏହି ମେଳାରେ ନିଯୁକ୍ତି ଆଶାୟୀ ୫ମ ପାସ୍‌ଠାରୁ ସ୍ନାତକ ପାସ୍ ପର୍ଯ୍ୟନ୍ତ ଏବଂ ଆଇଟିଆଇ, ଡିପ୍ଲୋମା ପାସ୍ ପ୍ରାର୍ଥିନୀ ପ୍ରାର୍ଥୀ, ଯେଉଁମାନଙ୍କ ବୟସ ୧୮ରୁ ୩୫ ବର୍ଷ ମଧ୍ୟରେ ହୋଇଥିବ ସେମାନେ ଯୋଗଦେଇପାରିବେ। ଆଗ୍ରହୀ ପ୍ରାର୍ଥୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଓ ଆଧାର ପ୍ରମାଣପତ୍ରର ଏକକିତା ନକଲ ସହ ପାସ୍‌ପୋର୍ଟ ସାଇଜ୍‌ର ୨ଟି ଫଟୋ ସାଙ୍ଗରେ ଆଣି ଏହାର ସୁଯୋଗ ନେବା ପାଇଁ ଜିଲା ନିୟୋଜନ ଅଧିକାରୀ ବେହେରା ସୂଚନା ଦେଇଛନ୍ତି। ଏହି ବୈଠକରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ନିୟୋଜନ ବିଭାଗର ମୁଖ୍ୟ କିରାଣି ପୁଷ୍ପଲତା ପ୍ରଧାନ, ବାମଦେବ ସାହୁ ଓ ଅନ୍ୟ କର୍ମଚାରୀମାନେ ଯୋଗଦେଇଥିଲେ।


ଖବରଦାତା ସମ୍ମିଳନୀରେ ଜିଲା ନିୟୋଜନ ଅଧିକାରୀ ସୁବାସ ଚନ୍ଦ୍ର ବେହେରାଙ୍କ ସମେତ ଅନ୍ୟମାନେ ।

## ବ୍ଲକ ଆତ୍ମା ଅଧ୍ୟକ୍ଷ ହେଲେ ସୁବୋଧ ମହାନ୍ତି

### ପିପିଲି ମଣ୍ଡଳ କୃଷକ ଉପଦେଷ୍ଟା କମିଟି ବୈଠକ

ପିପିଲି, ୪।୩(ଦୁର୍ଗାମାଧବ ମିଶ୍ର)

ପିପିଲି ମଣ୍ଡଳ କୃଷକ ଉପଦେଷ୍ଟା କମିଟି ବୈଠକ ପିପିଲି କୃଷି କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡେଲାଙ୍ଗ-ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଅନ୍ୟତମ ଅତିଥି ଭାବେ ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ସାକ୍ଷୀଗୋପାଳ ଜିଲା କୃଷି ଅଧିକାରୀ ଡ. ଅଜୟ କୁମାର କର, ୨୩ ନଂ. ଜିଲା ପରିଷଦ ସଦସ୍ୟ ସୁଶାନ୍ତ ମଲ୍ଲିକ, ଉଦ୍ୟାନ କୃଷି ଅଧିକାରିଣୀ ରଶ୍ମିରେଖା ପଣ୍ଡା, ପିପିଲି ବ୍ଲକ ଅତିରିକ୍ତ ପ୍ରାଣୀଧନ ଚିକିତ୍ସକ ପିନାକୀ ସାମଲ ଯୋଗଦେଇଥିଲେ। କୃଷି ବିଭାଗ ପକ୍ଷରୁ ଅତିଥିମାନଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା। ପ୍ରଥମେ ଆତ୍ମା ଅଧ୍ୟକ୍ଷ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଆତ୍ମା ସଦସ୍ୟମାନେ ସୁଧୀର କୁମାର ବିଶ୍ୱାଳ, ସୁବୋଧ ମହାନ୍ତିଙ୍କ ନାମକୁ ପ୍ରସ୍ତାବ ଦେଇଥିଲେ ଏବଂ ରାମଚନ୍ଦ୍ର ମିଶ୍ର ସମର୍ଥନ କରିଥିଲେ। ସର୍ବସମ୍ମତିକ୍ରମେ ସୁବୋଧ ମହାନ୍ତି ନିର୍ବାଚିତ ହୋଇ ସଭାପତି ଆସନ ଅଳଙ୍କୃତ କରିଥିଲେ। ଏଥିରେ ପିପିଲି ବ୍ଲକର ତିନିଜଣ ଜିଲା ପରିଷଦ ସଭ୍ୟ, ବ୍ଲକ ଅଧ୍ୟକ୍ଷା ଏବଂ ଉପାଧ୍ୟକ୍ଷ ମୋଟ ପାଞ୍ଚଜଣ ସ୍ଥାୟୀ ସଦସ୍ୟ ଏବଂ ୧୪ ଜଣ ପୁରୁଷ, ୮ ମହିଳା ମୋଟ୍ ୨୨ ଜଣ ସଦସ୍ୟ ମନୋନୀତ ହୋଇଛନ୍ତି। ପିପିଲି ବ୍ଲକ ଅତିରିକ୍ତ କୃଷି ଅଧିକାରିଣୀ ସସ୍ମିତା ମହାନ୍ତି ଅତିଥି ପରିଚୟ ଏବଂ ମଞ୍ଚ ପରିଚାଳନା କରିଥିବାବେଳେ ବିଟିଏମ୍ ଉମାକାନ୍ତ ଦଳାଇ ଧନ୍ୟବାଦ ଦେଇଥିଲେ। ଏହାସହିତ ଶୁଭାଶିଷ ରଥ, ଅଭୟ ସାମନ୍ତରାୟ, ଜ୍ୟୋତିକାନ୍ତ ମହାପାତ୍ର, ପୁରୀ ଜିଲା ଭାଜପା କୃଷକମୋର୍ଚ୍ଚା ସଭାପତି ଅଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଅସ୍ତରଙ୍ଗରେ ୭୦୫, କାକଟପୁରରେ ୮୬୧ଙ୍କୁ ନୋଟିସ

**ଆୟକରକୁ ନେଇ ରାଶନ କାର୍ଡ ଦ୍ୱନ୍ଦ୍ୱ**

କାକଟପୁର/ଅସ୍ତରଙ୍ଗ,୪।୩
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ)

ଆୟକରକୁ ନେଇ ରାଶନ କାର୍ଡ କାହାର କଟିବ ବା ରହିବ, ଏ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଆୟକରଦାତାଙ୍କ ପଡ଼ିକାର୍ଡ ବା ରାଶନ କାର୍ଡ କଟିବ ନାହିଁ ବୋଲି ମନ୍ତ୍ରୀଙ୍କ ଘୋଷଣା ଅଧିକ ଜଟିଳ ସ୍ଥିତି ସୃଷ୍ଟି କରିଛି। ବ୍ୟାଙ୍କରୁ ଋଣ କରିଥିବା ଗରିବ ପଡିକାର୍ଡଧାରୀ ମୁଣ୍ଡରେ ହାତଦେଇ ବସିବା ଭଳି ଅବସ୍ଥା ଆସିଛି। ଯୋଗାଣ ବିଭାଗ ଅଧିକାରୀ କେଉଁ ଦସ୍ତାବିଜ ଯାଞ୍ଚ କରି ଯୋଗ୍ୟ ହିତାଧିକାରୀଙ୍କ ରିପୋର୍ଟ ପ୍ରସ୍ତୁତ କରିବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏବେ କାର୍ଯ୍ୟାନୁଷ୍ଠାନ ଭୟରେ ଗରିବ ପଡିକାର୍ଡଧାରୀ ସେମାନଙ୍କ କାର୍ଡ ଫେରାଇବା ପାଇଁ ବାଧ୍ୟ ହେଉଛନ୍ତି, ଯାହା ଅଧିକ ଅଡୁଆ ପରିସ୍ଥିତିକୁ ମୁହାଁଉଛି।

ଗତ ଅଗଷ୍ଟରୁ ରାଶନ କାର୍ଡ ହିତାଧିକାରୀଙ୍କ ଯୋଗ୍ୟ ଅଯୋଗ୍ୟର ଯାଞ୍ଚ ପାଇଁ ଇ-କେୱାଇସି ବ୍ୟବସ୍ଥା ଆରମ୍ଭହୋଇ ଅଦ୍ୟାବଧି ଚାଲିଛି। ଏହି ଯାଞ୍ଚରେ ଅସ୍ତରଙ୍ଗ ବ୍ଲକ୍‌ରେ ୭୦୫ ଓ କାକଟପୁର ବ୍ଲକ୍‌ରେ ୮୬୧ ଜଣ ପଡିକାର୍ଡଧାରୀ ଆୟକରଦାତା ଥିବା ଜଣାପଡ଼ିବା ପରେ ଯୋଗାଣ ବିଭାଗ ପକ୍ଷରୁ ସେମାନଙ୍କୁ ନୋଟିସ କରାଯାଇଛି।

ଅନ୍ୟପକ୍ଷେ ବହୁ ଗରିବ ପଡିକାର୍ଡଧାରୀ କ୍ଷୁଦ୍ର ବ୍ୟବସାୟ ପାଇଁ ବ୍ୟାଙ୍କରୁ ଋଣ କରିଛନ୍ତି ଓ ସେଥିପାଇଁ ଆୟକର ଶୂନ୍ୟ ରିଟର୍ନ (ଏହା ବାଧ୍ୟତାମୂଳକ) ଫାଇଲ କରିଛନ୍ତି। ଖାଦ୍ୟ ସୁରକ୍ଷା ଆଇନ ଦୃଷ୍ଟିରେ ଆୟକରଦାତା ହୋଇଥିବାରୁ ରାଶନ କାର୍ଡ କଟିବ, ତେଣୁ ଗରିବ ପଡିକାର୍ଡଧାରୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ଏହାର ସମାଧାନ ପାଇଁ ଗତ ୨୫ ତାରିଖରେ ବିଭାଗୀୟ ମନ୍ତ୍ରୀ ଆୟକରଦାତାଙ୍କ ରାଶନ କାର୍ଡ କଟାଯିବ ନାହିଁ ବୋଲି ଘୋଷଣା କରିଛନ୍ତି। ଯୋଗାଣ ବିଭାଗ ଅଧିକାରୀ ଘରକୁ ଘର ବୁଲି ଆୟର ସତ୍ୟାସତ୍ୟ ଯାଞ୍ଚ କରିବେ।

## ଉତ୍ତମ ଚରିତ୍ର ଗଠନ ପାଇଁ ଶିକ୍ଷକ ଯତ୍ନବାନ ହୁଅନ୍ତୁ

ସାକ୍ଷୀଗୋପାଳ,୪।୩
(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ଅଧୀନ କାଦୁଆ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ପରିଚାଳନା କମିଟି ସଭାପତି ମଧୁସୂଦନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା, ସମ୍ମାନିତ ଅତିଥି ରୂପେ କାଦୁଆ ସରପଞ୍ଚ ଗାୟତ୍ରୀ ମହାପାତ୍ର, ଅନ୍ୟତମ ଅତିଥି ଭାବେ କାଦୁଆ ଆଶ୍ରମ ସମ୍ପାଦକ ପ୍ରମୋଦ ମହାନ୍ତି, ବିଦ୍ୟାଳୟ ଆଲୁମ୍ନି କମିଟି ସଭାପତି ରଞ୍ଜନ ସ୍ୱାଇଁ, କାଦୁଆ କ୍ଲଷ୍ଟର ସିଆର୍‌ସିସି ସୁନୀଲ ବେହେରା, ବିଶ୍ୱନାଥ ଦେବ ନୋଡାଲ ଉଚ୍ଚ ବିଦ୍ୟାପୀଠ ଡେଲାଙ୍ଗ ପ୍ରଧାନ ଶିକ୍ଷକ ପର୍ଶୁରାମ ଜେନା, ସହକାରୀ ଶିକ୍ଷୟିତ୍ରୀ ଶିବାନୀ ନାୟକ, ଶିକ୍ଷକ ବିରଞ୍ଚି ପାଣି, ଶିକ୍ଷୟିତ୍ରୀ ପ୍ରଭାତୀ ଦେଈ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଦ୍ୟାର୍ଥୀଙ୍କୁ ଭଲ ଶିକ୍ଷାଦାନ ସହ ଉତ୍ତମ ଚରିତ୍ର ଗଠନ ନିମନ୍ତେ ଗୁରୁମା ଗୁରୁଜୀଙ୍କ ଯତ୍ନବାନ ହେବା ଆବଶ୍ୟକ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା କୁମାରୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ଦେଇଥିଲେ। ବଡ଼ କାଞ୍ଚିଆ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ସୁଜାତା ଦେବୀ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଲୁମ୍ନି କମିଟି ସଭାପତି ରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଆଉଟ୍ ସୋର୍ସିଂ ମାଧ୍ୟମରେ ଜେଟିପି ସ୍କ୍ୱାଡ୍ ନିଯୁକ୍ତିକୁ ବିରୋଧ

**ଆଇନ ବିଭାଗ ପ୍ରମୁଖ ସଚିବଙ୍କୁ ଦାବିପତ୍ର**

ପୁରୀ,୪।୩(ଅଜିତ୍ କୁମାର ମହାନ୍ତି)

ଆଉଟ୍ ସୋର୍ସିଂ ମାଧ୍ୟମରେ ଶ୍ରୀମନ୍ଦିରରେ ଜେଟିପି ସ୍କ୍ୱାଡ୍ ନିଯୁକ୍ତିକୁ ନେଇ ଦିନକୁ ଦିନ ବିବାଦ ବଢ଼ିବାରେ ଲାଗିଛି। ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତିକୁ ଜେଟିପି ସଂଘ ସହ ଅନେକ ସେବାୟତ ଓ ବୁଦ୍ଧିଜୀବୀ ନାପସନ୍ଦ କରିଥିଲେ। ବର୍ତ୍ତମାନ ଏପରି ନିଷ୍ପତ୍ତିକୁ ବିରୋଧ କରି ଆଇନ ବିଭାଗ ମୁଖ୍ୟ ସଚିବଙ୍କ ନିକଟକୁ ଅଭିଯୋଗ ପତ୍ର ପଠାଯାଇଛି।

ଜେଟିପି ସ୍କ୍ୱାଡ୍ ନିଯୁକ୍ତି କରିବାକୁ ଦାୟିତ୍ୱ ନେଇଥିବା ଘରୋଇ ସଂସ୍ଥା ପ୍ରାର୍ଥୀଙ୍କ ଠାରୁ ଆବେଦନପତ୍ର ଗ୍ରହଣ ପ୍ରକ୍ରିୟା ଆରମ୍ଭ କରିଛି। ଗତ ୨ଦିନ ହେବ ସଂସ୍ଥା ପକ୍ଷରୁ ନୀଳଚଳ ଭକ୍ତନିବାସ ଠାରେ ପ୍ରାର୍ଥୀଙ୍କ ଠାରୁ ଆବେଦନପତ୍ର ଗ୍ରହଣ କରିବା ସହ ଆବଶ୍ୟକ ପରିମାଣର ପ୍ରମାଣପତ୍ର ଯାଞ୍ଚ କରିବା ଆରମ୍ଭ କରିଥିଲା। ସୋମବାର ସ୍ଥିତି ଅଣାୟତ ହେବାରୁ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଯାଞ୍ଚ ପ୍ରକ୍ରିୟାକୁ ସ୍ଥଗିତ ରଖିଥିଲା। ମଙ୍ଗଳବାର ଶ୍ରୀଜଗନ୍ନାଥବଲ୍ଲଭ ଠାରେ ଆବେଦନପତ୍ର ଗ୍ରହଣ ସହ ଯାଞ୍ଚ କରାଯାଇଥିଲା। ଆଶାୟୀମାନେ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଠିଆ ହୋଇଥିଲେ। ଗହଳି ଦେଖି ଅନେକ ଆଶାୟୀ ଅପେକ୍ଷା କରି ଫେରିଯାଇଥିବା ଜଣାପଡ଼ିଛି। ପ୍ରଶାସନର ଏପରି ଆଉଟ୍ ସୋର୍ସିଂ ମାଧ୍ୟମରେ ଜେଟିପି ସ୍କ୍ୱାଡ୍ ନିଯୁକ୍ତି ନ କରିବା ପାଇଁ ଆଇନଜୀବୀ ଦିଲୀପ କୁମାର ବରାଳ ଆଇନ ବିଭାଗ ପ୍ରମୁଖ ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଶ୍ରୀ ବରାଳ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି କି, ୨୦୨୪ ମସିହା ଅଗଷ୍ଟ ୫ ତାରିଖରେ ଅନୁଷ୍ଠିତ ହୋଇଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଶ୍ରୀମନ୍ଦିର ପ୍ରଶାସନରେ ଖାଲିଥିବା ପଦବୀଗୁଡ଼ିକ ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ନିଯୁକ୍ତି ସଂସ୍ଥା ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ସମ୍ପାଦନ ନିମନ୍ତେ ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ ମନ୍ଦିର (କର୍ମଚାରୀ ସେବା ସର୍ତ୍ତ) ନିୟମାବଳୀ ୨୦୨୦ରେ ଆବଶ୍ୟକ ସଂଶୋଧନ କରିବା ନିମନ୍ତେ ପଦକ୍ଷେପ ନେବା ପାଇଁ ପରିଚାଳନା କମିଟି ମୁଖ୍ୟ ପ୍ରଶାସକଙ୍କୁ ଅଧିକୃତ କରିଥିଲେ। ୭୫ ଜଣ ଜେଟିପି ସ୍କ୍ୱାଡ୍ ନିଯୁକ୍ତି ଦେବା ପାଇଁ ଏକ ଆଉଟ୍ ସୋର୍ସିଂ ସଂସ୍ଥାକୁ ମୁଖ୍ୟ ପ୍ରଶାସକ ଚିଠି ଲେଖିଥିଲେ। ଏଭଳି ବେଆଇନ ନିଯୁକ୍ତି ଉପରେ ରୋକ୍ ଲଗାଇବା ପାଇଁ ଅଭିଯୋଗକାରୀ ବରାଳ ଦାବି କରିଛନ୍ତି।

## ଜାତୀୟ ଲାଇନ୍‌ମ୍ୟାନ ଦିବସ ପାଳିତ

ଚାରିଛକ,୪।୩(ଶିଶିର ସ୍ୱାଇଁ)

ଚାରିଛକ ଟିପିସିଓଡିଏଲ୍ ବିଦ୍ୟୁତ୍ ସେବାକେନ୍ଦ୍ରର ମୁଖ୍ୟ ପରିଚାଳକ ଅଜୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ୫୪ତମ ଜାତୀୟ ଲାଇନ୍‌ମ୍ୟାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଦିବସରେ ଚାରିଛକ ଅଞ୍ଚଳର ପ୍ରତି ପଞ୍ଚାୟତରେ କିଭଳି ୨୪x୭ ବିଦ୍ୟୁତ୍ ସେବା ଯୋଗେଇ ଦିଆଯିବ, ସେନେଇ ଶପଥ ଗ୍ରହଣ କରିଥିଲେ। ଚାରିଛକ ଅଞ୍ଚଳରେ ଥିବା ବିଭିନ୍ନ ଗ୍ରାମରେ ନିଷ୍ଠାପର ଭାବେ ଦୀର୍ଘ ବର୍ଷ ଧରି ବିଦ୍ୟୁତ୍ ସେବା ଯୋଗାଇ ଦେଉଥିବାରୁ ବୁଦ୍ଧିଜୀବୀମାନେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଟିପିସିଓଡିଏଲ୍ ଚାରିଛକ କେନ୍ଦ୍ରର ସମସ୍ତ ବିଦ୍ୟୁତ୍ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## କଣାସ ବ୍ଲକରେ ପାନୀୟ ଜଳ ସମସ୍ୟା ଉତ୍କଟ

କଣାସ,୪।୩(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ବର୍ଷସାରା ପାନୀୟ ଜଳ ସମସ୍ୟା ଲାଗି ରହୁଥିବାବେଳେ ରୌଦ୍ରତାପ ସମୟରେ ଏହା ଉଗ୍ରରୂପ ଧାରଣ କରେ। ବ୍ଲକରେ ପ୍ରବାହିତ ହେଉଥିବା କେତୋଟି ନଦୀରେ ପାଇପ୍ ଜଳ ପ୍ରକଳ୍ପ ବସାଯାଇ କେତୋଟି ହାତଗଣତି ଗ୍ରାମକୁ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ଚାଲିଛି। ପାଇପ୍ ଯୋଗେ ଯୋଗାଇ ଦିଆଯାଉଥିବା ଜଳ ଅନେକ ଗ୍ରାମରେ ପହଞ୍ଚି ପାରି ନ ଥିବାରୁ ଉକ୍ତ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁନାଖଳାଠାରେ ପାଇପ୍ ଜଳ ପ୍ରକଳ୍ପ ବସାଯାଇ ସୁନାଖଳା, ଟାଙ୍ଗିଲ, ଭାଟପଡ଼ା, ବନ୍ଧମୁଣ୍ଡା, ସାହୁପଡ଼ା, ବେଢାତଣ୍ଡୁଳ ଗ୍ରାମକୁ ଜଳ ଯୋଗାଣ ଚାଲିଥିବାବେଳେ ରାସ୍ତାରେ ବିଭିନ୍ନ ଗ୍ରାମବାସୀ ମୋଟର ବସାଇ ପାଇପ୍‌ରୁ ଜଳ ସଂଗ୍ରହ କରୁଥିବାରୁ ଶେଷ ଗ୍ରାମବାସୀ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ସେଥିପାଇଁ ସାହୁପଡ଼ା ଗ୍ରାମରେ ପାଇପ୍ ଯାଇଥିବା ସ୍ଥାନରେ ଗାତ ଖୋଳି ଆଞ୍ଜୁଳା ଆଞ୍ଜୁଳା କରି ଜଳ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


ଜଣେ ମହିଳା ପାଣି ସଂଗ୍ରହ କରୁଛନ୍ତି ।

## ପଞ୍ଚାୟତକୁ ମିଳିନି ନଳକୂପ ଯନ୍ତ୍ରାଂଶ

- ପିଇବା ପାଣି ପାଇଁ ତହଳବିକଳ ଲୋକେ
- ପ୍ରତିଦିନ ବିଭାଗୀୟ ଯନ୍ତ୍ରୀ କହୁଛନ୍ତି ଯନ୍ତ୍ରାଂଶ ଆସିବ

ଗୋପ,୪।୩(ଭାରତୀ ଭୂଷଣ ଉପାଧ୍ୟାୟ)

ଖରାଦିନ ଆରମ୍ଭରୁ ଗୋପ ବ୍ଲକରେ ପିଇବା ପାଣି ସଙ୍କଟ ଦେଖାଦେଇଛି। ଲୋକେ ଗଡ଼ିଆ ପୋଖରୀ ଓ ନଦୀରୁ ପାଣି ଆଣି ପିଇଲେଣି। ତଥାପି ବ୍ଲକ ପ୍ରଶାସନର ନିଦ ଭାଙ୍ଗୁନି। ଏପରି ଅଭିଯୋଗ ଉପରେ ରାଜ୍ୟ ସରକାରଙ୍କୁ ଦୃଷ୍ଟି ଦେବାକୁ ଦାବି ହୋଇଛି। ହେଲେ ବ୍ଲକର ୩୧ ଗ୍ରାମପଞ୍ଚାୟତରେ ୯୦ ସରକାରୀ ନଳକୂପ ଅଚଳ ହୋଇ ଯାଇଥିବାବେଳେ ଯନ୍ତ୍ରାଂଶ ନ ଥିବା ଯୋଗୁ କାର୍ଯ୍ୟକାରୀ ହୋଇପାରୁନାହିଁ। ଏଥିନେଇ ବିଭିନ୍ନ ପଞ୍ଚାୟତର ସରପଞ୍ଚ ମଙ୍ଗଳବାର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ବ୍ଲକର ମହଲପଡ଼ା, ଅଣ୍ଡରା-ଇଚ୍ଛାପୁର, ନୂଆଖୋଲମରା, ଗଣେଶ୍ୱରପୁର, ଗୋପ, ବୀରତୁଙ୍ଗ, ଏରବଙ୍ଗ ବଣିଆସାହି, ବନ୍ତଳିଗ୍ରାମ, ଶୋରଭା, ଦେଣ୍ଡୁଳି ପଞ୍ଚାୟତ ସମେତ ଅଧିକାଂଶ ପଞ୍ଚାୟତରେ ଏବେ ପିଇବା ପାଣି ସମସ୍ୟା ଉତ୍କଟ ହେଉଛି। ବ୍ଲକ ଜଳ ପରିମଳ ବିଭାଗ ପକ୍ଷରୁ ଗତ ୧୭ ତାରିଖରେ ସମସ୍ତ ପଞ୍ଚାୟତର ଲୋକପ୍ରତିନିଧିଙ୍କୁ ଡକାଯାଇ ପିଇବା ପାଣି ଉପରେ ବୈଠକ ବସିଥିଲା। ଗୋପ ବ୍ଲକ ସରପଞ୍ଚ ସଂଘ ସଭାପତି ମହେଶ୍ୱର ସ୍ୱାଇଁ, ମହଲପଡ଼ା ସରପଞ୍ଚ ଶୀର୍ଷରଞ୍ଜନ ନାୟକ, ନୂଆଖୋଲମରା ସରପଞ୍ଚ ଉପେନ୍ଦ୍ର କାନୁନ୍‌ଗୋ, ପୟରା ସରପଞ୍ଚ ସୁମନ୍ତ କୁମାର ନାୟକଙ୍କ ସହିତ ଅନ୍ୟ ସରପଞ୍ଚମାନେ ତୁରନ୍ତ ନଳକୂପ ଯନ୍ତ୍ରାଂଶ ଯୋଗାଇ ଅଚଳ ନଳକୂପକୁ ସଚଳ କରିବା ସହ ତୁରନ୍ତ ପିଇବା ପାଣି ଯୋଗାଇ ଦେବାକୁ ଦାବି କରିଥିଲେ। ୩ ପର୍ଯ୍ୟାୟରେ ନଳକୂପ ଯନ୍ତ୍ରାଂଶ ଯୋଗାଇ ଦିଆଯିବ ବୋଲି ବ୍ଲକ ଜଳ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଉର୍ବଶୀ ଆଚାର୍ଯ୍ୟ କହିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ନଳକୂପ ଯନ୍ତ୍ରାଂଶ ନ ଆସିବା ଯୋଗୁ ବିଭିନ୍ନ ପଞ୍ଚାୟତରେ ପିଇବା ପାଣି ସଙ୍କଟ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏପରି କି ପଞ୍ଚାୟତବାସୀ ପ୍ରତିଦିନ ବ୍ଲକକୁ ଆସି ଅଭିଯୋଗ କରି ଫେରୁଛନ୍ତି। ଅପରପକ୍ଷେ କେନାଲରେ ପାଣି ନ ଥିବା ଧନୁଆ ନଦୀରେ ପାଣି ସଙ୍କଟ ଦେଖାଦେବାରୁ ଘରୋଇ ନଳକୂପଗୁଡ଼ିକରେ ପିଇବା ପାଣି ଆସୁନାହିଁ। ଏପଟେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ପିଇବା ପାଣି ସମସ୍ୟା ଦୂର କରିବା ଲାଗି ବସୁଧା ଯୋଜନାଠାରୁ ଅନ୍ୟ ଯୋଜନାରେ ବିଭିନ୍ନ ପଞ୍ଚାୟତରେ ପିଇବା ପାଣି ଟାଙ୍କିର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଅଧିକାଂଶ ଟାଙ୍କିରେ ପିଇବା ପାଣି ନାହିଁ ବୋଲି ଅଭିଯୋଗ ହୋଇଛି। ଏହି ଅଭିଯୋଗ ବାବଦରେ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରେ, ସେ ଏନେଇ ଜଳ ପରିମଳ ବିଭାଗକୁ ଜଣାଇଛନ୍ତି। ବିଭାଗ ଯନ୍ତ୍ରୀ ଉର୍ବଶୀ ଆଚାର୍ଯ୍ୟଙ୍କୁ ପଚାରିବାରେ, ଖୁବ୍‌ଶୀଘ୍ର ନଳକୂପ ଯନ୍ତ୍ରାଂଶ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ବିସ୍ଫୋରକ ସାମଗ୍ରୀ ଜବତ, ଜଣେ ଗିରଫ

ବେଗୁନିଆ,୪।୩(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ଅଧୀନ ଦେଉଳି ଗାଁରେ ମଙ୍ଗଳବାର ବାଣ ପ୍ରସ୍ତୁତି ବେଳେ ବିସ୍ଫୋରଣ ଘଟି ଦମ୍ପତି ଆହତ ହୋଇ ଚିକିତ୍ସିତ ଅଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଗଠନ କରାଯାଇ ବେଗୁନିଆ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ମାଣିବନ୍ଧ ଗ୍ରାମରୁ ଜଣଙ୍କୁ ଗିରଫ କରାଯିବା ସହ ତାଙ୍କ ଘରୁ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଅଭିଯୁକ୍ତ ହେଲେ କେଦାରନାଥ ଧଳ। ଏନେଇ ଥାନାରେ ଏକ ମାମଲା (ନଂ.୭୦/୨୫)ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ପ୍ରକାଶ ଯେ, ଗତ ଦୀପାବଳି ପାଳନ ଶୃଙ୍ଖଳିତ କରିବା ପାଇଁ ପୋଲିସ ପକ୍ଷରୁ ବେଗୁନିଆ ଏବଂ ବାଘମାରୀ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ବେଆଇନ ମଦ ଓ ବାଣ କାରବାର ଉପରେ ଅଙ୍କୁଶ ଲଗାଯାଇଥିଲା। ପଙ୍ଗାରସିଂହ, ଲେଖନପୁର, ଦେଉଳି, କଣ୍ଟାବାଡ଼ ଏବଂ ମାଣିବନ୍ଧ ଗ୍ରାମରୁ ଲକ୍ଷାଧିକ ଟଙ୍କାର ବାଣ, ମଦ ଜବତ କରି ପୋଲିସ ପୃଥକ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ମାଣିବନ୍ଧ ଗ୍ରାମର କେଦାରନାଥଙ୍କ ନାମରେ ବେଗୁନିଆ ପୋଲିସ ଏକ ମାମଲା (ନଂ.୩୦୯/୨୪) ରୁଜୁକରି ତଦନ୍ତ ଚଳାଇଥିଲା।

### ସ୍କୁଟି-ବାଇକ୍ ମୁହାଁମୁହିଁ ଧକ୍କା, ୩ ଗୁରୁତର

ବାଲୁଗାଁ,୪।୩(ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ନିକଟ ସିଙ୍ଗେଶ୍ୱର ଗ୍ରାମ ଛକଠାରେ ମଙ୍ଗଳବାର ସ୍କୁଟି-ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ତିନି ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସ୍ଥାନୀୟ ଲମ୍ବୋଦରପୁର ଗ୍ରାମର ସନ୍ତୋଷ କୁମାର ସେଣ ଏବଂ ଦୀପକ ରାଉତରାୟ ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ସ୍କୁଟିରେ ବାଲୁଗାଁରୁ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ବିପରୀତ ପଟୁ ବିଷ୍ଣୁଡିହ ଗ୍ରାମର ଅମିତ ସୁବୁଦ୍ଧି ବାଇକ୍‌ରେ ବାଲୁଗାଁ ଅଭିମୁଖେ ଆସୁଥିବା ବେଳେ ଶିଙ୍ଗେଶ୍ୱର ଗ୍ରାମ ଛକ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ତିନି ଜଣ ଆରୋହୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲୁଗାଁ ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଭୁବନେଶ୍ୱରର ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ବାଲୁଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ସର୍ବସାଧାରଣ ରାସ୍ତା ଜବରଦଖଲ ମୁକ୍ତ ଦାବି

ଖୋର୍ଦ୍ଧା,୪।୩(ପ୍ରଭାତ ପାଣିଗ୍ରାହୀ)

ଜଟଣୀ ତହସିଲ ଅନ୍ତର୍ଗତ ବେଣାପଞ୍ଜରୀ ପଞ୍ଚାୟତ ଅନ୍ତର୍ଗତ ରାଣୀପୁରସ୍ଥିତ ବାପାମା'ଙ୍କ ସେବାଶ୍ରମ ଟ୍ରଷ୍ଟକୁ ଲାଗି ରହିଥିବା ସର୍ବସାଧାରଣ ରାସ୍ତା ଜବରଦଖଲ ମୁକ୍ତ ଲାଗି ଟ୍ରଷ୍ଟ ସଦସ୍ୟ ଏବଂ ଅନ୍ତେବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ରାଣୀପୁର ମୌଜା ପ୍ଲଟ ନଂ. ୧୨-୧୩ ମଧ୍ୟରେ ଏହି ଟ୍ରଷ୍ଟର କାର୍ଯ୍ୟାଳୟ ରହିଛି। ଏଠାରେ ବହୁ ବୃଦ୍ଧାବୃଦ୍ଧ ରହୁଛନ୍ତି। ଏହି ଟ୍ରଷ୍ଟକୁ ଯିବା ପାଇଁ ସର୍ବସାଧାରଣ ରାସ୍ତା ରହିଛି। ତେବେ ଏହି ରାସ୍ତାକୁ ଗ୍ରାମର ଜଣେ ବ୍ୟକ୍ତି ଜବରଦସ୍ତ ଦଖଲ କରି ପାଚେରି ନିର୍ମାଣକୁ କେତେଜଣ ଗ୍ରାମବାସୀ ବିରୋଧ କରିବାରୁ ସେ ଉତ୍କ୍ଷିପ୍ତ ହୋଇ ଟିରିମଲ୍ଲ ରାସ୍ତାରୁ ରାଣୀପୁର ଗ୍ରାମକୁ ଯିବା ପାଇଁ ସଂଯୋଗୀକରଣ ରାସ୍ତାକୁ ଅବରୋଧ କରି ରଖିଛନ୍ତି। ଫଳରେ ଟ୍ରଷ୍ଟକୁ ଯାତାୟାତ ପାଇଁ ବାହାରୁ ଆସୁଥିବା ଲୋକେ ଏବଂ ସ୍ଥାନୀୟ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଜବରଦଖଲ ମୁକ୍ତ ପାଇଁ ଅନ୍ତେବାସୀ ଦାବି କରିଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଜଟଣୀ,୪।୩(ରବୀନ୍ଦ୍ରନାଥ ମହାକୁଡ଼)

ମା'ଦକ୍ଷିଣକାଳୀଙ୍କ ୧୭ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଅଙ୍କୁରାରୋପଣ ହୋଇଥିଲା। ସେହିପରି ଦ୍ୱିତୀୟ ଦିବସରେ ଜଳଯାତ୍ରା, ଶାଳାମଣ୍ଡନ, ସର୍ବଦେବଦେବୀ ଆବାହନ, ଅଗ୍ନି ସ୍ଥାପନ, ଆହୁତି ଓ ସନ୍ଧ୍ୟା ଆଳତି ହୋଇଥିଲା। ତୃତୀୟ ଦିବସରେ ସୂର୍ଯ୍ୟପୂଜା, ଗୋପୂଜା, ସର୍ବଦେବଦେବୀ ପୂଜା, ରୁଦ୍ରାଭିଷେକ ଓ ଆଳତି କରାଯାଇଥିଲା। ମଙ୍ଗଳବାର ଅନ୍ତିମ ଦିବସରେ ସମସ୍ତ ରୀତିନୀତିରେ ପୂର୍ଣ୍ଣାହୁତି ହୋଇଥିଲା। ଯଜ୍ଞ କାର୍ଯ୍ୟକୁ ନୀଳମଣି ମିଶ୍ର ପରିଚାଳନା କରିଥିଲେ। ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

# ୫୬୮ ବ୍ୟବସାୟୀଙ୍କୁ ମିଳିବ ଅତ୍ୟାଧୁନିକ ଦୋକାନ ଘର



ଖବରଦାତା ସମ୍ମିଳନୀରେ ଜଟଣୀ ନଗରପାଳ ଅନନ୍ତ ବେହେରା ସୂଚନା ଦେଉଛନ୍ତି।

ଜଟଣୀ,୪।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀରେ କ୍ଷତିଗ୍ରସ୍ତ ୫୬୮ବ୍ୟବସାୟୀଙ୍କୁ ମିଳିବ ଅତ୍ୟାଧୁନିକ ଦୋକାନ ଘର। ଏଥିପାଇଁ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିଛନ୍ତି। ପ୍ରସ୍ତାବିତ ଦୋକାନ ଘର ପାଇଁ ୧୬ କୋଟି ୫୮ଲକ୍ଷ ୭୧ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ପୌର କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନଗରପାଳ ଅନନ୍ତ ବେହେରା କହିଛନ୍ତି।

ସୂଚନାଥାଉ କି, ମହାପ୍ରଭୁଙ୍କ ନବକଳେବର ପାଇଁ ରାସ୍ତା ପ୍ରଶସ୍ତୀକରଣ ଏବଂ ଜଟଣୀ ଓଭରବ୍ରିଜ୍ ନିର୍ମାଣ ପାଇଁ ବହୁ ଦୋକାନ ଘର ଉଚ୍ଛେଦ କରାଯାଇଥିଲା। ଏଥିସହ ଜଟଣୀ ମୁଖ୍ୟ ରାସ୍ତା କୁଦିଆରୀ ବଜାରଠାରୁ ସୀତାରାମ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ଦୋକାନ ଘର ମଧ୍ୟ ଉଚ୍ଛେଦ ହୋଇଥିଲା। ତେବେ କୌଣସି କାରଣରୁ ପ୍ରକୃତ କ୍ଷତିଗ୍ରସ୍ତ ବ୍ୟବସାୟୀ ଦୋକାନ ଘର ପାଇବାରୁ ବଞ୍ଚିତ ହୋଇଥିଲେ। ଏବେ ରାଜ୍ୟ ସରକାର ପ୍ରକୃତ ବ୍ୟବସାୟୀଙ୍କୁ ଥଇଥାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଜଟଣୀ ରାମଚନ୍ଦ୍ରପୁର ମୌଜାରେ ପ୍ଲଟ ନମ୍ବର ୪୪୧ରେ ଥିବା ୧.୭୬୭ ଏକର ଜମିରେ ୨୪୯ଟି ଦୋକାନ ଘର ୭କୋଟି ୭୮ଲକ୍ଷ ୮୪ ହଜାର ୫୧୨ଟଙ୍କାରେ ନିର୍ମାଣ ହେବାକୁ ଥିବା ବେଳେ ଗୋଡ଼ାଧର୍ମସାଗର ମୌଜାରେ ପ୍ଲଟ ନମ୍ବର ୩୮ରେ ଥିବା ୨.୭୯ ଏକର ଜମିରେ ୪କୋଟି ୧ଲକ୍ଷ ୫୭ହଜାର ୩୩୯ଟଙ୍କା ବିନିଯୋଗରେ ୧୧୫ଟି ଦୋକାନ ଘର ଏବଂ ଷଣ୍ଢପୁର ମୌଜାରେ ପ୍ଲଟ ନମ୍ବର ୪୧୩ରେ ଥିବା ୭୬୩ଡିସିମିଲ ଜମିରେ ୪କୋଟି ୭୮ ଲକ୍ଷ ୨୯ହଜାର ଟଙ୍କା ବିନିଯୋଗରେ ୧୫୯ ଦୋକାନ ଘର ନିର୍ମାଣ ହେବ। ପ୍ରକୃତ ହିତାଧିକାରୀଙ୍କୁ ଦୋକାନ ଘର ପ୍ରଦାନ କରାଯିବ। ଜିଲାପାଳ, ବିଧାୟକ, ସାଂସଦ ଏବଂ ବରିଷ୍ଠ କାଉନ୍‌ସିଲରଙ୍କୁ ନେଇ ଏକ କମିଟି ଗଠନ କରାଯାଇ ନିୟମ ଅନୁସାରେ ପ୍ରକୃତ ହିତାଧିକାରୀଙ୍କୁ ଚୟନ କରି ଦୋକାନ ଘର ପ୍ରଦାନ କରାଯିବ ବୋଲି ନଗରପାଳ ଅନନ୍ତ ବେହେରା ପ୍ରକାଶ କରିଛନ୍ତି।

# ମହାପ୍ରଭୁଙ୍କ ଜମିରୁ ଜବରଦଖଲ ଉଚ୍ଛେଦ


ଜେସିବି ସାହାଯ୍ୟରେ ଜବରଦଖଲ ଉଚ୍ଛେଦ କରାଯାଉଛି।

ଜଟଣୀ,୪।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ତହସିଲ ଅଞ୍ଚଳରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିରେ ନିର୍ମିତ ବେଆଇନ ନିର୍ମାଣକୁ ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ ଏବଂ ସ୍ଥାନୀୟ ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ସ୍ଥାନୀୟ ଏକ ଘରୋଇ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଥିବା ମହାପ୍ରଭୁଙ୍କ ଜମିରେ ବେଆଇନ ଭାବେ ନିର୍ମାଣ ହୋଇଥିବା ଘର ଉଚ୍ଛେଦ କରାଯାଇଛି। ସେହିପରି ଷଣ୍ଢପୁର ମୌଜା ଓ ଛଣଘର କୁସୁମାଟି ମୌଜାରେ ଥିବା ବେଆଇନ ଅର୍ଦ୍ଧନିର୍ମିତ ଘରଗୁଡ଼ିକୁ ଉଚ୍ଛେଦ କରାଯାଇଛି। ଜଟଣୀ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର ଏବଂ ସହାୟକ ବନ୍ଦୋବସ୍ତ ଅଧିକାରୀ ଶ୍ରୀମନ୍ଦିର ପ୍ରଶାସନ ମନ୍ମଥ ନନ୍ଦଙ୍କ ଉପସ୍ଥିତିରେ ଉଚ୍ଛେଦ ହୋଇଥିଲା। ଏନେଇ ମନ୍ମଥ ନନ୍ଦ କୁହନ୍ତି, ଆଗାମୀ ଦିନରେ ମଧ୍ୟ ମହାପ୍ରଭୁଙ୍କ ଜମିରୁ ଜବରଦଖଲ ଉଚ୍ଛେଦ କରାଯିବ। ଯେଉଁମାନେ ଗୃହ ନିର୍ମାଣ କରିସାରିଛନ୍ତି ସେମାନଙ୍କୁ ନୋଟିସ କରାଯିବା ପରେ ଉକ୍ତ ଘର ଭଙ୍ଗାଯିବ।

# ୧୭ଦଫା ଦାବିରେ ଆଶାକର୍ମୀଙ୍କ ଆନ୍ଦୋଳନ



ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଆଶାକର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଟାଙ୍ଗୀ,୪।୩(ରଘୁନାଥ ସାହୁ)

ଓଡ଼ିଶା ଆଶାକର୍ମୀ ଆସୋସିଏଶନ (ସିଆଇଟିୟୁ) ଆହ୍ୱାନକ୍ରମେ ଟାଙ୍ଗୀ ବ୍ଲକ କମିଟି ପକ୍ଷରୁ ମଙ୍ଗଳବାର ଆନ୍ଦୋଳନ ଆରମ୍ଭ ହୋଇଛି। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଶାକର୍ମୀମାନେ ଆନ୍ଦୋଳନରେ ସାମିଲ ହୋଇ ଦାବି ଉପସ୍ଥାପନ କରିଥିଲେ। ଆଶାକର୍ମୀଙ୍କୁ ସରକାର ୧୭ଟି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ସେମାନଙ୍କ ସମସ୍ୟାର ସମାଧାନ ହେଉନଥିବାରୁ ୧୭ ଦଫା ଦାବି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡା. ସତ୍ୟ ରଞ୍ଜନ ନନ୍ଦଙ୍କୁ ପ୍ରଦାନ କରିଛନ୍ତି। ୧୭ ଦଫା ଦାବି ମଧ୍ୟରେ ସ୍ଥାୟୀ କର୍ମଚାରୀ ମାନ୍ୟତା, ପ୍ରୋତ୍ସାହନ ରାଶି ପରିବର୍ତ୍ତେ ମାସିକ ୨୬ ହଜାର ଟଙ୍କା ଦରମା ଦେବା, ଇପିଏଫ୍ ସ୍କିମ ଲାଗୁ କରିବା, ଅବସର ପରେ ମାସିକ ୧୦ହଜାର ଟଙ୍କା ପେନସନ ବ୍ୟବସ୍ଥା, ମୃତ୍ୟୁ ଏବଂ ଅବସରକାଳୀନ ସହାୟତା ରାଶି ୧୦ଲକ୍ଷ ଟଙ୍କା ପ୍ରଦାନ, ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶା ଗୃହ ନିର୍ମାଣ, ମାତୃକାଳୀନ ପାଇଁ ୬ ମାସ ସବେତନ ଛୁଟି ଓ ଚିକିତ୍ସାକାଳୀନ ଛୁଟି ପ୍ରଦାନ ପ୍ରମୁଖ ଦାବି ରହିଛି।

### ପେଟ୍ରୋଲ ପକାଇ ଖସିଯାଇଥବା ଯୁବକ ଗିରଫ

ଖୋର୍ଦ୍ଧ,୪।୩(ପ୍ରଭାତ ପାଣିଗ୍ରାହୀ)

ଶିଳ୍ପାଞ୍ଚଳ ଥାନା ଗଡ଼ଖୋର୍ଦ୍ଧା ଛକସ୍ଥିତ ଏକ ପେଟ୍ରୋଲ ପମ୍ପରେ ତେଲ ପକାଇ ଖସିଯାଇଥିବା ଯୁବକଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଯୋଗେଶ୍ୱରପାଟଣା ଗ୍ରାମର ରାକେଶ କୁମାର ବେହେରା(୨୦)। ତାଙ୍କ ନିକଟରୁ ଗୋଟିଏ ମୋବାଇଲ ଏବଂ କାର ଜବତହୋଇଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ୨୦୨୪ ଅଗଷ୍ଟରେ ରାକେଶ କାରରେ ଉକ୍ତ ପେଟ୍ରୋଲ ପମ୍ପକୁ ଆସି ୪୨ଲିଟର ତେଲ ଭରିଥିଲେ। ତେବେ ଟଙ୍କା ପଇଠ ପାଇଁ ଇ-ସ୍କାନର ଆଣିବା ପାଇଁ କହିଥିଲେ। ପେଟ୍ରେଲ ପମ୍ପ କର୍ମଚାରୀ ସ୍କାନର ମେଶିନ ଆଣିବା ବେଳେ ସେ ସେଠାରୁ ଚମ୍ପଟ ମାରିଥିଲେ। ଏନେଇ ପେଟ୍ରୋଲ ପମ୍ପ ପ୍ରୋପ୍ରାଇଟର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୨୧୯/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପେଟ୍ରୋଲ ପମ୍ପରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଥିବା ବେଳେ ମଙ୍ଗଳବାର ରାକେଶଙ୍କୁ ଗିରଫ କରିଥିଲା।

# କ୍ରୀଡ଼ା, ବିଦ୍ୟାଧ୍ୟୟନକୁ ଗୁରୁତ୍ୱ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଖୋର୍ଦ୍ଧା,୪।୩(ପ୍ରଭାତ ପାଣିଗ୍ରାହୀ)

ମୁକୁନ୍ଦପ୍ରସାଦସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାକ୍ଟିସିଂ ସରକାରୀ ବିଦ୍ୟାଳୟ ପ୍ରଧାନଶିକ୍ଷକ ନବକିଶୋର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମୀ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବିବରଣୀ ପାଠ କରିଥିଲେ। ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି ମୁଖ୍ୟ ଅତିଥି, କାଉନ୍‌ସିଲର ଶୁଭଲକ୍ଷ୍ମୀ ମହାରଣା, ନାଗଭୂଷଣ ଜେନା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପାଠପଢ଼ା ସହ ଖେଳକୁଦ, ଶାରୀରିକ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ପିଲାମାନେ ବିଦ୍ୟାଧ୍ୟୟନ ପ୍ରାଥମିକତା ଦେବାକୁ କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ କୁନିକୁନି ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଭିଭାବକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ଧାନକିଣାରେ ଦୁର୍ନୀତି ଅଭିଯୋଗ

**ନବୀନଙ୍କୁ ଭେଟିଲେ ନବନିର୍ମାଣ କୃଷକ ସଂଗଠନ କର୍ମକର୍ତ୍ତା**

ଖୋର୍ଦ୍ଧା/ଜଟଣୀ,୪।୩(ପ୍ରଭାତ ପାଣିଗ୍ରାହୀ/ ରବୀନ୍ଦ୍ରନାଥ ମହାକୁଡ଼)

ଚଳିତବର୍ଷ ଧାନକିଣାରେ ବ୍ୟାପକ ଦୁର୍ନୀତି ଅଭିଯୋଗରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବିଭିନ୍ନ ଜିଲାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମିଲରମାନେ ଚାଷୀଙ୍କଠାରୁ ୫ରୁ ୧୨ କେଜି ପର୍ଯ୍ୟନ୍ତ ଧାନ କାଟି ରଖୁଥିବା ଜିଲା ପ୍ରଶାସନକୁ ଅବଗତ କରାଯାଇଛି। ଏହାକୁ ସରକାର ଓ ଜିଲା ପ୍ରଶାସନ ଅଣଦେଖା କରୁଛନ୍ତି। ତେଣୁ ଏହା ବିରୋଧରେ ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ୧୮ ଦିନ ହେଲା ଉପବାସରୂପୀ ବ୍ରତ ପାଳନ କରିଛନ୍ତି। ଏନେଇ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଏବଂ ଯୁବଛାତ୍ର ସଂଗଠନ ରାଜ୍ୟ ସଂଯୋଜକ ମନୱର ଅଲ୍ଲୀ ମଙ୍ଗଳବାର ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ବିଧାନସଭାରେ ଏ ପ୍ରସଙ୍ଗ ଉଠାଇବେ ବୋଲି ନବୀନ ଚାଷୀ ନେତାଙ୍କୁ ପ୍ରତିଶ୍ରୁତି ଦେବା ସହ ଅକ୍ଷୟ କୁମାରଙ୍କ ଅନଶନସ୍ଥଳକୁ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଯିବେ ବୋଲି କହିଛନ୍ତି। ଆଲୋଚନା ସମୟରେ ସଂଗଠନର ଭୁବନେଶ୍ୱର ଛାତ୍ର ସଭାପତି ଅମିତ ଜେନା, ଜଟଣୀ ବ୍ଲକ ସଂଯୋଜକ ପ୍ରଫୁଲ୍ଲ ପରିଡ଼ା ଉପସ୍ଥିତ ଥିଲେ।

### ଦେଶୀମଦ ଜବତ, ଜଣେ ଗିରଫ

ବେଗୁନିଆ, ୪।୩ (ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଅବକାରୀ ଥାନା ଅଞ୍ଚଳରେ ମଙ୍ଗଳବାର ଚଢ଼ାଉ କରାଯାଇଥିଲା। ଖଙ୍ଗୁରିଆ ଗ୍ରାମର ପ୍ରତିମା ରାଉତରାୟଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ୧୩ଲିଟର ଦେଶୀ ମଦ ଜବତ ହୋଇଛି।

# ରତିକାନ୍ତ ସଭାପତି, ସୁଧାକର ସମ୍ପାଦକ

ଖୋର୍ଦ୍ଧା,୪।୩(ପ୍ରଭାତ ପାଣିଗ୍ରାହୀ)


ରତିକାନ୍ତ ପଟ୍ଟନାୟକ


ସୁଧାକର ଶତପଥୀ

ଖୋର୍ଦ୍ଧା ପୌର ପରିଷଦ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ସର୍ବସମ୍ମତିକ୍ରମେ ରତିକାନ୍ତ ପଟ୍ଟନାୟକ ସଭାପତି, ଲାଲମୋହନ ସ୍ୱାଇଁ ଉପସଭାପତି, ସୁଧାକର ଶତପଥୀ ସାଧାରଣ ସମ୍ପାଦକ, ସୁବ୍ରତ କୁମାର ବେହେରା ଯୁଗ୍ମ ସମ୍ପାଦକ, ସନ୍ତୋଷ କୁମାର ସାମନ୍ତରାୟ କୋଷାଧ୍ୟକ୍ଷଭାବେ ମନୋନୀତ ହୋଇଛନ୍ତି। ଏଥିସହିତ ସଂଘର କାର୍ଯ୍ୟକାରୀ ସଦସ୍ୟଭାବେ ଲୋପମୁଦ୍ରା ସ୍ୱାଇଁ, ବଦ୍ରି ନାରାୟଣ ମହାପାତ୍ର, ଗୋପୀନାଥ ପରିଡ଼ା, ସବ୍ୟସାଚୀ ନାୟକ, କରୁଣାକର ପାଇକରାୟ, ନିର୍ମଳ ରାଉତ ଏବଂ ହିସାବ ରକ୍ଷକ(ଅଡିଟର) ଭାବେ ନାରାୟଣ ଜେନା ଏବଂ ଜୟନ୍ତୀ ନାରାୟଣୀ ସିଂହ ମନୋନୀତ ହୋଇଛନ୍ତି। ନୂତନ କର୍ମକର୍ତ୍ତାଙ୍କୁ ଅନ୍ୟମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଂଘର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ନୂତନ କମିଟି କାର୍ଯ୍ୟ କରିବ ବୋଲି ସଭାପତି ରତିକାନ୍ତ ପଟ୍ଟନାୟକ କହିଛନ୍ତି।

# ଲୁହା ପାଇପ୍‌ରେ ଆକ୍ରମଣ ଘଟଣା: ଚିକିତ୍ସାଧୀନ ଛାତ୍ରଙ୍କ ମୃତ୍ୟୁ

ଜଟଣୀ,୪।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅଧୀନ ଏକ ଘରୋଇ ବିଶ୍ୱବିଦ୍ୟାଳୟର ଦୁଇ ଛାତ୍ରଙ୍କ ମଧ୍ୟରେ ବଚସା ପରେ ଆକ୍ରମଣ ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ଛାତ୍ରଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ବିଶ୍ୱବିଦ୍ୟାଳୟର ବିଟେକ୍ ଦ୍ୱିତୀୟ ବର୍ଷ ଛାତ୍ର ସତ୍ୟସୁନ୍ଦର ବାଜପେୟୀ। ସୂଚନା ମୁତାବକ, ସତ୍ୟସୁନ୍ଦର ଏବଂ ଅଭିଯୁକ୍ତ ସର୍ଫରାଜଙ୍କ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ପରେ ସର୍ଫରାଜଙ୍କୁ କଲେଜ କର୍ତ୍ତୃପକ୍ଷ ବହିଷ୍କାର କରିଥିଲେ। ପରେ ଅଳ୍ପ ଦିନ ପରେ ଉଭୟଙ୍କ ମଧ୍ୟରେ ପୁଣି ଭଲ ବନ୍ଧୁତା ହୋଇଥିଲା। ଗତ ଫେବୃଆରୀ ୨୮ରେ ପୁଣି ଏକ ଚା'ଦୋକାନରେ କୌଣସି କାରଣରୁ ଉଭୟ ମଧ୍ୟରେ ପୁଣି ବଚସା ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ଆପୋଷ ସମାଧାନ ପାଇଁ ଅନ୍ୟ ସାଙ୍ଗମାନେ ଚେଷ୍ଟା ଚାଲିଥିବା ବେଳେ ସର୍ଫରଜ ଉତ୍କ୍ଷିପ୍ତ ହୋଇ ଏକ ଲୁହା ପାଇପରେ ସତ୍ୟସୁନ୍ଦରକୁ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତରଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ସତ୍ୟସୁନ୍ଦରଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୯୦/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ପୋଲିସ ସର୍ଫରାଜଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସତ୍ୟସୁନ୍ଦରଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

# ଟିସିସି ଭୁବନେଶ୍ୱର ସେମିରେ

**ତମାଣ୍ଡୋ କପ୍ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ**

ଯାଁଳା,୪।୩(ବୁଲା ବାରିକ)

ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ କ୍ରିକେଟ କ୍ଲବ୍ ପକ୍ଷରୁ ଚାଲିଥିବା ୭ମ ତମାଣ୍ଡୋ କପ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ଟିସିସି ଭୁବନେଶ୍ୱର ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ଟିସିସି ଭୁବନେଶ୍ୱର ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା। ଏମ୍‌ଏମ୍‌ସିସି ସମ୍ବଲପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୬.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୭ରନ ସଂଗ୍ରହ କରିଥିଲା। ଜବାବରେ ଟିସିସି ଭୁବନେଶ୍ୱର ଟିମ୍ ୮.୪ ଓଭରରେ ୩ଉଇକେଟ ବିନିମୟରେ ୧୦୦ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସୁଶୀଲ କୁମାର ବାରିକ ୪ ଉଇକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ବିଜୟ ମହାନ୍ତି ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।


ଅତିଥିଙ୍କଠାରୁ ଜଣେ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ବୁଧବାର ସାଇ ଏକାଦଶ ଭୁବନେଶ୍ୱର ଏବଂ ଆଇକନିକ ଏକାଦଶ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ସର୍ବଭାରତୀୟ ରେଲ୍‌ୱେ ଟି୨୦ କ୍ରିକେଟ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ଜଟଣୀ,୪।୩(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ୍‌ସ୍ଥିତ ରେଲ୍‌ୱେ ଷ୍ଟାଡିୟମରେ ମଙ୍ଗଳବାର ୬୮ତମ ସର୍ବଭାରତୀୟ ରେଲ୍‌ୱେ ଟି-୨୦ କ୍ରିକେଟ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ରେଲୱେ ମଣ୍ଡଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସହାୟକ ରେଳ ପ୍ରବନ୍ଧକ ପି.କେ. ବେହେରା, ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ହିମାଦ୍ରି ବିଶ୍ୱାଳ ଉପସ୍ଥିତ ଥିଲେ। କ୍ରୀଡ଼ା ସମ୍ପାଦକ ମହମ୍ମଦ ଜାକିରୁଦ୍ଦିନ ଅତିଥି ପରିଚୟ ଏବଂ ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଇଷ୍ଟକୋଷ୍ଟ ଏବଂ ନର୍ଥ ସେଣ୍ଟ୍ରାଲ ରେଲ୍‌ୱେ ଟିମ୍ ମଧ୍ୟରେ ହୋଇଥିଲା।


ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଉଭୟ ଦଳର ଖେଳାଳି।

ଇଷ୍ଟକୋଷ୍ଟ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୩୯ରନ ସଂଗ୍ରହ କରିଥିଲା। ଜବାବରେ ନର୍ଥ ସେଣ୍ଟ୍ରାଲ ଟିମ୍ ୨୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୩୩ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଇଷ୍ଟକୋଷ୍ଟ ଟିମ୍‌ର ଅଙ୍କିତ ଯାଦବ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଇଷ୍ଟର୍ଣ୍ଣ ରେଲ୍‌ୱେ ଏବଂ ସାଉଥ ସେଣ୍ଟ୍ରାଲ ରେଲ୍‌ୱେ ଟିମ୍ ମଧ୍ୟରେ ହୋଇଥିଲା। ଇଷ୍ଟର୍ଣ୍ଣ ରେଲ୍‌ୱେ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୧୭ ରନ ସଂଗ୍ରହ କରିଥିଲା। ଜବାବରେ ସାଉଥ ସେଣ୍ଟ୍ରାଲ ରେଲ୍‌ୱେ ଟିମ୍ ୧୬ ଓଭରରେ ୩ ଉଇକେଟ ବିନିମୟରେ ୧୨୧ରନ ସଂଗ୍ରହ କରି ବିଜୟୀ ହୋଇଛି। ଅମିତ୍ ମିଶ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଭୀମ୍ ଆର୍ମି-ଛାତ୍ର ମୁହାଁମୁହିଁ



ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଭୀମ୍ ଆର୍ମି ଭାରତ ଏକତା ମିଶନ ପକ୍ଷରୁ ଆୟୋଜିତ ସମାବେଶକୁ ଏମ୍‌ପି ଚନ୍ଦ୍ରଶେଖର ଆଜାଦ ଯାଉଛନ୍ତି।



ଭୀମ ଆର୍ମି ସଦସ୍ୟଙ୍କୁ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ଆକ୍ରମଣ କରୁଛନ୍ତି।

ଭୁବନେଶ୍ୱର,୪।୩(ସତ୍ୟଜିତ୍ ରାଉତ)

- ସମାବେଶକୁ ବିରୋଧ, ଧାରଣା ଦେଲେ ଛାତ୍ର
- ଗଣମାଧମ ଗାଡ଼ି ଭାଙ୍ଗିଲା, କ୍ୟାମ୍ପସରେ ଫୋର୍ସ ମୁତୟନ

ଉତ୍କଳ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ଛାତ୍ର ଅଶାନ୍ତି ଦେଖାଦେଇଛି। 'ଭୀମ୍ ଆର୍ମି ଭାରତ ଏକତା ମିଶନ' ପକ୍ଷରୁ ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ଅଡିଟୋରିୟମରେ ସମାବେଶ ଆୟୋଜନକୁ ନେଇ ଛାତ୍ରମାନେ ବିରୋଧ କରିଛନ୍ତି। ଭୀମ୍ ଆର୍ମିର ପ୍ରତିଷ୍ଠାତା ତଥା ସାଂସଦ ଚନ୍ଦ୍ରଶେଖର ଆଜାଦ୍‌ଙ୍କୁ ତୀବ୍ର ବିରୋଧ କରାଯିବା ସହ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଛାତ୍ରଙ୍କ ପକ୍ଷରୁ ଦୃଢ଼ ସମାଲୋଚନା କରାଯାଇଛି। କ୍ୟାମ୍ପସରେ ଭୀମ୍ ଆର୍ମି କର୍ମକର୍ତ୍ତା ଓ ଛାତ୍ରମାନେ ମୁହାଁମୁହିଁ ହୋଇଥିବାବେଳେ ସ୍ଥିତି ଅଣାୟତ୍ତ ହୋଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ କମିଶନରେଟ୍ ପୋଲିସକୁ ମଧ୍ୟ ନୟାନ୍ତ ହେବାକୁ ପଡ଼ିଛି। ତେବେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ସମର୍ଥିତ ଏକ ସଂଗଠନକୁ ବିଶ୍ୱବିଦ୍ୟାଳୟରେ ସମାବେଶ ଆୟୋଜନ କରିବାକୁ ଅନୁମତି ଦିଆଯାଇଥିବାରୁ ଛାତ୍ରମାନେ କୁଳପତିଙ୍କୁ ନିନ୍ଦା କରିଛନ୍ତି। କ୍ୟାମ୍ପସରେ ଅଶାନ୍ତ ସ୍ଥିତିକୁ ନଜରରେ ରଖି ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା ପକ୍ଷରୁ ଗୋଟିଏ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଶହୀଦନଗର ଥାନାଧିକାରୀ ଓ ଅନ୍ୟ ପୋଲିସ କ୍ୟାମ୍ପସରେ ଡେରା ପକାଇ ସ୍ଥିତି ଉପରେ ନଜର ରଖିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, 'ଭୀମ୍ ଆର୍ମି ଭାରତ ଏକତା ମିଶନ' ପକ୍ଷରୁ 'ସାମାଜିକ ନ୍ୟାୟ ସଂକଳ୍ପ ସମାବେଶ' ପାଇଁ ସୋମବାର ବିଳମ୍ବିତ ରାତିରେ ପୂର୍ବପ୍ରସ୍ତୁତି ଚାଲିଥିବା ବେଳେ ଏହାକୁ କେତେଜଣ ଛାତ୍ର ବିରୋଧ କରିଥିଲେ। ସେଠାରେ ଭୀମ୍ ଆର୍ମିର କର୍ମକର୍ତ୍ତା ଓ ଛାତ୍ରମାନଙ୍କ ମଧ୍ୟରେ ବଚସା ହେବା ସହ ହାତାହାତି ହୋଇଥିଲା। ତେବେ ମଙ୍ଗଳବାର ପୂର୍ବାହ୍ନରେ ସ୍ଥିତି ଅଣାୟତ୍ତ ହୋଇଥିଲା। ସାଂସଦ ଚନ୍ଦ୍ରଶେଖରଙ୍କୁ ଭୀମ୍ ଆର୍ମି କର୍ମକର୍ତ୍ତାମାନେ ସ୍ୱାଗତ କରି ସମାବେଶ ସ୍ଥଳକୁ ନେବା ବେଳେ ବହୁ ଛାତ୍ର ପହଞ୍ଚି ବିରୋଧ କରିଥିଲେ। ଭୀମ୍ ଆର୍ମି ପକ୍ଷରୁ ଜୟ ଭୀମ୍ ନାରା ଦିଆଯାଉଥିବା ବେଳେ ଛାତ୍ରଙ୍କ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। ସ୍ଥିତିକୁ ଦେଖି ସାଂସଦ ଚନ୍ଦ୍ରଶେଖର ନିଜ ଗାଡ଼ିରୁ ବାହାରକୁ ଆସି ପୋଲିସ ସହ ଯୁକ୍ତିତର୍କ କରିଥିଲେ। ଛାତ୍ରମାନେ କାହିଁକି ବିରୋଧ କରୁଛନ୍ତି ବୋଲି ପ୍ରଶ୍ନ କରିବା ସହ ସେମାନଙ୍କୁ ନିୟନ୍ତ୍ରଣ କରିବାକୁ ଚାପ ପକାଇଥିଲେ। ଛାତ୍ରମାନଙ୍କୁ ପୋଲିସ ଅଟକାଇବାବେଳେ ଧସ୍ତାଧସ୍ତି ପରିସ୍ଥିତି ଉପୁଜିଥିଲା। ଆନ୍ଦୋଳନରତ ଛାତ୍ରମାନେ ମୁଖ୍ୟ ଫାଟକ ବନ୍ଦ କରି ଦୀର୍ଘସମୟ ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତିଙ୍କ ବିରୋଧରେ ନାରାବାଜି ଦେବା ସହ ଭୀମ୍ ଆର୍ମିଙ୍କୁ ବିରୋଧ କରିଥିଲେ। ତେବେ ପ୍ରାୟ ୪ ପ୍ଲାଟୁନ୍ ପୋଲିସ ଫୋର୍ସ ସହ ଜୋନ୍ ଏସିପି ଓ ଅନ୍ୟ ଅଧିକାରୀଙ୍କ ସହ ଡିସିପି ପିନାକ ମିଶ୍ର ଘଟଣାସ୍ଥଳକୁ ଆସି ସ୍ଥିତି ନିୟନ୍ତ୍ରଣ କରିବାକୁ ପ୍ରୟାସ କରିବା ସହ ବୁଝାଶୁଝା କରିଥିଲେ। ଛାତ୍ରମାନଙ୍କ ପକ୍ଷରୁ ଖବର ସରବରାହ ସଂସ୍ଥା ଏଏନ୍ଆଇର ଗାଡି ଭାଙ୍ଗିଥିବା ଶହୀଦନଗର ଥାନାରେ ଏତଲା ଦିଆଯାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନାଧିକାରୀ ସୁଚିତ୍ର ଦାଶ କହିଛନ୍ତି। ଏହି ଘଟଣାରେ ଉଭୟ ପକ୍ଷରୁ ଏକାଧିକ ଆହତ ହୋଇଥିବା ଜଣାପଡ଼ିଛି।

## ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ ପର୍ଯ୍ୟନ୍ତ କାମ ବନ୍ଦ

### ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ବିଏମ୍‌ସିର ପ୍ରସ୍ତୁତି

ଭୁବନେଶ୍ୱର, ୪।୩ (ବନ୍ଦନା ସେଠୀ)

ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ବିଏମ୍‌ସି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଣିକି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସମସ୍ତ ନିର୍ମାଣ କାମ ବନ୍ଦ ରହିବ। ଜିଲା ଶ୍ରମ ଅଧିକାରୀ ଏହାକୁ ନିଶ୍ଚିତ କରିବେ ବୋଲି ମଙ୍ଗଳବାର ବିଏମ୍‌ସି ମୁଖ୍ୟାଳୟରେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ବିଏମ୍‌ସି ସିଟି ଇଞ୍ଜିନିୟର ଏବଂ ସମସ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏହି ସମୟ ମଧ୍ୟରେ କାର୍ଯ୍ୟ ବନ୍ଦ ରଖିବେ। କାମ ହେଉଥିବା ସ୍ଥାନରେ ଛାମୁଣ୍ଡିଆ କରିବେ। କାମ କରୁଥିବା ସମସ୍ତ ଏଜେନ୍ସି ଯଥା ଆର୍ ଆଣ୍ଡ ବି, ଆର୍ ଡି ମଧ୍ୟ ଶ୍ରମିକଙ୍କୁ ଏହି ସମୟ ମଧ୍ୟରେ କାମ କରାଇବେ ନାହିଁ। କାର୍ଯ୍ୟସ୍ଥଳରେ ଯେପରି ଧୂଳି ନ ହୁଏ, ସେଥିପାଇଁ ଜଳ ଛିଞ୍ଚିବାକୁ ସମ୍ପୃକ୍ତ କାର୍ଯ୍ୟାଳୟ/କଣ୍ଟ୍ରାକ୍ଟର ଦାୟିତ୍ୱ ନେବେ। ଶ୍ରମ ବିଭାଗ ଏବଂ ଇଏସ୍ଆଇ ପକ୍ଷରୁ ଜାରି ନୋଟିସକୁ ସମସ୍ତ ଡିପାର୍ଟମେଣ୍ଟ ପାଳନ କରିବେ। ଘର ନ ଥିବା ଲୋକେ ଦିନବେଳା ସର୍ବସାଧାରଣ ଗୃହ, କମ୍ୟୁନିଟି ହଲ, ଅର୍ବାନ ଶେଲଟର୍ ଆଦିରେ ବିଶ୍ରାମ ନେବେ। ଲୋକଙ୍କ ପାଇଁ ପାନୀୟଜଳ ଏବଂ ଓଆର୍ଏସ୍ ବ୍ୟବସ୍ଥା କରାଯିବ। ବିଏମ୍‌ସିର ୭ ଆଶ୍ରୟସ୍ଥଳୀରେ ପ୍ରାୟ ୩୫୬ ଜଣଙ୍କ ରହିବା ବ୍ୟବସ୍ଥା ହୋଇଛି। ଏହି ସମୟରେ ଯେପରି ବିଦ୍ୟୁତ୍ କାଟ ହେବନାହିଁ, ସେଥିପାଇଁ ଟିପିସିଓଡିଏଲ୍ ନିଶ୍ଚିତ କରିବ। ସ୍ୱାସ୍ଥ୍ୟସେବା ଓ ପାନୀୟଜଳ ଯୋଗାଣ ବାଧାପ୍ରାପ୍ତ ହେବନାହିଁ। ଅଂଶୁଘାତ ମୃତ୍ୟୁ ଅଭିଯୋଗ ଆସିଲେ ସରକାରୀ ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ। ଡାକ୍ତରଖାନାରେ ଅଂଶୁଘାତ ଆକ୍ରାନ୍ତଙ୍କ ପାଇଁ ଶୀତତାପ ନିୟନ୍ତ୍ରିତ ସ୍ୱତନ୍ତ୍ର କୋଠରି ଓ ଶଯ୍ୟା, ଆବଶ୍ୟକ ମେଡିସିନ, ଓଆର୍ଏସ୍ ମହଜୁଦ ରଖିବା ପାଇଁ ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସହରର ଜନଗହଳିପୂର୍ଣ୍ଣ ସ୍ଥାନ, ବସ୍‌ଷ୍ଟାଣ୍ଡ, ବିଭିନ୍ନ ଛକ, ବଜାର, ହାଟ ଆଦିରେ ଜଳସେବା କେନ୍ଦ୍ର ଖୋଲାଯିବ। ବୁଲା ଗୋରୁ, କୁକୁର ତଥା ପଶୁପକ୍ଷୀଙ୍କ ପାଇଁ ପାଣି ବ୍ୟବସ୍ଥା ହେବ। ଅନୁଷ୍ଠାନଗୁଡ଼ିକ ଜଳସେବା କେନ୍ଦ୍ର ଖୋଲି କେବଳ ଫଟୋ ଉଠାଇ ପଳାଉଥିବାରୁ ଏଥର ଏହାକୁ କଡ଼ାକଡ଼ି କରି ଏଭଳି ସଂସ୍ଥାଙ୍କୁ ସ୍ୱୀକୃତି ନ ଦେବାକୁ ତାଗିଦା କରାଯାଇଛି। ସଚେତନତା ସୃଷ୍ଟି ସହ ବିଏମ୍‌ସି ମୁଖ୍ୟାଳୟରେ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷ ଖୋଲାଯିବ। ୧୯୨୯ ନମ୍ବରରେ ସାଧାରଣ ଲୋକେ ଅଭିଯୋଗ/ପ୍ରସ୍ତାବ ଦେଇପାରିବେ। ବ୍ଲକ ଶିକ୍ଷା ଅଧିକାରୀ ବିଦ୍ୟାଳୟର ଶିକ୍ଷାଦାନ ସମୟ ପରିବର୍ତ୍ତନ କରିବେ। ସେହିପରି ଅଙ୍ଗନୱାଡ଼ି କେନ୍ଦ୍ରରେ ପାନୀୟଜଳ, ଓଆର୍ଏସ୍ ଏବଂ ଆବଶ୍ୟକ ମେଡିସିନ୍ ମହଜୁଦ ରହିଥିବା ନେଇ ସିଡିପିଓ ଏବଂ ବିଇଓମାନେ ସୁନିଶ୍ଚିତ କରିବେ। ବୈଠକରେ ଅତିରିକ୍ତ କମିଶନର ରତ୍ନାକର ସାହୁ, ଶୁଭେନ୍ଦୁ କୁମାର ସାହୁ ଓ ସସ୍ମିତା ସାହୁ, ସିଟି ଇଞ୍ଜିନିୟର ବିଳାସ କୁମାର ବେହେରା, ମୁଖ୍ୟ ବିତ୍ତ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶୀ ସଙ୍ଗୀତ, ଲଘୁ ସଙ୍ଗୀତ ସମାରୋହ

### ସଙ୍ଗୀତା ଗୋସାଇଁ, ସୁକାନ୍ତ କୁଣ୍ଡୁଙ୍କୁ ପଣ୍ଡିତ ଭୁବନେଶ୍ୱର ମିଶ୍ର ସ୍ମୃତି ସମ୍ମାନ



ସଙ୍ଗୀତା ଗୋସାଇଁ, ସୁକାନ୍ତ କୁଣ୍ଡୁ, ଗୁରୁ ନିମାକାନ୍ତ ରାଉତରାୟଙ୍କୁ ସମ୍ମାନିତ କରାଯାଉଛି।

ଭୁବନେଶ୍ୱର,୪।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶୀ ସଙ୍ଗୀତ ଅନୁଷ୍ଠାନ 'ଶ୍ରୁତି' ପକ୍ଷରୁ ଆୟୋଜିତ ୨୦ତମ ଓଡ଼ିଶୀ ସଙ୍ଗୀତ ଓ ଲଘୁ ସଙ୍ଗୀତ ସମାରୋହ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୁରୁ ବିଜୟ କୁମାର ଜେନା ଗୀତଗୋବିନ୍ଦରୁ ଉଦ୍ଧୃତ 'ମାମିୟଂ ଚଳିତା ବିଲୋକ୍ୟ' ଗାୟନ କରିଥିଲେ। ପରେ ରୂପକ କୁମାର, ମାତୃପ୍ରସାଦ ଦାସ, ବୈଷ୍ଣବୀ ଘୋଷ, ସୌମ୍ୟରଞ୍ଜନ ଗାହାଣ ଓ ରାସ ବିହାରୀ ନାଥ ଓଡ଼ିଶୀ ସଂଗୀତ ଗାୟନ କରିଥିଲେ। ସେମାନଙ୍କୁ ମର୍ଦ୍ଦଳରେ ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ବିଜୟ କୁମାର ବାରିକ, ଗୁରୁ ବୁଦ୍ଧନାଥ ସ୍ୱାଇଁ, ହାରମୋନିୟମ୍‌ରେ ମୁରଲୀଧର ସ୍ୱାଇଁ ଓ ବାଳକୃଷ୍ଣ ଜେନା, ବଂଶୀରେ ଗୁରୁ ଶ୍ରୀନିବାସ ଶତପଥୀ ଓ ସୌମ୍ୟରଞ୍ଜନ ଜୋଶୀ ଏବଂ ମଞ୍ଜିରାରେ ସୌମ୍ୟକାନ୍ତ ମଲ୍ଲିକ ସହଯୋଗ କରିଥିଲେ। ଏହି ଅବସରରେ ଗୁରୁ ସଙ୍ଗୀତା ଗୋସାଇଁଙ୍କୁ ପଣ୍ଡିତ ଭୁବନେଶ୍ୱର ମିଶ୍ର ସ୍ମୃତି ସମ୍ମାନ-୨୦୨୪ ଏବଂ ଓଡ଼ିଶୀ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ସୁକାନ୍ତ କୁମାର କୁଣ୍ଡୁଙ୍କୁ ପଣ୍ଡିତ ଭୁବନେଶ୍ୱର ମିଶ୍ର ସ୍ମୃତି ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ସେହିପରି ଓଡ଼ିଶୀ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ନିମାକାନ୍ତ ରାଉତରାୟଙ୍କୁ ଶ୍ରୁତି ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଶ୍ରୁତି ଅନୁଷ୍ଠାନର ସଭାପତି ଗୁରୁ ପ୍ରଫେସର ରାମହରି ଦାସ ଏବଂ ସମ୍ପାଦିକା ହରପ୍ରିୟା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଓ ଲଘୁ ସଙ୍ଗୀତକୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ। ଶ୍ରୁତି ଅନୁଷ୍ଠାନର ଉପସଭାପତି ମାନସ ରଞ୍ଜନ ସ୍ୱାଇଁ, ସମ୍ପାଦିକା ହରପ୍ରିୟା ସ୍ୱାଇଁ ପରିଚାଳନାରେ ସହଯୋଗ କରିଥିଲେ। ଏହି ଉତ୍ସବ ୨ଦିନ ଧରି ଚାଲିବ।

## ଲିଙ୍ଗରାଜ ମନ୍ଦିରରେ ଫଟୋ ଉଠାଇବା ପ୍ରସଙ୍ଗ: କ୍ଷମା ମାଗିଲେ ଭକ୍ତ ଦାସ

ପୁରୁଣା ଭୁବନେଶ୍ୱର, ୪।୩(ସୁବାସ ଚନ୍ଦ୍ର ପ୍ରଧାନ)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତଚରଣ ଦାସ ସୋମବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିବାକୁ ଯାଇଥିଲେ। ଦର୍ଶନ ସାରି ଫେରିବା ବେଳେ ମନ୍ଦିର ବେଢ଼ାରେ ତାଙ୍କ ସମର୍ଥକଙ୍କ ଗହଣରେ ଫଟୋ ଉଠାଇଥିଲେ। ତେବେ ଏହି ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରୁ ଏହାକୁ ନେଇ ବିବାଦ ଦେଖାଦେଇଛି। ଅନ୍ୟପକ୍ଷରେ ଏନେଇ ପିସିସି ସଭାପତି ଦାସ କହିଛନ୍ତି, ଏହି ଫଟୋ ମୁଁ ନିଜେ ଉଠାଇନି। ମୋତେ ଜଣେ କହିଲେ ସାର୍ ମୁଁ ଟିକେ ଫଟୋ ନେବି। ସେ ଫଟୋ ନେଲେ। ହେଲେ ସେ ଫଟୋ ମନ୍ଦିର ବାହାରର। ଯଦି ଭୁଲ୍ ହୋଇଛି କ୍ଷମା ମାଗୁଛି ବୋଲି ସେ କହିଛନ୍ତି।

## ନିସ୍ ଶିକ୍ଷାନୁଷ୍ଠାନର ରୌପ୍ୟ ଜୟନ୍ତୀ ପାଳିତ

ଭୁବନେଶ୍ୱର,୪।୩ (ଅନୁରାଧା ମହାରଣା)




ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

ମଦନପୁରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ଡ୍ରିମ୍ଫେଷ୍ଟ ଓ ରୌପ୍ୟଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଓ ସମ୍ମାନିତ ଅତିଥି ଭାବେ ପ୍ରେରଣା ଫାଉଣ୍ଡେଶନ ଟ୍ରଷ୍ଟର ମୁଖ୍ୟ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଡ. ସୁଭାଷ ଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ କାନାଡର ମିଶନ ସପୋର୍ଟ ଭାଇସ୍ ପ୍ରେସିଡେଣ୍ଟ ପବିତ୍ରା ଜେପି ଓଟସେନ୍ ଏବଂ ପ୍ରଫେସର ଡ. ଡି. କେ ଗିରି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠାନର ସହପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକ, ଡେପୁଟି ଡାଇରେକ୍ଟର ଡ. ଦୁଷ୍ମନ୍ତ କୁମାର ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ, ଅଧ୍ୟକ୍ଷ ଡ. ରାଜେଶ ସ୍ୱାଇଁ ଏବଂ ଡ. ଅଜିତ ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ର ଓ କଣ୍ଠଶିଳ୍ପୀ ସ୍ୱୟମ୍ ପାଢ଼ୀଙ୍କ ଗ୍ରୁପ୍ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଋଣ ଶୁଝି ନ ପାରି ଯୁବକଙ୍କ ଆତ୍ମହତ୍ୟା

ବାଲକାଟୀ,୪।୩(ମନୋଜ ମଣ୍ଡଳ)

ବାଲିଅନ୍ତା ଥାନା ଗଡ଼କଣ୍ଟୁଣିଆସ୍ଥିତ ଶ୍ରୀସୁଦର୍ଶନଙ୍କ ଦାରୁସ୍ଥଳ ପଛ ଜଙ୍ଗଲରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ମଙ୍ଗଳବାର ସକାଳେ ପୋଲିସ ଜବତ କରିଛି। ମୃତକ ହେଲେ ସ୍ଥାନୀୟ ନାଗପୁର ଗ୍ରାମର ଲିଙ୍ଗରାଜ ଆଚାର୍ଯ୍ୟ (୩୯)। ସେ ଋଣ ଶୁଝି ନ ପାରି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୫) ରୁଜୁ କରିବା ସହ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି।

ସୂଚନା ମୁତାବକ, ଲିଙ୍ଗରାଜଙ୍କ ପୈତୃକ ଘର ଗଞ୍ଜାମ ଜିଲା କବିସୂର୍ଯ୍ୟ ନଗରରେ ହୋଇଥିବାବେଳେ ସେ ଦୀର୍ଘ ବର୍ଷ ହେଲା ନାଗପୁରରେ ଘର କରି ପରିବାର ସହ ରହୁଥିଲେ। ସେ ବଣିଆ ଭାବେ ବିଭିନ୍ନ ବ୍ୟାଙ୍କରେ ସୁନା ଚିହ୍ନଟ କରୁଥିଲେ। ସୋମବାର ଭୋର ୪ଟା ୩୦ରେ ସେ ଘରୁ ବାହାରି ଯାଇ ଆଉ ଫେରି ନ ଥିଲେ। ରାତି ୧୨ଟା ୩୫ରେ ଲିଙ୍ଗରାଜ ତାଙ୍କ ସ୍ତ୍ରୀଙ୍କ ମୋବାଇଲକୁ ଆତ୍ମହତ୍ୟା କରିବାକୁ ଯାଉଥିବା ନେଇ ଏକ ମେସେଜ୍ ଛାଡ଼ିଥିଲେ। ଏହାପରେ ସେ ତାଙ୍କ ଫୋନ ସୁଇଚ୍ ଅଫ୍ କରିଦେଇଥିଲେ। ତାଙ୍କ ସ୍ତ୍ରୀ ଏ ନେଇ ସମ୍ପର୍କୀୟଙ୍କୁ ଜଣାଇଥିଲେ। ମଙ୍ଗଳବାର ସକାଳୁ ଲୋକେ ଦାରୁସ୍ଥଳ ପଛ ଜଙ୍ଗଲ ଦେଇ କୁଆଖାଇ ନଦୀକୁ ଗୋଧୋଇବାକୁ ଯାଉଥିବାବେଳେ ଏକ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ପାଖରେ ଏକ ବାଇକ୍ ଥୁଆ ହୋଇଥିବା ସହ ପ୍ଲାଷ୍ଟିକ ଗ୍ଲାସ୍ ଓ ମଦ ବୋତଲ ପଡ଼ିଥିଲା। ଖବର ପାଇ ଲିଙ୍ଗରାଜଙ୍କ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ପରେ ବାଲିଅନ୍ତା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

## ଶ୍ରୀଲିଙ୍ଗରାଜଙ୍କ ଖରଡ଼ା, ସମର୍ଥା ସେବାୟତଙ୍କୁ ବୀମାଭୁକ୍ତ କରାଯାଉ

ପୁରୁଣା ଭୁବନେଶ୍ୱର, ୪।୩(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସେବା ଯୋଗାଉଥିବା ଖରଡ଼ା ଏବଂ ସମର୍ଥା ସେବାୟତଙ୍କୁ ବୀମା ଭୁକ୍ତ କରାଯାଉ ବୋଲି ମଙ୍ଗଳବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷଙ୍କ ପ୍ରଦାନ କରାଯାଇଛି। ମହାଶିବରାତ୍ରି କିମ୍ବା ଚତୁର୍ଦ୍ଦଶୀରେ ଶ୍ରୀଲିଙ୍ଗରାଜ ମନ୍ଦିର ଚୁଡ଼ାକୁ ସମର୍ଥା ସେବାୟତମାନେ ମହାଦୀପ ଉଠାଇଥାନ୍ତି। ଅନେକ ସମୟରେ ଶ୍ରଦ୍ଧାଳୁଙ୍କ ମନବାଞ୍ଛା ପୂରଣ ବାନାକୁ ମଧ ମନ୍ଦିର ଚୁଡ଼ାରେ ବାନ୍ଧିଥାନ୍ତି। ସେହିଭଳି ରୁକୁଣା ରଥଯାତ୍ରା କିମ୍ବା ବାହୁଡା ଯାତ୍ରାରେ ଭୋଇ ସେବାୟତମାନେ ବିପଜ୍ଜନକ ଅବସ୍ଥାରେ ଖରଡ଼ା ପକାଇଥାନ୍ତି। ଉଭୟ ସେବାୟତଙ୍କ ସହ ଅନ୍ୟ ଯେଉଁ ସେବାୟତ ଠାକୁରଙ୍କ ଏଭଳି ଗୁରୁତ୍ୱପୂର୍ଣ୍ଣ ସେବା ଯୋଗାଇଥାନ୍ତି ସେମାନଙ୍କୁ ବୀମା ଭୁକ୍ତ କରିବା ପାଇଁ ମଞ୍ଚ ମନ୍ଦିର ପ୍ରଶାସନ ନିକଟରେ ଦାବି କରିଛି। ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକଙ୍କ ସମେତ ସୁଲତା ସାହାଣୀ, ଗଣେଶ ଚନ୍ଦ୍ର ପାଲ, ମନୋରଞ୍ଜନ ବଟୁ, ଭୂପେଶ ନାୟକ, ସୌମ୍ୟରଞ୍ଜନ ପଣ୍ଡା, ବିଭୁ ପ୍ରସାଦ ବିଶୋଇ, ସୁବ୍ରତ ସେନାପତି, ଆଶିଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍ସକୁ ଅତିରିକ୍ତ ୧୦୦ ଏକର ଜମି ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯିବ

### ଭୁବନେଶ୍ୱର ଏମ୍ସର ସମୀକ୍ଷା କଲେ ଅପରାଜିତା

ଭୁବନେଶ୍ୱର, ୪।୩(ବନ୍ଦନା ସେଠୀ)




ଏମ୍‌ପି ଅପରାଜିତା ମହାନ୍ତି ଭୁବନେଶ୍ୱର ଏମ୍ସ ପରିଦର୍ଶନ କରୁଛନ୍ତି।

୨୦୨୫- ୨୬ ବର୍ଷ ପାଇଁ ଗଭର୍ନିଂ ବଡି ସଦସ୍ୟ ଭାବେ ମନୋନୀତ ହେବା ପରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମଙ୍ଗଳବାର ଏମ୍ସ ଭୁବନେଶ୍ୱରରେ ସମୀକ୍ଷା ବୈଠକ କରିଛନ୍ତି। ଏହି କ୍ରମରେ ସେ ହସ୍ପିଟାଲରେ ଚିକିତ୍ସାଧୀନ ବିଭିନ୍ନ ବର୍ଗର ରୋଗୀଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ମେଡିସିନ ବିଭାଗ, ଅସ୍ଥିଶଲ୍ୟ ବିଭାଗ, ଜରୁରିକାଳୀନ ବିଭାଗ, ଶିଶୁରୋଗ ବିଭାଗ, ସ୍ତ୍ରୀ ଓ ପ୍ରସୂତି ବିଭାଗ ସମେତ ବିଭିନ୍ନ ବିଭାଗର ଆଇସିୟୁ ପରିଦର୍ଶନ କରିଥିଲେ। ହସ୍ପିଟାଲରେ ମିଳୁଥିବା ସେବାକୁ ନେଇ ରୋଗୀଙ୍କ ମତ ନେବା ସହ ସମସ୍ୟା ପଚାରି ବୁଝିଥିଲେ। ଏହାପରେ ଏକାଡେମିକ୍ ବ୍ଲକର ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ଏମ୍ସର ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ, ସୁପରିଣ୍ଟେଣ୍ଡେଣ୍ଟ ଡା. ଦିଲ୍ଲୀପ ପରିଡାଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ସେମାନଙ୍କ ସହ ହସ୍ପିଟାଲର ବିଭିନ୍ନ ସେବା ଓ ଭିତ୍ତିଭୂମି ପ୍ରସଙ୍ଗରେ ଏମ୍‌ପି ଷଡ଼ଙ୍ଗୀ ଆଲୋଚନା କରିଥିଲେ।

ଏମ୍ସକୁ ରାଜ୍ୟ ସରକାରଙ୍କ ତରଫରୁ ଅତିରିକ୍ତ ୧୦୦ ଏକର ଜମି ଯୋଗାଇଦେବାକୁ ନିର୍ଦ୍ଦେଶକ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ସହ ଏ ପ୍ରସଙ୍ଗରେ ଆଲୋଚନା କରାଯିବ ବୋଲି ଏମ୍‌ପି କହିଥିଲେ। ସେହିପରି ଭୁବନେଶ୍ୱର ଏମ୍ସ ପ୍ରତିଷ୍ଠା ଦିନଠାରୁ ଏହା ବିଏମ୍‌ସି ସେବାରୁ ବଞ୍ଚିତ ହେଉଛି। ଫଳରେ ଷ୍ଟ୍ରିଟ୍‌ଲାଇଟ, ପାଣି, ସଫେଇ ଓ ପରିମଳ, ଜଳଯୋଗାଣ ସମସ୍ୟା ରହୁଛି। ତେଣୁ ଖୁବ୍‌ଶୀଘ୍ର ବିଏମ୍‌ସି ମେୟର ଓ କମିଶନରଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରି ସମସ୍ୟା ସମାଧାନ କରିବେ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଓଡ଼ିଶା ସମେତ ଏହାର ପଡ଼ୋଶୀ ୪ଟି ରାଜ୍ୟରୁ ଦୈନିକ ୫ହଜାର ରୋଗୀ ଏମ୍ସ ଆସୁଛନ୍ତି। ରୋଗୀ ସେବାକୁ ନେଇ ଆମ ପାଖରେ ଅନେକ ଆହ୍ୱାନ ରହିଛି। ଭିତ୍ତିଭୂମି ବିକାଶ, କର୍ମଚାରୀ ଓ ପାରାମେଡିକାଲ ଷ୍ଟାଫ, ଟେକ୍ନିସିଆନଙ୍କ ସଂଖ୍ୟା କିଭଳି ବଢ଼ାଯିବ, ସେନେଇ ପଦକ୍ଷେପ ନେବାକୁ ଆଲୋଚନା ହୋଇଥିଲା। ଭୁବନେଶ୍ୱର ଏମ୍ସକୁ ଦେଶର ୧ନମ୍ବର କରିବା ଆମର ଲକ୍ଷ୍ୟ ବୋଲି ଏମ୍‌ପି କହିଥିଲେ। ରୋଗୀ ସେବା ହେଉଛି ମାନବ ସେବା। ଏଥିସହ ଏମ୍ସର ବିକାଶ ପାଇଁ ଯାହା ଦରକାର ସେନେଇ ସେ ଆଗାମୀ ସଂସଦ ଅଧିବେଶନରେ ଉପସ୍ଥାପନ କରିବା ସହିତ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ଭେଟି ଏହି ସବୁ ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ଏମ୍‌ପି କହିଥିଲେ।




ନନ୍ଦନକାନନରେ ପ୍ରାଣୀ ସଂଗ୍ରହ ଓ ପାଳନପୋଷଣ ପାଇଁ ସୁନ୍ଦରଗଡ଼ର 'ମେସର୍ସ ଗୀତାରାଣୀ ମହାନ୍ତି ରାଇକେଲା ଆଇରନ୍ ଓର ମାଇନ୍ସ' ପକ୍ଷରୁ ମ୍ୟାନେଜିଂ ପାର୍ଟନର ଶ୍ରୀନିବାସ ସାହୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ୧ କୋଟି ୬୭ ଲକ୍ଷ ୧୭ ହଜାର ୪୦୦ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।




ବିକଳ୍ପ ବଜେଟ ଦାବି ନେଇ ବିଭିନ୍ନ ବାମପନ୍ଥୀ ଦଳ ପକ୍ଷରୁ ମଙ୍ଗଳବାର ଆଶୋକ ନଗରଠାରେ ଆୟୋଜିତ ପଥପ୍ରାନ୍ତ ସଭା ତଥା ମିଳିତ ପ୍ରତିବାଦ ସମାବେଶ।

**ଘରପୋଡ଼ି ଘଟଣାରେ ଯୁବକ ଗିରଫ**

ଚୌଦ୍ୱାର,(ଆଶୁତୋଷ ଦାସ): ଘର ପୋଡ଼ି ଘଟଣାରେ ଚୌଦ୍ୱାର ପୋଲିସ ଜଣେ ଯୁବକଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅଧୀନ କରଞ୍ଜି ପଞ୍ଚାୟତ ରଗଡିସାହିର ନଟବର ସିଙ୍ଗ୍। ସୂଚନା ଅନୁଯାୟୀ, ସୋମବାର ନଟବର ଓ ତାଙ୍କ ସ୍ତ୍ରୀ ମାନସୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ନଟବର ଉତ୍କ୍ଷିପ୍ତ ହୋଇ ନିଜ ଘରେ ନିଆଁ ଲଗାଇ କେଉଁଆଡ଼େ ପଳାଇଯାଇଥିଲେ। ଅଗ୍ନିକାଣ୍ଡରେ ନଟବରଙ୍କ ୨ ବଖରା ଘର ସହିତ ଧାନ, ଚାଉଳ, ଲୁଗାପଟା ଓ ଅନ୍ୟ ସାମଗ୍ରୀ ଜଳିଯାଇଥିଲା। ଖବରପାଇ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାନସୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ. ୧୩୪/୨୫) ରୁଜୁ କରିଛି।

# ୧୨୧୬ କୋଟି ଆୟ, ୧୨୦୯ କୋଟି ବ୍ୟୟ ବଜେଟ ଅନୁମୋଦିତ

## ଆରୋପ-ପ୍ରତ୍ୟାରୋପ, ଧାରଣାରେ ସରଗରମ ସଭାଗୃହ

**କଟକ,୪।୩(କାର୍ତ୍ତିକ ସାହୁ)**

କଟକ ଚୌଧୁରୀବଜାରସ୍ଥିତ ବିଜୁ ଭବନ ସମ୍ମିଳନୀ କକ୍ଷରେ କଟକ ମହାନଗର ନିଗମ (ସିଏମ୍‌ସି)ର ୨୯ତମ କାଉନ୍‌ସିଲ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାର୍ଷିକ ବଜେଟ ଅନୁମୋଦିତ ହୋଇଛି। ଅନୁମୋଦିତ ବଜେଟରେ ଆଗାମୀ ଆର୍ଥିକ ବର୍ଷ ନିମନ୍ତେ ୧୨୧୬ କୋଟିର ଆୟ ଏବଂ ୧୨୦୯ କୋଟିର ବ୍ୟୟ ଅଟକଳ ହୋଇଥିବା ଜଣାପଡିଛି। ବଜେଟ ଅନୁମୋଦନକୁ ନେଇ ବିଭିନ୍ନ ଆରୋପ ଓ ପ୍ରତ୍ୟାରୋପ କର୍ପୋରେଟରମାନେ ଲଗାଇଥିଲେ। ବୈଠକ କିଛି ସମୟ ଚାଲିବା ପରେ ଜଣେ ମହିଳା କର୍ପୋରେଟର ଓ ନଗର ଯନ୍ତ୍ରୀଙ୍କ ମଧ୍ୟରେ କଥା କଟାକଟି ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସିଏମ୍‌ସି ମେୟର ସୁବାସ ସିଂ ଏବଂ କମିଶନର ଅନାମ ଚରଣ ପାତ୍ର ବହୁ ବୁଝାଶୁଝା କରିବା ପରେ ବୈଠକ ପୁନର୍ବାର ଚାଲିଥିଲା। ବୈଠକ ଆରମ୍ଭରୁ ଶେଷ ଯାଏ ଆରୋପ-ପ୍ରତ୍ୟାରୋପ ଓ ଧାରଣା ଆଦିରେ ସଭାଗୃହ ସରଗରମ ହୋଇଥିଲା।

ଶହୀଦ ଭବନର ପୁରୁଣା ସ୍କ୍ରାପ୍ ସାମଗ୍ରୀଗୁଡ଼ିକ ବିକ୍ରିରେ ଦୁର୍ନୀତି ହୋଇଥିବା ନେଇ କର୍ପୋରେଟର ଲିଜାରାଣୀ ରାଉତ ଅଭିଯୋଗ କରିଥିଲେ। ଯାନ୍ତ୍ରିକ ବିଭାଗର ଅଧିକାରିଣୀ ଏନେଇ ଦେଇଥିବା ଉତ୍ତରରେ ସେ ସନ୍ତୁଷ୍ଟ ହୋଇ ନ ଥିଲେ। ବରଂ ପୁରୁଣା ଚେୟାର, ଅଳିଆ ଉଠା ଗାଡ଼ି, କାଠ ସାମଗ୍ରୀ ଆଦି ଶାଗମାଛ ଦରରେ ବିକ୍ରିହୋଇଥିବା ଆରୋପ ଲଗାଇଥିଲେ। ଏସବୁ ସାମଗ୍ରୀ ବିକ୍ରିର ସମ୍ପୂର୍ଣ୍ଣ ତଥ୍ୟ କାଉନସିଲ ଆଗରେ ଉପସ୍ଥାପନ କରିବାକୁ ଦାବି କରିଥିଲେ। ଆହୁରି ମଧ୍ୟ ଜିମ୍ ସାମଗ୍ରୀ କିଣା ନିମନ୍ତେ ହୋଇଥିବା ଟେଣ୍ଡରରେ ଦୁର୍ନୀତି କରାଯାଇଥିବା ଅଭିଯୋଗକରି ସେ ତଦନ୍ତ ଦାବି କରିଥିଲେ।

ସେହିପରି କର୍ପୋରେଟର ଲିପ୍ସା ନାୟକ ନଗର ଯନ୍ତ୍ରୀ କାହାକୁ ନ ଜଣାଇ ଟେଣ୍ଡର କରି କାର୍ଯ୍ୟ କରୁଥିବା ଅଭିଯୋଗ ଆଣିଥିଲେ। ଏପରି କି ତାଙ୍କ ୱାର୍ଡର ଉନ୍ନତିମୂଳକ କାର୍ଯ୍ୟର ଫାଇଲ୍ ନଗର ଯନ୍ତ୍ରୀ ଫେରାଇଦେଉଛନ୍ତି। ତାଙ୍କ ଅଗୋଚରରେ ତାଙ୍କ ୱାର୍ଡରେ ଉନ୍ନୟନ କାମ କରାଉଛନ୍ତି ବୋଲି ସେ କହିଥିଲେ। ଏଥିସହ ତାଙ୍କ ୱାର୍ଡରେ ୫୦ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟ ଅଟକଳରେ ଏକ ରାସ୍ତା ନିର୍ମାଣ ନିମନ୍ତେ ଯୋଜନା ପ୍ରସ୍ତୁତକରି ତାଙ୍କୁ ନ ଜଣାଇ ଟେଣ୍ଡର ଡାକିଥିବା ସେ ଅଭିଯୋଗ କରିଥିଲେ। ନଗର ଯନ୍ତ୍ରୀ ଓ କେତେଜଣ ନିର୍ଦ୍ଦିଷ୍ଟ ଯନ୍ତ୍ରୀ ଦୁର୍ନୀତିରେ ଲିପ୍ତଥିବା ଅଭିଯୋଗ ଉଠାଇ ମେୟର ଓ କମିଶନର ଏଥିରେ ହସ୍ତକ୍ଷେପ କରିବାକୁ ଦାବିକରି ସେ ଗୃହ ମଧ୍ୟରେ ଧାରଣାରେ ବସିଥିଲେ। ଏହାକୁ ନେଇ ନଗର ଯନ୍ତ୍ରୀ ଅତନୁ ସାମନ୍ତ ଓ ଲିପ୍ସାଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଭଳି ଘଟଣାକୁ ନେଇ ଯାନ୍ତ୍ରିକ ବିଭାଗର ଅଧିକାରୀମାନେ ବୈଠକ ତ୍ୟାଗ କରିବାକୁ କେତେଜଣ ଯନ୍ତ୍ରୀ କହିଥିଲେ। ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଉଥିବା ଅଭିଯୋଗ କରିଥିଲେ। ଅଧିକାରୀମାନଙ୍କ ଏପରି ଆଚରଣକୁ ନେଇ କର୍ପୋରେଟର ଶୁଭାଶିଷ ପଟ୍ଟନାୟକ, ବଟକୃଷ୍ଣ ସ୍ୱାଇଁ ପ୍ରମୁଖ କର୍ପୋରେଟରମାନେ ବିରୋଧ କରିଥିଲେ। କମିଶନର ପାତ୍ର ଏଭଳି ପରିସ୍ଥିତିକୁ ସମ୍ଭାଳିବାକୁ ଯାଇ କର୍ପୋରେଟର ଓ ଅଧିକାରୀଙ୍କ ମଧ୍ୟରେ ଯାହା ସମସ୍ୟା ରହିଛି ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ କହିଥିଲେ। ସେହିପରି ସ୍ଥାନୀୟ ବିଧାୟକ ଓ ବାସିନ୍ଦାଙ୍କ ଦାବି ଅନୁସାରେ ସମ୍ପୃକ୍ତ ୱାର୍ଡରେ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇଥିଲା ବୋଲି ମେୟର ସିଂ ସ୍ପଷ୍ଟ କରିଥିଲେ। କର୍ପୋରେଟର ବିକାଶ ରଞ୍ଜନ ବେହେରା ବାୟୋମାଇନିଂ କାରଖାନା ଟେଣ୍ଡର ବାତିଲ ପଛରେ ମନ୍ଦ ଉଦ୍ଦେଶ୍ୟ ରହିଥିବା ଅଭିଯୋଗ କରିଥିଲେ।

ମେୟର ସିଂ ବୈଠକରେ ଅଧ୍ୟକ୍ଷତା କରିବା ସହ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏଥର ବଜେଟରେ ୫ଟି ୨ୟ ବର୍ଗର ଡ୍ରେନ୍ ଉପରେ ବକ୍ସଡ୍ରେନ୍ ରାସ୍ତା ନିର୍ମାଣ ହେବାର ବ୍ୟବସ୍ଥା ହୋଇଛି। ଏହା ହେଲେ ଜଳ ନିଷ୍କାସନ ପାଇଁ ସୁବିଧା ସହ ଗମନାଗମନ ନିମନ୍ତେ ଓସାରିଆ ରାସ୍ତା ମଧ୍ୟ ନିର୍ମାଣ ହେବ। ପେଟାନାଳ ଉନ୍ନତୀକରଣର ପ୍ରଥମ ପର୍ଯ୍ୟାୟ କାମ ପରେ ୨ୟ ପର୍ଯ୍ୟାୟ କାମ ଆରମ୍ଭ ହେବ। ଏହା ରାଜ୍ୟ ସରକାରଙ୍କ ଅନୁମୋଦନ ଲାଭକଲେ ମଶା ଦାଉରୁ କଟକବାସୀ ବହୁ ପରିମାଣରେ ରକ୍ଷା ପାଇପାରିବେ। ଏଥିପାଇଁ ଚଳିତବର୍ଷର ବଜେଟରେ ବ୍ୟବସ୍ଥା କରାଯାଇଛି। ସେହିପରି କଟକ ସତ୍ୟବ୍ରତ ଷ୍ଟାଡିୟମ ଓ ଗଡ଼ଖାଇର ଉନ୍ନତୀକରଣ ସମେତ ବହୁ ଉନ୍ନୟନ କାର୍ଯ୍ୟ ନିମନ୍ତେ ବଜେଟରେ ବ୍ୟୟବରାଦ ହୋଇଥିବା ମେୟର କହିଛନ୍ତି। ଏହି ବୈଠକରେ ଡେପୁଟି ମେୟର ଦମୟନ୍ତୀ ମାଝୀଙ୍କ ସମେତ ସିଏମ୍‌ସି ଅଧିକାରୀ ଓ କର୍ପୋରେଟରମାନେ ଉପସ୍ଥିତ ଥିଲେ।



ବିଜୁ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକ ସମୟରେ କର୍ପୋରେଟର ଲିପ୍ସା ନାୟକ ଧାରଣାରେ ବସିଛନ୍ତି।

**ସିଏମ୍‌ସିର ୨୯ତମ କାଉନ୍‌ସିଲ ବୈଠକ**

# ଶୁକପାଇକା ନଦୀକୁ ଡ୍ରେନ୍ ଖୋଲିବା ପାଇଁ ଦାବି

**କଟକ ସଦର,୪।୩(ସୁଶାନ୍ତ କୁମାର ଜେନା)**

କଟକ ଡ୍ରେନେଜ ଡିଭିଜନ ଅନ୍ତର୍ଗତ ଶୁକପାଇକା ନଦୀର ଖନନ କାର୍ଯ୍ୟ ଚାଲୁରହିଛି। ପୂର୍ବରୁ ଧରିଣା ଗ୍ରାମର କଡମ୍ବମୂଳଠାରୁ ବାହାରିଥିବା ଡ୍ରେନ୍ ଦ୍ୱାରା ବର୍ଷାପାଣି ଶୁକପାଇକା ନଦୀକୁ ନିଷ୍କାସନ ହୋଇଥାଏ। ନଦୀ ଖନନ ହେବା ପରେ ପାଣି ଆଉ ଠିକ୍‌ଭାବେ ଗ୍ରାମରୁ ନିଷ୍କାସିତ ହୋଇପାରିବ ନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାର ସ୍ଥାନୀୟ ଲୋକମାନେ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ ସହ ଗ୍ରାମରେ ଆଲୋଚନା କରିଥିଲେ। ଡ୍ରେନ୍ ଖୋଲିବା ପାଇଁ ଅର୍ଥର ବ୍ୟବସ୍ଥା ନ ଥିବାରୁ ବର୍ତ୍ତମାନ ଖୋଲିବା କାର୍ଯ୍ୟ ହୋଇପାରିବ ନାହିଁ ବୋଲି ସହକାରୀ ଯନ୍ତ୍ରୀ ସତ୍ୟଜିତ୍ ନାୟକ ଗ୍ରାମବାସୀଙ୍କୁ କହିଥିଲେ। ଆସନ୍ତା ବର୍ଷାଦିନେ ପାଣି ଠିକ୍ ଭାବେ ନିଷ୍କାସନ ନ ହେଲେ ଲୋକମାନେ ହଇରାଣ ହେବେ ବୋଲି ସୁକାନ୍ତ ସାହୁ, ନିଗମ ରାଉତ, ବବୁଲୁ ରାଉତ ପ୍ରମୁଖ ଦାବି କରିଥିଲେ। ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନାକରି ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ସହକାରୀ ଯନ୍ତ୍ରୀ ନାୟକ ପ୍ରତିଶ୍ରୁତି ଦେଇଛନ୍ତି।

# କାର୍ଯ୍ୟରେ ଯୋଗଦେଲେ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ

**କଟକ,୪।୩(କାର୍ତ୍ତିକ ସାହୁ)**



ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ

କଟକ ଡିସିପି ଭାବେ ଆଇପିଏସ୍ ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ମଙ୍ଗଳବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଏନେଇ ଡିସିପି କାର୍ଯ୍ୟାଳୟରେ ବିଦାୟୀ ଡିସିପି ଜଗମୋହନ ମୀନାଙ୍କଠାରୁ ସେ ସନ୍ଧ୍ୟାରେ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଋଷିକେଶ ପୂର୍ବରୁ ବଲାଙ୍ଗୀର ଏସ୍‌ପି ଭାବେ କାର୍ଯ୍ୟରତ ଥିଲେ। ଏହି ଅବସରରେ ଡିସିପି କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। କଟକ ସହରାଞ୍ଚଳ ପୋଲିସକୁ ଅଧିକ ଦକ୍ଷ କରିବା ଦିଗରେ ନିଜର କାର୍ଯ୍ୟ ଆଗେଇନେବେ ବୋଲି ନୂତନ ଡିସିପି କହିଛନ୍ତି। ଅପରପକ୍ଷରେ ମୀନା ଭୁବନେଶ୍ୱର ଡିସିପି ଭାବେ ବଦଳି ହୋଇଛନ୍ତି।

# ମଦ ଜବତ, ଯୁବକ ଗିରଫ

**ଖୁଣ୍ଟୁଣୀ,୪।୩(ସଚ୍ଚିଦାନନ୍ଦ ପଣ୍ଡା)**

ଦେଶୀ ମଦ ବିକ୍ରି ଅଭିଯୋଗରେ ଗୁରୁଡ଼ିଝାଟିଆ ପୋଲିସ ଜଣେ ଯୁବକଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ପିଠାଖିଆ ଗ୍ରାମର ଅକ୍ଷୟ ମହାନ୍ତି। ତାଙ୍କଠାରୁ ୧୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୩୯/୨୫) ରୁଜୁ ହୋଇଛି। ଗ୍ରାମରେ ଦେଶୀ ମଦ ବ୍ୟାପକ ମାତ୍ରାରେ ବିକ୍ରି ହେଉଥିବା ସ୍ଥାନୀୟ ଲୋକେ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଫଳରେ ପୋଲିସ ଚଢ଼ାଉ କରି ସୋମବାର ରାତିରେ ଅକ୍ଷୟଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ମଦ ଜବତ କରିଥିଲା। ଅପରପକ୍ଷରେ ମଙ୍ଗଳବାର ପୋଲିସ ଚେକିଂ କରୁଥିବାବେଳେ ବାଇକ୍ ଚଳାଉଥିବା ୩ ଜଣ ନିଶାସକ୍ତ ଯୁବକଙ୍କୁ କାବୁକରି ଥାନାକୁ ଆଣିଥିଲା। ପରେ ସେମାନଙ୍କ ପରିବାର ଲୋକେ ଆସି ବ୍ୟକ୍ତିଗତ ମୁଚଲିକାରେ ସେମାନଙ୍କୁ ନେଇଥିଲେ। ସେମାନଙ୍କ ନାଁରେ ମାମଲା ରୁଜୁ ହୋଇଥିବା ଆଇଆଇସି ପରେଶ କୁମାର ମହାନ୍ତି କହିଛନ୍ତି।

# ୧୪ ମାସ ହେବ ଜବ୍‌କାର୍ଡଧାରୀଙ୍କୁ ମିଳୁନି ମଜୁରି

**ତିଗିରିଆ,୪।୩(ଜାଫର ଖାଁ)**

ତିଗିରିଆ ବ୍ଲକ ସଭାଗୃହରେ ମଙ୍ଗଳବାର ବ୍ଲକସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ୨୪-୨୫ ବର୍ଷ ପାଇଁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ତିଗିରିଆ ବ୍ଲକ ଭାରପ୍ରାପ୍ତ ବିଡିଓ ଯାଜ୍ଞସେନୀ ଗୋଚ୍ଛାୟତ ଅଧ୍ୟକ୍ଷତା କରିଥିଲେ। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ନନ୍ଦ ସ୍ୱାଗତ ଭାଷଣ ଦେବା ସହ ଉକ୍ତ ଯୋଜନାର ସଫଳ ରୂପାୟନ ଉପରେ କହିଥିଲେ। ତିଗିରିଆ ବ୍ଲକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପ ଅଧିକାରୀ ଲିପ୍ସାରାଣୀ ନନ୍ଦ କହିଥିଲେ, ତିଗିରିଆ ବ୍ଲକର ୧୪ ପଞ୍ଚାୟତରେ ୯,୧୦୦ ଜବ୍‌କାର୍ଡ ଥିବାବେଳେ ବର୍ତ୍ତମାନ ୫,୩୩୪ଟି ସଚଳ ଜବ୍‌କାର୍ଡ ଅଛି। ଉକ୍ତ କାର୍ଡ ମଧ୍ୟରୁ ୯,୦୫୮ ଜଣ ଶ୍ରମିକ କାମ କରୁଛନ୍ତି। ୧,୩୬୭ଟି ପ୍ରକଳ୍ପ ମଧ୍ୟରୁ ୩୧୧ଟି ପ୍ରକଳ୍ପର କାମ ଶେଷ ହୋଇଛି। ଆଠଗଡ଼ ଉପଜିଲାପାଳଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ତିଗିରିଆ ତହସିଲଦାର କାଜଲ ମଲ୍ଲିକ ଶୁଣାଣିରେ ଉପସ୍ଥିତ ଥିଲେ। ଜନଶୁଣାଣି କମିଟି ସଭ୍ୟ ଅଚ୍ୟୁତ ଜେନା ଯୋଗଦେଇ ଶିବିରରେ ଜବ୍‌କାର୍ଡଧାରୀଙ୍କ ଅନୁପସ୍ଥିତି ଦୁଃଖଦାୟକ ବୋଲି କହିଥିଲେ। ସେହିପରି ବିନ୍ଧାଣିମା ଓ ବାଲିପୁଟ ପଞ୍ଚାୟତର ହିସାବରକ୍ଷକ ଓ ତଥ୍ୟ ପ୍ରବେଶକାରୀ ଅଧିକାରୀ ସୁଜିତ ଜେନା କହିଛନ୍ତି, ଯୋଜନାରେ ଜବ୍‌କାର୍ଡଧାରୀ ଶ୍ରମିକଙ୍କୁ ୧୪ ଦିନରେ ମଜୁରି ପ୍ରଦାନ ବ୍ୟବସ୍ଥା ରହିଛି। ମାତ୍ର ୧୪ ମାସ ହେବ ସେମାନଙ୍କୁ ମଜୁରି ମିଳି ନ ଥିବାରୁ ସେମାନେ କାମ କରିବାକୁ ବିମୁଖ ବୋଲି କହିଥିଲେ। ଶିବିରରେ ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ବନ୍ଦନା ସେଠୀ, ସାମାଜିକ ସମୀକ୍ଷକ ରାଜୀବ ଲୋଚନ ମିଶ୍ର, ସହାୟକ ଟୁନା ବେହେରାଙ୍କ ସମେତ କ୍ଷୁଦ୍ର ଜଳସେଚନ ବିଭାଗ, ବନ ବିଭାଗ, ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ।



ଜନଶୁଣାଣି ଶିବିରରେ ପ୍ରଶାସନିକ ଅଧିକାରୀଙ୍କ ସହ ଅନ୍ୟମାନେ।

**ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ବ୍ଲକସ୍ତରୀୟ ଜନଶୁଣାଣି ଶିବିର**

# 'ପ୍ରାଥମିକତା ଭିତ୍ତିରେ ଲୋକଙ୍କୁ ଉତ୍ତମ ସେବା ଯୋଗାଇବି'

**ବାଙ୍କୀ,୪।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**



ପ୍ରଣବ କୁମାର ବେହେରା

**ବାଙ୍କୀରେ ନୂତନ ଉପଜିଲାପାଳଙ୍କ ଯୋଗଦାନ**

ବାଙ୍କୀର ନୂତନ ଉପଜିଲାପାଳ ଭାବେ ପ୍ରଣବ କୁମାର ବେହେରା ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ ତିଗିରିଆ ବିଡିଓ ଭାବରେ କାର୍ଯ୍ୟରତ ଥିଲେ। ପୂର୍ବ ଅଭିଜ୍ଞତାକୁ ଭିତ୍ତିକରି ବାଙ୍କୀ ଉପଖଣ୍ଡରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହ ଉପଖଣ୍ଡର ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେବାକୁ ପ୍ରାଥମିକତା ଦେବେ ବୋଲି ବେହେରା କହିଛନ୍ତି। ଏହି ଅବସରରେ ଡେପୁଟି କଲେକ୍ଟର ସୌମ୍ୟରଞ୍ଜନ ମହାପାତ୍ର, ଆସିଷ୍ଟାଣ୍ଟ କଲେକ୍ଟର ପ୍ରିୟଙ୍କା ଜୁଝାରସିଂ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅଶୋକ କୁମାର ପ୍ରଧାନ, ଉପଜିଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ଜୟନ୍ତୀ ରାଉତ, ପଠାଣି ବାରିକ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ନୂତନ ଉପଜିଲାପାଳଙ୍କୁ ସ୍ୱାଗତ ଜଣାଇଥିଲେ। ତେବେ ପୂର୍ବ ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତିଙ୍କ କୋରାପୁଟ ଅତିରିକ୍ତ ଜିଲାପାଳ ଭାବେ ପଦୋନ୍ନତି ହୋଇଥିବାବେଳେ ଆଠଗଡ଼ ଉପଜିଲାପାଳ ବାଙ୍କୀର ଅତିରିକ୍ତ ଦାୟିତ୍ୱରେ ଥିଲେ।

# 'ବିମଳ କିଶୋର ମିଶ୍ର ଥିଲେ ନିରହଂକାରୀ ପ୍ରଶାସକ'

**କଟକ,୪।୩(କାର୍ତ୍ତିକ ସାହୁ)**

ବିମଳ କିଶୋର ମିଶ୍ର ଥିଲେ ଜଣେ ନିରହଂକାରୀ ପ୍ରଶାସକ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରବୀଣ ଜ୍ୟୋତିଷ ଏବଂ ସୁଲେଖକ ଭାବେ ବିମଳ କିଶୋର ମିଶ୍ର ସମସ୍ତଙ୍କର ଆଦରଣୀୟ ଥିଲେ। ବନ୍ଦେ ଉତ୍କଳ ପକ୍ଷରୁ କଟକ ବଙ୍ଗାଳିସାହିସ୍ଥିତ ମା' ଶାରଳା ସଦନଠାରେ ମଙ୍ଗଳବାର ଅନୁଷ୍ଠିତ ବିମଳ କିଶୋର ମିଶ୍ରଙ୍କ ୧୦୧ତମ ଜୟନ୍ତୀ ଉତ୍ସବରେ ବିଶିଷ୍ଟ ବ୍ୟକ୍ତି ଏହି ମତପ୍ରକାଶ କରିଛନ୍ତି। ବନ୍ଦେ ଉତ୍କଳର ପ୍ରତିଷ୍ଠାତା ତଥା ଆଇନଜୀବୀ ଦେବସ୍ନାନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଜୁଡିସିଆଲ ଅଭିଲେଖାଗାରର ଆଇନ ପରାମର୍ଶଦାତା ଡ. ବିଜୟ ଚନ୍ଦ୍ର ମହାପାତ୍ର ଯୋଗଦେଇ ଓଡ଼ିଶା ରାଜସ୍ୱ ଆଇନର ଅନ୍ୟତମ ବିଶାରଦ ଭାବେ ସ୍ୱର୍ଗତ ମିଶ୍ରଙ୍କୁ ଅଭିହିତ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଡ. ପଦନ କୁମାର ଜେନା ଯୋଗଦେଇଥିଲେ। ଏହି ଅବସରରେ ଜ୍ୟୋତିର୍ବିଦ ଡକ୍ଟର ରଞ୍ଜନ କୁମାର ମହାପାତ୍ରଙ୍କୁ ବିମଳ କିଶୋର ମିଶ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ଡାକ୍ତର ସୁସ୍ମିତା ନାୟକ ମାନପତ୍ର ପାଠ, ଶିକ୍ଷାବିତ୍ ଡ. ହେମେନ୍ଦ୍ର ନାରାୟଣ ଦାସ ଏବଂ ଡ. ସୁନାମଣି ରାଉତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶ୍ରୀମାଳିନୀ ନୃତ୍ୟ ଏବଂ ସଙ୍ଗୀତ ଏକାଡେମୀର କଳାକାରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସମ୍ପାଦକ ଅଧ୍ୟାପକ ଡ. ଜୟନ୍ତ କୁମାର ସ୍ୱାଇଁ ସ୍ୱାଗତ ଭାଷଣ, ସଙ୍ଗଠକ ଭୁବନାନନ୍ଦ ମହାନ୍ତି ଅତିଥି ପରିଚୟ ଏବଂ ଇଂ. ମନୋଜ କୁମାର ଦାଶ ଧନ୍ୟବାଦ ଦେଇଥିଲେ।



ଜ୍ୟୋତିର୍ବିଦ ଡକ୍ଟର ରଞ୍ଜନ କୁମାର ମହାପାତ୍ରଙ୍କୁ ବିମଳ କିଶୋର ମିଶ୍ର ସମ୍ମାନ ପ୍ରଦାନ କରାଯାଉଛି।

# ମେଶିନ ଅଚଳ, ସିଟିସ୍କାନ୍ ବନ୍ଦ

**କଟକ,୪।୩(ଶିପ୍ରା ପ୍ରିୟଦର୍ଶିନୀ)**




**ଏସ୍‌ସିବି ମେଡିକାଲ**

- ନିରାଶ ହୋଇ ଫେରିଲେ ରୋଗୀ
- ୧ ମାସରେ ଏକାଧିକ ଥର ଖରାପ

ଏସ୍‌ସିବି ମେଡିକାଲର ନିଜସ୍ୱ ସିଟିସ୍କାନ୍ ମେଶିନ ମଙ୍ଗଳବାର ମଧ୍ୟାହ୍ନରୁ ଅଚଳ ହୋଇପଡ଼ିଛି। ଫଳରେ ସିଟିସ୍କାନ୍ ବନ୍ଦ ରହିଛି। ମେଡିକାଲରେ ରୋଗୀଙ୍କ ସ୍କାନିଂ ପାଇଁ ଏହି ମେଶିନ ପୂର୍ବାହ୍ନ ୧୧ଟାରୁ ଚାଲୁ କରାଯାଇଥିଲା। ପ୍ରାୟ ୧୦ଜଣ ରୋଗୀଙ୍କ ସ୍କାନିଂ କରାଯିବା ପରେ ହଠାତ୍ ମେଶିନ ଅଚଳ ହୋଇପଡ଼ିଥିଲା। ସେଠାରେ ଉପସ୍ଥିତ ଥିବା କର୍ମଚାରୀ ଏହାକୁ ଚାଲୁ କରିବା ପାଇଁ ବହୁ ପ୍ରୟାସ କରି ମଧ୍ୟ ବିଫଳ ହୋଇଥିଲେ। ଫଳରେ ସ୍କାନିଂ ପାଇଁ ଆସିଥିବା ରୋଗୀଙ୍କୁ ଫେରାଇ ଦିଆଯାଇଥିଲା। ଦୂରଦୂରାନ୍ତରୁ ଆସିଥିବା ରୋଗୀମାନେ ଦୀର୍ଘ ସମୟ ଧାଡ଼ିରେ ଛିଡ଼ାହେବା ପରେ ନିରାଶ ହୋଇ ଫେରିଯାଇଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ରୋଗୀଙ୍କ ସମ୍ପର୍କୀୟ ଦିନା ବାରିକ କହିଛନ୍ତି, ଡାକ୍ତର ସିଟିସ୍କାନ୍ ପାଇଁ ପଠାଇଥିଲେ। ସକାଳୁ ଅପେକ୍ଷା କରିଥିଲୁ। ସ୍କାନିଂ ପାଇଁ ନମ୍ବର ପଡିଲା ବେଳକୁ ମେଶିନ ଖରାପ ହୋଇଯାଇଥିଲା। ବାରମ୍ବାର ଏଭଳି ଅବ୍ୟବସ୍ଥା ଆଦୌ ଗ୍ରହଣୀୟ ନୁହେଁ।

ସୂଚନାନୁଯାୟୀ, ଏସ୍‌ସିବି ମେଡିକାଲରେ ଦୁଇଟି ସିଟିସ୍କାନ୍ ମେଶିନ ରହିଛି। ସେଥିମଧ୍ୟରୁ କାଜୁଆଲ୍‌ଟି ସମ୍ମୁଖରେ ମେଡିକାଲର ନିଜସ୍ୱ ସିଟିସ୍କାନ ମେଶିନ ଥିବାବେଳେ ଅନ୍ୟଟି ପିପିପି ମୋଡ୍ ସିଟିସ୍କାନ ମେଶିନ ଯାହାକି ଘରୋଇ ସହଭାଗିତାରେ ରଞ୍ଜନରଶ୍ମି ବିଭାଗରେ ରହିଛି। ମେଡିକାଲର ନିଜସ୍ୱ ସିଟିସ୍କାନ୍ ମେଶିନଟି ବହୁ ପୁରୁଣା ହୋଇଥିବାରୁ ଅଧିକାଂଶ ସମୟ ଖରାପ ହୋଇଯାଉଛି। ଦୁଇଦିନ ପୂର୍ବେ ମୂଷା କାଟିବାରୁ ତାହା ଅଚଳ ହୋଇପଡିଥିଲା। ଏପରି କି ଗତ ୧ ମାସ ମଧ୍ୟରେ ଉକ୍ତ ମେଶିନ ଏକାଧିକ ଥର ଅଚଳ ହୋଇପଡିବାରୁ ରୋଗୀସେବା ବାଧାପ୍ରାପ୍ତ ହେଉଛି। ୨୪ ଘଣ୍ଟା କାର୍ଯ୍ୟକ୍ଷମ ଥିବା ଏହି ମେଶିନ ଭୋର ସାଢ଼େ ୫ଟାରୁ ସକାଳ ୮ଟା ଓ ରାତି ୯ଟାରୁ ୧୦ଟା ସ୍କାନିଂ ବନ୍ଦ ରହିଥାଏ। ସେହିପରି ଗତ ସପ୍ତାହରେ ପିପିପି ମୋଡ୍‌ରେ ଥିବା ସିଟିସ୍କାନ୍ ମେଶିନ ୩ ଦିନ ପାଇଁ ଖରାପ ହୋଇଥିଲା। ଫଳରେ ୩୦୦ରୁ ଊର୍ଦ୍ଧ୍ୱ ରୋଗୀ ସ୍କାନିଂ ନ କରି ଫେରିଥିଲେ।

ଏ ସମ୍ପର୍କରେ ମେଡିକାଲର କୁଳସଚିବ ସୁବାସ ରାଏ କହିଛନ୍ତି, ମେଶିନ ପୁରୁଣା ହେବା ଯୋଗୁ ଅଚଳ ହୋଇପଡୁଛି। ମଙ୍ଗଳବାର ମେଶିନ ଅଚଳ ହେବା ଖବର ପାଇବା ପରେ ତୁରନ୍ତ ମରାମତି ପାଇଁ ବ୍ୟବସ୍ଥା କରାଯାଇଛି। ନୂତନ ମେଶିନ ଆଣିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଖୁବ୍‌ଶୀଘ୍ର ନୂଆ ମେଶିନ ଆସିବ ବୋଲି ସେ କହିଛନ୍ତି।

**ଫଟୋ ରେ ଖବର**




କଟକ ବିଡ଼ାନାସୀସ୍ଥିତ ନୂଆସାହି ବସ୍ତିବାସିନ୍ଦାଙ୍କୁ ଥଇଥାନ ଦାବିରେ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଧାରଣା।




ଡ୍ରିମ୍ସ ସ୍କୁଲ ଅଫ୍ ନର୍ସିଂ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନାରେ ଉପସ୍ଥିତ ଡ୍ରିମ୍ସ ଚେୟାରମ୍ୟାନ୍ ଡ. ପ୍ରମୋଦ ଚନ୍ଦ୍ର ରଥ ଓ ଅନ୍ୟ ଅତିଥିବୃନ୍ଦ।

# 'ବିକଶିତ ଓଡ଼ିଶା-ବିକଶିତ ଭାରତ' ଗଠନର ଭିତ୍ତିଭୂମି ବିଶ୍ୱବିଦ୍ୟାଳୟ

## କୁଳପତି ସମ୍ମିଳନୀ

ଭୁବନେଶ୍ୱର,୪।୩(ସୁଚିସ୍ମିତା ସାହୁ)



କୁଳପତି ସମ୍ମିଳନୀରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟମାନେ।

'ବିକଶିତ ଓଡ଼ିଶା-ବିକଶିତ ଭାରତ' ଗଠନ ପାଇଁ ବିଶ୍ୱବିଦ୍ୟାଳୟ ହେଉଛି ଭିତ୍ତିଭୂମି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ମଙ୍ଗଳବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ରେ ଆୟୋଜିତ ରାଜ୍ୟର ବିଶ୍ୱବିଦ୍ୟାଳୟ ସମୂହର କୁଳପତି ସମ୍ମିଳନୀରେ ଉଦ୍‌ବୋଧନ ଦେଇ କହିଛନ୍ତି। ବିଶ୍ୱବିଦ୍ୟାଳୟରେ ଶିକ୍ଷାଗତ ଉତ୍କର୍ଷତା ଏବଂ ଛାତ୍ର କଲ୍ୟାଣର ତତ୍ତ୍ୱାବଧାରକ ଭାବେ ବିଶ୍ୱବିଦ୍ୟାଳୟରେ ସୁରକ୍ଷିତ, ଅନ୍ତର୍ନିବେଶୀ ଓ ଶୃଙ୍ଖଳିତ ପରିବେଶ ସୁନିଶ୍ଚିତ କରିବା ପାଇଁ କୁଳପତିମାନେ କାର୍ଯ୍ୟ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି। ସମ୍ମିଳନୀରେ ଉପସ୍ଥିତ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଛନ୍ତି, ବିଶ୍ୱବିଦ୍ୟାଳୟ ହେଉଛି ଜ୍ଞାନ, ନବସୃଜନ ଓ ଦାୟିତ୍ୱବାନ୍ ନାଗରିକ ସର୍ଜନାର କେନ୍ଦ୍ର। ରାଷ୍ଟ୍ର ଗଠନରେ ଉଚ୍ଚଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ରାଜ୍ୟରେ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟରେ ନୂତନ ଶିକ୍ଷାନୀତି-୨୦୨୦ ଲାଗୁ ହୋଇଥିବାରୁ ରାଜ୍ୟପାଳ ଖୁସି ପ୍ରକଟ କରିଥିଲେ। ସେ କହିଥିଲେ, ନୂତନ ଶିକ୍ଷାନୀତିରେ ଅଭିନବ ଶିକ୍ଷା ପଦ୍ଧତିକୁ ଗ୍ରହଣ କରିବା, ଗବେଷଣା ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ବିଭିନ୍ନ ଶିଳ୍ପ ସଂସ୍ଥା ଓ ଅନ୍ତର୍ଜାତୀୟ ଅନୁଷ୍ଠାନ, ପ୍ରତିଷ୍ଠାନ ସହିତ ସମନ୍ୱୟ ଓ ସହଯୋଗ ବୃଦ୍ଧିକୁ ଗୁରୁତ୍ୱ ଦିଆଯାଇଛି। ଛାତ୍ରୀଛାତ୍ରଙ୍କୁ କେବଳ ନିଯୁକ୍ତି ସକାଶେ ନୁହେଁ ବରଂ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ପାଇଁ ପ୍ରସ୍ତୁତ କରିବାକୁ ନୂତନ ଶିକ୍ଷାନୀତି ସହାୟକ ହେବ। ରାଜ୍ୟରେ ଶିକ୍ଷା ଓ ଦକ୍ଷତା ଇକୋସିଷ୍ଟମକୁ ରୂପରେଖ ଦେବା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ବିଶ୍ୱବିଦ୍ୟାଳୟ ସୁପରିଚାଳନା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ପରୀକ୍ଷା ପରିଚାଳନା ଓ ପରୀକ୍ଷାଫଳ ପ୍ରକାଶନ, କୃତୀ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ପ୍ରଦାନ ଉପରେ ଗୁରୁତ୍ୱାରୋପ କରି ବାର୍ଷିକ କ୍ୟାଲେଣ୍ଡର ପ୍ରସ୍ତୁତ କରିବାକୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବିଶ୍ୱବିଦ୍ୟାଳୟ ପାଇଁ ଆର୍ଥିକ ସ୍ୱଚ୍ଛତା, ଦାୟିତ୍ୱପୂର୍ଣ୍ଣ ବଜେଟ ପ୍ରସ୍ତୁତି, ପାଣ୍ଠିର ସୁବିନିଯୋଗ, ନିୟମିତ ଅଡିଟ୍, ନିର୍ଦ୍ଧାରିତ ସମୟରେ ବିନିଯୋଗ ପ୍ରମାଣପତ୍ର ପ୍ରଦାନ ପାଇଁ ସେ କହିଛନ୍ତି। ରାଜ୍ୟରେ ସାଇବର କ୍ରାଇମ୍ ବୃଦ୍ଧି ପାଉଥିବାରୁ ସାଇବର ନିରାପତ୍ତା ଦିଗରେ ବିଶ୍ୱବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ କରିବା ସହିତ ଉଚ୍ଚଶିକ୍ଷା ଅନୁଷ୍ଠାନରେ ଯୌନ ନିର୍ଯାତନା ଘଟଣା ଏଡାଇବା ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ।

ଏହି ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇଥିଲେ। ବିଭିନ୍ନ ବିଭାଗୀୟ ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଓ ବିଭିନ୍ନ ସଂସ୍ଥାର କର୍ମକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ସ୍ୱାଗତ ଭାଷଣ ଦେବା ସହ କୁଳପତି ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ସଞ୍ଜୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ଶ୍ରୀମନ୍ଦିର ଭିତର ବେଢ଼ା ଫଟୋ, ଭିଡିଓ ଭାଇରାଲ

ପୁରୀ,୪।୩(ଅଜିତ୍ କୁମାର ମହାନ୍ତି)

କିଛିଦିନର ବ୍ୟବଧାନ ପରେ ଶ୍ରୀମନ୍ଦିର ଭିତର ବେଢ଼ାର ଫଟୋ ଓ ଭିଡିଓ ପୁଣି ଭାଇରାଲ ହୋଇଛି। ଏହାକୁ ନେଇ ଭକ୍ତଙ୍କଠାରୁ ଆରମ୍ଭକରି ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ମାଧ୍ୟମରେ ଶ୍ରୀମନ୍ଦିର ଭିତର ବେଢ଼ାରେ ନୃସିଂହ ମନ୍ଦିରର ଭିଡିଓ ଭାଇରାଲ ହୋଇଛି। ଲଭ୍ ହଡନ୍ ନାମକ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଉକ୍ତ ଭିଡିଓ ଅପଲୋଡ୍ ହୋଇଛି। ଭିଡିଓରେ ପୁରୀ ରେଲ୍‌ୱେ ଷ୍ଟେଶନ, ବେଳାଭୂମି, ବଡ଼ଦାଣ୍ଡ ସହ ଶ୍ରୀମନ୍ଦିର ଭିତର ବେଢ଼ାର କିଛି ଦୃଶ୍ୟ ରହିଛି। ଏହି ଘଟଣା ଜଣାପଡ଼ିବା ପରେ ପୋଲିସ ପକ୍ଷରୁ ତର୍ଜମା ଆରମ୍ଭ ହୋଇଛି। ସୁରକ୍ଷା ଦୃଷ୍ଟିରୁ ଶ୍ରୀମନ୍ଦିର ବାହାରେ ଓ ଭିତରେ ପୋଲିସ ନିୟୋଜିତ ରହିଛନ୍ତି। ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରୁଥିବା ଭକ୍ତମାନଙ୍କୁ ଚେକିଂ କରାଯାଇ ଛଡ଼ାଯାଉଛି। ଏହାସତ୍ତ୍ୱେ ଶ୍ରୀମନ୍ଦିର ଭିତର ବେଢ଼ାର ଭିଡିଓ ଭାଇରାଲ ହୋଇଛି। ଏନେଇ ଯାଞ୍ଚ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି।



ପଶୁପକ୍ଷୀଙ୍କ ପ୍ରତି ହେଉଥିବା ଅମାନୁଷିକ ଅତ୍ୟାଚାରକୁ ବିରୋଧ କରି 'ହ୍ୟୁମାନିଟି ଟୁୱାର୍ଡ୍ସ ଆନିମଲ' ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ। (ଫଟୋ: ମନୋରଞ୍ଜନ ମିଶ୍ର)

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରସ୍ତାବକୁ ବିରୋଧ




ଯନ୍ତରମନ୍ତରଠାରେ ବିଦ୍ୟୁତ ଉପଭୋକ୍ତାଙ୍କ ପକ୍ଷରୁ ବିକ୍ଷୋଭ ସମାବେଶ।

ଭୁବନେଶ୍ୱର, ୪।୩ (ବନ୍ଦନା ସେଠୀ)

ବିଦ୍ୟୁତ୍ ସେବାର ଘରୋଇକରଣ ବନ୍ଦ, ପ୍ରିପେଡ୍ ସ୍ମାର୍ଟ ବିଦ୍ୟୁତ୍ ମିଟର ପ୍ରଚଳନ ବନ୍ଦ, ଟାଇମ ଅଫ୍ ଡେ ଟାରିଫ ପ୍ରଚଳନ ବନ୍ଦ, ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଓ ବିଦ୍ୟୁତ୍ ସଂଶୋଧନ ବିଲ-୨୦୨୨କୁ ପ୍ରତ୍ୟାହାର କରିବା ଦାବିରେ ଅଲ୍ ଇଣ୍ଡିଆ ଇଲେକ୍ଟ୍ରିସିଟି କଞ୍ଜୁମର୍ସ ଆସୋସିଏଶନ (ଏଆଇସିଏ) ଆହ୍ୱାନରେ ମଙ୍ଗଳବାର ପାର୍ଲାମେଣ୍ଟ ସମ୍ମୁଖ ଯନ୍ତରମନ୍ତରଠାରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆସୋସିଏଶନର ଓଡ଼ିଶା ରାଜ୍ୟ ଆବାହକ ଜୟସେନ ମେହେର ଏହି ବିକ୍ଷୋଭ ଅବସରରେ ବକ୍ତବ୍ୟ ରଖି ଓଡ଼ିଶା ସରକାରଙ୍କ ଏହି ଜନବିରୋଧୀ ପଦକ୍ଷେପକୁ ବିରୋଧ କରିଥିଲେ। କେନ୍ଦ୍ର ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ପ୍ରିପେଡ୍ ସ୍ମାର୍ଟ ମିଟର ଲଗାଇବା ବନ୍ଦ ଓ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବନ୍ଦ କରିବା ପାଇଁ ଦାବି କରିଥିଲେ। ବିକ୍ଷୋଭରେ ଓଡ଼ିଶାରୁ ଶତାଧିକ ବିଦ୍ୟୁତ୍ ଉପଭୋକ୍ତା ଯୋଗଦେଇଥିଲେ।

# ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ବଜାର ସୁବିଧା ସୃଷ୍ଟି ପାଇଁ ଏମ୍‌ଓୟୁ

ଭୁବନେଶ୍ୱର,୪।୩(ଅନୁରାଧା ମହାରଣା)

ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ବ୍ୟାପକ ବଜାର ସୁବିଧା ସୃଷ୍ଟି ପାଇଁ ରାଜ୍ୟ ଜଳସମ୍ପଦ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଏବଂ ଗୁଜରାଟସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରୁରାଲ ମ୍ୟାନେଜ୍‌ମେଣ୍ଟ ଆନନ୍ଦ (ଆଇଆର୍‌ଏମ୍‌ଏ) ମଧ୍ୟରେ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ରାଜୀବ ଭବନସ୍ଥିତ ଜଳ ସମ୍ପଦ ବିଭାଗ ସମ୍ମିଳନୀ କକ୍ଷରେ ମଙ୍ଗଳବାର ରାଜ୍ୟ ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ ନିର୍ଦ୍ଦେଶକ ସଦ୍ଦିକ ଆଲାମ, ସହନଶୀଳ କୃଷି ପାଇଁ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ (ଓଆଇଆଇପିସିଆର୍‌ଏ)ର ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମିରଞ୍ଜନ ନାୟକ, ଆଇଆର୍‌ଏମ୍‌ଏ ଗୁଜରାଟର ନିର୍ଦ୍ଦେଶକ ଡ. ଉମାକାନ୍ତ ଦାଶଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀ, ୱାର୍ଲ୍ଡ ଫିସ୍‌ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ବୁଝାମଣା ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ବଜାର ସୁବିଧା (ମାର୍କେଟିଂ) ଉପରେ ମତ୍ସ୍ୟ ଅଧିକାରୀ, ମାଛଚାଷ କରୁଥିବା କୃଷକ ଏବଂ ସଂପୃକ୍ତ ଅଂଶୀଦାରମାନଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବ। ମତ୍ସ୍ୟ ବଜାର ବିକାଶ ଉପରେ କେନ୍ଦ୍ରିତ ଗଠନମୂଳକ ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ମତ୍ସ୍ୟ ଅଧିକାରୀ ଓ ପ୍ରଗତିଶୀଳ କୃଷକଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ଅଧିକାରୀ ଏବଂ ଅଂଶୀଦାରମାନଙ୍କ ପାଇଁ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଏହି ସହଯୋଗର ମୂଳ ଉଦ୍ଦେଶ୍ୟ ରହିଛି। ଘରୋଇ ବଜାର ଲାଗି ରଣନୀତି ବିକଶିତ କରିବା, ମାର୍କେଟିଂ କୌଶଳ ସହିତ ପରିଚିତ କରାଇବା ଏବଂ ଉପଭୋକ୍ତାଙ୍କ ବ୍ୟାବହାରିକ ଆଚରଣ ବିଷୟରେ ସେମାନଙ୍କୁ ଉନ୍ନତ ପ୍ରଦର୍ଶନ କରାଇବାରେ ସାହାଯ୍ୟ କରିବ। ଏହାବ୍ୟତୀତ ଏହି ପଦକ୍ଷେପ ଯୋଗାଣ ଶୃଙ୍ଖଳା ପରିଚାଳନାରେ ଦକ୍ଷତା ସୃଷ୍ଟି କରିବା, ମୂଲ୍ୟ ଶୃଙ୍ଖଳା ବୃଦ୍ଧି ପାଇଁ ଅନ୍ୟ ରାଜ୍ୟ ତଥା ଦେଶକୁ ପରିଦର୍ଶନ ଆୟୋଜନ କରିବା ଏବଂ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ପାରସ୍ପରିକ ଆଲୋଚନାଭିତ୍ତିକ ଶିକ୍ଷାରେ ସହଯୋଗକୁ ପ୍ରୋତ୍ସାହିତ କରିବ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆଦର୍ଶ



@ ଆଲୋକ



@ ବଳରାମ



@ ସୁଜିତ

# ସ୍କୁଲ୍ ଭ୍ୟାନ୍ ଧକ୍କାରେ ବାଇକ୍ ଚାଳକ ମୃତ

ବାଲିଅନ୍ତା,୪।୩(ନୀଳମାଧବ ସାହୁ): ବାଲିଅନ୍ତା ଥାନା ଅଧୀନ ହଂସପାଳ-ବନମାଳିପୁର ଅଭୟମୁଖୀ ପୂର୍ତ୍ତ ବିଭାଗ ରାସ୍ତାର ବାଲିକାଣ୍ଟିଆ ଗ୍ରାମ ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ସ୍କୁଲ ଭ୍ୟାନ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଟକ ନରସିଂହପୁର ଥାନା ଅଞ୍ଚଳର ବିପିନ ବିହାରୀ ମହାରଣା(୨୬)। ସେ ସ୍ଥାନୀୟ ଅଞ୍ଚଳରେ ରହି ମିସ୍ତ୍ରୀ ରୂପେ କାର୍ଯ୍ୟ କରୁଥିଲେ। ସେ ଭିଙ୍ଗାରପୁରରୁ ବେଣ୍ଟପୁର ଅଭିମୁଖେ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ସ୍କୁଲ ଭ୍ୟାନ ସହ ବାଇକ୍‌ର ଧକ୍କା ହୋଇଥିଲା। ଫଳରେ ଚାଳକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକଙ୍କଠୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ୨ଟି ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ଅଟୋ ସିଷ୍ଟମ ଗାଡ଼ି ଫିଟନେସ୍ ପରୀକ୍ଷଣକୁ ବିରୋଧ

## ୩ ଘଣ୍ଟା ଧାରଣାରେ ବସିଲେ ବସ୍, ଟ୍ରକ୍ ମାଲିକ

ବାରଙ୍ଗ,୪।୩(ଲିଙ୍ଗରାଜ ରାଉତ)



ଅଟୋ ସିଷ୍ଟମରେ ଗାଡ଼ି ଫିଟନେସ୍ ପରୀକ୍ଷଣକୁ ବିରୋଧ କରି ଧାରଣା ଦେଇଥିବା ବସ୍ ଓ ଟ୍ରକ୍ ମାଲିକମାନଙ୍କ ସହ କଟକ ଆର୍‌ଟିଓ ଆଲୋଚନା କରୁଛନ୍ତି।

ନରାଜ ଅରିଲୋସ୍ଥିତ ନିରୀକ୍ଷଣ ଓ ପ୍ରମାଣୀକରଣ କେନ୍ଦ୍ରରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଅତ୍ୟାଧୁନିକ ଅଟୋ ସିଷ୍ଟମରେ ଗାଡ଼ି ଫିଟନେସ୍ ପରୀକ୍ଷଣକୁ ବସ୍ ଓ ଟ୍ରକ୍ ମାଲିକମାନେ ବିରୋଧ କରିଛନ୍ତି। ଅଟୋ ସିଷ୍ଟମ ଯୋଗୁ କୌଣସି ଗାଡ଼ି ଫିଟନେସ୍ ଯୋଗ୍ୟ ହୋଇପାରୁ ନ ଥିବାରୁ ଏହି ପ୍ରକ୍ରିୟାକୁ ବିରୋଧ କରି ମାଲିକମାନେ ଧାରଣାରେ ବସିଥିଲେ। ପରେ କଟକ ଆର୍‌ଟିଓ ବିରଞ୍ଚି ନାରାୟଣ ଅଧିକାରୀ ଆସି ମାଲିକମାନଙ୍କ ସହ ଆଲୋଚନା କରି ସମାଧାନ ବାଟ ବାହାର କରିବାକୁ ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବୁଧବାର ରାତି ସୁଦ୍ଧା ପରିବହନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ, ଗୁରୁବାରଠାରୁ କଟକରୁ କୌଣସି ଗାଡ଼ି ଯିବନାହିଁ କି କୌଣସି ଗାଡ଼ି କଟକକୁ ଆସିବ ନାହିଁ ବୋଲି ମାଲିକମାନେ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ୪ କୋଟି ଟଙ୍କା ବ୍ୟୟ ବରାଦରେ ଏହି ନିରୀକ୍ଷଣ ଓ ପ୍ରମାଣୀକରଣ କେନ୍ଦ୍ର ୨୦୨୦ରେ ଆରମ୍ଭ ହୋଇ ୨୦୨୧ରେ କାର୍ଯ୍ୟକ୍ଷମ ହୋଇଥିଲା। ଏଠାରେ ମାନୁଆଲରେ ଆସୁଥିବା ଗାଡ଼ିକୁ ଯାଞ୍ଚ କରାଯାଇ ଫିଟନେସ୍ ପ୍ରଦାନ କରାଯାଉଥିଲା। ପୁନର୍ବାର ଆଉ ୩ କୋଟି ଟଙ୍କା ବ୍ୟୟବରାଦରେ ଏକ ଅଟୋ ସିଷ୍ଟମ ମେଶିନ ଦ୍ୱାରା ଗାଡ଼ିଗୁଡ଼ିକର ଫିଟନେସ୍ ଯାଞ୍ଚ ପାଇଁ ବ୍ୟବସ୍ଥା କରାଯାଇଥିଲା। ମଙ୍ଗଳବାର ପ୍ରଥମ କରି ଏହି ବ୍ୟବସ୍ଥା ଲାଗୁ ହୋଇଥିବାବେଳେ ୨ଟି ପୋଲିସ ଗାଡ଼ି ଓ ୨ଟି ସ୍କୁଲ ବସ୍‌ର ଫିଟନେସ୍ ଯାଞ୍ଚ କରାଯାଇଥିଲା। ନିୟମ ଅନୁଯାୟୀ, ସେମାନେ ଫିଟନେସ୍ ସାର୍ଟିଫିକେଟ ପାଇବାକୁ ଅଯୋଗ୍ୟ ବୋଲି ମେଶିନ ଦର୍ଶାଇଥିଲା। ସେଠାରେ ଉପସ୍ଥିତ ବସ୍ ଓ ଟ୍ରକ ମାଲିକମାନେ ଅଟୋ ସିଷ୍ଟମ ମେଶିନ ଦ୍ୱାରା ଫିଟନେସ୍ ଯାଞ୍ଚ ପ୍ରକ୍ରିୟାକୁ ବିରୋଧ କରିବା ସହ ପୁନଃ ମାନୁଆଲ ପ୍ରକ୍ରିୟାରେ ଗାଡ଼ି ଫିଟନେସ୍ କରିବାକୁ ଦାବି କରି ନିରୀକ୍ଷଣ ଓ ପ୍ରମାଣୀକରଣ କେନ୍ଦ୍ର ଆଗରେ ଧାରଣାରେ ବସିଥିଲେ। ଛୋଟ ଛୋଟ କାରଣ ପାଇଁ ମେଶିନ ଫିଟନେସ୍ ବାତିଲ କରୁଥିବାରୁ କୌଣସି ଗାଡ଼ି ଏଠାରୁ ଫିଟନେସ୍ ସାର୍ଟିଫିକେଟ ପାଇପାରିବେ ନାହିଁ ବୋଲି ମାଲିକମାନେ କହିଥିଲେ। ଅପରାହ୍ନ ପ୍ରାୟ ୩ଟାରେ କଟକ ଆର୍‌ଟିଓ ବିରଞ୍ଚି ନାରାୟଣ ପହଞ୍ଚି ଧାରଣାରେ ବସିଥିବା ମାଲିକମାନଙ୍କଠାରୁ ଦାବିପତ୍ର ଗ୍ରହଣ କରିବା ସହ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମାନୁଆଲ ପ୍ରକ୍ରିୟାକୁ ପରିବର୍ତ୍ତନ କରାଯାଇ ମେଶିନ ମାଧ୍ୟମରେ ଫିଟନେସ୍ ଯାଞ୍ଚ କରାଯାଉଛି। ଏହାଦ୍ୱାରା କୌଣସି ଗାଡ଼ି ଯୋଗ୍ୟ ହୋଇ ପାରିବନାହିଁ। ତେଣୁ ଏହାକୁ ବିରୋଧ କରି ମାନୁଆଲରେ ଗାଡ଼ି ଯାଞ୍ଚ ପାଇଁ ଦାବି ରଖିଥିବା ରାଜ୍ୟ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ଭାରତ ସରକାରଙ୍କ ଏକ ଉପକ୍ରମ A Government of India Undertaking

କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ଼, କଟକ - ୭୫୩୦୦୧

ବିକ୍ରୟ ବିଜ୍ଞପ୍ତି

ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ବିକ୍ରୟ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଗ୍ରହୀତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ/ସାଙ୍କେତିକ / ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୧.୦୩.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତି ଗୁଡିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା/ ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଓ ଠିକଣା/ ବକେୟା ରାଶ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | ଢେଙ୍କାନାଳ ମୁଖ୍ୟ ଶାଖା, ଫୋନ୍ ନଂ.: ୭୯୭୮୪୯୭୧୦୨ ଋଣଗ୍ରହୀତା: ମେସର୍ସ ଶ୍ରୀ ଗଣପତି ଭଣ୍ଡାର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ବିମଳ କୁମାର ଶର୍ମା, ୨) ଶ୍ରୀ ବିମଳ କୁମାର ଶର୍ମା, ପିତା: ଶ୍ରୀ ହରିରାମ ଶର୍ମା, ସା: ପ୍ଲଟ୍ ନଂ.: ୪୮୧୫, ୱାର୍ଡ ନଂ.: ୧୦, ଜସ୍ୱାହାର ନଗର, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧/ ଜାମିନ୍‌ଦାର: ଶ୍ରୀମତୀ ଲକ୍ଷ୍ମୀ ଶର୍ମା, ସ୍ୱାମୀ: ଶ୍ରୀ ବିମଳ କୁମାର ଶର୍ମା, ସା: ପ୍ଲଟ୍ ନଂ.: ୪୮୧୫, ୱାର୍ଡ ନଂ.: ୧୦, ଜସ୍ୱାହାର ନଗର, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧/ ବକେୟା ରାଶି: ଟ.୧,୪୦,୪୩,୬୪୭.୭୨ ଯୁକ୍ତ ଲାଗୁ ହୋଇନଥିବା ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧) ଶ୍ରୀମତୀ ଲକ୍ଷ୍ମୀ ଶର୍ମା, ସ୍ୱାମୀ: ଶ୍ରୀ ବିମଳ କୁମାର ଶର୍ମାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୧୧୨୩/୪୫୯୯ ଏବଂ ୧୧୨୪/୪୬୦୦, ରେଭିନ୍ୟୁ ଖାତା ନଂ.: ୭୩୮/୧୩୪୫, କ୍ଷେତ୍ର: ଏକର୦.୧୬୦ ଡିସିମିଲି (୬୯୬୯.୬ ବର୍ଗଫୁଟ), ମୌଜା: ବଡ଼ସାଠିଏବାଟିଆ, ତହସିଲ: ଢେଙ୍କାନାଳ ସଦର (ନଂ. ୩), ଥାନା: ଢେଙ୍କାନାଳ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜ, ଦକ୍ଷିଣ: ନିଜ, ପୂର୍ବ: ପାର୍ଶ୍ୱ ରାସ୍ତା, ପଶ୍ଚିମ: ଦେବୀ ନନ୍ଦ | ଟ.୮୦,୪୭,୦୦୦/- / ଟ.୮,୦୪,୭୦୦/- / ଟ.୮୦,୪୭୦/- |
| | | ୨) ଶ୍ରୀ ବିମଳ କୁମାର ଶର୍ମା, ପିତା: ଶ୍ରୀ ହରିରାମ ଶର୍ମାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୪୭/୨୬୯, ଖାତା ନଂ.: ୨୯/୩୨, କ୍ଷେତ୍ର: ଏକର୦.୨୦୦ ଡିସିମିଲି (୮୭୧୨ ବର୍ଗଫୁଟ), ମୌଜା: ଥୋଡ଼ିଆପଡ଼ା, ତହସିଲ: ଢେଙ୍କାନାଳ ନଂ.: ୧୪୭, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପରମାନନ୍ଦ ଷଡ଼ଙ୍ଗୀ, ଦକ୍ଷିଣ: ରାସ୍ତା, ପୂର୍ବ: ପରମାନନ୍ଦ ଷଡ଼ଙ୍ଗୀ, ପଶ୍ଚିମ: ଗୋଲଖ ସାହୁ | ଟ.୯,୩୫,୦୦୦/- / ଟ.୯୩,୫୦୦/- / ଟ.୯,୩୫୦/- |

ଅମାନତ ରାଶି ଦାଖଲ କରିବା ପୂର୍ବରୁ ନିଲାମ ସମୟ ଅବଧି ଶେଷ ହେବା ପୂର୍ବରୁ ଅମାନତ ରାଶି ଜମା ହେବା ଉଚିତ୍ ଏବଂ ସମ୍ପତ୍ତି ଆଇଡ଼ି ସହ ଲିଙ୍କ୍ / ମ୍ୟାପ୍ ହେବା ଆବଶ୍ୟକ।

ନିଲାମ ତାରିଖ ଏବଂ ସମୟ : ତା.୨୧.୦୩.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ

ସମ୍ପତ୍ତି ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ: ନାହିଁ

ରେଜିଷ୍ଟ୍ରେସନ୍, ଲଗ୍‌ଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: https://baanknet.com and https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା- ରୁଲ୍ ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ତାରିଖ: ୦୪.୦୩.୨୦୨୫
ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ପଞ୍ଚାୟତିରାଜ ଦିବସ: ଜୋର୍ ଧରିଲା ରାଜନୀତି

- ୬ ତାରିଖରେ ରାଜ୍ୟବ୍ୟାପୀ ପ୍ରତିବାଦ: ସଞ୍ଜୟ
- ଓଡିଆ ଅସ୍ମିତା ଭୁଲିଗଲା ଭାଜପା ସରକାର: ଭକ୍ତ
- ବିଜୁବାବୁ ବିଜେଡିର ନୁହେଁ ଜାତୀୟ ସମ୍ପତ୍ତି: ପୂଜାରୀ

ଭୁବନେଶ୍ୱର, ୪।୩(ସୁନିତ୍ ମିଶ୍ର)

ବିଜୁବାବୁଙ୍କ ଜୟନ୍ତୀ ଅର୍ଥାତ୍ ମାର୍ଚ୍ଚ ୫କୁ ପ୍ରତ୍ୟେକ ବର୍ଷ ରାଜ୍ୟ ସରକାର ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିଆସୁଥିଲେ। ୨୪ ବର୍ଷ ଧରି କ୍ଷମତାରେ ଥିବା ବିଜେଡି ଶାସନରୁ ହଟିଛି। ପ୍ରଥମ ଥର ଲାଗି ଭାଜପା କ୍ଷମତାକୁ ଆସିବା ପରେ ପୂର୍ବରୁ ମାର୍ଚ୍ଚ ୫ ତାରିଖ ବିଜୁ ଜୟନ୍ତୀରେ ପାଳନ ହେଉଥିବା ପଞ୍ଚାୟତିରାଜ ଦିବସର ତାରିଖରେ ପରିବର୍ତ୍ତନ କରିଛି। ରାଜ୍ୟ ସରକାର ସୋମବାର ଏକ ବିଜ୍ଞପ୍ତି ପ୍ରକାଶ କରି ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ ହେବ ବୋଲି ଘୋଷଣା କରିଛନ୍ତି। ଏହାକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିବାରେ ଲାଗିଛି। ଏପରିକି ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୫କୁ ଯେଉଁ ସରକାରୀ ଛୁଟିଦିନ ଭାବେ ଗଣାଯାଉଥିଲା ତାକୁ ମଧ୍ୟ ପରିବର୍ତ୍ତନ କରିଦିଆଯାଇଛି। ଭାଜପା ସରକାରଙ୍କ ଏଭଳି ପଦକ୍ଷେପ ବିରୋଧରେ ଉଭୟ ବିଜେଡି ଓ କଂଗ୍ରେସ ବର୍ଷିଛନ୍ତି।

ବିଜେଡି ପକ୍ଷରୁ ଭାଜପା ସରକାରଙ୍କ ଏଭଳି ନିଷ୍ପତ୍ତି ବିରୋଧରେ ମଙ୍ଗଳବାର ଏୟାରପୋର୍ଟ ଛକଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ପ୍ରତିବାଦ କରାଯାଇଛି। ବୁଧବାର ରାଜ୍ୟବ୍ୟାପୀ ବିଜେଡି ବିଜୁ ବାବୁଙ୍କ ଜୟନ୍ତୀ ପାଳନ କରିବାକୁ ଘୋଷଣା କରିଛି। ଏହାପରେ ସରକାରଙ୍କ ନିଷ୍ପତ୍ତି ବିରୋଧରେ ରାଜ୍ୟର ସବୁ ସଦର ମହକୁମାରେ ପ୍ରତିବାଦ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି। ବିଜେଡିର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଆସନ୍ତା ୬ରେ ରାଜ୍ୟସ୍ତରରେ ଦଳ ପକ୍ଷରୁ ପ୍ରତିବାଦ କରାଯିବ। ସରକାରୀ କ୍ୟାଲେଣ୍ଡରରେ ମାର୍ଚ୍ଚ ୫ ଛୁଟି କଥା ଉଲ୍ଲେଖ ରହିଛି। ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ପରିବର୍ତ୍ତନର ବିରୋଧ କରାଯିବ ବୋଲି ସଞ୍ଜୟ କହିଛନ୍ତି।

ଏହି ପ୍ରସଙ୍ଗରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ନେତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ଓଡ଼ିଆ ଅସ୍ମିତା କଥା କହି ରାଜ୍ୟରେ ଭାଜପା ସରକାରକୁ ଆସିଛି। ହେଲେ ଓଡ଼ିଆ ଅସ୍ମିତାକୁ ଯିଏ ସୁରକ୍ଷା ଦେଇଥିଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଭଳି ଜଣେ ମହାପୁରୁଷଙ୍କ ଜୟନ୍ତୀରେ ତାଙ୍କୁ ଅସମ୍ମାନ କରିଛନ୍ତି। ଏହା ବିଜୁବାବୁଙ୍କ ପ୍ରତି ଅସମ୍ମାନ ବୋଲି ପ୍ରମିଳା କହିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ କରାଯିବା ଏକ ନିନ୍ଦନୀୟ ବିଷୟ। ଓଡ଼ିଆ ଅସ୍ମିତା କଥା କହୁଥିବା ସରକାର ଓଡ଼ିଆ ଅସ୍ମିତା ଭୁଲିଗଲେ। ବିଜୁବାବୁଙ୍କ ସହ ବାଜପେୟୀଙ୍କର ରହିଥିବା ସମ୍ପର୍କ କଥା ମଧ୍ୟ ଭୁଲିଗଲେ। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରୁଥିବା ଭକ୍ତ କହିଛନ୍ତି।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବିଜୁବାବୁ ଓଡ଼ିଶାର ଜଣେ ବରପୁତ୍ର ଥିଲେ ବୋଲି ଏଥିରେ କାହାରି ସନ୍ଦେହ ନାହିଁ। ଏଥିରେ ପକ୍ଷ ପ୍ରତିପକ୍ଷ କିଛି ନୁହେଁ। ବିଜୁବାବୁ କେବଳ ବିଜେଡିର ନୁହନ୍ତି, ସେ ଜାତୀୟ ସମ୍ପତ୍ତି ଥିଲେ। ତେଣୁ ତାଙ୍କ ପାଇଁ ଅସମ୍ମାନର ପ୍ରଶ୍ନ ନାହିଁ। ଦେଶରେ ଏପ୍ରିଲ ୨୪ରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ହେଉଛି । ଓଡ଼ିଶାରେ ଆମେ କାହିଁକି ଭିନ୍ନ। ଜନତା ଦଳ ଥିବାବେଳେ ଏପ୍ରିଲ ୨୪ରେ ପଞ୍ଚାୟତ ଦିବସ ପାଳନ କରେ। ଆମେ ଯଦି କହିବା ସ୍ୱାଧୀନତା ଦିବସ ଆଉ ଦିନେ ପାଳନ କରିବା ଏହା କ'ଣ ସମ୍ଭବ। ଜାତୀୟ ସ୍ରୋତରେ ଓଡ଼ିଶା ଯୁଗେ ଯୁଗେ ରହିଛି। ବିଜୁବାବୁଙ୍କ ଜୟନ୍ତୀ ବା ତିରୋଧାନ ଦିବସ ବିଜେଡି ନୁହେଁ ରାଜ୍ୟବାସୀ ପାଳନ କରିବେ। ଘଣ୍ଟେ ୨ଘଣ୍ଟା ବିଜୁ ଜୟନ୍ତୀ ପାଳନ ପାଇଁ କାହିଁକି ଗୋଟିଏ ଦିନ ଛୁଟି ହେବ ବୋଲି ପୂଜାରୀ କହିଛନ୍ତି।

ସେହିପରି ଭାଜପା ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ କହିଛନ୍ତି, ରାଜନୈତିକ ସ୍ୱାର୍ଥ ପାଇଁ ପଞ୍ଚାୟତିରାଜ ଦିବସକୁ ବିଜେଡି ବିଭ୍ରାନ୍ତି କରିଥିଲା। ଯେତେବେଳେ ସାରା ଦେଶ ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରୁଛି, ଓଡ଼ିଶା ମଧ୍ୟ ଏହିଦିନକୁ ପଞ୍ଚାୟତିରାଜ ଦିବସ ଭାବରେ ପାଳନ କରିବା ପାଇଁ ଯାଉଛି। ମାତ୍ର ବିଜେଡିର ରାଜନୈତିକ ସ୍ୱାର୍ଥରେ ବାଧା ଆସୁଥିବାରୁ ବୋଧେ ଏପ୍ରିଲ ୨୪ ଭଳି ଐତିହାସିକ ଦିନକୁ ଭୁଲିଯାଇଥିଲା ବୋଲି ଅନିଲ କହିଛନ୍ତି।


ସରକାରଙ୍କ ନିଷ୍ପତ୍ତି ବିରୋଧରେ ମଙ୍ଗଳବାର ଏୟାରପୋର୍ଟ ଛକ ଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ବିଜେଡି ପ୍ରତିବାଦ କରୁଛି।

# ଜୟନ୍ତୀ ପୂର୍ବରୁ ବିଜୁଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡ ଭାଙ୍ଗି ନେଲେ

ନିଶ୍ଚିନ୍ତକୋଇଲି, ୪।୩(ଅଶୋକ କୁମାର ମହାପାତ୍ର)

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପୂର୍ବରୁ ରାଜନୈତିକ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ଏଭଳିସ୍ଥିତିରେ କଟକ ଜିଲା ମାହାଙ୍ଗା ନିର୍ବାଚନମଣ୍ଡଳୀ ଅଧୀନ ଉମର ପଞ୍ଚାୟତ ହନୁମାନ ଛକ ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରୁ କୌଣସି ଦୁର୍ବୃତ୍ତ ମଙ୍ଗଳବାର ମୁଣ୍ଡ ଭାଙ୍ଗି ନେଇଥିବା ଦେଖାଦେଇଛି। ଏହି ଘଟଣା ମାହାଙ୍ଗା ଅଞ୍ଚଳରେ ହଟଚମଟ ସୃଷ୍ଟି କରିଛି।

ରାଜ୍ୟ ସରକାର ବିଜୁ ଜୟନ୍ତୀ ଓ ପଞ୍ଚାୟତିରାଜ ଦିବସ କିପରି ପାଳନ ହେବ ସେନେଇ ସ୍ପଷ୍ଟ କରିଥିଲେ ମଧ୍ୟ ବିଜେଡି ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏହି ଘଟଣାକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଉଭୟ ବିଜେଡି ଓ କଂଗ୍ରେସ ଟାର୍ଗେଟ କରୁଥିବାବେଳେ ମାହାଙ୍ଗା ନିର୍ବାଚନମଣ୍ଡଳୀରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ କରାଯାଇଛି। ବିଜୁ ବାବୁ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତ ବର୍ଷରେ ଜଣେ ଖ୍ୟାତିସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ କରାଯାଇଥିବାରୁ ବୁଦ୍ଧିଜୀବୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ବିଜୁପ୍ରେମୀ ଜ୍ୟୋତି ପ୍ରକାଶ ସ୍ୱାଇଁ କୁହନ୍ତି, ବିଜୁବାବୁଙ୍କ ବ୍ୟକ୍ତିତ୍ୱ ନିଆରା ଥିଲା। ଦେଶ ତଥା ବାହାରେ ତାଙ୍କର ସ୍ୱତନ୍ତ୍ର ସମ୍ମାନ ଥିଲା । ତାଙ୍କୁ ଭାରତ ରତ୍ନ ଦିଆଯାଇ ନଥିବାବେଳେ ରାଜ୍ୟ ସରକାର ହୀନ ଚକ୍ରାନ୍ତ କରି ତାଙ୍କ ଜୟନ୍ତୀକୁ ମଧ୍ୟ ବନ୍ଦ କରିବାକୁ ପ୍ରୟାସ କରୁଛନ୍ତି। ଏବେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡ ଅଲଗା କରିବା ଭଳି ଘଟଣା ଘଟିଛି। ଏହା ଅତ୍ୟନ୍ତ ନିନ୍ଦନୀୟ ବୋଲି କହି ଜ୍ୟୋତି କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ କ୍ଷୀରୋଦ ପଣ୍ଡା କୁହନ୍ତି, ପ୍ରବାଦ ପୁରୁଷ ବିଜୁବାବୁ ସବୁବର୍ଗର ଲୋକଙ୍କ ହୃଦୟରେ ରହିଛନ୍ତି। ତାଙ୍କ ପ୍ରତିମୂର୍ତ୍ତି ପ୍ରତି ଏପରି ହୀନ ଆକ୍ରୋଶ ଆଦୌ ଗ୍ରହଣୀୟ ନୁହେଁ। ଏଭଳି କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି କ୍ଷୀରୋଦ କହିଛନ୍ତି।


ହନୁମାନ ଛକ ନିକଟ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡ ଭାଙ୍ଗି ନିଆଯାଇଛି।

# ଗୋ ମାଂସ କାରବାର:ଭାଜପା-ବିଜେଡି ଦୋଷ ଲଦାଲଦି

- ବିଧାୟକଙ୍କ ସମ୍ପୃକ୍ତି ନେଇ ଥାନାରେ ଅଭିଯୋଗ
- ଅଭିଯୋଗ ଭିତ୍ତିହୀନ କହି ପ୍ରମାଣ ମାଗିଲା ଯୁବଛାତ୍ର ବିଜେଡି

ତିଗିରିଆ, ୪।୩ (ଜାଫର ଖାଁ)

କଟକ ଜିଲା ତିଗିରିଆ ଥାନା ଅଞ୍ଚଳରେ ବେଆଇନ ଗୋମାଂସ କାରବାରକୁ ନେଇ ମଙ୍ଗଳବାର ଭାଜପା ଓ ବିଜେଡି ପରସ୍ପରକୁ ଦୋଷାରୋପ କରିଛନ୍ତି। ଏହି କାରବାରରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମ୍ପୃକ୍ତି ରହିଛି ବୋଲି କଟକ ଏମ୍‌ପିଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ ଓ ବିଧାୟକ ପ୍ରାର୍ଥୀ ଅଭୟ ବାରିକ ମଙ୍ଗଳବାର ତିଗିରିଆ ଥାନାରେ ଅଭିଯୋଗ କରିଛନ୍ତି।

ଅପରପକ୍ଷେ ସନ୍ଧ୍ୟାରେ ଯୁବ-ଛାତ୍ର ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଡକାଯାଇ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଛି। ଏହି କାରବାରରେ ବିଧାୟକଙ୍କ ସମ୍ପୃକ୍ତି ନେଇ ପ୍ରମାଣ ଦେଖାଇବାକୁ ଦଳ ପକ୍ଷରୁ ଖୋଲା ଚ୍ୟାଲେଞ୍ଜ କରାଯାଇଛି।

ତିଗିରିଆ ନିଜିଗଡ଼ସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଆୟୋଜିତ ଏହି ସମ୍ମିଳନୀରେ ବ୍ଲକ ବିଜୁ ଯୁବ ଓ ଛାତ୍ର ଜନତା ଦଳର ସଦସ୍ୟ ହିମାଂଶୁ ଶେଖର ସ୍ୱାଇଁ, ରଶ୍ମିରଞ୍ଜନ ନାୟକ, ମାନସ କୁମାର ସାହୁ, କଳିଙ୍ଗ ସେଠୀ, ନିତ୍ୟାନନ୍ଦ ରଣା ପ୍ରମୁଖ ଭାଜପାକୁ ସମାଲୋଚନା କରିଛନ୍ତି। ସେମାନେ କହିଛନ୍ତି, ବିଧାୟକ ରଣେନ୍ଦ୍ରଙ୍କ ଜନମଙ୍ଗଳ କାର୍ଯ୍ୟକୁ ସହ୍ୟ କରି ନ ପାରି ଭାଜପା ଏପରି ହୀନ ରାଜନୀତି କରୁଛି। ତିଗିରିଆର ବାରମାଣ ବନ୍ଧ ନିକଟସ୍ଥ ସରକାରୀ ଜମିରେ ଗୋହତ୍ୟା କରାଯାଇ ଏହାର ମାଂସ, ଚମଡା, ହାଡ ଆଦିକୁ ବାହାର ରାଜ୍ୟକୁ ରପ୍ତାନୀ କରାଯିବା ଘଟଣା ଏବେକାର ନୁହେଁ ବରଂ ଦୀର୍ଘ ଦିନରୁ ଚାଲିଛି। କେତେଜଣ ଅସାମାଜିକ ଯୁବକ ଏଭଳି ଜଘନ୍ୟ କାର୍ଯ୍ୟରେ ଲିପ୍ତ ରହିଥିବାବେଳେ ଏଥିରେ ବିଧାୟକ ରଣେନ୍ଦ୍ରଙ୍କ କୌଣସି ହାତନାହିଁ। ଭାଜପା ନେତାମାନେ ପ୍ରଶାସନକୁ ହାତ କରି ଏପରିକି ଧମକ ଚମକ ଦେଇ ପ୍ରଚୁର ଅର୍ଥ ଦାବି କରି ଆସୁଥିଲେ। ବାରମ୍ବାର ଅଭିଯୋଗ ପରେ ପ୍ରଶାସନର ତତ୍ପରତା ପ୍ରକାଶ କରିଛି। ଫଳରେ ୨ ମାସ ହେବ ବାରମାଣ ବନ୍ଧରୁ ଗୋ-ମାଂସ ରପ୍ତାନୀ ବନ୍ଦ ହୋଇଯାଇଛି। ଏଠାରୁ ପୂର୍ବରୁ ମିଳୁଥିବା ଆୟ ବନ୍ଦ ହୋଇଯିବାରୁ ଭାଜପା ଏବେ ଔଷଧ ବିକଳରେ ତାଟିଆ କାମୁଡୁଛି। ଭାଜପା ନେତାମାନେ ଜାଣିଶୁଣି ମିଥ୍ୟା ମାମଲା ରୁଜୁ କରିବା ସହ ଗୁଣ୍ଡାରାଜ ଚଳାଇଛନ୍ତି ବୋଲି ଯୁବଛାତ୍ର ନେତୃମଣ୍ଡଳୀ ପକ୍ଷରୁ ଅଭିଯୋଗ କରାଯାଇଛି। ଭାଜପା ପକ୍ଷରୁ ଥାନାରେ କରାଯାଇଥିବା ଅଭିଯୋଗ ଭିତ୍ତିହୀନ। ଏପରି ହୀନ କାର୍ଯ୍ୟରୁ ଭାଜପା ଦୂରେଇ ନ ରହିଲେ ଆଗାମୀ ଦିନରେ ଯୁବଛାତ୍ର ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଜିଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ବିଧାୟକଙ୍କ ପ୍ରତିନିଧି ଚିନ୍ମୟ ମଲ୍ଲିକ, ସରପଞ୍ଚ ରଞ୍ଜନ ସୁତାର ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୁ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ନବୀନଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

**ବିଜେଡି କହିଲା ହ୍ୱାଟସାପ୍ କାର୍ଡ ନିନ୍ଦନୀୟ**

ଭୁବନେଶ୍ୱର, ୪।୩(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ରାଜ୍ୟସ୍ତରୀୟ ବିଜୁ ଜୟନ୍ତୀ କାର୍ଯ୍ୟକ୍ରମ ହେବାକୁ ଯାଉଛି। ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ସମାରୋହକୁ ରାଜ୍ୟ ସରକାର ପାଳନ କରିବାକୁ ଯାଉଥିବା ବେଳେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିମନ୍ତ୍ରଣ କରିଛନ୍ତି। ଜୟଦେବ ଭବନଠାରେ ସନ୍ଧ୍ୟା ୭ଟା ସମୟରେ ଏହି କାର୍ଯ୍ୟକ୍ରମ ରାଜ୍ୟସ୍ତରୀୟ ଭାବେ ପାଳନ ହେବାକୁ ଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଯୋଗଦେବା ଲାଗି ନବୀନଙ୍କୁ ମୁଖ୍ୟମନ୍ତ୍ରୀ ନିମନ୍ତ୍ରଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଲେ ଏହାର ଶୋଭାବର୍ଦ୍ଧନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ହେଲେ ମୁଖ୍ୟମନ୍ତ୍ରୀଙ୍କ ଏଭଳି ନିମନ୍ତ୍ରଣ ପତ୍ରକୁ ନେଇ ରାଜନୀତି ଜୋର୍ ଧରିଛି। ହ୍ୱାଟ୍ସଆପ୍ ଜରିଆରେ ବିରୋଧୀ ଦଳ ନେତାଙ୍କୁ ଏଭଳି ନିମନ୍ତ୍ରଣ ଆସିବା କଥା କହି ବିଜେଡି ପାଲଟା ସରକାରଙ୍କ ଉପରେ ବର୍ଷିଛି। ବିଜୁ ବାବୁଙ୍କୁ ନେଇ ଭାଜପା ସରକାର ରାଜନୀତି କରୁଥିବା ବିଜେଡି ଅଭିଯୋଗ କରିଛି।

## Business

# ଟୟୋଟା ଅଲ୍ ନ୍ୟୁ କାମ୍ରିର ଅନାବରଣ

ଭୁବନେଶ୍ୱର, ୪।୩ (ଅଭୟ ଦାଶ)

ଟୟୋଟା ମୋଟର କର୍ପୋରେଶନ(ଟୟୋଟା)ର ବହୁ ପ୍ରତୀକ୍ଷିତ ହାଇବ୍ରିଡ୍ ଇଲେକ୍ଟ୍ରିକ୍ ଭେହିକଲ 'ଅଲ୍ ନ୍ୟୁ କାମ୍ରି'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଟୟୋଟାର ସ୍ୱୀକୃତିପ୍ରାପ୍ତ ଡିଲର କ୍ୟାପିଟାଲ ଟୟୋଟା ମଞ୍ଚେଶ୍ୱର ଭୁବନେଶ୍ୱର ଶୋ'ରୁମ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ୟୁନିୟନ ବ୍ୟାଙ୍କର ଡିଜିଏମ୍ ନିରଞ୍ଜନ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗର୍ଗସନ ଗ୍ରୁପ୍‌ର ଚେୟାରମ୍ୟାନ ସତୀଶ୍ ଗର୍ଗଙ୍କ ସମେତ କ୍ୟାପିଟାଲ ଟୟୋଟାର ଏମ୍‌ଡି ସିଦ୍ଧାର୍ଥ ଗର୍ଗ ଏବଂ ଜିଏମ୍ ଚମ୍ପକ କୁମାର ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ କାମ୍ରିରେ ଏକ ଶକ୍ତିଶାଳୀ ଇଞ୍ଜିନ ସହିତ ୫ମ ପିଢ଼ିର ହାଇବ୍ରିଡ୍ ଟେକ୍ନୋଲାଜି ଅନ୍ତର୍ଭୁକ୍ତ ରହିଛି। ଏଥିରେ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଏବଂ ଏହାର ଫିଚର, ଡିଜାଇନ, ଷ୍ଟାଇଲ ଉକ୍ତ ମଡେଲକୁ ଆକର୍ଷଣୀୟ କରୁଛି। ସେହିଭଳି ଏହି ମଡେଲ ୨ଟି ଭାରିଆଣ୍ଟ ଏବଂ ୪ଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ ହେଉଛି।


କ୍ୟାପିଟାଲ ଟୟୋଟାରେ ଅଲ୍ ନ୍ୟୁ କାମ୍ରିର ଅନାବରଣ ହୋଇଯାଇଛି। ଏହି ଅବସରରେ ୟୁନିୟନ ବ୍ୟାଙ୍କର ଡିଜିଏମ୍ ନିରଞ୍ଜନ ବାରିକ, କ୍ୟାପିଟାଲ ଟୟୋଟାର ଏମ୍‌ଡି ସିଦ୍ଧାର୍ଥ ଗର୍ଗ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଡିଅନ୍ ରିଭର ଫ୍ରଣ୍ଟ ହାଉସିଂ ପ୍ରକଳ୍ପକୁ ପ୍ରମାଣପତ୍ର

ଭୁବନେଶ୍ୱର,୪।୩



ରାଜ୍ୟର ପ୍ରମୁଖ ଗୃହ ନିର୍ମାଣକାରୀ ସଂସ୍ଥା ତଥା ଡିଅନ୍ ଗ୍ରୁପ୍‌ର ଅଗ୍ରଣୀ ହାଉସିଂ ପ୍ରକଳ୍ପ 'ଡିଅନ୍ ରିଭର ଫ୍ରଣ୍ଟ ଫେଜ୍-୧ ଏବଂ ଫେଜ୍-୨'କୁ ନିକଟରେ ପଞ୍ଜୀକରଣ ପ୍ରମାଣପତ୍ର ମିଳିଛି। ଏପରିକି କଟକ ବିକାଶରେ ଗୁରୁତ୍ୱ ବହନ କରୁଥିବା ଏବଂ କମ୍ପାନୀର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଡିଅନ୍ ରିଭର ଫ୍ରଣ୍ଟ ଫେଜ୍-୧ ଏବଂ ଫେଜ୍-୨ ହାଉସିଂ ପ୍ରକଳ୍ପକୁ ନିକଟରେ ପଞ୍ଜୀକରଣ ପ୍ରମାଣପତ୍ର ମିଳିଛି। ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ (ଓରେରା) ଅଧିନିୟମ ଅନୁଯାୟୀ ଡିଅନ୍ ଇନ୍‌ଫ୍ରାଟେକ୍‌କୁ ଆନୁଷ୍ଠାନିକ ଭାବେ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ପକ୍ଷରୁ ଏହି ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସେହିଭଳି କମ୍ପାନୀର ଏହି ସଫଳତା କଟକର ରିଅଲ ଇଷ୍ଟେଟ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହେବ। ବିଶେଷକରି ସିଡିଏ ଦ୍ୱାରା ପଞ୍ଜୀକୃତ ଏହା ୫ମ ପ୍ରକଳ୍ପ ହୋଇଥିଲାବେଳେ ଏହି ସ୍ୱୀକୃତି ପାଇବାକୁ କମ୍ପାନୀର ଶେଷ ହୋଇଥିବା ପ୍ରକଳ୍ପ ମଧ୍ୟରେ ଦ୍ୱିତୀୟ ବୋଲି ଡିଅନ୍ ପକ୍ଷରୁ ସୂଚନା ଦିଆଯାଇଛି। ଡିଅନ୍ ଇନ୍‌ଫ୍ରାଟେକ୍‌ର ଏହି ସଫଳତା ପାଇଁ ୨୨୨ ଆବଣ୍ଟନକାରୀ ବାଣ ଫୁଟାଇବା ସହ କେକ୍ କାଟି ନିଜ ଖୁସି ବ୍ୟକ୍ତ କରିଛନ୍ତି। ଏହି ଅବସରରେ ଡିଅନ୍ ଇନ୍‌ଫ୍ରା ଟେକ୍ନୋସାଇଟିର ସଭାପତି କହିଛନ୍ତି, ଆମ ଉଦ୍ଦେଶ୍ୟ ଏକ ସମାଜ ଗଢ଼ିବା, ଯେଉଁଠି ଏକତା, ଭାଇଚାରା ଏବଂ ସମାନତାର ମୂଲ୍ୟବୋଧ ରହିବ। ଆଗାମୀ ଦିନରେ ଆମେ ଏକ ଉନ୍ନତ ଏବଂ ସମୃଦ୍ଧ ସମାଜ ଗଢ଼ିବା ଦିଗରେ ନିଜ ଚେଷ୍ଟା ଜାରି ରଖିବୁ। ସେହିପରି ଡିଅନ୍ ଇନ୍‌ଫ୍ରାଟେକ୍‌ର ନିର୍ଦ୍ଦେଶକ ମନୋଜ ସାହୁ, କଟକ ଉନ୍ନୟନ କର୍ତ୍ତୃପକ୍ଷ ଅଧିକାରୀଙ୍କ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ କୃତଜ୍ଞତା ଜଣାଇଛନ୍ତି। ରିଭର ଫ୍ରଣ୍ଟ ଫେଜ୍-୧ ଏବଂ ଫେଜ୍-୨ ପ୍ରକଳ୍ପ ଓରେରା ଅଧିନିୟମ ଅନୁଯାୟୀ ପଞ୍ଜୀକୃତ ହେବା ଦ୍ୱାରା ଆବଣ୍ଟିତ ବ୍ୟକ୍ତିମାନେ ବର୍ତ୍ତମାନ ନିଜ ଫ୍ଲାଟ୍‌କୁ ନିଜ ନାମରେ ପଞ୍ଜୀକୃତ କରିପାରିବେ ବୋଲି ଅଭିବ୍ୟକ୍ତ କରିଛନ୍ତି।

# ପଶୁ ସଂରକ୍ଷଣ କେନ୍ଦ୍ର 'ବନ୍ତାରା' ଉଦ୍‌ଘାଟିତ


ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବନ୍ତାରା ବିଷୟରେ ଅନନ୍ତ ଅମ୍ବାନୀ ଅବଗତ କରାଉଛନ୍ତି।

ମୁମ୍ବାଇ,୪।୩

ରିଲାଏନ୍ସ ଗ୍ରୁପ୍‌ର ଅଧ୍ୟକ୍ଷ ତଥା ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ପୁଅ ଅନନ୍ତ ଅମ୍ବାନୀଙ୍କ ଉଦ୍ୟମରେ ଏକ ପଶୁ ସଂରକ୍ଷଣ କେନ୍ଦ୍ର ଗୁଜରାଟରେ ଜାମ୍‌ନଗରଠାରେ 'ବନ୍ତାରା'ର ନିର୍ମାଣ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ବନ୍ତାରା'କୁ ଉଦ୍‌ଘାଟନ କରିଛନ୍ତି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ବେଶ୍ କିଛି ସମୟ ବିତାଇଥିଲେ ଏବଂ ପଶୁମାନଙ୍କ ପାଇଁ ସେଠାରେ ନିର୍ମିତ ବିଶ୍ୱସ୍ତରୀୟ ସୁବିଧାଗୁଡ଼ିକର ନିରୀକ୍ଷଣ କରିଥିଲେ। ବନ୍ତାରା ହେଉଛି ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଏବଂ ପ୍ରୋତ୍ସାହନ ପାଇଁ ଏକ ଉତ୍ସର୍ଗୀକୃତ କେନ୍ଦ୍ର। ୩,୦୦୦ ଏକର ପରିମିତ ସ୍ଥାନରେ ବନ୍ତାରା ନିର୍ମିତ ହୋଇଛି। ଉଲ୍ଲେଖଯୋଗ୍ୟ, ବନ୍ତାରାରେ ପ୍ରତ୍ୟେକ ପଶୁକୁ ନିଜର ଆବଶ୍ୟକତା ହିସାବରେ ଘର ମିଳିଛି। ପ୍ରାଣୀମାନଙ୍କୁ ସିଂହ ରାଜ୍ୟ, ସରୀସୃପ ରାଜ୍ୟ, ସିଲ୍ ରାଜ୍ୟ, ଚିତା ପ୍ରଜନନ କେନ୍ଦ୍ର ଭଳି ଅନେକ କେନ୍ଦ୍ରରେ ସବୁ ବର୍ଗର ପ୍ରାଣୀଙ୍କୁ ରଖାଯାଇଛି। କିନ୍ତୁ ସବୁଠାରୁ ବଡ଼ ଆକର୍ଷଣର କେନ୍ଦ୍ର ହେଉଛି ହାତୀମାନଙ୍କ ପାଇଁ ପ୍ରାୟ ୧ ହଜାର ଏକର ପରିସରରେ ନିର୍ମିତ ଗଜନଗରୀ। ଏଠାରେ ୨୪୦ରୁ ଅଧିକ ଉଦ୍ଧାର ହୋଇଥିବା କିମ୍ବା ଅସୁସ୍ଥ ହାତୀଙ୍କୁ ରଖାଯାଇଛି। ଅବହେଳା ଏବଂ ନିର୍ଯାତନାର ଶିକାର ହୋଇଥିବା ଏହି ହାତୀମାନଙ୍କୁ ବନ୍ତାରାରେ ବିଶ୍ୱସ୍ତରୀୟ ପଶୁଚିକିତ୍ସା ଏବଂ ଯତ୍ନ ମିଳୁଛି।

# ବଜାରରେ ବଜାଜ୍‌ର ଅଲ୍ ନ୍ୟୁ ବଜାଜ୍ ଗୋଗୋ

ମୁମ୍ବାଇ,୪।୩

ବଜାଜ୍ ଅଟୋ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ମଡେଲ ତଥା ବ୍ରାଣ୍ଡର ନୂତନ ଇଲେକ୍ଟ୍ରିକ୍ ଅଟୋ 'ଅଲ୍ ନ୍ୟୁ ବଜାଜ୍ ଗୋଗୋ'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଅପରପକ୍ଷରେ 'ବଜାଜ୍ ଗୋଗୋ'ର ଶୁଭାରମ୍ଭ ସହ କମ୍ପାନୀ ଇଲେକ୍ଟ୍ରିକ୍ ୩ ଚକିଆ ସେଗ୍‌ମେଣ୍ଟରେ ନିଜର ସ୍ଥିତି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ଏପରିକି ଆଗାମୀ ମାସରେ ବଜାଜ୍ ଗୋଗୋ ମଧ୍ୟ ଏହାର ମାଲବାହୀ ଭାରିଆଣ୍ଟର ଶୁଭାରମ୍ଭ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ବଜାଜ୍ ଗୋଗୋ ୩ଟି ଭାରିଆଣ୍ଟ 'ପି ୫୦୦୯, ପି ୫୦୧୨ ଏବଂ ପି ୭୦୧୨' ମଡେଲରେ ଉପଲବ୍ଧ ହେଉଛି। ଏପରିକି ଏହି ପ୍ରକାର ନାମକରଣରେ 'ପି' ଅର୍ଥାତ୍ ପାସେଞ୍ଜର ୫୦ ଓ ୭୦ ଆକାରର ସୂଚକ ହୋଇଥିବା ବେଳେ ୦୯ ଓ ୧୨ ଯଥାକ୍ରମେ ୯ କିଲୋୱାଟ୍ ଓ ୧୨ କିଲୋୱାଟ୍ ବ୍ୟାଟେରି କ୍ଷମତାକୁ ଦର୍ଶାଉଛି। ବଜାଜ୍ ଅଟୋ ବିଶ୍ୱସନୀୟ, ଗ୍ରାହକ ଅନୁକୂଳ ଗାଡ଼ି ଏବଂ ଏକ ବ୍ୟାପକ ଉପଲବ୍ଧତା ସହିତ ୨୦ରୁ ଅଧିକ ବର୍ଷ ଧରି ୩ ଚକିଆ ଶିଳ୍ପର ସ୍ୱଚ୍ଛ ଇନ୍ଧନ ବିପ୍ଳବର ନେତୃତ୍ୱ ନେଇଛି।

ଏ ସମ୍ପର୍କରେ ବଜାଜ୍ ଅଟୋ ଲିମିଟେଡ୍‌ର ଇଣ୍ଟ୍ରା ସିଟି ବିଜ୍‌ନେସ୍ ୟୁନିଟ୍‌ର ପ୍ରେସିଡେଣ୍ଟ ସମରଦୀପ ସୁବନ୍ଧ କହିଥିଲେ, ଆମେ ଆମର ନୂତନ ମଡେଲ ତଥା ତିନିଚକିଆ ଯାନର ଅଲ୍ ଇଲେକ୍ଟ୍ରିକ୍ ବଜାଜ ଗୋ ଗୋ ରେଞ୍ଜର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏହି ସେଗ୍‌ମେଣ୍ଟ ପାଇଁ ଏହା ନୂଆ ମାନଦଣ୍ଡ ସ୍ଥାପନ କରିବ। ୨୫୧ କି.ମି. ପର୍ଯ୍ୟନ୍ତ ପ୍ରମାଣିତ ରେଞ୍ଜ ସହ ସେଣ୍ଟ ଫାଷ୍ଟ ବୈଶିଷ୍ଟ୍ୟ ଏବଂ ବିଶ୍ୱସ୍ତ ବଜାଜ ବିଶ୍ୱସନୀୟତା। ସେବା ବଜାଜ୍ ଗୋ ଗୋ ଅଧିକରୁ ଅଧିକ ରୋଜଗାର କରିବା ଏବଂ ଡାଉନ ଟାଇମ୍ ତଥା ରକ୍ଷଣା ବେକ୍ଷଣର ଅସୁବିଧାକୁ ହ୍ରାସ କରିବାପାଇଁ ଚାହୁଁଥିବା ଗ୍ରାହକମାନଙ୍କୁ ଏହା ଏକ ବ୍ୟାପକ ସମାଧାନ ପ୍ରଦାନ କରିବ। ତିନିଚକିଆ ଯାନ ପାଇଁ ୭୫ବର୍ଷରୁ ଅଧିକ ବର୍ଷର ବିଶ୍ୱାସ ଉପଯୁକ୍ତ ଜ୍ଞାନକୌଶଳ ଦ୍ୱାରା ସମର୍ଥିତ ବଜାଜ୍ ଗୋ ଗୋ ମାଲିକ ଯାତ୍ରୀଙ୍କ ପାଇଁ ସବୁଠାରୁ ଅଧିକ ପସନ୍ଦ ରହିଛି।



# ୟୁବିଆଇ ପକ୍ଷରୁ ମେଗା ୱାକାଥନ୍


ୱାକାଥନ୍‌ରେ ସାମିଲ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୪।୩

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ମହିଳା ଦିବସ-୨୦୨୫ ଉପଲକ୍ଷେ ଏକ ମେଗା ୱାକାଥନ୍ କାର୍ଯ୍ୟକ୍ରମ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ୱାକାଥନ୍ ଶହୀଦନଗର ପୂଜାମଣ୍ଡପଠାରୁ ଆରମ୍ଭହୋଇ ରାମମନ୍ଦିର ଛକ ପର୍ଯ୍ୟନ୍ତ ପ୍ରାୟ ୩କିମି ଯାଇଥିଲା ବେଳେ ୱାକାଥନର ସମସ୍ତ ଅଂଶଗ୍ରହଣକାରୀ ନାରୀ ଅଧିକାର, ସ୍ୱାସ୍ଥ୍ୟ ଓ ସଶକ୍ତୀକରଣ ଉପରେ ସ୍ଲୋଗାନ୍ ଦେବା ସହ ବ୍ୟାନର ପ୍ରଦର୍ଶନ କରିଥିଲେ। ଏହି ଅବସରରେ ୟୁବିଆଇ ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ତଥା ମହାପ୍ରବନ୍ଧକ ସର୍ବେଶ୍ ରଞ୍ଜନ, ଉପ-ଅଞ୍ଚଳ ମୁଖ୍ୟ ୱାଇ. ଭେଙ୍କଟେଶ୍ୱରଲୁ, ଉପ-ଅଞ୍ଚଳ ମୁଖ୍ୟ ହରିନ୍ଦର ସିଂ ସାନ୍ଧୁଙ୍କ ସମେତ ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ରହି ମହିଳା ଅନ୍ତର୍ଭୁକ୍ତୀକରଣ ତଥା ନାରୀ ସହାୟକ ସମାଜ ଗଠନର ପ୍ରାଧାନ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରେସ୍‌ଲର ସୁଶୀଲ କୁମାରଙ୍କୁ ଜାମିନ

ନୂଆଦିଲ୍ଲୀ,୪ା୩(ପି.ଟି.)

ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ୨୦୨୧ ଛତ୍ରସାଲ ଷ୍ଟାଡିୟମ ମାର୍‌ପିଟ ଘଟଣାରେ ଦୁଇଥରର ଅଲିମ୍ପିକ ପଦକଧାରୀ ରେସ୍‌ଲର ସୁଶୀଲ କୁମାରଙ୍କ ନିୟମିତ ଜାମିନକୁ ମଞ୍ଜୁର କରିଛନ୍ତି। ତାଙ୍କୁ ୨୦୨୩ ଜୁଲାଇରେ ଆଣ୍ଠୁରେ ଅସ୍ତ୍ରୋପଚାର ଲାଗି ୭ ଦିନିଆ ଅନ୍ତରୀଣ ଜାମିନ ପ୍ରଦାନ କରାଯାଇଥିଲା। ୨୦୨୧ ମେ'ରେ ଗିରଫ ହୋଇଥିବା ସୁଶୀଲ ଏବେ ବି ନିଜକୁ ନିର୍ଦ୍ଦୋଷ କହିବା ସହ ତାଙ୍କୁ ଭୁଲ୍‌ବଶତଃ ଫସାଇ ଦିଆଯାଇଥିବା ଦାବି କରୁଛନ୍ତି।

ଦୀର୍ଘଦିନ ଲାଗି କାରାଦଣ୍ଡ ଓ ତାଙ୍କୁ ହତ୍ୟା ଘଟଣା ସହ ସିଧାସଳଖ ଯୋଡୁଥିବା ପ୍ରମାଣର ଅଭାବକୁ ଦୃଷ୍ଟିରେ ରଖି କୋର୍ଟ ତାଙ୍କ ଜାମିନ ମଞ୍ଜୁର କରିଛନ୍ତି। ସେ ଗତ ସାଢ଼େ ୩ ବର୍ଷ ହେଲା ଜେଲରେ ଅଛନ୍ତି। ସମସ୍ତ ସାକ୍ଷୀଙ୍କୁ ପଚରାଉଚରା କରାଯାଇଛି। ଏପର୍ଯ୍ୟନ୍ତ ତାଙ୍କ ବିରୋଧରେ କୌଣସି ପ୍ରମାଣ ରଖାଯାଇନାହିଁ। ଏହାକୁ ଦୃଷ୍ଟିରେ ରଖି କୋର୍ଟ ତାଙ୍କ ଜାମିନ ଆବେଦନକୁ ମଞ୍ଜୁରୀ ଦେଇଛନ୍ତି। ମୋଟ ଉପରେ ୩୧ ସାକ୍ଷୀଙ୍କୁ ପଚରାଉଚରା କରାଯାଇଥିଲା ବୋଲି ସୁଶୀଲଙ୍କ ଓକିଲ ଆର୍‌ଏସ୍ ମଲିକ କହିଛନ୍ତି।

# ସେମିଫାଇନାଲରେ ପାରାମାଉଣ୍ଟ

ଭୁବନେଶ୍ୱର, ୪ା୩ (ତପନ ସ୍ୱାଇଁ)

## ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ

ଟାଉନ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂକୁ ହରାଇ ପାରାମାଉଣ୍ଟ ସେମିଫାଇନାଲରେ ପ୍ରବେଶ କରିଛି। ପୁରୁଣା ଭୁବନେଶ୍ୱରସ୍ଥିତ ମୂଳାପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ରାମେଶ୍ୱର ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୩୧.୪ ଓଭରରେ ୧୭୪ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। ସାରାଂଶ କୁମାର ୬୭ ଓ ସମ୍ବିତ୍ ବରାଳ ୫୩ ରନ୍ କରିଥିଲେ। ବିପକ୍ଷ ଦଳର ସାଇ ଶୁଭମ୍ ୪ ଓ ସ୍ୱୟମ୍ ରାଉତରାୟ ୨ଟି ଉଇକେଟ ନେଇଥିଲେ। ୧୭୫ ରନ୍‌ର ବିଜୟଲକ୍ଷ୍ୟକୁ ପାରାମାଉଣ୍ଟ ୩୪.୪ ଓଭରରେ ୮ ଉଇକେଟ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ଅଂଶୁମାନ ସାହୁ ୬୦ ରନ୍‌କରି ଅପରାଜିତ ରହିଥିବାବେଳେ ସୁଦର୍ଶନ ସ୍ୱାଇଁ ୩୩ ରନ୍ କରିଥିଲେ। ରାମେଶ୍ୱର ପକ୍ଷରୁ ଆଶୁତୋଷ ନାୟକ ୩ଟି ଉଇକେଟ ନେଇଥିଲେ। ସାଇକ୍ରିଷ୍ଟା ହୋମ୍ସର ଏମ୍‌ଡି ଶଶୀ ଶେଖର ଗରାବଡୁ ଅତିଥିଭାବେ ଯୋଗଦେଇ ଅଂଶୁମାନ ସାହୁଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର ଟାଉନ୍ କ୍ଲବ ଓ ମୁକ୍ତେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।


ଅଂଶୁମାନ ସାହୁଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ଆଇପିଏଲ୍‌ରେ ନୂଆ ନିୟମ

ନୂଆଦିଲ୍ଲୀ,୪ା୩(ପି.ଟି.)

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଖେଳାଳି ଓ ମ୍ୟାଚ୍ ଅଧିକାରୀଙ୍କ ଅଞ୍ଚଳ(ପିଏମ୍‌ଓଏ) ଆଖପାଖରେ ପରିବାର ସଦସ୍ୟଙ୍କ ଉପସ୍ଥିତି ସମ୍ପର୍କିତ ନିୟମକୁ ଆଇପିଏଲ୍‌ରେ ଏବେ ଆହୁରି କଠୋର କରିବାକୁ ଯାଉଛି। ଏଥିସହ ଦଳୀୟ ବସ୍‌ରେ ଯାତ୍ରା କରିବା ଖେଳାଳିଙ୍କ ଲାଗି ବାଧ୍ୟତାମୂଳକ କରାଯାଇଛି। ଏହି ନିୟମକୁ ଅନ୍ତର୍ଜାତୀୟ ମ୍ୟାଚ୍ ବେଳେ ଭାରତୀୟ ଦଳର ଖେଳାଳିମାନେ ପାଳନ କରୁଛନ୍ତି।

ଖେଳାଳିମାନେ ଦଳୀୟ ବସ୍ ଜରିଆରେ ପ୍ରାକ୍ଟିସ୍ ପାଇଁ ଆସିବେ। ଦଳର ଖେଳାଳିମାନେ ଦୁଇଟି ବ୍ୟାଚ୍‌ରେ ଟ୍ରାଭେଲ କରିପାରନ୍ତି ବୋଲି ବିସିସିଆଇ ନୂଆ ନିୟମରେ ଉଲ୍ଲେଖ କରାଯାଇଛି। ଏହି ନିୟମ ସମ୍ପର୍କରେ ମେଲ୍ ଜରିଆରେ ସମସ୍ତ ଫ୍ରାଞ୍ଚାଇଜ୍‌କୁ ଜଣାଇ ଦିଆଯାଇଛି। ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ପରିବାର ସଦସ୍ୟ ସମ୍ପର୍କିତ ନିୟମରେ ଏକ ନୂଆ କ୍ଲଜ୍ ଯୋଡ଼ାଯାଇଛି। ଏଥିରେ ପ୍ରକାଶ କରାଯାଇଛି ଯେ, ପରିବାର ସଦସ୍ୟ ପ୍ରାକ୍ଟିସ୍ ଦିନରେ ମଧ୍ୟ ଡ୍ରେସିଂରୁମ୍‌ରେ ପ୍ରବେଶ କରିପାରିବେ ନାହିଁ। ପୂର୍ବରୁ ଓ ଟୁର୍ନାମେଣ୍ଟ ବେଳେ କେବଳ ସ୍ୱୀକୃତିପ୍ରାପ୍ତ ଷ୍ଟାଫ୍ ଡ୍ରେସିଂରୁମ୍ ଓ ଖେଳପଡ଼ିଆରେ ପ୍ରବେଶ କରିପାରିବେ। ବିସିସିଆଇ ପକ୍ଷରୁ ପଠାଯାଇଥିବା ମେଲ୍‌ରେ କୁହାଯାଇଛି ଯେ, ଖେଳାଳିଙ୍କ ପରିବାର ସଦସ୍ୟ ଓ ବନ୍ଧୁମାନେ ଭିନ୍ନ ଗାଡ଼ିରେ ଆସିପାରିବେ ଏବଂ ହସ୍ପିଟାଲିଟି ଅଞ୍ଚଳରୁ ଦଳର ଅଭ୍ୟାସ ଦେଖିପାରିବେ। ଦଳର ସପୋର୍ଟ ଷ୍ଟାଫ୍(ଥ୍ରୋ ଡାଉନ୍ ସ୍ପେଶାଲିଷ୍ଟ/ନେଟ୍ ବୋଲର)ଙ୍କ ତାଲିକା ବିସିସିଆଇ ନିକଟରେ ଦାଖଲ ହେବା ଦରକାର। ସେମାନଙ୍କ ତାଲିକାକୁ ମଞ୍ଜୁରୀ ମିଳିବା ପରେ ସେମାନଙ୍କ ଲାଗି ସ୍ୱୀକୃତି ପତ୍ର ଜାରି କରାଯିବ। ମ୍ୟାଚ୍ ଦିନ ଖେଳପଡ଼ିଆ ମଧ୍ୟରେ ଖେଳାଳିଙ୍କ ଫିଟ୍‌ନେସ୍ ଟେଷ୍ଟ କରାଯାଇପାରିବ ନାହିଁ। ସାଧାରଣତଃ, ମ୍ୟାଚ୍ ଆରମ୍ଭ ପୂର୍ବରୁ ଫିଜିଓ ଖେଳାଳିଙ୍କ ଫିଟ୍‌ନେସ୍ ଯାଞ୍ଚ ଲାଗି ମୁଖ୍ୟ ପଡ଼ିଆ ବ୍ୟବହାର କରନ୍ତି।

# ଟିମ୍ ଇଣ୍ଡିଆକୁ ଅଭିନନ୍ଦନ ସୁଅ

ଭୁବନେଶ୍ୱର,୪ା୩(ଅନାଦି କର)

ଭାରତୀୟ ଦଳ ମଙ୍ଗଳବାର ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଆଇସିସି ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପ୍ରବେଶ କରିଛି। ଏଥିଲାଗି ଟିମ ଇଣ୍ଡିଆ ନିକଟକୁ ସୋସିଆଲ ମିଡିଆରେ ଅଭିନନ୍ଦନ ସୁଅ ଛୁଟିଛି। ଅଭିନନ୍ଦନକାରୀଙ୍କ ମଧ୍ୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିସିସିଆଇ ଓ କେନ୍ଦ୍ରର ଅନେକ ରାଜନେତା ରହିଛନ୍ତି।

" ଦକ୍ଷତା ଓ ନିଷ୍ଠାର ଜବରଦସ୍ତ ପ୍ରଦର୍ଶନ। ଟିମ ଇଣ୍ଡିଆ ଚମତ୍କାର ବିଜୟ ସହ ଫାଇନାଲରେ ପ୍ରବେଶ କରିଛି। ଆଇସିସି ଚାମ୍ପିୟନ୍ସ ଟ୍ରଫି ସେମିଫାଇନାଲରେ ରୋମାଞ୍ଚକ ବିଜୟ ଲାଗି ଆମ ଖେଳାଳିଙ୍କୁ ଅଭିନନ୍ଦନ। ତୁମେ ପୂରାଦେଶକୁ ଗର୍ବିତ କରିଛ। ଫାଇନାଲ ଲାଗି ଶୁଭେଚ୍ଛା।

**-ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

" ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଜବରଦସ୍ତ ବିଜୟ ପାଇଁ ଭାରତୀୟ ପୁରୁଷ କ୍ରିକେଟ ଦଳକୁ ହୃଦୟରୁ ଅଭିନନ୍ଦନ। ମେନ ଇନ ବ୍ଲୁ ପୁଣି ଥରେ ଉଲ୍ଲେଖନୀୟ ଟିମଓ୍ୱର୍କ, ନିଷ୍ଠା ଓ କ୍ଲାସ ପ୍ରଦର୍ଶିତ କରିଛି। ବିଜୟ ଧାରା ଜାରି ରଖି ଟ୍ରଫି ଘରକୁ ଆଣିବା ପାଇଁ ଶୁଭେଚ୍ଛା।

**-ଜେପି ନଡ୍ଡା, ଭାଜପା ସଭାପତି**

" ଅଷ୍ଟ୍ରେଲିଆ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ସେମିଫାଇନାଲରେ ଜବରଦସ୍ତ ବିଜୟ ଲାଗି ଟିମ ଇଣ୍ଡିଆକୁ ଅଭିନନ୍ଦନ। ତୁମର ନିଷ୍ଠା, ଟିମଓ୍ୱର୍କ ଓ ପ୍ୟାଶନ ଦେଶକୁ ଗର୍ବିତ କରିଛି।ଆମ ଦଳ ତା'ର ବିଜୟଧାରା ଜାରି ରଖି ଟ୍ରଫି ଘରକୁ ଆଣୁ।

**-ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ**

" ଆସନ୍ତା ୯ ତାରିଖରେ ଦୁବାଇରେ ଖେଳାଯିବାକୁ ଥିବା ଚାମ୍ପିୟନ୍ସ ଟ୍ରଫି ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଥିବା ଭାରତୀୟ ଦଳକୁ ଅଭିନନ୍ଦନ। କ୍ୱାଲିଟି ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ଦଳର ଉତ୍ତମ ପ୍ରଦର୍ଶନ।

**-ଜୟ ଶାହା, ଆଇସିସି ଚେୟାରମ୍ୟାନ**

" ଫାଇନାଲରେ ଭାରତର ଚମତ୍କାର ଏଣ୍ଟ୍ରୀ। ଟିମ ଇଣ୍ଡିଆ ଆମକୁ ଗର୍ବିତ କରିବା ଜାରି ରଖିଛି। ବିରାଟ କୋହଲିଙ୍କର ଆଉ ଏକ ମ୍ୟାଚ ବିଜୟୀ ପ୍ରଦର୍ଶନ। ଚାମ୍ପିୟନ୍ସ ଟ୍ରଫି ଫାଇନାଲ ଲାଗି ମେନ ଇନ ବ୍ଲୁକୁ ଶୁଭେଚ୍ଛା।

**-ପିୟୂଷ ଗୋୟଲ, କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ**

" ଟିମ ଇଣ୍ଡିଆର ଜବରଦସ୍ତ ପ୍ରଦର୍ଶନ। ମହମ୍ମଦ ଶାମି ଆରମ୍ଭରୁ ପ୍ଲାଟଫର୍ମ ସେଟ କରିଥିଲେ ଏବଂ ଆମ ବ୍ୟାଟରମାନେ ଧୈର୍ଯ୍ୟର ସହ ଟାର୍ଗେଟର ପିଛା କରିଥିଲେ। ବିରାଟ କୋହଲିଙ୍କ ଇନିଂସ ପ୍ରଶଂସନୀୟ ଥିଲା। ଫାଇନାଲ ଲାଗି ଶୁଭେଚ୍ଛା।

**-ସଚିନ ତେନ୍ଦୁଲକର, ମହାନ କ୍ରିକେଟର**

" ଟ୍ରଫିଠାରୁ ଏକ ପାଦ ଦୂରରେ। ଅଷ୍ଟ୍ରେଲିଆ ବିପକ୍ଷରେ ୪ ଉଇକେଟର ବିଜୟ ସହ ଭାରତ ଫାଇନାଲରେ ସ୍ଥାନ ପକ୍କା କରିଛି।

**-ବିସିସିଆଇ**

" ଅଷ୍ଟ୍ରେଲିଆ ବିପକ୍ଷରେ ଜବରଦସ୍ତ ବିଜୟ ସହ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଭାରତ। ଚେଜ ମାଷ୍ଟର ବିରାଟ କୋହଲି ଚାପ ପରିସ୍ଥିତିରେ ୯୮ ବଲରେ ୮୪ ରନର ଚମତ୍କାର ପାଳି ଖେଳିଥିବା ବେଳେ ଅଧିନାୟକ ରୋହିତ ଶର୍ମା ନେତୃତ୍ୱ ଚମକିଲା। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଛୋଟ କିନ୍ତୁ ଏକ ପ୍ରଭାବୀ ଇନିଂସ ମ୍ୟାଚର ଉପଯୁକ୍ତ ଅନ୍ତ ଘଟାଇଥିଲା।

**-ସୂର୍ଯ୍ୟବଂଶୀ ସୂରଜ, ଓଡ଼ିଶା କ୍ରୀଡ଼ା ମନ୍ତ୍ରୀ**


# Classified Everyday
0674-2580101, 9692975378


MATRIMONIAL

## BRIDE WANTED

Handsome Brahmin boy 1981/ Government College Lecturer, only child Bhubaneswar. 7008967858. D-71081

38 Widow Karan Caste ମା'ଙ୍କ ସହିତ ଏକାକୀ ରହୁଥିବା କନ୍ୟାଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 9776270725. D-3118

## GROOM WANTED

Beautiful Brahmin Girl 1993, 5'4", MA. Only daughter "SUNASANSAR". 9937512659. D-76245


REAL ESTATE SALE

**Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424.** D-76242

Personal plot 60x80= 4800sqft. nearer to Phulanakhara, 11K.M. from Bhubaneswar @ 1500/- per sqft. with big compoundwall, beautiful road, touching to a building. 7809525452. D-76425

ଭୁବନେଶ୍ୱର **Sum Hospital-2** ନଖରା ତ୍ରିନାଥବଜାର ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ରୋଡ୍, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। **9090142564, 8018608500.** D-76243

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


FOR RENT

To-let for Office and Banking purposes Chandrasekharpur District Center. 9668089688, 9938014391. D-3097


Healthcare

Positively health benefited spa by expert therapist. 7750040475. D-76199

## AFFIDAVIT



By virtue of an affidavit sworn before the Executive Magistrate, Dharamgarh, I Hiralal Gopal, R/o- Village/ P.O.- Behera, P.S.- Koksara, Dist.- Kalahandi, Odisha, declare that my son's name has been mentioned as Shubhankar Nial instead of Subhankar Gopal in his Aadhaar Card bearing No.xxxx xxxx 0005. That both the names are one and same person. Henceforth, he shall be known as Subhankar Gopal for all future purposes. D-3149

By an Affidavit sworn before the Executive Magistrate, Bhapur, Nayagarh on February 18, 2025, I, Mrs. Urmila Rana, residing at Vill/P.O.-Baigunia, P.S.- Fategarh, Dist.-Nayagarh, Odisha 752077 have changed my name from Bilasini Rana to Urmila Rana. Henceforth, I shall be known as Urmila Rana for all purposes. D-3154

By virtue of an affidavit sworn before Executive Magistrate, Bhubaneswar, dated 21.01.2025, I, Saveri Swaraa Rout, Address: Mahadeipatana, Batipada, Kendrapada, 754218, declare that I have changed my name from Banyarani Sahoo to Saveri Swaraa Rout. Henceforth, I shall be known as Saveri Swaraa Rout for all purposes.
Saveri Swaraa Rout D-3152

I, POOJA MISHRA, W/o- Kalyan Mishra, resident of N5/332, IRC Village, Bhubaneswar, P.O./P.S.- Nayapally, Dist.- Khurda, PIN-751015, Odisha declare by this affidavit No.-39, Dt. 03.02.2025. That now onwards I shall be known as Puja Mishra for all future purposes. D-3151

By virtue of an affidavit sworn before the Executive Magistrate, DARPAN, dated 25.02.2025, I, Solema Beggum, Address: Vill-Nalipur, P.O.- Charinangal, P.S.- Balichandrapur, Dist.- Jajpur, Odisha-754292 declare that I have changed my son's name from Mohammad Anas to Shaik Mohammad Anas. Henceforth, he shall be known as Shaik Mohammad Anas for all purposes. D-3147

By virtue of an affidavit sworn before the Executive Magistrate, Bari, dated 28.02.2025, I, Beenapani Behura, Address: At/P.O.- Routsahi, P.S.-Bari, Ramachandrapur, Dist.- Jajpur, Odisha-754214 declare that I have changed my name from Beenapani Samal to Beenapani Behura. Henceforth, I shall be known as Beenapani Behura for all purposes. D-3148

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Bhubaneswar dated 4.3.25, I, Bulei Pagad, resident of Saripur, Khordha, Odisha-752102 declare that I have changed my name from Subas Chandra Pagad to Bulei Pagad. Henceforth, I shall be known as Bulei Pagad for all purposes.
(Bulei Pagad) D-75838

By virtue of an affidavit sworn before the Executive Magistrate, Dharmasala, dated- 09.12.2024, I, Dangi Malik, Address: Vill.- Kurikana, P.O.- Batijoda, P.S.- Jenapur, Dist.- Jajpur, PIN- 755023, Odisha declare that I have changed my name from Mataji Malik to Dangi Malik. Henceforth, I shall be known as Dangi Malik for all future purposes.
(Dangi Malik) D-3153

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**


## LEGAL NOTICE

ଅନ୍ୟାନ୍ୟ ଦାବିଦାରମାନଙ୍କ ପ୍ରତି ଉପସ୍ଥିତ ହେବାର କାରଣ ନୋଟିସ
ଦେଓ୍ୱାନୀ ବିଚାରପତି (ବରିଷ୍ଠ-ବିଭାଗ)ଙ୍କ ଅଦାଲତ, ପାଟଣାଗଡ଼
ଇଚ୍ଛାପତ୍ରହୀନ ମକଦ୍ଦମା (In-estate suit) ନଂ.-୧, ସ୍ଥ ୨୦୨୨, ୧.ସେବକ ଓରଫ ସେଭକ ଗହିର, ବ୪୫୧ର୍ଷ, ପିତା- ୰ମିନିକେତନ ଗହିର, ୨. ବେଳମତି ଓରଫ ବାଳମତି ଗହିର, ବ୪୫୦ର୍ଷ, ସ୍ୱାମୀ- ସେବକ ଓରଫ ସେଭକ ଗହିର ଉଭୟଙ୍କ ନିବାସୀ- ତେନ୍ତେଲମୁଣ୍ଡା, ପୋ:ଅ:- ଖଲିପଥର, ଥାନା- ବେଲପଡ଼ା, ଜିଲ୍ଲା- ବଲାଙ୍ଗୀର।
.... ଅର୍ଜିଦାରମାନେ

ଭାରତୀୟ ଉତ୍ତରାଧିକାରୀ ଆଇନ ୧୯୨୫ର ଧାରା ୩୭୨ରେ ଉପରୋକ୍ତ ବର୍ଣ୍ଣିତ ଆବେଦନକାରୀମାନେ ତାଙ୍କ ପୁଅ ମୃତବ୍ୟକ୍ତି ସିଦ୍ଧାନ୍ତ ଗହିରଙ୍କ ଉତ୍ତରାଧିକାରୀ ସାର୍ଟିଫିକେଟ ସହିତ ମୃତବ୍ୟକ୍ତିଙ୍କ ନାମରେ ଥିବା ଜୀବନ ବୀମା କମ୍ପାନୀର ବୀମା ପଲିସି ନଂ.-୫୯୪୯୫୬୬୩୩, ତା.୨୮.୧୨.୨୦୧୩ରେ ଥିବା ବୀମା ଟଙ୍କା ପାଇବା ପାଇଁ ପ୍ରାର୍ଥନାରେ ସ୍ଥ ୨୦୨୨ ମସିହା ଜୁନ୍ ମାସ ୨୯ ତାରିଖରେ ଆବେଦନ କରିଛନ୍ତି। ଅତ୍ର ମୋକଦ୍ଦମା ବିଚାର ନିମନ୍ତେ ଆସନ୍ତା ତା. ୨୮।୦୩।୨୦୨୫ ଦିନ ସମୟ ୧୦.୩୦ ଧାର୍ଯ୍ୟ ହୋଇଅଛି। ଅତଏବ ଅତ୍ର ବିଜ୍ଞାପନ ପ୍ରଚାର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ବର୍ଣ୍ଣିତ ଆବେଦନକାରୀମାନଙ୍କ ପୁତ୍ର ମୃତ ବ୍ୟକ୍ତି ସିଦ୍ଧାନ୍ତ ଗହିରଙ୍କ ଯଦି ଅନ୍ୟ କେହି ଉତ୍ତରାଧିକାରୀ ବା ତାହାର ବ୍ୟକ୍ତି ସମ୍ପତ୍ତିର ଅଧିକାରୀ ଥିବେ କିମ୍ବା ଆବେଦନକାରୀମାନଙ୍କ ପ୍ରାର୍ଥନାର ବିରୁଦ୍ଧରେ କେହି ଆପତ୍ତି ଉପସ୍ଥିତ କରିବାକୁ ଇଚ୍ଛା କରନ୍ତି ତେବେ ଉପରୋକ୍ତ ନିର୍ଦ୍ଧାରିତ ଧାର୍ଯ୍ୟ ଦିବସରେ ସେ କିମ୍ବା ସେମାନେ ସ୍ୱୟଂ ଅଥବା ଓକିଲ ଦ୍ୱାରା ଉପସ୍ଥିତ ହୋଇ ଆପଣ ଆପଣାର ଆପତ୍ତିର କାରଣ ଦର୍ଶାଇବେ, ତତ୍‌ପଶ୍ଚାତ୍ ତା'ର ଯେ ଦଲିଲ ଓ ସାକ୍ଷୀ ଦେବାକୁ ଇଚ୍ଛା କରିବେ ତାହା ସେହି ଦିବସରେ ଉପସ୍ଥିତ କରିବା ପ୍ରସ୍ତୁତି ଥିବେ।

ସ୍ୱା./- ଦେଓ୍ୱାନୀ ବିଚାରପତି
(ବରିଷ୍ଠ-ବିଭାଗ), ପାଟଣାଗଡ଼
Dt.16.12.2024
ଧ-୩୧୫୦

Letter No.-2369/
Dt.26.12.2024

ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ ପ୍ରଦୀପ୍ତ କୁମାର ନାୟକ, ବନ୍ଦୋବସ୍ତ, ଡିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜି.- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ.- ୧୪୨୪/୨୦୨୨

ଶ୍ରୀମତୀ ବାସନ୍ତୀ ସାହୁ, ବୟସ ୪୧ ବର୍ଷ, ସ୍ୱାମୀ- ଆନନ୍ଦ ସାହୁ, ସା- ପ୍ଲଟ୍ ନଂ.-୧୧୩୪, ଭୀମଟାଙ୍ଗି, ପୋ- କପିଳପ୍ରସାଦ, ଥାନା- ଏୟାରଫିଲ୍ଡ, ଭୁବନେଶ୍ୱର, ଜି.- ଖୋର୍ଦ୍ଧା, ଓଡ଼ିଶା
..... ବାଦୀ

ବନାମ

ପ୍ରବୋଧ କୁମାର ପଟ୍ଟନାୟକ, ପିତା- ୰ବନବିହାରୀ ପଟ୍ଟନାୟକ, ସା- ଗ୍ରାମଡ଼ିହ, ପୋ- ଘଙ୍ଗାପାଟଣା, ଥାନା- ଚନ୍ଦକା, ଜି.- ଖୋର୍ଦ୍ଧା ଓ ଅନ୍ୟମାନେ
.....ପ୍ରତିବାଦୀମାନେ

ନୋଟିସ ଅର୍ଡର-୫ ରୁଲ୍-୨୦
ସି.ପି.ସି. ମୁତାବକ

ପ୍ରାପ୍ତେଷୁ,
ପ୍ରବୋଧ କୁମାର ପଟ୍ଟନାୟକ, ପିତା- ୰ବନବିହାରୀ ପଟ୍ଟନାୟକ, ସା- ଗ୍ରାମଡ଼ିହ, ପୋ- ଘଙ୍ଗାପାଟଣା, ଥାନା- ଚନ୍ଦକା, ଜି.- ଖୋର୍ଦ୍ଧା

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଉପରୋକ୍ତ ରିଭିଜନ ପିଟିସନ କେସ୍ ମାନ୍ୟବର ଅଦାଲତଙ୍କ ଇଜିଲାସରେ ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି କରାଯାଇଥିଲେ ମଧ୍ୟ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଇ ଫେରସ୍ତ ଆସିଅଛି। ଏଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ଓ.ଏସ୍.ଏସ୍. କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା. ୧୦।୦୩।୨୦୨୫ରିଖ ଦିବା ଘ. ୧୧.୩୦ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ
ଜି. ଖୋର୍ଦ୍ଧା, ତହସିଲ- ଜଟଣୀ, ମୌଜା-ଓଗାଳପଡ଼ା

ସାବକ
ସାବକ ଖାତା ନଂ.- ୧୪୬, ସାବକ ପ୍ଲଟ୍ ନଂ.- ୧୮୦, ରକବା- ଏ୫. ୬୩୦ଡି. ସ୍ୱଧ ଏ୦.୦୫୫ଡି, ସ୍ୱତ୍ୱ- ସ୍ଥିତିବାନ, କିସମ- ପତିତ

ହାଲ୍
ହାଲ୍ ଖାତା ନଂ.- ୩୧୬, ହାଲ୍ ପ୍ଲଟ୍ ନଂ.- ୪୬୧, ରକବା- ଏ୦.୦୫୦ଡି., ସ୍ୱତ୍ୱ- ସ୍ଥିତିବାନ, କିସମ- ପତିତ

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନିଜେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା: ୨୬।୧୨।୨୦୨୪, ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୩୧୫୮



## ସୂର୍ଯ୍ୟମୁଖୀର ଦାନା ଗଠନ

ସୂର୍ଯ୍ୟମୁଖୀର ଦାନା ଗଠନ ସମୟ ହେଉଛି ସଙ୍କଟକାଳ। ଏହି ସମୟରେ ମାଟିର ବତରକୁ ଚାହିଁ ଜଳସେଚନ କରନ୍ତୁ। କାଳୀମୁଣ୍ଡି ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମି.ଲି. କ୍ଲୋରୋପାଇରିଫସ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବିଳମ୍ବରେ ଲଗାଯାଇଥିବା ଫସଲ ୪୦ ରୁ ୫୦ ଦିନର ହୋଇଯାଇଥିଲେ ଏକର ପ୍ରତି ଉନ୍ନତ କିସମ ଲାଗି ୩ କି.ଗ୍ରା. ଓ ସଙ୍କର ଜାତୀୟ ପାଇଁ ୬ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଫୁଲ ଆସିବା ପୂର୍ବରୁ ପ୍ରତି ଲିଟର ପାଣିରେ ୨ ରୁ ୩ ଗ୍ରାମ୍ ହିସାବରେ ବୋରକ୍ସ ମିଶାଇ ସିଞ୍ଚନ କରନ୍ତୁ।

## ଆଳୁ ଅମଳ କରୁଥିଲେ...



ବର୍ତ୍ତମାନ ଆଳୁ ଅମଳ ସମୟ। ଏ ସମୟରେ ଚାଷୀଭାଇ କେତୋଟି ଦିଗ ପ୍ରତି ଯତ୍ନଶୀଳ ହେଲେ ଉତ୍କୃଷ୍ଟମାନର ଆଳୁ ଅମଳ କରିବା ସହ ପରବର୍ତ୍ତୀ ସମୟରେ ଆଳୁ ପଚିଯିବା ସମସ୍ୟାକୁ ରୋକାଯାଇପାରିବ। ଆଳୁ ଅମଳ କରିବାର ୧୦-୧୫ ଦିନ ପୂର୍ବରୁ ଜମିରେ ଜଳସେଚନ ବନ୍ଦ କରିଦେବା ଆବଶ୍ୟକ। ଏହାଦ୍ୱାରା ଆଳୁର ଉପର ଚୋପା ଟାଣ ହୁଏ ଏବଂ ଅମଳ ସମୟରେ ଓ ଅମଳ ପରେ ଶଢ଼ିବାର ଆଶଙ୍କା କମ୍ ରହେ। ଆଳୁ ଅମଳ ସମୟରେ ଚାଷୀଭାଇ ଯତ୍ନର ସହ ହୁଡ଼ା ଭାଙ୍ଗି ଆଳୁ ଖୋଳିବା ଆବଶ୍ୟକ, ଯେପରିକି ଆଳୁ କଟି ନ ଯାଏ। ଯଦି କିଛି ଆଳୁ କଟିଯାଏ ବା ଖଣ୍ଡିଆ ହୋଇଯାଏ, ସେଗୁଡ଼ିକୁ ଅଲଗାକରି ଶୀଘ୍ର ଖାଇବା ପାଇଁ ବ୍ୟବହାର କରିଦେବା ଆବଶ୍ୟକ। ଆଳୁ ଖୋଳିବା ପରେ ତାହାକୁ ପବନ ଚଳାଚଳ କରୁଥିବା ଛାଇ ଜାଗାରେ (ଖୋଲା ଘର, ଛାତ ଥିବା ଖଳା ପ୍ରଭୃତି) ପତଳା ସ୍ତରରେ ୬-୮ ଦିନ ରଖି ୩-୪ ଦିନ ଅନ୍ତରରେ ପଚା ଆଳୁକୁ ଅଲଗା କରିବା ଆବଶ୍ୟକ ।

## ଚାଷୀଙ୍କ ପାଇଁ

➤ଗୋରୁଙ୍କୁ ଛାଇରେ ରଖନ୍ତୁ ଏବଂ ପରିଷ୍କାର ପାଣି ପିଇବାକୁ ଦିଅନ୍ତୁ । ଦୁଧିଆଳୀ ଓ ଗର୍ଭବତୀ ଗାଈଙ୍କୁ ପ୍ରତ୍ୟେକ ଦିନ ଅନ୍ୟାନ୍ୟ ଖାଦ୍ୟ ସହିତ ୩୦ ଗ୍ରାମ୍ ରୁ ୫୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ନିଶ୍ଚୟ ଦିଅନ୍ତୁ । ଛେଳିର ଓଜନ ଓ ପ୍ରଜନନ ବୃଦ୍ଧି ପାଇଁ ପ୍ରତ୍ୟେକ ଦିନ ୫ ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଦିଅନ୍ତୁ। ଗାଈମାନଙ୍କୁ ଚରିବାକୁ ଛାଡୁଥିଲେ, ସକାଳୁ ଓ ଉପରଓଳି ଚରାନ୍ତୁ । ଜର୍ସି, ହୋଲଷ୍ଟିନ୍ ବା ସଙ୍କର ଜାତୀୟ ଗାଈକୁ ଦିନବେଳେ ଗାଧୋଇ ଦିଅନ୍ତୁ ।

➤ମାର୍ଚ୍ଚ ମାସ ବେଳକୁ ବିନା ବର୍ଷାରେ ଚରିବା ପାଇଁ ଘାସ ଯଥେଷ୍ଟ ମିଳେ ନାହିଁ । ତେଣୁ ଛେଳି ଓ ମେଣ୍ଢାମାନଙ୍କୁ ଚରି ଆସିଲା ପରେ ଯଥେଷ୍ଟ ଡାଳପତ୍ର କାଟି ଖାଇବାକୁ ଦେବା ଉଚିତ ଓ ଛେଳି ବା ମେଣ୍ଢା ପିଛା ଦୈନିକ ୧୦୦ରୁ ୨୦୦ ଗ୍ରାମ୍ ସନ୍ତୁଳିତ ଦାନା ଖାଇବାକୁ ଦେଲେ ସେମାନେ ଅଧିକ ଓଜନର ହୁଅନ୍ତି ଓ ସେମାନଙ୍କର ଅକାଳ ମୃତ୍ୟୁ ମଧ୍ୟ ହୋଇ ନ ଥାଏ । ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶକରି ଏଣ୍ଟେରୋଟକ୍ସିମିଆ ଓ ପିପିଆର୍ ରୋଗ ଟିକା ଦିଅନ୍ତୁ ।

➤ ଏକ ହେକ୍ଟର ବିଶିଷ୍ଟ ପୋଖରୀ ପାଇଁ ଦୈନିକ ୭.୫ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୭.୫ କି.ଗ୍ରା. ଚିନାବାଦାମ ପିଡ଼ିଆର ମିଶ୍ରଣ ପ୍ରସ୍ତୁତକରି ମାଛମାନଙ୍କୁ ଖାଇବାକୁ ଦିଅନ୍ତୁ ।



# ଡାଲୁଅ ଧାନରେ ରୋଗପୋକ ପରିଚାଳନା

ଧାନଜମିରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ସମ୍ଭାବନା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧ରୁ୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ ଟି ପୋକ ଲାଗିଲେ ଇମିଡାକ୍ଲୋପ୍ରିଡ୍ ୩ ମି.ଲି./୧ ଲିଟର ବା ବୁପ୍ରୋଫେଜିନ୍ ୧ ମି.ଲି./୧ ଲିଟର ପାଣିରେ ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ୩୦ ଦିନର ଗଛ ହୋଇଥିଲେ ଟ୍ରାଇକୋଗାମା ଜାପୋନିକମ୍ ପରାଶ୍ରୟୀ କୀଟର ଟ୍ରାଇକୋକାର୍ଡକୁ ଏକର ପ୍ରତି ୨ଟି କାର୍ଡ ହିସାବରେ ପ୍ରତି ସପ୍ତାହ ଅନ୍ତରରେ ଜମିରେ ପ୍ରୟୋଗ କରନ୍ତୁ ।

**ଗହମ :** ଗହମ ଗଛ ସମ୍ପୂର୍ଣ୍ଣ ହଳଦିଆ ପଡ଼ି ଶୁଖିଗଲେ ବା କେଣ୍ଡାରେ ଗହମ ଦାନା ଝଣ ଝଣ ଶବ୍ଦ କଲେ ସେଗୁଡ଼ିକ କାଟିଆଣି ଅମଳକରି ୩/୪ଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ ।

**ଡାଲି ଜାତୀୟ ଫସଲ:** ଜଳସେଚନର ସୁବିଧା ଥିଲେ ମୁଗ ଓ ବିରି ଫସଲରେ ୨୦-୨୫ ଦିନ ବେଳକୁ ଥରେ ଜଳସେଚନ କରନ୍ତୁ । ଜଳସେଚନ ପୂର୍ବରୁ ଟାର୍ଗା ସୁପର ୨ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ଫସଲକୁ ୧୫-୨୦ ଦିନ ବେଳକୁ ସିଞ୍ଚନକଲେ ଏକ ବୀଜପତ୍ରୀ ଅନାବନା ଘାସ ଦାଉରୁ ସମ୍ପୂର୍ଣ୍ଣ ରକ୍ଷା ମିଳିଥାଏ ।



## ଏ ମାସର କୃଷି ସୂଚନା

**ତୈଳବୀଜ ଜାତୀୟ ଫସଲ**

**ଚିନାବାଦମ :** ଚିନାବାଦାମ ଅମଳଯୋଗ୍ୟ ହେଲେ ଅର୍ଥାତ୍ ଗଛ ହଳଦିଆ ପଡ଼ି ଶୁଖିଆସିଲେ, ଚିନାବାଦାମ ଖୋସା ଭିତର ପଟେ କଳାଦାଗ ପଡ଼ିଲେ ଓ ଚିନାବାଦାମ ମଞ୍ଜି ଚୋପା ଗୋଲାପି ପଡ଼ିଆସିଲେ ଚିନାବାଦାମ ଅମଳ କରନ୍ତୁ । ଅମଳ ଚିନାବାଦାମକୁ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

**ରାଶି :** ଖରାଦିନିଆ ରାଶି ଫସଲ ୩ ସପ୍ତାହର ହୋଇଗଲେ ଜଳସେଚନକରି କୋଡ଼ାଖୁସା କରନ୍ତୁ ଓ ଘାସ ବାଛିଦିଅନ୍ତୁ ।

**ସୂର୍ଯ୍ୟମୁଖୀ:** ସୂର୍ଯ୍ୟମୁଖୀ ଫସଲରେ ଧଳାମାଛି ବା ପତ୍ର ଉକୁଣି ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଆସିଟାମିପ୍ରିଡ୍ ବା ୧୨୫ ଗ୍ରାମ୍ ଥାଇଓମେଥୋକ୍‌ଜାମ୍‌କୁ ୫୦୦ ଲିଟର ପାଣି ସହ ମିଶାଇ ସିଞ୍ଚନ କରନ୍ତୁ ।

**ଫୁଲଚାଷ :** ବ୍ୟବସାୟିକ ଭିତ୍ତିରେ ଗେଣ୍ଡୁ, ରଜନୀଗନ୍ଧା, ଜିନିଆ ଆଦି ଫୁଲଚାଷ କରନ୍ତୁ । ବାଡ଼ି ବଗିଚା ଅଭାବରେ ଟେବୁଲ ଗୋଲାପ, ଲିଲିୟମ୍ ଓ ସୂର୍ଯ୍ୟମୁଖୀ ଇତ୍ୟାଦି ଫୁଲକୁ କୁଣ୍ଡରେ ମଧ୍ୟ ଲଗାଯାଇପାରିବ। ବିହନ ମଞ୍ଜି, କୋଳା ଓ ଖଣ୍ଡରୁ ଚାରା ଉତ୍ପନ୍ନ କରାଯାଇପାରିବ।

**ଛତୁଚାଷ:** ଛତୁଚାଷ କରୁଥିଲେ ଛତୁଘର ବିଶୋଧନକରି ପାଳଛତୁ ଚାଷ ଆରମ୍ଭ କରିଦିଅନ୍ତୁ ।

**ଫଳଚାଷ:** ଅଧିକ ଅମଳ ପାଇବା ପାଇଁ ଗଛର ସୁରକ୍ଷା ପ୍ରତି ଧ୍ୟାନଦିଅନ୍ତୁ। ଆମ୍ବ ଡାହାଣୀ ଦମନ ପାଇଁ ଆମ୍ବ କଷି ଧରିବା ଅବସ୍ଥାରେ ଥରେ ୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ କିମ୍ବା ଥାୟୋମିଥୋକ୍ସାମ୍ (୩ଗ୍ରାମ୍) ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିମ୍ପି ତଥା ପାଉଁଶିଆ ରୋଗର ପ୍ରତିକାର ପାଇଁ ବଉଳ ହେବାର ୧୫ ଦିନ ପରେ ଥରେ ସଲ୍‌ଫର (୮୫% ସେଚିତ ଦାନାଦାର) ୦.୪% କିମ୍ବା ୦.୧୦% ବାଭିଷ୍ଟିନ୍ ବା ପେନ୍‌କୋନାଜୋଲ୍ ୦.୫ ମି.ଲି./ଲିଟର ପାଣି ସିଞ୍ଚନ କରନ୍ତୁ। ଅଧିକ ଅମଳ ପାଇବା ପାଇଁ ଚଣା ଅବସ୍ଥାରେ ଗଛରେ ପ୍ଲାନୋଫିକ୍ସ କିମ୍ବା ପ୍ଲାନୋଭିଟା ୧ ମି.ଲି.କୁ ୪.୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କଷି ଧରି ସାରିଥିଲେ ଜଳସେଚନର ବ୍ୟବସ୍ଥା କରନ୍ତୁ। ଫଳ ବଗିଚାକୁ ଉଇଦାଉରୁ ରକ୍ଷାକରିବା ପାଇଁ ଜଳସେଚନ ପୂର୍ବରୁ କ୍ଲୋରୋପାଇରିଫସ୍ ଗୁଣ୍ଡ ଗଛ ପ୍ରତି ୧୦ ରୁ ୨୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ। ଦହିଆ ପୋକକୁ ନିୟନ୍ତ୍ରଣ କରିବାକୁ ହେଲେ ଗଛର ଗଣ୍ଡି ଚାରିପଟେ ଗ୍ରୀଜ୍‌ର ଲେପ କିମ୍ବା ମସୃଣ ଟିଣ ବ୍ୟାଣ୍ଡ୍ (୪ ରୁ ୬ ଇଞ୍ଚ ଓସାର) ଭୂମି ପତ୍ତନଠାରୁ ଦେଢ଼ଫୁଟ ଉଚ୍ଚରେ ଦିଅନ୍ତୁ ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର – ୩

### ଆଖୁ ଲଗାଇବା ସମୟରେ...



ଆଖୁ ଲଗାଇବା କାର୍ଯ୍ୟ ଶେଷ କରନ୍ତୁ। ପୂର୍ବରୁ ଲଗାଯାଇଥିବା ଆଖୁ ଫସଲରେ ସଅଳ କିସମରେ ୪୫ ଓ ୯୦ ଦିନରେ ଏବଂ ମଧ୍ୟମ ଓ ବିଳମ୍ବ କିସମରେ ୪୫, ୯୦ ଓ ୧୨୦ ଦିନରେ ହେକ୍ଟର ପ୍ରତି ୩୦୦ କି.ଗ୍ରା. ଯବକ୍ଷାରଜାନ ସାର ସମାନ କିସ୍ତିରେ ପ୍ରୟୋଗ କରନ୍ତୁ। ୧୨୦ ଦିନ ପରେ ଆଖୁ ଫସଲରେ ଯବକ୍ଷାରଜାନ ସାର ପ୍ରୟୋଗ କରିବା ଉଚିତ ନୁହେଁ। କଳାଛଟା ରୋଗ ଆଖୁ ଗଛରେ ଦେଖାଦେଲେ ଆକ୍ରାନ୍ତ ଗଛକୁ ମୂଳରୁ ଓପାଡ଼ି କିଆରି ବାହାରେ ପୋଡ଼ିଦିଅନ୍ତୁ । ଆକ୍ରାନ୍ତ କିଆରିରେ କାର୍ବେଣ୍ଡିନ୍ ୩୭.୫% ଣ୍ଟ ଥିରାମ୍ ୩୭.୫% ୩ ଗ୍ରାମ୍, ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସହଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ଏକର ପ୍ରତି ୨ଟି ଟ୍ରାଇକୋକାର୍ଡ ପ୍ରତି ସପ୍ତାହ ଅନ୍ତରରେ କିଆରିରେ ଲଗାନ୍ତୁ ।



## ନଳିତା ବୁଣିବା ପୂର୍ବରୁ...

ଯେଉଁ ଅଞ୍ଚଳରେ କେନାଲ କିମ୍ବା ଉଠା ଜଳସେଚନର ସୁବିଧା ଅଛି ସେଠାରେ ମାର୍ଚ୍ଚ ୧୫ଠାରୁ ପିତାନଳିତା ବୁଣାବୁଣି କାର୍ଯ୍ୟ ଆରମ୍ଭ କରାଯାଇପାରିବ । ନଳିତା ବୁଣିବା ପାଇଁ ଜମି ପ୍ରସ୍ତୁତ କରନ୍ତୁ । ମାଟିକୁ ଭଲଭାବରେ ଗୁଣ୍ଡକରି ହେକ୍ଟର ପ୍ରତି ୧୨ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ହେକ୍ଟର ପ୍ରତି ପିତାନଳିତା ପାଇଁ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର, ମଧୁର ନଳିତାରେ ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଶେଷ ଓଡ଼ ଚାଷ ସମୟରେ ସମୁଦାୟ ଫସ୍‌ଫରସ୍ ଓ ପଟାସ୍ ସାରକୁ ମାଟିରେ ମିଶାଇ ଦିଅନ୍ତୁ । ଯବକ୍ଷାରଜାନ ସାରର ଅର୍ଦ୍ଧେକ ବୁଣିବାର ୨୦-୨୫ ଦିନ ପରେ ଘାସ ବଛା ଓ କୋଡ଼ାଖୋସା ସମୟରେ ପ୍ରୟୋଗ କରନ୍ତୁ । ଅବଶିଷ୍ଟ ଅର୍ଦ୍ଧେକ ଏହାର ୧୫ ଦିନ ପରେ ପ୍ରୟୋଗ କରନ୍ତୁ । ଧାଡ଼ିବୁଣା ପାଇଁ ହେକ୍ଟର ପ୍ରତି ୫ କି.ଗ୍ରା. ଓ ଛଟାବୁଣା ପାଇଁ ୭.୫ କି.ଗ୍ରା. ବିହନ ଆବଶ୍ୟକ। ଏକ କି.ଗ୍ରା. ବିହନ ବିଶୋଧନ ପାଇଁ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଆବଶ୍ୟକ। ମଧୁର ନଳିତା କିସମଗୁଡ଼ିକ ହେଲା ରେବତୀ, ମହାଦେବ, ବୈଶାଖୀ ତୋଷା, ଚୈତାଳି ତୋଷା, ନବୀନ ଶକ୍ତି, ସୂର୍ଯ୍ୟ, ସୁରେନ୍ ଏବଂ ପିତାନଳିତା କିସମଗୁଡ଼ିକ ହେଲା ବଳଦେବ, ଜୟଦେବ, ଶ୍ରେଷ୍ଠା, ସବୁଜସୁନା, ଶ୍ୟାମଳୀ, ଶ୍ରାବନ୍ତୀ ।

## ପନିପରିବା ଚାଷ

ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ । ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା – ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ । ଏକ ମାସର ବାଇଗଣ ତଳି ମୁଖ୍ୟ ଜମିରେ ଲଗାନ୍ତୁ। ସମସ୍ତ ପ୍ରକାର କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨-୩ଟି ସୁସ୍ଥ ସବଳର ଗଛ ରଖି ଅନ୍ୟାନ୍ୟ ଚାରାଗୁଡ଼ିକୁ ଓପାଡ଼ିଦିଅନ୍ତୁ। ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ।



ଜମିକୁ ଭଲଭାବରେ ଚାଷକରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବରଖତ ବା ଜିଆଖତର ବ୍ୟବହାର କରନ୍ତୁ। ପ୍ରତ୍ୟେକ ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷା କରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳବିନ୍ଧା ପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ । ଅଧିକ ଆକ୍ରାନ୍ତ ଫସଲରେ ସ୍ପାଇନୋଟେରାମ ଏକର ପ୍ରତି ୫୦୦ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ।

## କୁକୁଡ଼ା ପାଳନ

ରାଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ଦିନରୁ ୭ଦିନର କୁକୁଡ଼ା ଚିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ ।୨୧ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ । ୫୬ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ଟିକା ଦିଅନ୍ତୁ । ୧୧୨ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ବୁଷ୍ଟର ଟିକା ଦିଅନ୍ତୁ । ବର୍ତ୍ତମାନ କୁକୁଡ଼ା ଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଚିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ। ଟିଣ, ଆଜ୍‌ବେଷ୍ଟସ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ । ଘର ଅଗଣାରେ ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା' ପରେ ୬ ମାସ ଅନ୍ତରରେ ଆର୍ ଟୁ ବି ଟିକା ଦିଅନ୍ତୁ। ଫଳରେ ରାଣୀକ୍ଷେତ ରୋଗ ହେବ ନାହିଁ ।





ଜର୍ମାନୀରେ ମାର୍ଚ୍ଚ ୫ରୁ ୯ ପର୍ଯ୍ୟନ୍ତ ହେବାକୁଥିବା ୟୋନେକ୍ସ ଜର୍ମାନ ଜୁନିୟର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ପାଇଁ ଭାରତୀୟ ଦଳରେ ମନୋନୀତ ହୋଇଥିବା ଓଡ଼ିଶାର ପ୍ରଗତି ପରିଡ଼ା ଓ ବିଶାଖା ଟପ୍ପୋ।

# ମାରକ୍ରାମଙ୍କ ସ୍ଥାନରେ ସାମିଲ ହୋଇପାରନ୍ତି ଲିଣ୍ଡେ

**କରାଚୀ, ୪।୩ (ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ମ୍ୟାଚ୍ ପାଇଁ ଦକ୍ଷିଣ ଆଫ୍ରିକା ଆଘାତପ୍ରାପ୍ତ ଏଡେନ୍ ମାରକ୍ରାମଙ୍କ ବିକଳ୍ପ ଖେଳାଳିଭାବେ ବାମହାତୀ ସ୍ପିନ୍ ବୋଲିଂ ଅଲ୍‌ରାଉଣ୍ଡର ଜର୍ଜ ଲିଣ୍ଡେଙ୍କୁ ଦଳରେ ସାମିଲ କରିପାରେ। ଇଂଲଣ୍ଡ ଫାଇନାଲ ଲିଗ୍ ଗେମ୍‌ରେ ଦକ୍ଷିଣ ଆଫ୍ରିକାର ଅଧିନାୟକତ୍ୱ କରିଥିଲେ ମାରକ୍ରାମ। ମାତ୍ର ଡାହାଣପଟ ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରି ଯୋଗୁ ସେ ଖେଳର ୩୧ତମ ଓଭରରେ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ଲିଣ୍ଡେ ଡାକରା ପାଇ ମଙ୍ଗଳବାର ଦକ୍ଷିଣ ଆଫ୍ରିକା ଶିବିରରେ ଯୋଗଦେଇଛନ୍ତି। ତେବେ ସେ ବିଧିବଦ୍ଧ ଭାବେ ମାରକ୍ରାମଙ୍କ ସ୍ଥାନରେ ଦଳରେ ସାମିଲ ହୋଇନାହାନ୍ତି। ଏଥିପାଇଁ ଆଇସିସି ଇଭେଣ୍ଟ ଟେକ୍‌ନିକାଲ କମିଟିର ଅନୁମୋଦନ ଆବଶ୍ୟକ ରହିଛି। ଲିଣ୍ଡେ ଚଳିତବର୍ଷ ସାଉଥ୍‌ଆଫ୍ରିକା ଟି୨୦ରେ ୧୫୩.୩୩ ଷ୍ଟ୍ରାଇକ୍ ରେଟ୍‌ରେ ୧୬୧ ରନ ସ୍କୋର କରିଛନ୍ତି। ସେ ଆହୁରି ମଧ୍ୟ ୧୧ଟି ଗେମ୍‌ରେ ତାଙ୍କ ଇକୋନୋମି ରେଟ୍ ୬.୨୯ ସହିତ ୧୧ ଉଇକେଟ ଅକ୍ତିଆର କରିଛନ୍ତି। ୱାନ୍-ଡେ' ଚ୍ୟାଲେଞ୍ଜ ଡିଭିଜନ ୱାନ୍‌ରେ ସେ ୱେଷ୍ଟର୍ନ ପ୍ରୋଭିନ୍ସ ତରଫରୁ ୫ଟି ଗେମ୍ ଖେଳି ୪ ଉଇକେଟ ଅକ୍ତିଆର କରିଛନ୍ତି। ଅଧିନାୟକ ଟେମ୍ବା ବଭୁମା ଓ ଟୋନି ଡି ଜୋର୍ଜି ସୁସ୍ଥ ହେବାପରେ ମଙ୍ଗଳବାର ସନ୍ଧ୍ୟାରେ ଟ୍ରେନିଂ ସେସନରେ ଯୋଗଦେଇଥିଲେ।

# ଭାରତ- ଅଷ୍ଟ୍ରେଲିଆ ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ଇନିଂସ**

ଟ୍ରାଭିସ ହେଡ୍-କ-ଶୁବମନ-ବୋ-ବରୁଣ-୩୯
କୁପର କୋନୋଲି-କ-ରାହୁଲ-ବୋ-ଶାମି-୦
ଷ୍ଟିଭେନ ସ୍ମିଥ୍-ବୋ-ଶାମି-୭୩
ମାର୍ନସ ଲାବୁସେନ୍-ଏଲବିଡବ୍ଲ୍ୟୁ-ଜାଡେଜା-୨୯
ଜେସ୍ ଇଂଲିଶ-କ-କୋହଲି-ବୋ-ଜାଡେଜା-୧୧
ଆଲେକ୍ସ କାରେ-ରନ୍‌ଆଉଟ-୬୧
ଗ୍ଲେନ ମାକ୍ସୱେଲ୍-ବୋ-ଅକ୍ଷର-୭
ବେନ୍ ଡ୍ୱାରସୁଇସ୍-କ-ଶ୍ରେୟସ ବୋ-ବରୁନ-୧୯
ଆଡାମ ଜାମ୍ପା-ବୋ-ହାର୍ଦ୍ଦିକ ପାଣ୍ଡ୍ୟା-୭
ନାଥାନ ଏଲିସ-କ-କୋହଲି-ବୋ-ଶାମି-୧୦
ତନ୍‌ଭିର ସାଂଘା-ନଟ ଆଉଟ-୧
ଅତିରିକ୍ତ-୭
**ମୋଟ:** (୪୯.୩ ଓଭର/ଅଲଆଉଟ) ୨୬୪।
**ଉଇକେଟ ପତନ:** ୧/୪, ୨/୫୪, ୩/୧୧୦, ୪/୧୪୪, ୫/୧୯୮, ୬/୨୦୫, ୭/୨୩୯, ୮/୨୪୯, ୯/୨୬୨, ୧୦/୨୬୪)।

**ବୋଲିଂ (ଭାରତ)**

ମହମ୍ମଦ ଶାମି ୧୦-୦-୪୮-୩
ହାର୍ଦ୍ଦିକ ପାଣ୍ଡ୍ୟା ୫.୩-୦-୪୦-୧
କୁଲଦୀପ ଯାଦବ ୮-୦-୪୪-୦
ବରୁଣ ଚକ୍ରବର୍ତ୍ତୀ ୧୦-୦-୪୯-୨
ଅକ୍ଷର ପଟେଲ ୮-୧-୪୩-୧
ରବୀନ୍ଦ୍ର ଜାଡେଜା ୮-୧-୪୦-୨।

**ଭାରତ ଇନିଂସ**

ରୋହିତ ଶର୍ମା-ଏଲବିଡବ୍ଲ୍ୟୁ-କୁପର କୋଲୋନି-୨୮
ଶୁବମନ ଗିଲ୍-ବୋ-ଡ୍ୱାରସୁଇସ୍-୮
ବିରାଟ କୋହଲି-କ-ଡ୍ୱାରସୁଇସ-ବୋ-ଜାମ୍ପା-୮୪
ଶ୍ରେୟସ ଆୟର-ବୋ-ଜାମ୍ପା-୪୫
ଅକ୍ଷର ପଟେଲ-ବୋ-ନାଥାନ ଏଲିସ-୨୭
କେ.ଏଲ୍ ରାହୁଲ-ନଟ୍ ଆଉଟ୍-୪୨
ହାର୍ଦ୍ଦିକ ପାଣ୍ଡ୍ୟା-କ-ମାକ୍ସୱେଲ-ବୋ-ନାଥାନ ଏଲିସ-୨୮
ରବୀନ୍ଦ୍ର ଜାଡେଜା-ନଟ୍ ଆଉଟ୍-୨
ଅତିରିକ୍ତ: ୩
ମୋଟ: (୪୮.୧ ଓଭର, ୬ଉଇକେଟ)୨୬୭।
ଉଇକେଟ ପତନ: ୧/୩୦, ୨/୪୩, ୩/ ୧୩୪, ୪/୧୭୮, ୫/୨୨୫, ୬/୨୫୯।

**ବୋଲିଂ (ଅଷ୍ଟ୍ରେଲିଆ)**

ବେନ୍ ଡ୍ୱାରସୁଇସ ୭-୦-୩୯-୧
ନାଥାନ ଏଲିସ ୧୦-୦-୪୯-୨
କୁପର କୋନୋଲି ୮-୦-୩୭-୧
ଆଡାମ ଜାମ୍ପା ୧୦-୦-୬୦-୨
ତନଭୀର ସାଙ୍ଘା ୬-୦-୪୧-୦
ଗ୍ଲେନ୍ ମାକ୍ସୱେଲ୍ ୬.୧-୦-୩୫-୦
ଟ୍ରାଭିସ ହେଡ୍ ୧-୦-୬-୦।

# ପ୍ଲେ-ଅଫ୍ ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି

**ଜାମଶେଦପୁର, ୪।୩ (ପି.ଟି.)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ବୁଧବାର ଖେଳାଯିବାକୁ ଥିବା ଏକ ମ୍ୟାଚରେ ଜାମଶେଦପୁର ଏଫ୍‌ସିକୁ ଭେଟିବ ପ୍ଲେ-ଅଫ୍‌ରେ ସ୍ଥାନ ପାଇବା ଲକ୍ଷ୍ୟରେ ଥିବା ଓଡ଼ିଶା ଏଫ୍‌ସି। ଜାମଶେଦପୁର ଏଫ୍‌ସି ପୂର୍ବରୁ ପ୍ଲେ-ଅଫ୍‌ରେ ଏହାର ସ୍ଥାନ ପକ୍କା କରିସାରିଛି। ଦଳ ୨୨ଟି ଗେମ୍ ଖେଳି ୧୨ ବିଜୟ ଓ ୨ ଡ୍ର' ସହ ୩୮ ପଏଣ୍ଟ ଅର୍ଜନ କରି ଟେବୁଲର ୪ର୍ଥ ସ୍ଥାନରେ ରହିଛି। ଓଡ଼ିଶାର ଏଫ୍‌ସି ଏହାର ଫାଇନାଲ ଲିଗ୍ ମ୍ୟାଚ ପାଇଁ ପ୍ରସ୍ତୁତ।




# ପଣ୍ଟିଂଙ୍କୁ ପଛରେ ପକାଇଲେ କୋହଲି

**ଆଇସିସି ଚାମ୍ପିୟନ୍ସ ଟ୍ରଫିର ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଭାରତ ୪ ଉଇକେଟରେ ଅଷ୍ଟ୍ରେଲିଆକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ବଡ଼ ମ୍ୟାଚରେ ବିରାଟ କୋହଲି ପୁଣି ଦକ୍ଷତା ପ୍ରଦର୍ଶନ କରି ମ୍ୟାଚ ବିଜେତା ସାବ୍ୟସ୍ତ ହୋଇଛନ୍ତି। ସେମିଫାଇନାଲର କିଛି ତଥ୍ୟକୁ ନେଇ ଏହି ଉପସ୍ଥାପନା...**

● ଭାରତର କ୍ରମାଗତ ୧୪ତମ ଟସ୍ ପରାଜୟ। ଏହିଧାରା ୨୦୨୩ରେ ଅହମ୍ମଦାବାଦରେ ଅନୁଷ୍ଠିତ ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲରୁ ଆରମ୍ଭ ହୋଇଥିଲା। ଭାରତ ସେତେବେଳେ ମଧ୍ୟ ଅଷ୍ଟ୍ରେଲିଆଠାରୁ ଟସ୍‌ରେ ହାରିଥିଲା। ଏହି ୧୪ଟି ମ୍ୟାଚ ମଧ୍ୟରୁ ରୋହିତ ଶର୍ମା ୧୧ଟିରେ ଅଧିନାୟକତ୍ୱ କରିଥିଲେ। ଅନ୍ତର୍ଜାତୀୟ ପୁରୁଷ ଦିନିକିଆରେ ଜଣେ ଅଧିନାୟକ ହିସାବରେ କ୍ରମାଗତ ଟସ୍ ପରାଜୟରେ ସେ ବ୍ରାଏନ୍ ଲାରା (୧୨)ଙ୍କ ରେକର୍ଡଠାରୁ ସେ ଗୋଟିଏ ପଛରେ ରହିଛନ୍ତି।

● ଏକ ଅନ୍ତର୍ଜାତୀୟ ଦିନିକିଆ ଇନିଂସର ପ୍ରଥମ ୧୦ ଓଭରରେ ଟ୍ରାଭିସ ହେଡ୍‌ଙ୍କୁ ଆଉଟ କରିବାରେ ବରୁଣ ଚକ୍ରବର୍ତ୍ତୀ ପ୍ରଥମ ସ୍ପିନର। ବରୁଣଙ୍କ ପ୍ରଥମ ବଲ୍‌ରେ ଶିକାର ହେବା ପୂର୍ବରୁ ଟ୍ରାଭିସ ଅନ୍ତର୍ଜାତୀୟ ଦିନିକିଆରେ ସ୍ପିନ ବିପକ୍ଷରେ ତାଙ୍କ ପ୍ରଥମ ୧୦ ଓଭରରେ ଆଉଟ ନ ହୋଇ ୧୧୫ ବଲ୍‌ରେ ୧୩୫ ରନ କରିଥିଲେ। ଏକ ଅନ୍ତର୍ଜାତୀୟ ଦିନିକିଆ ଇନିଂସରେ ଟ୍ରାଭିସ ତାଙ୍କ ପ୍ରଥମ ୧୧ ବଲ୍‌ରେ ଯାହା ସ୍କୋର କରିଥିଲେ ତାହା ସବୁଠାରୁ କମ୍ ରହିଥିଲା। ତେବେ ପରବର୍ତ୍ତୀ ୨୨ ବଲ୍‌ରେ ସେ ୩୮ରନ କରିଥିଲେ।

● ବିରାଟ କୋହଲି ଅନ୍ତର୍ଜାତୀୟ ଦିନିକିଆରେ ଜଣେ ଫିଲ୍ଡର ହିସାବରେ ଦ୍ୱିତୀୟ ସର୍ବାଧିକ ୧୬୧କ୍ୟାଚ ଧରିବାର କିର୍ତ୍ତୀମାନ ଅର୍ଜନ କରିଛନ୍ତି। ଫଳରେ ସେ ରିକି ପଣ୍ଟିଂ (୧୬୦)କୁ ପଛରେ ପକାଇ ଦେଇଛନ୍ତି। କୋହଲିଙ୍କଠାରୁ ଆଗରେ କେବଳ ମାହେଲା ଜୟବର୍ଦ୍ଧନେ(୨୧୮)।

● ଅନ୍ତର୍ଜାତୀୟ ଦିନିକିଆରେ ମାର୍ନସ ଲାବୁସେନ୍ ୪ର୍ଥ ଥର ପାଇଁ ରବୀନ୍ଦ୍ର ଜାଡେଜାଙ୍କ ଦ୍ୱାରା ଆଉଟ। ଏହି ଫର୍ମାଟରେ ଲାବୁସେନଙ୍କୁ ୪ଥର ଆଉଟ କରିଥିବା ଅନ୍ୟତମ ବୋଲର ହେଲେ ହାରିସ ରୌଫ।

● ଆଲେକ୍ସ କାରେ ତାଙ୍କ ୨୧ରନ ସ୍କୋର ମଧ୍ୟରେ ୭ସୁଇପ୍ ଶଟ ଖେଳିଥିଲେ। ତନ୍ମଧ୍ୟରେ ୩ ଚୌକା ଓ ଗୋଟିଏ ଛକା ସାମିଲ ଥିଲା। ସ୍ମିଥ ମହମ୍ମଦ ଶାମିଙ୍କ ୧୧ ବଲ୍ ସାମ୍ନା କରିଥିଲେ। ତାଙ୍କର ୭ଟି ଶଟ୍ ନିୟନ୍ତ୍ରଣ ବାହାରେ ଥିଲା। ଶେଷରେ ସେ ଶାମିଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅନ୍ୟ ଭାରତୀୟ ବୋଲର ମାନେ କିନ୍ତୁ ଏହି ଅଷ୍ଟ୍ରେଲୀୟ ବ୍ୟାଟରଙ୍କ ନିକଟରେ ପ୍ରଭାବହୀନ ଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ